# ଲୋତକେ
# ଦୁଇଟି ଆଶ୍ରୁର



# ଲୋତକ ଦୁଇଟି ଆଖିର

ଲେଖକ :

ବ୍ରଜମୋହନ ମହାନ୍ତି, ଏମ୍. ଏ.

ପ୍ରକାଶକ

କେ. ମହାପାତ୍ର ଏଣ୍ଡ କୋ

ଗ୍ରନ୍ଥସାଥି ଅଫିସ

କଟକ-୧

ତିନିଟଙ୍କା ମାତ୍ର

# ଲୋଭକ ଦୁଇଟି ଆଖିର

ବ୍ରଜମୋହନ ମହାନ୍ତି

ପ୍ରକାଶକ—

**କେ. ମହାପାତ୍ର ଏଣ୍ଡ କୋ:**

ଗ୍ରନ୍ଥସାଥୀ ଅଫିସ

ନିମଚଉଡ଼ି, କଟକ-୨

ମୁଦ୍ରାକର—

କେଶବ ଚରଣ ରଥ

ପ୍ରକାଶ ପ୍ରିଣ୍ଟର୍ସ

କଟକ-୯

ମୂଲ୍ୟ—ତିନଟଙ୍କା ମାତ୍ର

# ଏହି ପ୍ରକାଶନ ସମ୍ପର୍କରେ

ବହିଟି ପ୍ରଥମେ ୧୯୭୦ ମସିହାରେ 'ରକ୍ତଗଡ଼ର ସ୍ୱପ୍ନ' ନାମ ଧରି ଜନତା ମାସିକ ପତ୍ରରେ ପ୍ରକାଶ ପାଇଥିଲା । ପରେ ଏହା ସ୍ୱତନ୍ତ୍ର ପୁସ୍ତକ ଆକାରରେ ପ୍ରକାଶ ପାଇଲା ।

ଯାହାହେଉ.........

ବହିଟିର ପୁନଃ ପ୍ରକାଶ ପାଇଁ ସୁଯୋଗ ଆସିଛି । କିନ୍ତୁ ବହୁ ପାଠକ ପୁସ୍ତକଟିର ନାମ ପରିବର୍ତ୍ତନ କରିବା ଲାଗି ଅନୁରୋଧ କରିଥିବାରୁ, ନାମଟି 'ଲୋତକ ଦୁଇଟି ଆଖିର' କରିଦେଲି । ଆଶାକରେ ପାଠକ ବନ୍ଧୁଗଣ ଏ ପରିବର୍ତ୍ତନକୁ ହାର୍ଦ୍ଦିକତାର ସହିତ ଗ୍ରହଣ କରିବେ ।

—ଲେଖକ

# ସ୍ନେହର ଅତଏବ !

ମୋର ସ୍ନେହ ନେବୁ ।

ଅଚାନକ ଖବରରେ ମୋର ଚିଠିଟି ପାଇ ତୁ ହୁଏତ ଖୁବ୍ ଆଶ୍ଚର୍ଯ୍ୟ ହେବୁ । ଆବେଗରେ ଚିଠିଟି ପଢ଼ି ସାରି ପୁଣି ହୁଏତ ବର-କ୍ରିରେ ବଚରା କାଗଜ ଖଣ୍ଡଟିକୁ ଠିକ ଠିକ କରି ଭାଙ୍ଗି ଅଳିଆ ଟୋକେଇରେ ପକାଇ ଦେବୁ । ହଁ···ସେମିତି ତ କରିବାର କଥା । କାରଣ ତୋର ଡାକ୍ତରୀ ଜୀବନ ଭିତରେ ସ୍ନେହ, ପ୍ରେମ, ପ୍ରଣୟ, ଦୟା, ଅଶ୍ରୁ, ଚିଠିପତ୍ର ଆଦି ଗୋଟାଏ ଗୋଟାଏ ନିରର୍ଥକ ଶବ୍ଦ । ମୁଁ କ'ଣ ଏକଥା ଜାଣିନାହିଁ··· ? ହେଲେ କ'ଣ ହେଲା କେଜାଣି·· ଚିଠି ଖଣ୍ଡେ ଲେଖିବାକୁ ମନ କାହିଁକି ବ୍ୟସ୍ତ ହୋଇ ଉଠିଲା । କଲମ ଧରିଲି । କ'ଣ ଲେଖିବି ? ··· ଅତଏବ ! କେମିତି ଅଛୁ ? ପାଠ ପଢ଼ାପଢ଼ି ଭଲ କରୁଛୁ କି ନାହିଁ ?? ଛି···ଛି·· ଏଇଥିପାଇଁ କ'ଣ କଲମ ଧରିଥିଲି ! ପୁଣି ଭାବିଲି—ଲେଖିବି·· ଅତଏବ୍···ତୁ ଖୁବ ଭଲ ଥିଲୁ । ତୋ ପାଖକୁ ଚିଠି ଲେଖିବାକୁ ବାର ବାର ମନ ହେଉଛି, କିନ୍ତୁ ତୁ ତ ପଢ଼ୁଛୁ ନାହିଁ, ମୁଁ ଲଟାରେ ଉପରେ ପଡ଼ କାହିଁକି ଲେଖିବି ?

ଗଲା ଦିନ ଗୁଡ଼ାକ ଯାଇଛି, ହେଲେ ସତରେ କହିଲୁ ଅତଏବ୍ ! ବିଗତ କଥା କ'ଣ ତୋର ମନରେ ମୋଟେ ପଡ଼େ

ନାହିଁ ? ଅନ୍ଧାର ଘର ଭିତରେ କିଛି ସମୟ ଶୋଇ ରହି ଗଲା କଥା ଚିନ୍ତା କରିବାକୁ ଭଲ ଲାଗେ ନାହିଁ ? ହୋଇପାରେ···ତୁ ଏହା ଭିତରେ ହୁଏତ ପଥର ହୋଇ ଯାଇଛୁ । ହାତୀଗୁମ୍ଫାର ଶିଳାଲିପି ପରି ହୁଏତ ତୁ ଖାଲି ପୁରୁଣା ହେବାକୁ ଚାହୁଁ । କିନ୍ତୁ ମୋ ନିକଟରେ ଅତୀତ ଅଛି, ଭବିଷ୍ୟତ ମଧ୍ୟ ଅଛି, ଖାଲି ନାହିଁ ବର୍ତ୍ତମାନ,··· ବର୍ତ୍ତମାନ ପାଇଁ ମୁଁ ମୋଟେ ବ୍ୟସ୍ତ ନୁହେଁ,··· ସତରେ··· ଅତଏବ ! ଯଦି ଏହି ଅତୀତ ନ ଥାନ୍ତା, ଇତିହାସ ଲେଖକମାନଙ୍କର ଏକ ଦିନକରେ ମୃତ୍ୟୁ ହୋଇ ଯାଆନ୍ତା··· ତେବେ ମୁଁ ସ୍ୱାଧୀନ ହୋଇ ଯାଆନ୍ତି···ଉଚ୍ଛୃଙ୍ଖଳ ହୋଇ ଯାଆନ୍ତି···ଗୋଟିଏ ଦିନରେ ଏହି ପୃଥିବୀଟାକୁ ସ୍ୱର୍ଗରେ ପରିଣତ କରିଦିଅନ୍ତି । କିନ୍ତୁ ସେ ସ୍ୱର୍ଗ ଭିତରେ ନରକର ଯେତିକି ସ୍ଥାନ ରହନ୍ତା···ଅମୃତରେ ମଧ୍ୟ ଠିକ୍ ସେତିକି ସ୍ଥାନ ହେବନ୍ତା । ଯଦି କିଛି ମନେ ନ କରୁ ତେବେ ପଦେ ଲେଖିବି; ପାଗଳାମି ନିସ୍ତୁ···। ହଁ···ପାଗଳାମି ନୁହେଁ କ'ଣ ? ଯାହାର ଜୀବନରେ କିଛି ଠିକ୍ ନାହିଁ, ତାହାର କଳ୍ପନାରେ ମଧ୍ୟ ଠିକ୍ ନାହିଁ । ଦିନେ ତୁ କହିଥିଲୁ ନାଁ···"ପାଗଳଙ୍କ ପରି କ'ଣ ଗୁଡ଼ାଏ କହୁଛ ମଁ ?" ସତରେ ତୁ ଠିକ୍ କଥା କହିଥିଲୁ, ମୁଁ ନିହାତି ପାଗଳ··· ବଡ଼ ପାଗଳ; କିନ୍ତୁ ତୁ ବିଶ୍ୱାସ କରିବୁନି ଅତଏବ ! ମୋତେ ପାଗଳ ହେବାକୁ ଯେତେ ଭଲ ଲାଗେ, ଗୋଟାଏ ଜ୍ଞାନୀ··· ଚିନ୍ତାଶୀଳ ମନୀଷୀ ହେବାକୁ ସେତେ ଭଲ ଲାଗେନାହିଁ ।

ହଁ···ଗୋଟାଏ କଥା ଲେଖିବି ବୋଲି କହି ପୁଣି ଲେଖିବାକୁ ଭୁଲି ଯାଉଛି । ମୁଁ ମୋଟେ ଠିକ୍ ରହୁନାହିଁ ମଁ । ପୃଥିବୀଟାକୁ ସ୍ୱର୍ଗରେ ପରିଣତ କରିବା ପରେ··· ତୁ ମୁଁ ଯଦି

ସ୍ୱର୍ଗର ଇଡ଼େନ୍ ପାର୍କରେ ଆଡ଼ାମ୍ ଆଉ ଇଭ୍ ପରି ହାତ ଧରାଧରି ହୋଇ ବଲ୍‌ଡ୍ୟାନ୍ସ କରନ୍ତେ ତେବେ କିଛି ଖରାପ ଏଇଲ ହୁଅନ୍ତା ନାହିଁ ? ମୁଁ ଆଉ ପାଗଳାମିକୁ ରୋକି ପାରୁନାହିଁ ଅତଏବ ! ଠିକ ଗଡ଼ାଣିଆଁ ଜାଗା ପାଇଲେ ଜଳସ୍ରୋତ ଯେମିତି ଦ୍ରୁତ ଗତିରେ ଦୌଡ଼ିବାକୁ ଲାଗେ, ଠିକ୍ ସେହିପରି ଟିକିଏ ସ୍ଥାନ ପାଇଲେ ଏ ବୟସ୍କ ମନର ପୁଟୁଳା ଫିଟିପଡ଼େ । ସେ ମୁକ୍ତ ହୋଇ ଉଡ଼ିବାକୁ ଚାହେଁ···ନଈପରି ଦୂର ଦୂର···ଭାସି ଯାଇ ମିଶିଯିବାକୁ ଚାହେଁ ସେହି ଜଳସ୍ରୋତ ଦେହରେ ।

ଅତଏବ··· ! ବିଶ୍ୱବିଦ୍ୟାଳୟର ଗୌରବ ନେଇ ମୁଁ ତୋ ପାଖକୁ ଚିଠି ଲେଖୁନି, କିମ୍ବା ସ୍ନେହ କାଙ୍ଗାଳୀ ଅତଏବକୁ ମୁଁ ଭୂଗୋଳ ବହିର "ସ୍ରୋତ" ବିଷୟ ବୁଝାଇବାକୁ ଚିଠି ଲେଖୁନି । କେତେ ଦିନ ଥିଲା···ଯେତେବେଳେ ତୁ ମୋର ସ୍ତନକୁ ମୁହଁ ଲଗାଇ ଚିଁ···ଚିଁ କରି ପିଇ ଯାଉଥିଲୁ । ଆଜି ତ ଆଉ ସେ ଦିନ ନାହିଁ । ପୃଥିବୀର ସ୍ତରକଣ୍ଡରେ ଆହୁରି କେତେ ନୂଆ ଉଲ୍‌କା ସୃଷ୍ଟି ହେଲେଣି···ତାହାର ହିସାବ ରଖୁଛି କିଏ ? ପୃଥିବୀ ଚାଲୁଛି ଆହୁରି ଚାଲିବ । ମୋର ଚିଠି ପଢ଼ି ତୁ ରାଗିବୁନି ଅତଏବ; ମୁଁ ସତକଥା ଲେଖୁଛି । କଟକ ସହରର ଖାନ୍‌ନଗର ମଶାଣିରେ ମୁଁ ଦେଖିଛି···ଗୋଟାଏ ଗାଈଅନ୍ଧା ମଣିଷ ମରି ଶୋଇଥିଲା । ମୁଁ ପଶ୍ଚିମବଙ୍ଗର କଥା ଲେଖୁନି··· ନିଘାଟ ସତକଥା ଲେଖୁଛି । ଖାନନଗରକୁ ତୁ ଚିନା ଡରୁ··· କିନ୍ତୁ ମୁଁ ଖାଲି ଭଲ ପାଏ ।

କେତେ ବଡ଼ଲୋକ ଅମ୍ମାଙ୍କୁ ଯେ ସେ ତା'ର ବୁକୁରେ ସ୍ଥାନ ଦେଇଛି ତାହାର ହିସାବ ନାହିଁ । କିନ୍ତୁ ତୁ ଛାତିରେ ହାତ ଦେଇ

କହିଲୁ ଦେଖି···ଆଜି ପର୍ଯ୍ୟନ୍ତ କ'ଣ ଗୋଟିଏ ହା ହୁତାଶିଆ ମଣିଷକୁ ତୋର ବୁକୁରେ ସ୍ଥାନ ଦେବାକୁ ସମ ହୋଇଛୁ ? ଶାଆନ୍ତା ମଣିଷ କ'ଣ କେବେ ମରେ ନାହିଁ ? ମରେ···ଯେତେବେଳେ ସେ ଆଉଜଣଙ୍କ କଥା ଚିନ୍ତା କରି କରି ଆତ୍ମହରା ହୁଏ । ସମାଜ, କାଳ, ପାତ୍ରକୁ ଭୁଲି ଆଉ ଏକ ବିଶୃଙ୍ଖଳିତ ସମାଜ ସୃଷ୍ଟି କରିବାକୁ ଇଚ୍ଛାକରେ ।

ମୋର ଏହି ସ୍ତ୍ରୀଟ···ନିହାତି ସ୍ତ୍ରୀଟ ଦେହ ଖଣ୍ଡିକ ନ ଗୋଟାଏ ବିଶୃଙ୍ଖଳିତ ଜୀବନର ସୋପାନ, କେତେ ଦୁଃଖ, କେତେ ଯନ୍ତ୍ରଣା ଯେ ଏହାରି ବୁକୁରେ ଉଠିଛି ତାହାର ଇୟତ୍ତା ନାହିଁ । ହେଲେ ମଧ୍ୟ ମୁଁ ବଞ୍ଚିଛି । କିନ୍ତୁ ଗୋଟାଏ ଜୀବନ୍ତ ମଣିଷ ପରି ନୁହେଁ···ଗୋଟାଏ କାଟିଛଡ଼ା ଠାଙ୍ଗର ମାଙ୍କଡ଼ା ପଥର ପରି ।

ଏଇ କାଳପର ମୋର ମନେ ପଡ଼ୁଛି ଅତଏବ··· ଯେଉଁ ଦିନ ତୋର ମୋର ପ୍ରଥମ ଦେଖାହେଲା, ସେହି ଦିନ କଥା । ମୋର ଅପ୍ରତ୍ୟାଶିତ ବ୍ୟବହାରରେ ତୁ ମୋ ଉପରେ ଭୀଷଣ ଚିଡ଼ି ଉଠିଥିଲୁ । ମୁଁ କିନ୍ତୁ ନିହାତି ଏକଜିଦିଆ ଥିଲି । ଅଦ୍ଭୁତ ସାହସୀ ମଧ୍ୟ ଥିଲି । ତେଣୁ ତୋର ସବୁ ଅଭିଯୋଗକୁ ପାଦରେ ଦଳାଦଳି ମୁଁ ତୋତେ [illegible] କରିବାକୁ ଚେଷ୍ଟା କରିଥିଲି ।

ଅସଂଖ୍ୟ ସନ୍ତୁ ଭିତରେ ଭୁର୍ତ୍ତିଆଣୀ ମାଛିକୁ ବାନ୍ଧି ପକାଇଲା ପରି ମୁଁ ତୋତେ ବାନ୍ଧି ପକାଇଥିଲି । ତୁ କିନ୍ତୁ ମାଛି ପରି କିଲବିଲ ନ ହୋଇ ଖୁବ୍ ଶାନ୍ତିରେ ସୋଇ ପଡ଼ିଥିଲୁ । ମୁଁ ଆଶ୍ଚର୍ଯ୍ୟ ହୋଇଥିଲି । ନିଜକୁ ଅଜସ୍ର ଧନ୍ୟବାଦ ଦେଇଥିଲି । ଲୁହୁଁ ଲୁହୁଁ ଚକ ଘୂରିବାକୁ ଲାଗିଲା । ତୁ ଦୃଢ଼ତାର ସହିତ ମୋ

ପାଖକୁ ଲାଗିଆସି କହିଲୁ···"ତୁମେ ଏମିତ ଜୀବନଟାକୁ କଟାଇ ଦେବାକୁ ବସିବ ତ ମୋ ପାଖକୁ ଆସିବ ନାହିଁ । ସେତିକି, ଆଉ କାହିଁକି ତୋ ପାଖକୁ ନିବାକୁ ମୋର ସାହସ ହେଉନାହିଁ । ଖୁବ୍ ଡର ଲାଗୁଛି । ତୁ ପ୍ରାୟ ଆଉ ମୋ ବିଷୟରେ ଖବର ରଖିବାକୁ ଚେଷ୍ଟା କରୁନାହୁଁ । ମୁଁ କିନ୍ତୁ ତୋ ଖବର ରଖିବାକୁ ଖୁବ୍ ଚେଷ୍ଟା କରୁଛି । ସେ ଦିନ ଦେଖିଲି ଖବର କାଗଜରେ ମେଡ଼ିକାଲ କଲେଜର ପରୀକ୍ଷା ଫଳ ବାହାରିଛି । ଆଖି ମୋର କାଗଜର ଗୋଟିଏ ସ୍ଥାନରୁ ଆଉ ଫେରିବାକୁ ମୋଟେ ଇଚ୍ଛା କଲାନାହିଁ ।

କାହିଁକି ଜାଣୁ ? ଝରଣାଟିଏ ଯେତେ ଜୋରରେ ବହି ଆସୁଥାଉ, ଟିକିଏ ଗମ୍ଭୀରିଆ ଜାଗା ପାଇଲେ କଣ ଛୁଟିଯିବାକୁ ମୋଟେ ଇଚ୍ଛା କରେ ! ଠିକ୍ ସେମିତି ମୋର ଆଖି ଦୁଇଟା କାହିଁକି ସେ ସ୍ଥାନରୁ ଉଠାନ୍ତା କହିଲୁ ? ସଙ୍ଗେ ସଙ୍ଗେ ମୁଁ ଧାଇଁଗଲି । କେତେଜଣ ସାଙ୍ଗ ଆସି ପହଞ୍ଚିଗଲେ । ଦୁଇସେର "ରସଗୋଲା ଆସି ସମସ୍ତଙ୍କ ଭିତରେ ବାଣ୍ଟି ଦେଲି । ରସଗୋଲାକୁ ପାଟିରେ ପୁରାଇ ଜଣେ କହିଲା···"ତୁମର ଏ ଝିଅଟି କ'ଣ ହେବ ମ ?" ମୋ ପାଟିରୁ ରସଗୋଲା ଖସିପଡ଼ିଲା । ମୁଁ ନୀରବ ରହିଲି । କହିଲୁ ଦେଖି, ମୁଁ କି ଉତ୍ତର ଦେଇଥାଆନ୍ତି ? ସତରେ ଅତଏବ, ମୋର ବନ୍ଧୁଟି ମୋତେ ଏହି ଛୋଟିଆ ପ୍ରଶ୍ନଟି ପଚାରି ବଡ଼ ଭୁଲ୍ କରିଥିଲା । ଏତିକି ନ ପଚାରିଥିଲେ, ଖୁବ୍ ଭଲ ହୋଇଥାଆନ୍ତା । ମଣିଷର ଭିତରେ ସମ୍ପର୍କ କଥା କ'ଣ ସବୁବେଳେ କହି ହୁଏ ? ତୁ ମୋର କ'ଣ ହେବୁ, ସେ କଥା ମୋତେ ବି ଜଣାନାହିଁ । ମୁଁ ତାକୁ କି ଉତ୍ତର ଦେଇଥାଆନ୍ତି ।

ଯାହାହେଉ, ସେଇଦିନ ମୋର ମତନହେଲା ମୁଁ ତୋ ପାଖକୁ ଖଣ୍ଡେ ଚିଠି ଦେବ। ମନ ଖୋଲି ଲେଖିବ। କିନ୍ତୁ ଏ ମନଟା ଏତେ ଅଝଟିଆ ଯେ ମୋତେ କିଛି ସିଧା ସଳଖ ଲେଖି ହେଉନାହିଁ। ପୃଥିବୀ ତ ନିଜେ କମଳାଲେମ୍ବୁଠାରୁ ଅଧିକ ବଙ୍କା, ମଣିଷ ସିଧା ବା ହେବ କେମିତି। ସମସ୍ତଙ୍କୁ ଠକି ଠକି ତୁ ହୁଏତ କେଉଁଠି ଦାଉଁ ଗଢ଼ୁଥିବୁ। ମୁଁ କିନ୍ତୁ ଏତେ ମଣିଷଙ୍କୁ ଠକି ରକ୍ତ ବାହାର କରିବାକୁ ଚେଷ୍ଟା କରୁଛି। ଚିଠି ପାଇ ସେମିତିଆ ଉତ୍ତରରେ ଚିଠି ଖଣ୍ଡେ ଦେବୁ। ଅଧିକା କ'ଣ ଲେଖିବ। କିନ୍ତୁ ଗୋଟିଏ କଥା ଲେଖିବୁ···ହଁ, ଲେଖିବୁ ନାହିଁ··· ? ମୋ ସବୁ ନିଶ୍ଚୟ ଲେଖିବୁ। କ'ଣ ଲେଖିବୁ ଜାଣୁ ? ଲେଖିବୁ ତୁ ମୋର କ'ଣ ହେବୁ ? ସେଥି ମୋର ଯଥେଷ୍ଟ। ସେତିକିରୁ ମୁଁ ଗୁଡ଼ି ଉପରେ ଯାକି ଧରି କହିବି ···ମୁଁ ସ୍ୱାଧୀନ··· ମୁଁ ମୁକ୍ତ···, ଆଉ······ଲେଖିବୁ ଏଁ, କଲମ ଛାଡ଼ିବାକୁ ମୋତେ ଇଚ୍ଛା ହେଉନାହିଁ···ତଥାପି ରହିଲି—। ଇତି।

ତୋର କନ୍ଦୁବାବୁ।

ପାଗଳ ! !···

ସୀମା ଚିଠିଟିକୁ ପୁଣିଥରେ ପଢ଼ିଲା। ପ୍ରତ୍ୟେକ ଧାଡ଼ିରେ ବଢ଼ି ପାଗଳାମି। ଏଇ ପାଗଳ କନ୍ଦୁବାବୁ ସୀମାର ଜୀବନରେ ଗୋଟିଏ ବ୍ୟତିକ୍ରମ ଗ୍ରହ। ହଁ···ଗ୍ରହ ନୁହେଁ କ'ଣ ? ଯାହାର ମଣିଷ ସମାଜ ସହିତ ସମ୍ପର୍କ ନାହିଁ, ଦୁନିଆଁର ହାନି ଲାଭ ଯାହାକୁ ମାଲୁମ୍ ନାହିଁ, ସେ କ'ଣ କେବେ ମଣିଷ ହୋଇପାରେ ? କିନ୍ତୁ··· !

ଧେତ୍ତେରି··· ! ପୁଣି ସେଇ କନ୍ଦୁ। ଓ କ୍ରସ ପାଠ ଦେବରେ ବୁଡ଼ି ରହି ସେ ଦିନକୁ ଗୋଟା ଗୋଟା ମଣିଷ କଲଜା କାଟୁଛି।

ଆଉ ମଣିଷର ଚମଡ଼ାକୁ କାଟି ହାଡ଼କୁ ପରୀକ୍ଷା କରୁଛି । ସାମାନ୍ୟ କ'ଣ ଗୋଟାଏ କଣ୍ଟକୁ ଭୁଲି ଯାଇ ପାରିବ ନାହିଁ । ଏଇଥିପାଇଁ ଏତେ ଭାବନା ! ଏତେ ପରେଶାନ ହେବାର ନାଁ··· ନାଁ···ସେ କଣ୍ଟବାବୁକୁ ଭୁଲିଯିବ, କଣ୍ଟବାବୁ ତାର କିଏ ? ସୀମାର ଭିତରେ ପବନ ଅଟକିଗଲା । "କଣ୍ଟବାବୁ କିଏ"ର ଉତ୍ତର ସେ ନିଜେ ବି ପାଇଲା ନାହିଁ । କଣ୍ଟବାବୁ···

ସୀମା ଧୀରେ ଧୀରେ ପାହାଚକୁ ପାହାଚ ଡେଇଁ ଉପର ମହଲାକୁ ଚାଲିଗଲା । ଉପର ମହଲାର ସତର ନମ୍ବର ରୁମ୍ ଭିତରେ ଏକା ରହେ ସୀମା, ମେଡ଼ିକାଲର ସେ ଜଣେ କୃତୀ ଛାତ୍ରୀ, ତେଣୁ ଗୋଟାଏ ରୁମ୍ ଏକା ପାଇଛି । ସକାଳର ଥଣ୍ଡା ହାଓ୍ୱା ସୁଲୁ ସୁଲୁ ହୋଇ ବହୁଛି । କେତେକ ଛାତ୍ରୀ କ୍ଲାସକୁ ଚାଲି ଯାଇଛନ୍ତି । ଆଉ କେତେକ ସକାଳର କାମ ସାରିବାରେ ବ୍ୟସ୍ତ ।

ସୀମା ଚଟିଟିକୁ ଧରି ଖଟ ଉପରେ ବସିଲା । ଆଗରେ ଟେବୁଲ ଉପରେ ଥୁଆ ଯାଇଛି ଅଇନାଟିଏ । ସେହି ଅଇନା ଭିତରେ ଦେଖାଯାଉଛି ସୀମାର ମୁହଁ । ସୀମା ଲଜ୍ଜିତ ହେଲା । ଏମିତି ଦିନେ କଣ୍ଟବାବୁ ଅଇନାରେ ମୁହଁ ଦେଖୁଥିବାବେଳେ ଗୋଟାଏ ଘଟଣା ଘଟିଥିଲା । ସେ କଥା ତ ଭୁଲିବାର ନୁହେଁ··· । ସୀମା ଭାବିଲା ଏଇ ସେହି କଣ୍ଟବାବୁ ଯିଏ ସେଦିନ ତାକୁ ଅତି ନିର୍ଲ୍ଲଜ ଭାବରେ ଅପମାନ କରିଥିଲେ । ପୁରୁଷତ୍ୱ ଦେଖାଇ ଧମକ ଦେଇଥିଲେ । ମାତ୍ର ଦୋଷ ତ ତାଙ୍କର ସେମିତି କିଛି ନ ଥିଲା । ସାମାନ୍ୟ କଥା, କଣ୍ଟବାବୁ ଅଇନାରେ ମୁହଁ ଦେଖୁଥିବାବେଳେ ସେ ପଛରେ ଠିଆ ହୋଇଯାଇ ଈଷତ୍ ହସି ଦେଇଥିଲା । ଏଣୁ

ସାମାନ୍ୟ ଦୋଷ ପାଇଁ···ସେମିତି ନିଷ୍ଠୁର ପ୍ରତିଶୋଧ ନେବା କ'ଣ ଉଚିତ୍ ହୋଇଥିଲା ? ପାଗଳାମି, ନିହାତି ପାଗଳାମି ।

ତଥାପି ସୀମାର ମନ ବୁଝିଲା ନାହିଁ । କାନୁବାବୁଙ୍କୁ ଦୂରେଇ ଦେବାର ଯଥେଷ୍ଟ ଯୁକ୍ତି ସେ ପାଇଲା ନାହିଁ । ଓଡ଼ିଶାର ଉପନ୍ୟମାନ କବି, ନେତା, ବକ୍ତା ଓ ବିପ୍ଳବୀ କାନୁବାବୁ ଆଜି ଦେଇଛନ୍ତି ଚିଠି । ତାଙ୍କୁ ସେ କେମିତି ହେଳାରେ ଅଡ଼େଇ ଦେବ ? କାନୁବାବୁ ସାହସୀ··· ବିପ୍ଳବୀ···ଏକଜିଦିଆ ।

ପୁଣି ଏମିତି ମାଇଚିଆ ମଧ୍ୟ ସେ ହୋଇ ପାରନ୍ତି ! ଚିଠିର ଛତେ ଛତେ ସେ ନାରୀଠାରୁ ଅଧିକ କୋମଳ ହୋଇ ଯାଇଛନ୍ତି । ଯତେ ଯେମିତି ତାଙ୍କ କନ୍‌ଘୋର ମାତକୁ କିଏ ଟାଣି ଝିକି ବାହାର କରି ନେଇଛି । ସୀମା ଆଉ କିଛି ଚିନ୍ତା କରି ପାରିଲା ନାହିଁ । ଅଳେଡ଼ା ଶରୀରଟାକୁ ଅଜାଡ଼ି ଦେଲା ପାଟଳା ଶଯ୍ୟାଟି ଉପରେ ।

କାନୁବାବୁ ଚିଠି ଦେଇଛନ୍ତି··· ।

ସୀମା ଅଥର୍ବ, ମୂକ, ବଧିର ପରି ଧୋବଲା କାନ୍ଥ ଆଡ଼କୁ ଚାହିଁରହି କେତେ କଥା ଚିନ୍ତାକଲା । ଆଜି ଠାକୁର ବରୁଣେଇ ପାହାଡ଼ର କଥା କହୁଛି । ମନ୍ଦିରର ଆଦିମ ଇତିହାସ ଗାଇ, ଆଶ୍ୱସ୍ତ ହେବାକୁ ଚେଷ୍ଟା କରୁଛି । ···ଏ ଗୋଟାଏ କପୋଳକଳ୍ପିତ କିମ୍ବଦନ୍ତୀ ନୁହେଁ··· । ଏହାର ଐତିହାସିକ ମୂଲ୍ୟ କେହି ନ୍ୟୂନ କରି ପାରିବ ନାହିଁ । ରାଜା ଇନ୍ଦ୍ରଦ୍ୟୁମ୍ନ ପୁରୀ ମନ୍ଦିର ତିଆରି କରିଥିଲେ ବୋଲି ମିଛ କିମ୍ବଦନ୍ତୀ ଆଜିଯାଏ ଗଢ଼ିଆସି ପାଇଥାଏ । କିନ୍ତୁ···ଏ ଗୋଟିଏ ସେମିତି କିମ୍ବଦନ୍ତୀ ନୁହେଁ । ନିହାତି ସତ ଖୁବ୍ ସତ ଘଟଣା ।

ସୀମା ଆରମ୍ଭରୁ କାହାଣୀମାଳା ପଢ଼ିଛି, ଅନ୍ତିମାଂଶଯାଏ ଘଟଣାବଳୀକୁ ସେ ବିଶ୍ଳେଷଣ କରିଛି । ଜଣେ ନାୟକ ଓ ଜଣେ ନାୟିକାଙ୍କ ମଧ୍ୟରେ ଦୀର୍ଘ ଦିନର ବିରହ କରୁଣତା ସେ ଅନୁଭବ କରିଛି, କିନ୍ତୁ ଆଜି··· ।

ନାଁ···ସେ କିନୁବାବୁଙ୍କ ପାଖକୁ ଖଣ୍ଡେ ଉତ୍ତର ଦେବ । ଲେଖିବ···କିନୁବାବୁ ! ତୁମର ଚିଠିଟି ପାଇଛି । ତୁମେ ତ ଜାଣିଥିବ···ଅତଏବ ସବୁଦିନ ଅତଏବ, ତାହାଠାରୁ ଅଧିକା କିଛି ଆଶା କରିବା ଅନୁଚିତ । ତେଣୁ···। ଆଁ··· । ଏଇଆ ଲେଖିବ ସେ କିନୁବାବୁଙ୍କ ପାଖକୁ ! ଏକଜଣିଆ ମଣିଷଟା, ଏମିତି ଖଣ୍ଡେ ଚିଠିପାଇ କ'ଣ ଦେହଧରି ରହିପାରିବ ? ହୁଏତ ଆତ୍ମର [illegible]ଗାମୀ ହୋଇପଡ଼ିଯିବ । ମଳୟର ଏଇ ଛୁଣୁ ଛୁ ଝୁଣୁ ଛୁ ତାଳ ଦେହରେ ହତାଶାର ନିଃଶ୍ୱାସ ତୋଳି ସେ ଏ ସଂସାରଟାକୁ ଆତ୍ମସ୍ଥ [illegible] ଚେଷ୍ଟାକରିବ । ସମୟର ଟିକି ଟିକି ଅଂଶକୁ ନିରର୍ଥକ [illegible] ହୁଏପାପରି ଫିଙ୍ଗିଦେବ ବହୁତ ଦୂରକୁ ।

ନାଁ···ନାଁ···ସେ ଲେଖିବ, କିନୁବାବୁ ! ତୁମେ ମୋତେ ଭୁଲ ବୁଝିଛ । ଯାହାକୁ ତୁମେ ଅଜସ୍ର ସ୍ନେହ ଦେଇ ଭଲପାଇବାକୁ ଚେଷ୍ଟା କରିଛ, ସେ ଗୋଟାଏ ଡାକ୍ତର ହେଲେ ବି ମଣିଷ ହେବ । ତାହାର ଦେହରେ ତୁମେ ଅତଏବ ଚିହ୍ନଦେଇ···ସ୍ନେହ ଆରମ୍ଭ କରିଛ, ତାହାର ଜୀବନ ସବୁଦିନ ପାଇଁ କେବଳ ତୁମରି ଲାଗି ଖୋଲି । ତେଣୁ ତୁମ ସହିତ ତାର ସମ୍ପର୍କ କ'ଣ ଏକଥା ତୁମେ ତାକୁ ପଚାରି ସେ ସ୍ନେହର ସମ୍ପର୍କକୁ ଏତେ ସୀମିତ କରି ଦେଉଛ କାହିଁକି ? ସେ କ'ଣ ତୁମର ଆଖିରେ ସନ୍ଦେହ ତୋଳିଛି ?

କୁହ···କୁହ···କନୁବାବୁ !! ସୀମା କଉଡ଼ ଲେଉଟାଇଲା, ସକାଳୁଆ ଅଳସ ଦେହରୁ ଏଯାଏ ସମ୍ପୂର୍ଣ୍ଣ ଯାଇନ ।

ସୀମା ଚିଠିଟି ଲେଖିସାରି ଗୋଟିଏ ସାଧା ଲଫାପା ଦେହରେ ପୁରାଇଲା । ସେ ଆଜି ଚଞ୍ଚଳ । ମନ ଅସ୍ଥିର । ଯାହା ପାଇଁ ତା'ର ଜୀବନ ଜଳି ଜଳି ପାଉଁଶ ହୋଇ ଯାଉଛି, ଯାହା କଥା ଚିନ୍ତା କରି କରି ସେ ଦିନ ରାତିର ବ୍ୟବଧାନ ଭୁଲିଛି, ସେହି କନୁବାବୁଙ୍କ ପାଖକୁ ସେ ଦେବ ଚିଠି । ନାଲି ଗୁଲୁଗୁଲୁ ଅଧର ଦେହରେ ସେ ବହୁବାର ଚିଠିଟିକୁ ଛୁଇଁଲା । ଠିକଣା ଲେଖିବାକୁ ଲଫାପାଟିକୁ ବୁଲାଇଲା ସୀମା ।

କନୁ···ଠିକଣା କାହିଁ ?

ସୀମା ତରବରରେ କନୁବାବୁର ଚିଠିଟିକୁ ଏପାଖ ସେପାଖ କରି ବୁଲାଇ ଦେଖିଲା । ଠିକଣାର ନାଁ···ଗନ୍ଧ ନାହିଁ । ଖାଲି ତଳେ କେତୋଟି ଅକ୍ଷର···"ତୋର କନୁବାବୁ ।"

ଦୁଃଖରେ ଭାଙ୍ଗି ପଡ଼ୁ ପଡ଼ୁ ମଧ ହସି ଉଠିଲା ସୀମା । ସତରେ କନୁବାବୁ, ତୁମେ ନିହାତି ପାଗଳ । ନିଜକୁ ଭୁଲିଯିବା ଯେମିତି ତୁମର ଅସ୍ଥିମଜ୍ଜା···ମଣିଷକୁ ଭୁଲିଯିବା ଯେମିତି ଅଭ୍ୟାସ । ସୀମା ଡାକ୍ତର ହେବ, ତଥାପି କାହିଁକି ଏପରି ଗୋଟାଏ ଭୁଲ ମଣିଷକୁ ଭଲ ପାଇବାକୁ ଚେଷ୍ଟା କରୁଛି ?

ଏ ପ୍ରଶ୍ନର ଉତ୍ତର କିଏ ଦେବ ?

ଆଜିର ଦିନଟା ବିଗତର ଦିନ ଭିତରୁ ଗୋଟିଏ ଦିନ ହୋଇଥିଲେ, ଉତ୍ତର ପାଇବାରେ କୌଣସି ଅସୁବିଧା ହୋଇ

ନ ଥାନ୍ତା । ଏଇ ପରିଚିତ କନ୍ଟୁବାବୁ ପାଖରେ ବସି, ବିଭିନ୍ନ ଯୁକ୍ତି ଦେଖାଇ ପ୍ରଶ୍ନଟିର ଉତ୍ତର ଦେବାକୁ ଚେଷ୍ଟା କରି ଥାଅନ୍ତି । ତାଙ୍କର କଥାର ପ୍ରତ୍ୟେକ ପଦ ସହିତ ଯେମିତି କୌଣସି ସଙ୍ଗୀତ ମଞ୍ଚର, ଗୋଟିଏ ଗୋଟିଏ ଗ୍ରାସଣର···ଲମ୍ବା ଲମ୍ବା ଧାଡ଼ି । ଶତ୍ରୁପକ୍ଷ ହାର ମାନିଲେ ମଧ୍ୟ ସେ ଗ୍ରାନ୍ତ ନାହିଁ । ଉର୍ବର ମସ୍ତିଷ୍କର ବିକୃତ ପାଗଳାମୀକୁ ସେ ଅଜାଡ଼ି ଦେବାକୁ ଚେଷ୍ଟା କରନ୍ତି । ଗ୍ରେଟ ଗ୍ରେଟ ଘଟଣାଗୁଡ଼ିକର ମଧ୍ୟ ସେ ଯୌକ୍ତିକ ବିଶ୍ଳେଷଣ କରନ୍ତି । କଥାରେ କଥାରେ ରାଜନୀତିର ଝୋଲ ତାଙ୍କ ମୁହଁରୁ ଝରିପଡ଼େ । କେହି ହୁଏତ ଭୁଲ ବୁଝି କହନ୍ତି ··· ମୋର କନ୍ଟୁବାବୁ ବଡ଼ ହେଣ୍ଟିମେଣ୍ଟାଲ ।

କନ୍ଟୁ କାହିଁ—ମୁଁ ତ ତାକୁ ସ୍ୱୀକାର କରେ ନାହିଁ । ବନ ହରିଣର କଳା କଳା ଆଖି ଦେହରେ ସବୁଜ ଘାସର ଗାଲିଚା ମାୟା ସୃଷ୍ଟି କରେ । ସେ ମାୟା ପରି ସୃଷ୍ଟିର ଚିରନ୍ତନ ସତ୍ୟକୁ ତାକୁ ଅବା ଏଡ଼େଇ ଦେଇ ପାରେ କିଏ ?

ଅରଣ୍ୟର ସବୁଜିମା ଭେଦ କରି ସ୍ଥାନେ ସ୍ଥାନେ କୃଷ୍ଣଚୂଡ଼ାର ଗଛ ଉଠିଥାଏ । ସେହି ଗଛର କୁନି କୁନି କେନା ଦେହରେ ମଧ୍ୟ ନାଲି ନାଲି କୃଷ୍ଣଚୂଡ଼ାର ସୁନ୍ଦର ଉଙ୍କିମାରି ମାଟି ଉପରକୁ ଚାହେଁ, ଧୂଳିରେ ଗଡ଼ି ଗଡ଼ି ମାଟି ଦେହରେ ମିଶିଯିବାକୁ ଚାହେଁ । ସୃଷ୍ଟି ଏମିତି ଭାରି ବିଚିତ୍ର, ବଡ଼ ଅବୋଧ··· ।

ସେହି କୃଷ୍ଣଚୂଡ଼ାର ମୂଳରେ ଠିଆ ହୋଇ କୁନି କୁନି ହରିଣଗୁଡ଼ିକ ମଧ୍ୟ ହସ୍ତାକ୍ଷ ମାରନ୍ତି । ଆତ୍ମ ତୃପ୍ତି କରି, କଅଁଳ ଦୁବ ଘାସକୁ ପେଟେ ପେଟେ ଖାଆନ୍ତି; କିନ୍ତୁ ତଥାପି କ'ଣ ତାଙ୍କର ଅନ୍ତର

ଦେହରେ ଶିକାଗୋର ଜ୍ୱାଳାମୁଖୀ ବନ୍ଧୁକର ଭୟ ନ ଥାଏ···। ଥାଏ···କିନ୍ତୁ ବଡ଼ ଅସ୍ପଷ୍ଟ ହୋଇ।

ଠିକ୍ ସେମିତି କାନୁବାବୁଙ୍କର ସେଣ୍ଟିମେଣ୍ଟାଲିଟି ଉପରେ ମୋର ବିଶେଷ ଆସ୍ଥା ନ ଥିଲେ ମଧ୍ୟ ମୁଁ ତାଙ୍କୁ ଏଡ଼ାଇ ଦେଇ ପାରେନାହିଁ। ଦୂରେଇ ଦେଇ ପାରେନାହିଁ। ସେ ମୋତେ ବିରକ୍ତ କରନ୍ତି। ପୁଣି ଅଜସ୍ର ଅପ୍ରାସଙ୍ଗିକ ଉପକଥା କହି ଧାଉଁଲି କରନ୍ତି; କିନ୍ତୁ ତଥାପି କୌରବ ସେନାଙ୍କର ସେନାପତି ହୋଇ ମଧ୍ୟ ଅର୍ଜ୍ଜୁନ ପ୍ରତି ଦ୍ରୋଣଙ୍କର ଯେ ସ୍ନେହ ସହାନୁଭୂତି ନ ଥିଲା, ସେ କଥା କିଏ କହିବ ?

ସୀମା ପୁଣି କଡ଼ ଲେଉଟାଇଲା···କାନୁବାବୁ ଚିଠି ଦେଇଛନ୍ତି। ଲଫାପା ଉପରେ ଠିକଣା ଦେଇ ନାହାଁନ୍ତି। ହୋଇପାରେ ସେ···ଆଦରର ଅତଏବକୁ ଜାଳେଇ ପୋଡ଼େଇ ମାରିବା ତାଙ୍କର କାମ, କିନ୍ତୁ ଏ ଜ୍ୱଳନ ଯେ ଶୀତ ଦିନର ଶୀତଳତାଠାରୁ ଆହୁରି ଉପଭୋଗ୍ୟ, ଏକଥା ସୀମା କେବଳ ଜାଣେ। କଥାରେ କହନ୍ତି ପରା···ଯେଉଁଠି ବିରହ ନାହିଁ ସେଠି ମିଳନ ନାହିଁ। ଯେଉଁଠି ପାପ ନାହିଁ···ସେଠି ପୁଣ୍ୟ ନାହିଁ। ଖାଲି ବିରହ କିଏ, ମିଳନ କିଏ···ପାପ କିଏ ପୁଣ୍ୟ କିଏ ଜାଣିବାହିଁ କଷ୍ଟକର କଥା।

ହୋମହଲ୍‌ର ଝରକା ଦେଇ ସୀମା ତଳକୁ ଚାହିଁଲା। ଡାକ୍ତରଖାନା ଦେହରେ ନିତିଦିନିଆ ଗହଳି ଜମିଯାଇଛି। କେଉଁ ବେଡ୍ ଦେହରେ ହୁଏତ ଯକ୍ଷ୍ମାକାଶ ରୋଗୀ ଚିତ୍କାର କରୁଥିବ, ତାକୁ ଆଶ୍ୱାସନା ଦେଇ ତା'ର ଅତି ପ୍ରିୟତମା ପତ୍ନୀ କଥାର ଗିଅ ମେଲାଇ କହୁଥିବ···"ତୁମେ କାନ୍ଦନା···ତୁମେ ନିଶ୍ଚୟ ଭଲ ହୋଇଯିବ।

କେବଳ ବାବୁଲ୍ ପାଇଁ···ଆଉ ମୋର କାଚ ସିନ୍ଦୂରକୁ ବଜ୍ର କରିବା ପାଇଁ ।" ପୁଣି କେଉଁଠି ହୁଏତ ମେଡିକାଲର ଛାତ୍ରମାନେ ମୁର୍ଦ୍ଦାରକୁ କାଟି ତା'ର ଟିକି ଟିକି ଶିରା ପ୍ରଶିରା ଲକ୍ଷ୍ୟ କରୁଥିବେ··· ଆଉ କେତେ ଜଣ ଆଗାମୀ ରୋଗୀଙ୍କୁ ଭଲ କରିବା ପାଇଁ, ପୁଣି କେଉଁଠି ହୁଏତ ମଣିଷ ଦେହର କ୍ଷତ ଲକ୍ଷ୍ୟ କରିବା ପାଇଁ କେଉଁଠି ଡାକ୍ତର ରଞ୍ଜନ ରଶ୍ମି ପ୍ରୟୋଗ କରୁଥିବେ।

ସୀମା କଲବଲେଇ ଉଠିଲା···

ସବୁ ରୋଗୀର ତ ସେବା ଅଛି; ତେବେ ମୋ ଭଳି ଦୁଃଖୀର କ'ଣ ସେବା ନାହିଁ ? ଏ ହୃଦୟର କ୍ଷତ କେଉଁ ଡାକ୍ତର ଖୋଜି ବାହାର କରିବ । ନା··· । ଦେହର କ୍ଷତ ଭଲ ହୋଇ ପାରେ, କିନ୍ତୁ ମନର କ୍ଷତ ଭଲ ହୁଏନାହିଁ । କ୍ୟାନ୍ସରଠାରୁ ମଧ୍ୟ ଏହା ସାଙ୍ଘାତିକ । ଗୁହ୍ମ ଗୁହ୍ମ ମନ ପଚେ । ବର୍ଷା ଋତୁର ସ୍ରୋତଗାମୀ ନଦୀ ପରି ଅତଡ଼ା ଖାଏ । ସେହି ସ୍ରୋତ ଦେହରେ କେତେ ଗ୍ରେଣ୍ଟ ବଡ଼ ଗଛ, ଘାସ, କୁଟା ଯେ ଭାସି ଯାଆନ୍ତି ତାହାର ସୀମା ନାହିଁ ।

ସୀମାର ମନ ଯେମିତି ଆଜି ସ୍ରୋତସ୍ୱିନୀ ନଦୀ ପରି ଦ୍ରୁତ ଗତିରେ ବହୁଛି··· । ବାଧା ନାହିଁ···ବନ୍ଧ···ନାହିଁ ।

ସୀମା ଏଥର ଉତ୍ୟକ୍ତ ହୋଇ ବିଛଣା ଉପରୁ ଉଠିପଡ଼ିଲା । ଝରକା ବାଟେ ଦେଇ ଚାହିଁଲା ତଳକୁ···ଡାକ୍ତରଖାନାର ଭିଡ଼ ଆସ୍ତେ ଆସ୍ତେ କମି ଆସୁଛି । ଆଉ ଟିକେ ପରେ ପ୍ରାୟ ଆଉଟ୍-ଡୋର ବନ୍ଦ ହୋଇଯିବ, ପଛରେ ପଡ଼ିଥିବା କେତେ ଜଣ ରୋଗୀ ଔଷଧ ପାଇଁ ଦୌଡ଼ ଧାପଡ଼ ଦେଉଛନ୍ତି ।

ଏଣେ ହଷ୍ଟେଲ ପ୍ରାୟ ଶୂନ୍ ପଡ଼ୁଛି । ସମସ୍ତେ ଯେ ଯାହା କ୍ଲାସ୍‌କୁ ଚାଲି ଯାଇଛନ୍ତି, ସମୟ କେତେ ହେବ ସୀମାକୁ ଜଣା ନାହିଁ··· । ରୋଷେଇଆଣୀ ସ୍ତ୍ରୀ ଲୋକଟା ସୀମାର କୋଠରୀ ଦ୍ୱାରକୁ ଆସି କହିଲା···"ଅପା କ'ଣ ଆଜି ଖାଇବ ନାହିଁ ? ଭାତଗୁଡ଼ା ପରା ଶୁଖି ଶୁଖି ପାଣି ହେଲାଣି ଆସି ।"

ସୀମା ବିରକ୍ତରେ ବୁଲିପଡ଼ି କହିଲା···"ନାଁ···ମୋ···ଦେହ ଆଜି ଭଲ ନାହିଁ, ମୁଁ ଖାଇବି ନାହିଁ ।" ରୋଷେଇଆଣୀଟି ହସି ହସି ଚାଲିଗଲା, ହୁଏତ ସେହି ଭାତକୁ କେଉଁ ରୋଗୀକୁ ବିକି କିଛି ପଇସା ପାଇବାର ଆଶା ତାହାର ମନରେ ଉଙ୍କି ମାରିଥିଲା ।

ସୀମା ଚିନ୍ତାକଲା, ଜିନିଷ ଶୁଖିଲେ ପାଣି ମରେ, କିନ୍ତୁ ଭାତ ଶୁଖିଲେ ପାଣିପରି ଲାଗେ । ସତେ ବଡ଼ ବିଚିତ୍ର କଥା । ଆଜି ସେମିତି ଗୋଟାଏ ବିଚିତ୍ର କଥା ତା'ର ଜୀବନରେ ଘଟିଛି, କିନ୍ତୁବାବୁର ଚିଠି ନ ପାଇ ସେ ବରଂ ସୁଖରେ ଥିଲା । କିନ୍ତୁ ଆଜି କିନ୍ତୁବାବୁର ଚିଠି ପାଇ ସେ ଭାବୁଛି ଆକାଶ ପାତାଳ । ସେ ହିରୋଇଣୀ···ପ୍ରେମ ଲୀଳାପ୍ରିୟା ନାୟିକା । ସୀମାର ମୁଣ୍ଡ ଘୂରିବାକୁ ଲାଗିଲା···ପୁଣି ସେହି ବିଛଣାଟି ଉପରେ ଢଳି ପଡ଼ିଲା ।

କିନ୍ତୁବାବୁ ଚିଠି ଦେଇଛନ୍ତି··· ।

ଚିନ୍ତାକଲା ସୀମା···ଏଇ କାଲିପରି କଥା । ଆଖିରେ ତା'ର ସହସ୍ର ଦିନର ତନ୍ଦ୍ରା ଜମାଟ ବାନ୍ଧି ଆସିଲା । ଲକ୍ଷ ତାରାର ବର୍ଷା ତା'ର ଆଖିଆଗରେ ଜଳି ଉଠିଲା, ପୁଣି ଥରେ ଗମ୍ଭୀରେଇ ସେ ମନଭିତରେ ଚିନ୍ତାକଲା··· ।

ସେଦିନ ମୁକ୍ତାଗଡ଼ କଲେଜର ଫାଷ୍ଟ୍ ଡେ ଉତ୍ସବ [illegible]
ଥିଲେ ଫାଷ୍ଟ୍ ଡେ ଉତ୍ସବର ଉଦ୍‌ଘାଟନ କରିବା [illegible]

ହୋଇଆସିଥିଲ । କଲେଜ ପ୍ରାଙ୍ଗଣ ଜନସ୍ରୋତରେ ଗୁଞ୍ଜନ ଦେହରେ ମୁଖରିତ ହୋଇ ଉଠିଲ । ସଭା ମଞ୍ଚକୁ ମନ୍ତ୍ରୀ ଉଠିଲେ । ସାଥେ ସାଥେ କନୁବାବୁ । କନୁବାବୁ ସେବର୍ଷ କଲେଜ ୟୁନିୟନର ସଭାପତି ହୋଇ ଆଅନ୍ତି ।

ପ୍ରାରମ୍ଭିକ ସଙ୍ଗୀତ ପରେ···ମାଲ୍ୟାର୍ପଣ । ଛାତ୍ରୀ କେତେ-ଜଣଙ୍କ ଉପରେ ମାଲ୍ୟାର୍ପଣ ଭାର ଥାଏ । ଧାଡ଼ି ହୋଇ ସଭାମଞ୍ଚ ଉପରେ ଚାରିଟି ମଣିଷ ବସିଥାଆନ୍ତି । ଗୋଟିଏ ପାଖରେ ସେ ଦିନର ମୁଖ୍ୟବକ୍ତା ଅଧ୍ୟାପକ ଅରବିନ୍ଦ ବେହେରା, ପାଖକୁ ଲାଗି ଓଡ଼ିଶାର ତୁଙ୍ଗନେତା ଓ ମନ୍ତ୍ରୀ ଗଜାନନ ଚମ୍ପତିରାୟ, ତାଙ୍କ ପାଖକୁ କଲେଜର ଅଧ୍ୟକ୍ଷ ସନାତନ ଆଚାର୍ଯ୍ୟ, ଆଉ ଶେଷକୁ ବୟୋକନିଷ୍ଠ ଏହି କନୁବାବୁ । ସତେ ଯେମିତି ଗୋଟିଏ ପ୍ରସ୍ଫୁଟିତ ପଦ୍ମପୂର୍ଣ୍ଣ ପୁଷ୍କରିଣୀ ଦେହରେ ଗୋଟିଏ ଗ୍ରେଟିଆ ଦରଫୁଟା କଳି ।

ସୀମା, ଅନ୍ୟ ତିନୋଟି ବାଳିକାଙ୍କ ସହିତ ମାଲ୍ୟାର୍ପଣ କରିବାକୁ ମଞ୍ଚ ଉପରକୁ ଉଠିଥିଲ । ବଡ଼ ଲାଜକୁଳୀ ଝିଅଟା ସେ । ଏତେ ବଡ଼ ଜନ ସ୍ରୋତକୁ ଦେଖି ତାର ଛାତି ଥରି ଉଠୁଥିଲ, ଗୋଡ଼ ଦୁଇଟା ଏଠି ସେଠି ପଡ଼ୁଥିଲ, ସମସ୍ତଙ୍କ [illegible] ସେ ଇଚ୍ଛାକରୁଥିଲ··ଯାହାରିକୁ ମାଳ ନ ଦେଇ [illegible] ପାଇଁ ! କିନ୍ତୁ ଅନ୍ୟମାନେ କ'ଣ କହିବେ ? [illegible] କଥା । ଗୁହୁଁ ଗୁହୁଁ ଅନ୍ୟ ତିନିଜଣ ଝିଅ ଗୋଟି ଗୋଟି କରି ତିନୋଟି ମାଳ ଅଧ୍ୟାପକ, ମନ୍ତ୍ରୀ, ଅଧ୍ୟକ୍ଷଙ୍କୁ ଦେଇ ଦେଲେ । ଶେଷରେ ରହିଲ ସୀମା, କନୁବାବୁଙ୍କର ବେକରେ ମାଳ ପିନ୍ଧାଇବା [illegible] । ଭାରି ଲାଜ ମାଡ଼ିଲ । ଏତେ ଶ୍ରେଷ୍ଠ [illegible] ମାଳ ପିନ୍ଧାଇବନି । ଏଣେ ଫଟୋଗ୍ରାଫର [illegible]

ଭେକନାକ୍ ଆଖି ନେଇ ଅନେଇଛନ୍ତି, ସତ୍ତେ ଅବା ସୀମା, କନ୍ନୁବାବୁଙ୍କ ବେକରେ ମାଳ ପିନ୍ଧାଇ ଦେଲେ ସେମାନେ ଗୋଟାଏ ମସ୍ତବଡ଼ ଖାଦ୍ୟ ପାଇଯିବେ । ସୀମାର ମୁଣ୍ଡ ଗୋଳମାଳ ହୋଇଗଲା । ସେ ଆଉ କାଳ ବିଳମ୍ବ ନ କରି ତରତରରେ କନ୍ନୁବାବୁର ବେକରେ ମାଳଟି ପିନ୍ଧାଇ ଦେବାକୁ ଗଲାବେଳେ କନ୍ନୁବାବୁ ହାତକୁ ଧରିନେଇ ମାଳଟିକୁ ହାତରେ ନେଇଯାଇ ଥିଲେ । ଠିକ୍ ସେତିକ-ବେଳେ ସାମାନ୍ୟ କରତାଳି ସହିତ ମୃଦୁ ହାସ୍ୟରୋଳ ଖେଳି ଯାଇଥିଲା···ଜନସମୁଦ୍ର ଦେହରେ, ସୀମାର ନିଃଶ୍ୱାସ ରୁଦ୍ଧ ହୋଇ ଆସିଥିଲା । ସୀମା ଏକା ନିଃଶ୍ୱାସକେ ମଞ୍ଚଉପରୁ ଆସି ତଳେ ଠିଆହେଲା । ତା ଦେହରୁ ବହିଆସୁଥିଲା ସରମର ଝାଳ ।

ସଭା ଚାଲିଲା । ଅଧ୍ୟାପକ, ମନ୍ତ୍ରୀ, ଅଧ୍ୟକ୍ଷ ସେମାନଙ୍କର ବକ୍ତବ୍ୟ ଶେଷ କରିବାପରେ···ଠିଆ ହୋଇଥିଲେ ଏହି କନ୍ନୁବାବୁ । ଦେହଟି ସିନା ଗ୍ଲେଟ···ହେଲେ ମୁଣ୍ଡଟି ଥିଲା ଖୁବ୍ ବଡ଼ । ତାଙ୍କର ଗୁରୁଗମ୍ଭିର କଣ୍ଠ ସ୍ୱରରେ ଜନ ସମୁଦ୍ର ତଟସ୍ଥ ହୋଇଥିଲା । ସାହିତ୍ୟ, ରାଜନୀତି, ଯୋଜନା ଓ ସମସ୍ୟାକୁ କେନ୍ଦ୍ର କରି ସେ ତାଙ୍କର ବକ୍ତବ୍ୟ ଶେଷ କରିଥିଲେ । ନିରପେକ୍ଷ ଦୃଷ୍ଟିକୋଣରୁ ବିଚାରକଲେ ତାଙ୍କର ଭାଷଣ ଯେ ସମସ୍ତଙ୍କଠାରୁ ଉପାଦେୟ ହୋଇଥିଲା, ଏଥିରେ ସନ୍ଦେହ ନାହିଁ । ମୁହୂର୍ତ୍ତ···ମୁହୂର୍ତ୍ତକରେ ଉଚ୍ଛ୍ୱସିତ କରତାଳି ଧ୍ୱନି କର୍ଣ୍ଣଗହ୍ୱରକୁ ଫଟାଇ ଦେଉଥିଲା । ସଭା ମଣ୍ଡିଲା···।

ତା' ପର ବିଚିତ୍ରାନୁଷ୍ଠାନ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ନିପୁଣ କଳାକାର ସାଂସ୍କୃତିକ ଉତ୍ସବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ସରିଲା । ଗ୍ଲ୍ୟଗ୍ଲୁସୀ ମାନେ ଯେ ଯାହାର ଘରକୁ [illegible] ମଧ୍ୟ ସେଦିନ ଘରକୁ ଫେରିଥିଲା । କିନ୍ତୁ [illegible]

ଫେରିଥିଲା । କିନ୍ତୁ ତାହାଙ୍କ କାନ ଦେହରେ···ପ୍ରତି ମୁହୂର୍ତ୍ତରେ ଶୁଭି ଯାଉଥିଲା କନୁବାବୁର ଗୁରୁଗମ୍ଭୀର କଣ୍ଠସ୍ୱର··· ।

ସାଂସ୍କୃତିକ ସପ୍ତାହର ଦ୍ୱିତୀୟ ଦିବସ··· ।

ଆଜି ମଧ୍ୟ କଲେଜ ପ୍ରାଙ୍ଗଣରେ ଲୋକ ଭିଡ଼ । ଜଣେ ପ୍ରବୀଣ ଅଭିନେତା ଥାଆନ୍ତି ଆଜିକାର ପ୍ରଧାନ ଅତିଥି । ଅଭିନୟର ବିଭିନ୍ନ ଢଙ୍ଗକୁ ଲକ୍ଷ୍ୟକରି ସେ ଦେଲେ ତାଙ୍କର ଭାଷଣ । ଭାଷଣ ଶେଷହେଲା । କଲେଜ ତରଫରୁ ବିଚିତ୍ରାନୁଷ୍ଠାନ ପ୍ରଦର୍ଶନ କରିବାର କଥା । କିନ୍ତୁ ହଠାତ୍ ଗୋଟାଏ ଖବରରେ ସମସ୍ତେ ଉପରେଇ ଗଲେ···ବିଶ୍ୱଜିତ୍ ଆସିନାହାଁନ୍ତି । ବିଶ୍ୱଜିତ୍···ଆଜିକାର ଏକାଙ୍କିକାର ନାୟକ ଥିଲା । ଇଂଲଣ୍ଡ ଲେଖକ ସେକ୍ସପିୟରଙ୍କର ଅଥେଲୋର ସିନ୍ ଗୋଟାଏ ପ୍ରଦର୍ଶିତ ହେବାର ଥିଲା । ଡେସ୍‌ଡିମୋନା ଭୂମିକାରେ ଅବତୀର୍ଣ୍ଣ ହେବାକୁ ଏଣେ ସୀମା ପ୍ରସ୍ତୁତ ହୋଇ ସାରିଛି । କିପରି ଅଭିନୟ କରି ସେ ଜନତାକୁ ମୁଗ୍ଧ କରିବ, ସେହି ଚିନ୍ତାରେ ମୁଣ୍ଡ ଖରାପ ହେଉଥାନ୍ତା, ଠିକ୍ ସେତିକିବେଳେ···ସାଥୀ ରିଙ୍କା ଆସି କହିଲା "ଶୁଣିଲୁଣି ସୀମା ! ବିଶ୍ୱଜିତ୍ ବାବୁ ଆଜି ଆସିନାହାନ୍ତି, ତୋର ବେଶ ଅକାରଣ ହେଲା । ସତରେ ସୀମା···ତୁ ଆମର ଜାଥା ରଖିଥାଆନ୍ତୁ, ହେଲେ ସବୁ ଆଶା ଭରସା ପାଣି ଫାଟିଗଲା ।"

କଥାଟାକୁ ଶୁଣିନେଇ ସୀମା ବସି ପଡ଼ିଲା । ତାଂର ଦିନ ଦିନର ପରିଶ୍ରମ ବ୍ୟର୍ଥ ହେବ ! କେତେ ରାତି ଅନିଦ୍ରା ହୋଇ ସେ କଠିନ ଇଂରାଜୀ ଧାଡ଼ି ଗୁଡ଼ିକ ମୁଖସ୍ଥ କରିଛି···କେତେ ଆଶାର ସ୍ୱପ୍ନ ଭାଙ୍ଗି ସେ କନୁବାବୁଙ୍କୁ ଚମତ୍କୃତ କରି ଦେବାକୁ ଚିନ୍ତା କରିଥିଲା, ହେଲେ ସବୁ ଅକାରଣ ହେବ··· । ସୀମାକୁ ଆଜି କିଛି

ଚିନ୍ତା କରିବାକୁ ସମୟ ନ ଦେଇ ପୁଣି ଜଣେ ସ୍ତୁଡେଣ୍ଟ ଆସି କହିଲା···"ନାଇଁ ସୀମା, ତୁମେ ବେଶ ଖୋଲୁ ନାହିଁ, ତୁମ୍ଭ ଜଣଙ୍କ ସ୍ଥାନରେ ରାଜେନ୍ଦ୍ର ବାବୁ ଅଭିନୟ କରିବେ।"

ରାଜେନ୍ଦ୍ର ବାବୁ ! !

ହଁ ରାଜେନ୍ଦ୍ର ବାବୁ ।

ଏହି ରାଜେନ୍ଦ୍ର ବାବୁ ଆଜି ତାର ଆଖିର ଦେବତା କନ୍ଦୁ-ବାବୁ ।

ପୁଣି ଗୋଟିଏ କ୍ଷୀଣ ଆଶାର ରେଖା ସୀମାର ମୁଖମଣ୍ଡଳରେ ଉକୁଟି ଉଠିଲା । ତଥାପି ଅନ୍ତର କହୁଥିଲା··· ନାଇଁ ରାଜେନ୍ଦ୍ର ବାବୁ···ତୁମେ ମଞ୍ଚ ଉପରେ ଠିଆ ହୁଅ ନାହିଁ, ତୁମେ ସିନା···ନେତା···ବକ୍ତା···ହେଲେ ଅଭିନେତା ତ ନୁହଁ । କଲେଜର ମର୍ଯ୍ୟାଦା ରକ୍ଷା କରିବାଲାଗି ତୁମେ ତୁମର ଗୌରବକୁ ବଳିଦେବ କାହିଁକି ? ପୁଣି ବଡ଼ ବଡ଼ ଇଂରାଜୀ ଡାଇଲଗ୍ ଗୁଡ଼ାକୁ ପ୍ରମ୍ପ୍ଟିଂ ଶୁଣି କହି ପାରିବା କ'ଣ ଏତେ ସହଜ କଥା !

ଏମିତି ଆହୁରି କେତେ କ'ଣ ସୀମା ଚିନ୍ତା କରୁଛି, ସେହି ସମୟରେ ଅଧ୍ୟାପିକା ରେଣୁବାଳା ପଛରୁ ଡାକିଲେ । ସୀମା ବୁଲି ପଡ଼ିଲା । ରେଣୁବାଳା କହିଲେ—"ରାଜେନ୍ଦ୍ର ପ୍ରସ୍ତୁତ ହୋଇ ସାରିଛି, ତୁମେ ଷ୍ଟେଜ୍ ଉପରକୁ ଆସ ସୀମା ।"

ସୀମା ଗୋଟିଏ ଯନ୍ତ୍ର ଚାଳିତ ପିତୁଳା ପରି ରଙ୍ଗମଞ୍ଚ ଆଡ଼କୁ ଆଗେଇଗଲା । ତା'ପରେ ଚାଲିଲା ଅଭିନୟ । ଓଃ···। ଏଇ କ'ଣ ସେ ରାଜେନ୍ଦ୍ର ବାବୁ ଯାହାକୁ ବଡ଼ "ସାଧୁ" ବୋଲି ସମସ୍ତେ କହନ୍ତି । ନାଁ···ଏ ଜଣେ ନୂଆ ରାଜେନ୍ଦ୍ର ବାବୁ···ଯାହାପାଇଁ କେବଳ ଅଛଥିଲେ

ତ୍ରାସ ଲେଖାଯାଇଥିଲା । ଦର୍ଶକମାନେ ମୁଗ୍ଧ...ଉତ୍ରସ୍ତ । ନିସ୍ତବ୍ଧ ଦର୍ଶକ ଗ୍ୟାଲେରୀ ମଧ୍ୟରେ ଗୋଟିଏ ଛୁଞ୍ଚି ପଡ଼ିଲେ ମଧ୍ୟ ଜଣା ପଡ଼ିବ । ମଝିରେ ମଝିରେ ଖାଲି ଅଟଥେଲୋର ଭୀମ ଗର୍ଜନ ସ୍ଥାନଟିକୁ ମୁଖରିତ କରୁଛି । ସୀମାର ଗୁରୁତ୍ୱ ମ୍ରିୟମାଣ ହୋଇ ଆସିଲା । ରାଜେନ୍ଦ୍ରର ଅଗ୍ନିମୟୀ ଅଭିନୟ ଦେହରେ ସୀମା କେବଳ ଟଳା ଟଳା ଘିଅପରି ପୋଡ଼ି ଯିବାକୁ ଲାଗିଲା । ତା'ର ଅସ୍ତିତ୍ୱ ହଜିଗଲା । ରାଜେନ୍ଦ୍ରର ଲୌହ କଠିନ ହାତମୁଠା ଦେହରେ... ସେ ହୁଏତ ଦଳି ମକଚି ହୋଇ ନିଶ୍ଚିହ୍ନ ହୋଇଯିବ ।

ସାମାନ୍ୟ ରୁମାଲ ଖଣ୍ଡେ ପାଇଁ ଅଟଥେଲୋ ଡେସ୍‌ଡିମୋନାକୁ ଭୁଲ୍ ବୁଝିଛି ।

ପ୍ରଲୟଙ୍କରୀ ରାଗରେ ରାଜେନ୍ଦ୍ର ସୀମାର କଣ୍ଠ ଦେଶରେ ଆଘାତ କରିବାକୁ ଲାଗିଲା । ଆଃ..., ନିରାଶାବାଦୀ ରାଜେନ୍ଦ୍ର ଆଜି ଗୋଟାଏ ମସ୍ତବଡ଼ ଭିଲେନ୍...ହତ୍ୟାକାରୀ ।

କିନ୍ତୁ ଇଏ କ'ଣ, କାହିଁ ସୀମାକୁ ତ ସାମାନ୍ୟ ଆଘାତ ଲାଗୁ ନାହିଁ । ଓଲଟି ରାଜେନ୍ଦ୍ରର କର୍କଶ ହାତମୁଠା ସୀମାର କଣ୍ଠ ଦେହରେ ଗୋଟିଏ ବଣମଲ୍ଲୀର ହାରପରି ଢେର ରହିଛି । ସେ ହାରଟି ଦେହରୁ ତା'ର ବେକ ସେ କାଢ଼ି ଆଣିବାକୁ ଚାହେଁନା । ମାଟିର ଧରଣୀ ଉପରେ ଅକାରଣ ଝଡ଼ିପଡ଼ି ନଷ୍ଟ ହେବା ଅପେକ୍ଷା ହୁଏତ ଦେବତାର ବୁକୁ ମଣ୍ଡନ କରିବାକୁ ସେ ବେଶୀ ପସନ୍ଦ କରିଛି । ବେଶୀ ଉନ୍ମତ୍ତ ହୋଇଛି ।

ନିର୍ଦ୍ଦେଶକର ନିର୍ଦ୍ଦେଶ ଅନୁସାରେ ସୀମା ରାଜେନ୍ଦ୍ରର ପଲଙ୍କ ପରେ ଢଳି ପଡ଼ିଲା, ନାଁ...ସୀମା ନିଜେ, ଢଳି ପଡ଼ିଛି...

ଇଂରାଜୀର ଗୋଟିଏ ସରଳ···ଶାନ୍ତ···ନିର୍ମଳ ଚରିତ୍ର ଡେସ୍‌ଡ଼ିମୋନା । ଦୃହୁଁ···ଦୃହୁଁ···ଗୋଟାଏ କ୍ଷୁଧାର୍ତ୍ତ ସିଂହ ଯେପରି ଶିକାର ଉପରକୁ ଝାମ୍ପ ଦେଇଛି ଅଥେଲୋ··· ।

ସବୁ ଶେଷ । ଡେସ୍‌ଡ଼ିମୋନାର ନିଃଶ୍ୱାସ ରୁଦ୍ଧ ହୋଇ ଯାଇଛି । ପ୍ରତିଶୋଧର ଚୂଡ଼ାନ୍ତ ନିଷ୍ପତ୍ତି ନେଇ ଠିଆହେବାକୁ ଚେଷ୍ଟାକଲା ଅଥେଲୋ । ଦର୍ଶକ ଗ୍ୟାଲେରୀରେ ହତ୍ୟାକାରି ଅଥେଲୋ ବିରୁଦ୍ଧରେ ସତ୍ୟାଗ୍ରହର ସୂତ୍ରପାତ ହୋଇଛି··· ଅଭିନୟ ସଫଳ ହୋଇଛି । ଆଜି ରାଜେନ୍ଦ୍ର କେବଳ ନେତା ନୁହେଁ, ଅଭିନେତା ମଧ୍ୟ ।

ପରଦା ନଇଁ ଆସିଲା··· ।

ଅସଂଖ୍ୟ କରତାଳି ଓ ପ୍ରଶଂସାର ଦୁର୍ଗ ଦୁଆରେ ଠିଆହୋଇ ସୀମା ଭାବିଲା, ସେ ଆଜି ଅପମାନିତା, ସେ ଦିନ ଦିନ ଧରି ଯେଉଁ ଅଭିନୟ କରିବାକୁ କ୍ଷମ ହୋଇ ପାରି ନାହିଁ, ରାଜେନ୍ଦ୍ର ବାବୁ ତାହା କରିବାକୁ କ୍ଷମ ହୋଇଛନ୍ତି ।

ରାଜେନ୍ଦ୍ର ବାବୁ·········

ଅଭିନୟ ସରିବା ବେଳକୁ ବହୁତ ରାତି ହୋଇ ଯାଇଥିଲା । ସୀମା ଘରକୁ ଫେରିଲା । ମନ ଭିତରେ ଅନେକ କଳ୍ପନାର ତରଙ୍ଗ ।

—ସେ ଘରେ ପହଞ୍ଚି ଦେଖିଲା ବାପା ଶୋଇ ନାହାନ୍ତି । ଗୋଟିଏ ଦୈନିକ ଖବର କାଗଜକୁ ଏପାଖ ସେପାଖ କରୁଛନ୍ତି । ସୀମାକୁ ଦେଖି ସେ ଚୌକିରୁ ଉଠିପଡ଼ି କହିଲେ···"ଏତେ ଡେରି ପର୍ଯ୍ୟନ୍ତ କ'ଣ କରୁଥିଲୁ ମାଆ, ଏଣେ ପଶ୍ଚିମ ଭାରତ ଦିନ୍ଟା

ଶୁଖି ଗଲାଣି !" ସୀମା ରୋଷେଇଘର ଭିତରକୁ ପଶି ଯାଉ ଯାଉ କହିଲା "ତୁମେ କ'ଣ ଏ ଯାଏ ଖାଇନାହଁ ?"

ମୁକୁନ୍ଦବାବୁ ସାମାନ୍ୟ ହସି କହିଲେ..."ତୁ ନାହୁଁ ମୁଁ ଏକୁଟିଆ କେମିତି ଖାଇ ଥାଆନ୍ତି ।" ସୀମାକୁ ହସ ଲାଗିଲା । ତା'ର ଇଚ୍ଛା ହେଉଥିଲା ସେ କହନ୍ତା, "ବାପା, ତୁମେ କ'ଣ ସୀମାକୁ ପାଖରେ ରଖି ସବୁଦିନ ଏମିତି କୋଡ଼ରେ ପୂରାଇ ଖୋଇ ଦେଉଥିବ ? ତୁମେ ସିନା ବାପା...ହେଲେ ମୁଁ ପର ଝିଅ । ତୁମେ ଗୃହଁ ସ୍ନେହ...ହେଲେ ମୁଁ ଗୃହେଁ ଜୀବନ । ଜୀବନକୁ ଖୋଜିବାର କ'ଣ ମୋର ସମୟ ଆସିନାହିଁ ?" କିନ୍ତୁ ମୁହଁ ଖୋଲି ସୀମା କିଛି କହି ପାରିଲା ନାହିଁ । ଗୋଟିଏ ବାଧ୍ୟ ଶିଶୁ ପରି ବାପାଙ୍କ ପାଖରେ ବସିଲା । ରୋଷେଇଆ ଆଣି ଭାତ ଥୋଇ ଦେଇ ଗଲା । ସୀମା ବାପାଙ୍କ ସାଙ୍ଗରେ ତରତରରେ ଦୁଇ ଗୁଣ୍ଡା ଖାଇଦେଇ ଉଠିସିବାକୁ ବସିଲା । ମୁକୁନ୍ଦବାବୁ କହିଲେ..."ଆଉ କ'ଣ ଖାଇବୁ ନାହିଁ ମାଆ ? କେଉଁ ସକାଳୁ କ'ଣ ଦିଟା ଖାଇଥିଲୁ, ସେତକ କ'ଣ ହଜମ ହୋଇନାହିଁ ।" ସୀମା କହିଲା...ନାଇଁ ମୁଁ ପରା କଲେଜରେ ଜଳଖିଆ ଖାଇଥିଲି ! ମୁକୁନ୍ଦବାବୁ କହିଲେ... "ଆଜି କ'ଣ ତୁମର ସାଂସ୍କୃତିକ ଉତ୍ସବ ସରିଗଲା ?"

ସୀମା କହିଲା..."ନାଁ...ଆସନ୍ତା କାଲି ସରିବ ।"

ମୁକୁନ୍ଦବାବୁ ଟିକେ ଗୁମ୍ ମାରି ବସିଲେ...ତା'ପରେ କହିଲେ..."ମାଆ ମୁଁ ତୋତେ ଗୋଟାଏ କଥା କହିବି ବୋଲି ଭାବୁଛି...ଆଶା ତୁ ପ୍ରାୟ କିଛି ଭାବିବୁ ନାହିଁ ।"

ସୀମା ଟିକେ ଚମକି ଉଠି କହିଲା..."କୁହ ।"

ମୁକୁନ୍ଦବାବୁ ସାମାନ୍ୟ ବିଚଳିତ ହୋଇ କହିଲେ "ନାଇଁ ସେମିତି କିଛି କଥା ନୁହେଁ ମାଆ, ଏଇ କଲେଜ କଥା ମୁଁ ଜାଣିଛି । ତୁ ତ ଆଉ କୁଆ ନୋହୁଁ । ଟିକେ ହୁସିଆରରେ ଚଳିବୁ, ନଇଲେ ଗୋଡ଼ ଖସିବ ତ ଜୀବନଟା ସାରା ଖାଲି ହା···ହୁତାଶରେ କଟିବ । ମୋ ଜୀବନ କଥାରୁ ମୁଁ ଜାଣେ ମାଆ ।"

ମୁକୁନ୍ଦବାବୁ ଆଉ କିଛି କହି ପାରିଲେ ନାହିଁ । ଆଖିରୁ ତାଙ୍କର ଶ୍ରାବଣର ଧାରା ପରି ଅଶ୍ରୁଧାରା ବହିବାକୁ ଲାଗିଲା ।

ସୀମା ଅବାକ୍ ହୋଇ କିଛି ସମୟ ମୁକୁନ୍ଦବାବୁଙ୍କ ମୁହଁ ଆଡ଼କୁ ଚାହିଁ ରହି ଶହ ଶହ ଦିନର ପୋତା ହୋଇଥିବା ବିଗତ ଇତିହାସ ପୃଷ୍ଠାକୁ ପଢ଼ିଯିବାକୁ ଚେଷ୍ଟାକଲା ।

ପୁଣି ନିଜର ଭାବନାକୁ ବଦଳାଇ ବାପାଙ୍କ ହାତ ଧରି ସୀମା କହିଲା, "ବାପା ! ତୁମ ଝିଅ ଉପରେ କ'ଣ ତୁମର ବିଶ୍ୱାସ ନାହିଁ ? ଯାହାକୁ ତୁମ ହାତରେ ତୁମେ ମଣିଷ କରିଛ, ସେ ନିଜକୁ ଚିହ୍ନିବାର, ମଣିଷକୁ ଚିହ୍ନିବାର ଯଥେଷ୍ଟ କ୍ଷମତା ପାଇଛି । ତୁମେ ବିଶ୍ୱାସ କର ବାପା, ମୁଁ ତୁମର ଝିଅ, କେବେହେଲେ ଭୁଲ ବାଟରେ ଗୋଡ଼ ଖସାଇବି ନାହିଁ ।"

ବୃଦ୍ଧ ମୁକୁନ୍ଦ ରାୟ ଆଜି ପ୍ରେମିକ ନୁହଁନ୍ତି । କାହାର ନାଇଲନ୍ ଶାଢ଼ୀର ତଳେ ତଳେ ତାଙ୍କର ଲୋଭିଲା ଆଖି ଘେରର ପରି ଘୂରି ବୁଲୁନାହିଁ । ସେ ବୃଦ୍ଧ···ଅଥର୍ବ । ହେଲେ ଦିନ ଥିଲା, ସେ ସବୁ ବୁଝିଥିଲେ । ସବୁ ହଜମ କରୁଥିଲେ । ଆଜି ତାଙ୍କର ପ୍ରେମିକ ଜୀବନର ଇତିହାସକୁ କେହି ଦେଖିବାକୁ ଚେଷ୍ଟା କରୁନାହିଁ । ସମୟ ବଡ଼ ଭୁଲ···ବଡ଼ ଲଜ୍ଜତିଆ ।

ଚିତ କଥାକୁ ଘାଣ୍ଟିବାକୁ ସେ ମୋଟେ ଇଚ୍ଛା କରେନାହିଁ ।
ର୍ତ୍ତମାନ···ବର୍ତ୍ତମାନ ବୋଲି ସମାଜ ଚତ୍କାର କରେ । ସେହି
ର୍ତ୍ତମାନ ଦେହରେ ନାଲି କାଳି ଛକ ପରି ବଡ଼ ବଡ଼
ରଖା ଟାଣି ସମାଜ ଆଗେଇ ଯିବାକୁ ଚାହେଁ । କିନ୍ତୁ ସେହି
ାଲି ଛକର ଆଘାତରେ ମନ ଘାଉଲା ହୁଏ···ମଣିଷ ମରେ ।
ମାଜ ଯେମିତି ବଚନ···ମଣିଷ ବି ସେମିତି ବଚନ । ବଞ୍ଚିବା
ାହାର ଗୋଟାଏ ଧାରା···ମରିବା ଗୋଟାଏ ନିୟମ ।

ମୁକୁନ୍ଦବାବୁଙ୍କୁ କିଛି ଭାବିବାକୁ ସମୟ ନ ଦେଇ ସୀମା
ହିଲା···"ଆସ ବାପା ଶୋଇବ । ରାତି ବେଶି ହେଲାଣି ।
ହେଲେ ନ ଶୋଇଲେ ପରା ତୁମକୁ ନିଦ ହୁଏନାହିଁ । ବେଶି
ମୟ ଚେଇଁ ରହିବ ତ ପୁଣି ରାତିସାରା ନିଦ ହେବନାହିଁ ।

ମୁକୁନ୍ଦବାବୁ ଆଉ କିଛି କହିବାକୁ ସୁବିଧା ପାଇ ନାହାଁନ୍ତି ।
ମା ତାଙ୍କର ହାତ ଧରି ଖଟ ଉପରକୁ ନେଇଗଲା ।
କୁନ୍ଦବାବୁ ଖଟିଆଟି ଉପରେ ଶୋଇ ପଡ଼ୁ ପଡ଼ୁ କହିଲେ···
ମୁଁ ଦିନେ ତୋର ହାତ ଧରି ତୋତେ ଚଲାଉଥିଲି । ତୁ
ଜି ମୋତେ ତୋର କୁନି ପୁଅପରି ଚଲାଉଛୁ । ସେ ଦିନ ମୁଁ
ମିତି ଆନନ୍ଦ ପାଉଥିଲି, ଆଜି ବି ଠିକ୍ ସେମିତି ଆନନ୍ଦ
ଉଛି । ତଥାପି ଗୋଟିଏ ଜିନିଷ ମୁଁ ହରେଇ ବସିଛି । ସେଇଟି
ଲା ମୋର ନାଲି ନେଳୀ ରଙ୍ଗ ହୋରି ଖେଳର ଜୀବନ ।
ାତେ ମୁଁ ଏ ଜୀବନ ବଳମୟରେ ସେତିକ ଦେଇଛି ।
ଇକି ରଖିବୁ ମାଆ । ବେଳ ଦେଖି ଆଉ କାହା ହାତକୁ ତୁ
ଡ଼ିଦେବୁ···କିନ୍ତୁ ବେହିସିଆରରେ ହଜେଇ ଦେବୁ ନାହିଁଟି ।"

ସୀମା ବାଧା ଦେଇ କହିଲା, "ଏ ସବୁ ତୁମେ କ'ଣ ଗପିଯାଉଛ ବାପା ? କହିଲ ପର ରାତି ବହୁତ ବେଶି ହେଲାଣି । ଶୋଇପଡ଼, ପୁଣି କାଲି ଗପିବ ।"

ମୁକୁନ୍ଦବାବୁ କେବଳ ସନ୍ତୃଷ୍ଟ ନୟନରେ ଥରେ ସୀମା ଆଡ଼କୁ ଚାହିଁ ଆଖି ବୁଜିଲେ । ମନ ତାଙ୍କର କହୁଥିଲା···ସୀମା ମୋର ଆକାଶର ଚନ୍ଦ୍ର ।

—ଏଣେ ସୀମାର ଆଖିକୁ ନିଦ ନାହିଁ । ରାତିର ଅନ୍ଧକାର ମଧ୍ୟରେ ବିଗତ କଥା ଗୁଡ଼ାକ କେତେ ସ୍ୱପ୍ନ ଛବି ସୃଷ୍ଟି କରୁଛି । ସତରେ ସେ ଆଜି ଡେସ୍‌ଡ଼ିମୋନା ପରି ଆହତା··· ।

ନିଦ ଭାଙ୍ଗୁ ଭାଙ୍ଗୁ ନଅଟା ବାଜି ଯାଇଥିଲା । ସୀମା ତରବରରେ ବିଛଣାରୁ ଉଠି ଗାଧୋଇବା ଘରକୁ ପଶିଗଲା, ମୁକୁନ୍ଦବାବୁ ସେତେବେଳକୁ ଉଠି ତାଙ୍କର କାମରେ ଲାଗିଗଲେଣି । କଚେରୀ ବ୍ୟାପାର ନେଇ ଆଉ ଘରେ କାହା ସହିତ ପରାମର୍ଶ କରୁଛନ୍ତି । ମୁକୁନ୍ଦବାବୁ ବଡ଼ ସାଧୁ···ସଚ୍ଚୋଟ, ମିଛ କହିବାକୁ ସେ ପାପ ବୋଲି ମଣନ୍ତି, କିନ୍ତୁ ସମୟ ଦେଖି ମିଛ କହିବାକୁ ତାଙ୍କୁ ସଭ୍ୟତା ବାଧ୍ୟକରେ; ଓକିଲ ଜୀବନ ପୁଣି ମିଛ କହିବାର ଗୋଟାଏ ସୋପାନ । ମିଛ କହି ନ ଶିଖିଲେ ଓକିଲାତି ବ୍ୟବସାୟ ଚଳେ ନାହିଁ । ବାପୁଜୀଙ୍କର ପରିକଳ୍ପିତ ରାମରାଜ୍ୟର ମଣିଷ ଆମେ । ଗୀତା, ଭାଗବତର ସ୍ମରଣ ଭୂମିରେ ଚରଚରି ଆମର ଉଦର ପୁଷ୍ଟ ହୁଏ, କିନ୍ତୁ ତଥାପି ଆମେ ମିଛ କହୁ । ବିଚାରାଳୟ ଆମର ଧର୍ମର ନିକତି ଧରି ଠିଆ ହୋଇଥାଏ । ଯାହା ଭିତରକୁ ଗଲେ ମଣିଷ ଆଗେ ଶପଥ କରେ "ଯାହା କହିବ ସତ କହିବ"; କିନ୍ତୁ ବିଚାର

କଥା, ଘାଣ୍ଟି ଖୋଲିଲେ ମିଛ କହେ···ନ ହେଲେ କେଶ୍ ଠିଆ ହୋଇ ପାରିବ ନାହିଁ ବୋଲି ତା'ର ବିଶ୍ୱାସ । ଗୋପବନ୍ଧୁର ବଂଶଧର ଆଜି ବଞ୍ଚିଛନ୍ତି ସିନା, ହେଲେ ନାଟକ ଗୋପବନ୍ଧୁ ମରିଛନ୍ତି । ସେ ଆଉ ଜନ୍ମ ହେବେନାହିଁ । ଧନ୍ୟରେ ସଭ୍ୟତା ! ଧନ୍ୟ ତୋର ଇଙ୍ଗିତ ।

ସେଦିନ ଅଳସ ସକାଳର କଥା···

ନିତ୍ୟକର୍ମ ଶୀଘ୍ର ସାରି ଦେଇ ସୀମା ତରବରରେ କଲେଜକୁ ବାହାରି ପଡ଼ିଲା । ଆଜି ମୁକ୍ତାଗଡ଼ କଲେଜର ଶେଷ ସାଂସ୍କୃତିକ ଦିବସ । ସୀମାର ଓଡ଼ିଶୀ ନୃତ୍ୟ ପରିବେଷଣ କରିବାର କଥା, ବାହାରୁ କେତେ ଜଣ ନୃତ୍ୟ ଶିଳ୍ପୀ ଆସିବେ । ଅନ୍ତତଃ ସେମାନଙ୍କୁ ଚମତ୍କୃତ କରି ରାଜେନ୍ଦ୍ର ବାବୁଙ୍କର ଅଭିବାଦନ ଗ୍ରହଣ କରିବା ସୀମାର କର୍ତ୍ତବ୍ୟ । ···ମୁକୁନ୍ଦବାବୁଙ୍କୁ କହି ସୀମା ବାହାରିକୁ ଆସିଲା ।

—ଧାଡ଼ି ଧାଡ଼ି ଆମ୍ବଗଛ । ପାଖରେ ବହିଯାଉଛି ଲାସ୍ୟମୟୀ ସାଲନ୍ଦୀ ନଦୀ । ସଭ୍ୟତାର ପିରାମିଡ୍ ପରି ଆଗରେ ଠିଆ ହୋଇଛି ବିଜ୍ଞାନ ମନ୍ଦିର । ତାହାରି କଡ଼ରେ ମୁକ୍ତାଗଡ଼ ବିଜ୍ଞାନ କଲେଜ । ସବୁ ଆଡ଼କୁ ଥରେ ଆଖି ବୁଲାଇ ଦେଇ ସୀମା କଲେଜ ଭିତରକୁ ପଶିଲା, କିନ୍ତୁ ଏ କି ଆଶ୍ଚର୍ଯ୍ୟ କଥା ! ଆଜି ସମସ୍ତେ ତା' ଆଡ଼କୁ ଏମିତି ତାଚ୍ଛଲ୍ୟ ଦୃଷ୍ଟିରେ ଚାହୁଁଛନ୍ତି କାହିଁକି ? ବିଦ୍ରୂପ ଛଳରେ ଏଣୁ ତେଣୁ କହୁଛନ୍ତି କାହିଁକି ? କ'ଣ ସେ କିଛି ଭୁଲ କରିଛି···? ସୀମାକୁ ସବୁ ବିଷୟ ଜାଣିବାକୁ ବେଶି ସମୟ ଲାଗିଲା ନାହିଁ । ଗତକାଲି ଅଭିନୟ ବେଳେ···ସେ ଅଲକ୍ଷ୍ୟରେ କେତେବେଳେ

ରାଜେନ୍ଦ୍ର ଆଡ଼େ ଢଳି ପଡ଼ିଥିଲା । ସେ କଥା ତା'ର ମନରେ ନାହିଁ, ହେଲେ ଏଇ ବିଂଶ ଶତାବ୍ଦୀର ଦର୍ଶକମାନେ ମନରେ ରଖିଛନ୍ତି । ଏମାନେ ବଡ଼ ସତର୍କ···ବଡ଼ ସନ୍ଦେହୀ··· ।

ଗୃହଆଡୁ ନାନାପ୍ରକାର ଅଭିବ୍ୟକ୍ତି ଶୁଣି ଶୁଣି ସୀମାର କାନରୁ ଅତଡ଼ା ଖସିଲା । ମନରେ ସେ ଚିନ୍ତାକଲା···"ଏଇ ରାଜେନ୍ଦ୍ର ବାବୁହିଁ ସବୁ ବିଶୃଙ୍ଖଳାର ମୂଳ କାରଣ, ତାଙ୍କ ପାଇଁ ଯଦି ତା'ର ଦୁର୍ବଳତା ବଢ଼ି ନ ଥାନ୍ତା, ତେବେ ତାକୁ ଆଜି ଏମିତି ଅପମାନ ସହିବାକୁ ପଡ଼ି ନ ଥାନ୍ତା ।"···କାନ ପାତି ସୀମା ସବୁ ଶୁଣି ନେଲା···ଦେହପାତି ସବୁ ସହି ନେଲା । କୁହନ୍ତି··· କହିବା ଲୋକ ତ ବଡ଼ ନୁହେଁ, ସହିବା ଲୋକ ବଡ଼ ।

ଗୁହୁଁ ଗୁହୁଁ ସନ୍ଧ୍ୟା ହୋଇ ଆସିଲା । ସାଂସ୍କୃତିକ ଉତ୍ସବର କାର୍ଯ୍ୟକ୍ରମ ଆଗେଇ ଚାଲିଲା । ଓଡ଼ିଶାର ଜଣେ ବରିଷ୍ଠ ରାଜନୈତିକ କ୍ଷେତ୍ରବାସୀ ସପୁ ଆଜିକାର ପ୍ରଧାନ ଅତିଥି ।

ସୀମା ସିନ୍ ପଛ ପାଖରେ ଠିଆ ହୋଇ ସମୟକୁ ଅପେକ୍ଷା କରିଥାଏ । ବକ୍ତାଙ୍କର ଭାଷଣ ପରେ ତା'ର ନୃତ୍ୟ ପରିବେଷଣ କରିବାର କଥା, ଠିକ୍ ଖାଣ୍ଟି ଓଡ଼ିଆଣୀର ବେଶ ସେ ଆଜି ସାଜିଛି । ଆଖିରେ ଗାଢ଼ କଜ୍ଜଳ, ପାଟିରେ ନାଲି, ନଖରେ କୁଙ୍କୁମ, ନାକରେ ଦଣ୍ଡି ଗୁଣା, ଉଃ···ନିପଟ ମଫସଲ ଓଡ଼ିଆଣୀ ସେ ଆଜି । କାଲିର ଡେସ୍‌ଡ଼ିମୋନାକୁ ଯେ ଦେଖିଛି ସେ ଆଜି ଏ ଓଡ଼ିଆଣୀକୁ ଦେଖି ଭାବିବ···ସୀମା କୁହୁକ ଜାଣେ । ମନ୍ତ୍ରର ଫୁଲ ଶୁଙ୍ଘି ଦେହ ତା'ର ସେ ବଦଳାଇ ପାରୁଛି ।

ସତରେ ମୁଁ···ଏକଥା କିଏ ନ ଭାବିବ ? ନାଇଲନ୍ ଶାଢ଼ୀ ପିନ୍ଧା ଝିଅ ଯେ ଦିନେ ଗାଁ କେଉଟୁଣୀ ବେଶ ହେବ ଏକଥା କିଏ

ବିଶ୍ୱାସ କରିବ ? କିନ୍ତୁ ଆଶ୍ଚର୍ଯ୍ୟ ହେବାର କାରଣ ନାହିଁ । ଓଡ଼ିଆ ଜାତିର କାନ୍ତି ଖୁଣ୍ଟୁଛି । ଦିନ ଆସିବ ସହରରୁ ମଫସଲ ଯାଏ ସମସ୍ତ ଶିକ୍ଷିତ···ଶିକ୍ଷିତା ହେବେ, ନାଇଲନ୍ ଶାଢ଼ୀ···ଗାର୍ଡ଼ିନ୍ ଫୁଲପ୍ୟାଣ୍ଟ ପିନ୍ଧିବେ, କିନ୍ତୁ ଏଇ ସମସ୍ତ ଓଡ଼ିଆ ଓଡ଼ିଆଣୀ ବେଶି ରହିଯିବ କେବଳ କଳା ହୋଇ, ବିଗତ ସଂସ୍କୃତିକୁ ମନରେ କିଛି କଳା ପ୍ରଦର୍ଶନ କରିବାବେଳେ···ନର୍ତ୍ତକୀ ବା ଅଭିନେତ୍ରୀ ସାଜିବା ବେଳେ ସେ ହେବ ଓଡ଼ିଆଣୀ ବା ଓଡ଼ିଆ···ଗ୍ରୁପ୍ ।

ସୀମା ଏକ ଦୃଷ୍ଟିରେ ବକ୍ତାଙ୍କର ମୁହଁକୁ ଚାହିଁଛି, ହଠାତ୍ ବାଁ ହାତଟାକୁ ଖୁବ୍ ଜୋରରେ ଝିଙ୍କିଦେଇ ଗଜେନ୍ଦ୍ର କହିଲା 'ସୀମା' ।

ସୀମା କାହାଠାରୁ ଏମିତି ଅଶୋଭନ ବ୍ୟବହାର ଆଶା କରି ନ ଥିଲା । ସେ ଏମିତି ଡରି ଯାଇଥିଲା ଯେ, ରଙ୍ଗମଞ୍ଚର ବାଉଁଶ ଖୁଣ୍ଟଟିକୁ ଧରି ନ ପକାଇଥିଲେ ଭୂଇଁ ଉପରେ କଚଡ଼ି ହୋଇ ପଡ଼ିଥାନ୍ତା । ଅନ୍ଧାର ଭିତରେ ସେ କାହାକୁ ଚିହ୍ନିବା ପୂର୍ବରୁ ତା'ର ପାଟିରୁ ଅଜଣାରେ ବାହାରି ଆସିଲା "ଅଭଦ୍ରଙ୍କ ପରି···।" ଆଉ କିଛି କହିବାକୁ ସୀମା ସମୟ ପାଇ ନାହିଁ । ଗଜେନ୍ଦ୍ରର ଗୋଟାଏ ବଜ୍ରମୁଷ୍ଟି ଆସି ବସିଲା ସୀମାର ଆରକ୍ତିମ ଦେହରେ । ସୀମାର ଆଖିରୁ ଜୁଳୁଜୁଳିଆ ପୋକ ବାହାରି ଆସିଲା । ଆଖିରୁ ଛୁଟିଆସିଲା ଶ୍ରାବଣର ଧାରା । ଗାଲଟା ମୁହୂର୍ତ୍ତକେ ଅସମ୍ଭବ ରକମ ଫୁଲି ଉଠିଲା । ସୀମା ଚିତ୍କାର କରି କାନ୍ଦିବାକୁ ଲାଗିଲା । ଛାତ୍ର, ପ୍ରଫେସରମାନେ ସେ ସ୍ଥାନରେ ଜମାହୋଇ ପଡ଼ିଲେ । ସୀମା ଭାବିଥିଲା ତା'ର ପାଟିକୁ ଭୟକରି ଗଜେନ୍ଦ୍ର ଦୌଡ଼ି ପଳାଇଯିବ, କିନ୍ତୁ ଆଶ୍ଚର୍ଯ୍ୟର କଥା, ସପ୍ତରଥୀର ବ୍ୟୂହ ଦେଶରେ ଖାର

ଅଭିମନ୍ୟୁ ପରି ସହସ୍ର ଦର୍ଶକ, ଛାତ୍ର, ପ୍ରଫେସରଙ୍କ ମଧ୍ୟରେ ରାଜେନ୍ଦ୍ର ଠିଆ ହୋଇଥିଲା ଗୋଟିଏ ନିର୍ଭୀକ···ଶାନ୍ତ···ଶିଷ୍ଟ ମଣିଷ ପରି ।

ଅଧ୍ୟକ୍ଷ ମହାଶୟ ସୀମାଙ୍କୁ ରୁମ୍ କରେଇ ଦେଇ ରାଜେନ୍ଦ୍ରକୁ ଘଣ୍ଟାଘାଣ୍ଟା ପଚାରିଲେ । ସେ କହିଲା···"ଆପଣ ତ ଦେଖୁଥିବେ ସାର୍···ସାଂସ୍କୃତିକ ଉତ୍ସବର ସମସ୍ତ କାମ କେବଳ ମୋତେହିଁ ଏକୁଟିଆ କରିବାକୁ ପଡ଼ୁଛି । ଆଜି ସକାଳୁ ଏ ଯାଏ ମୋ ପେଟକୁ ପାଣି ଯାଇ ନାହିଁ, ଏ କାମ କରି କରି । ଟିକେ ଜଳଖିଆ ଖାଇ ନେବି ବୋଲି···କମନ୍ ରୁମ୍‌କୁ ଯାଇ ଦେଖେ ତ···ସୀମାର ଘୁଙ୍ଗୁର ହଳଟି ସେଠି ପଡ଼ିଛି । ହଠାତ୍ ମୋର ଖିଆଲ ପଡ଼ିଲା···ବକ୍ତୃତା ପରେ ତା'ର ନୃତ୍ୟ ପରିବେଷଣ କରିବା କଥା । ବେଶ ହୋଇ ସାରିଛି ହେଲେ ପ୍ରାୟ ଘୁଙ୍ଗୁର ପିନ୍ଧିବାକୁ ମନରେ ନାହିଁ । ତେଣୁ ତରତରରେ ସେଇଟିକୁ ଆଣି ତାକୁ ଦେବାକୁ ବସିଲି ବେଳକୁ ସେ ମୋତେ କହୁଛି···"ମୁଁ ଅଭିପ୍ରାଙ୍କ ପରି ଘୁଙ୍ଗୁର ହଳଟାକୁ ଆଣିଛୁ । ମୋତେ ଭାରି ରାଗ ଲାଗିଲା ସାର୍ । ମୁଁ ତାକୁ ମାରିଲି ।"

ଅଧ୍ୟକ୍ଷ କିଛି ନ କହି ପୁଣି ଫେରିଗଲେ । ସେ ଜାଣିଲେ··· ରାଜେନ୍ଦ୍ରର ଦୋଷ ନାହିଁ । ଦୋଷ ଥିଲେ ବି ସେ କିଛି କହିପାରି ନ ଥାନ୍ତେ, କାରଣ ରାଜେନ୍ଦ୍ର ଛାତ୍ର ହେଲେ ବି ତା'ର ସମର୍ଥକ ବେଶି । ଆଜି କିଛି କହିବେ ତ କାଲିକୁ ଗୋଟାଏ ବିରାଟ ହରତାଳ ଦିବସ ପାଳିତ ହୋଇଥିବ । ଅନ୍ୟାନ୍ୟ ପ୍ରଫେସରମାନେ ଓଲଟି କହିଲେ, "ସୀମା ! ତୁମର ଏମିତି କହିବା ନ ଥିଲା । ସେ ତ ତୁମକୁ କିଛି ଖରାପ କଥା କହିନ ?"

ସୀମା ପାଦକୁ ଚାହିଁଲା । ସତରେ ତା'ର ଘୁଙ୍ଗୁର ସେ ଖୁଲି ଆସିଥିଲା । ଘୁଙ୍ଗୁର ନ ଥାଇ ସେ ନାଚ କରିଥାନ୍ତା !' ଛି...କ'ଣ କହିଥାନ୍ତେ ଲୋକମାନେ ?

ସୀମାର ମନ କିନ୍ତୁ ବିଦ୍ରୋହ କରି ଉଠିଲା । ରାଜେନ୍ଦ୍ର ବିରୁଦ୍ଧରେ ନୁହେଁ,...ସମଗ୍ର ନପୁଂସକ ଶିକ୍ଷକ ଗୋଷ୍ଠୀ ବିରୁଦ୍ଧରେ । ସାମାନ୍ୟ ଜଣେ ଛାତ୍ର ବିଷୟରେ ଭଲ ମନ୍ଦ ଦୁଇପଦ କହିବାକୁ ଯେଉଁମାନଙ୍କର ନୈତିକ ବଳ ନାହିଁ, ସେମାନେ ଅବା କି ଶିକ୍ଷା ଦେବେ ସମାଜକୁ ? ଏଇମାନଙ୍କ ଉପରେ ପୁଣି ଆଗାମୀ...ସମାଜ ସଭ୍ୟତା ନିର୍ଭର କରିବ । ସୀମା ଗୋଟିଏ ବାତ୍ୟାବିକ୍ଷୋଭିତ ଧୂଳିକଣା ପରି ମଞ୍ଚ ଉପରୁ ତଳକୁ ଓହ୍ଲାଇ ଆସିଲା । ପ୍ରଫେସର-ମାନେ ସନ୍ଦେହାନ ଆଖି ତୋଳି ତା ଆଡ଼କୁ ଚାହିଁଲେ, କିନ୍ତୁ କେହି ତାକୁ ନୃତ୍ୟ କରିବାକୁ ଅନୁରୋଧ କରିପାରିଲେ ନାହିଁ ।

ବେକର ଗଜରା ଫୁଲର ହାରଟିକୁ ସୀମା ରାଗରେ ଛିଡ଼ାଇ ତଳେ ଫିଙ୍ଗିଦେଲା । କଳାବେଣୀର କଡ଼େ କଡ଼େ ଖୋଷା ଯାଇଥିବା କୃଷ୍ଣଚୂଡ଼ାର ସ୍ତବକକୁ ଟିକି ଟିକି କରି ଛିଡ଼ାଇ ଗୋଡ଼ରେ ଦଳିଦେଲା । ଲଜ୍ଜା ଓ ଅପମାନରେ ତା'ର ମୁହଁ ରଙ୍ଗା ପଡ଼ି ଆସିଲା । ସେ କାହାରି ଆଡ଼କୁ ନ ଚାହିଁ...ବେଶ ଖୋଲି ପକାଇ ସିଧା ଚାଲିଲା କମନ୍‌ରୁମ୍ ଆଡ଼କୁ ।

ରାଜେନ୍ଦ୍ର ସଭା ମଞ୍ଚ ପାଖରେ ଠିଆହୋଇ ସବୁ ଲକ୍ଷ୍ୟ କରୁ-ଥିଲା । ହୁଏତ କ'ଣ କହିବ ବୋଲି ଚେଷ୍ଟା କରୁଥିଲା । କିନ୍ତୁ କହି ପାରିଲା ନାହିଁ । ଠିକେ ସମୟ ପୁଣି ଚନ୍ଦ୍ରାକର ରାଜେନ୍ଦ୍ର ମୁହାଁଇଲା କମନ୍‌ରୁମ୍ ଆଡ଼େ ।

ଏକ ପାଖରେ ଡାକବାକ ଯନ୍ତ୍ରରୁ ଝରି ପଡ଼ୁଛି ବକ୍ତାଙ୍କର ଗୁରୁଗମ୍ଭୀର ସ୍ୱର । ଅନ୍ୟ ଦିଗରେ ନିରୋଳା କମନ୍‌ରୁମ୍‌ ଦେହରେ ଆହତା ସୀମା ଓ ଶିକାରୀ ରାଜେନ୍ଦ୍ର ।

ରାଜେନ୍ଦ୍ର କହିଲା···"କଲେଜର ଇଜ୍ଜତ ଦୃଷ୍ଟିରୁ ତୁମେ ବେଶ ଖୋଲ ନାହିଁ ସୀମା···କଲେଜକୁ ଅପମାନ ହେବ । ମୋର ମାଡ଼ ଯୋଗୁ ଯେବେ ତୁମେ ଅପମାନିତା ହୋଇଥାଅ ତେବେ ତୁମେ ଏକା ଅପମାନିତ ହୋଇଛ । କିନ୍ତୁ ତୁମେ ନୃତ୍ୟ ପରିବେଷଣ ନ କଲେ ସମଗ୍ର କଲେଜ ଅପମାନିତ ହେବ । ଦର୍ଶକମାନେ କହିବେ···ବିଚିତ୍ରାନୁଷ୍ଠାନ ଅଛି ବୋଲି ପ୍ରଚାର କରି ନ ଦେଖେଇବା, କେବଳ ଦର୍ଶକଙ୍କୁ ଠକିବାର ଚାଲବାଜି ।"

ସୀମା ଆହୁରି ଆହତା ହେଲା । ରାଗରେ ଘୁଙ୍ଗୁର ଗୁଡ଼ାକୁ ତଳେ କଚାଡ଼ି ଦେଇ କହିଲା···"ଦେହ ଛୁଇଁ ଚାପୁଡ଼ା ମାରି ତ ମନସାଧ ମେଣ୍ଟାଇଛ, ଆଉ ଅଧିକା କ'ଣ ଚାହଁ ? ମୋର ଇଜ୍ଜତ୍‌ ?"

"ସୀମା"··· ! ରାଜେନ୍ଦ୍ର ଚିତ୍‌କାର କରି ଉଠିଲା ।

ସୀମା ଆହୁରି ପାଟିକରି କହିଲା···"ମୁଁ ଡରିଯିବା ଝିଅ ନୁହେଁ ରାଜେନ୍ଦ୍ରବାବୁ, ମୁଁ ବିଖ୍ୟାତ ଓକିଲ ମୁକୁନ୍ଦ ରାମୁଙ୍କର ଝିଅ । ତୁମ ପରି ବେକାର ନେତାଙ୍କୁ ସିନା ପ୍ରିନ୍‌ସିପାଲ ଡରିବେ ହେଲେ ମୁଁ ନୁହେଁ ।"

ରାଜେନ୍ଦ୍ର ଜୀବନରେ କେବେ ଏତେବଡ଼ ଆଘାତ ସହି ନ ଥିଲା । ସେ ଗୋଟାଏ ପଶୁପରି ସୀମା ପାଖକୁ ଧାଇଁ ଯାଇ ଗୋଟାଏ କାମୁଡ଼ା କୁକୁର ପରି ଝାମ୍ପ ଦେବାକୁ ବସିଲା । ଏଥର

ସୀମା କେବଳ ନିଜକୁ ରକ୍ଷା କରିବାକୁ ଗୁଡ଼ ଫଟେଇ ପାଟିକରି ଉଠିଲା···"ରାଜେନ୍ଦ୍ର ବାବୁ ।"

ସୀମାର ଏ ଚିତ୍କାର ସଭାମଞ୍ଚରେ ମଧ୍ୟ ଶୀହରଣ ଖେଳାଇଲା । ଦର୍ଶକବୃନ୍ଦ ସଭାମଞ୍ଚ ଛାଡ଼ି କମନ୍ ରୁମ୍ ଆଡ଼କୁ ଧାଇଁଲେ । ମୁହୂର୍ତ୍ତିକ ମଧ୍ୟରେ କମନ୍ ରୁମ୍ ଲୋକାରଣ୍ୟ ହୋଇଗଲା । ସମସ୍ତଙ୍କ ମୁହଁରେ କେବଳ ଗୋଟିଏ କଥା "କଥା କ'ଣ ?"

ଅଧ୍ୟକ୍ଷ ମହାଶୟ ମଧ୍ୟ ଭିଡ଼ ଠେଲି କମନ୍ ରୁମ୍ ଭିତରକୁ ପଶିଗଲେ । ସୀମା ଆଖିପିଛୁଡ଼ାକେ ତାଙ୍କର ବେକ ଉପରେ ଓହଳି ପଡ଼ି କହିଲା···ରାଜେନ୍ଦ୍ର ମୋର ଇଜ୍ଜତ୍ ନେବାକୁ ଚେଷ୍ଟା କରୁଛି ସାର୍ ! ମୋତେ ରକ୍ଷା କରନ୍ତୁ । ଅଧ୍ୟକ୍ଷ ହତବାକ୍ ହୋଇ ଚାହିଁଲେ ରାଜେନ୍ଦ୍ର ଆଡ଼େ । ରାଜେନ୍ଦ୍ର ମୂକ···ବଧୀର··· ଅଥର୍ବ ପରି ଠିଆ ହୋଇଥିଲା କାନ୍ଥକୁ ଆଉଜି ।

କେତେ ଜଣ ଗୁରୁ ଓ ପ୍ରଫେସର ସାଥେ ସାଥେ ଭଲେଣ୍ଟିଅର ସାଜି ଲୋକମାନଙ୍କୁ ଘଉଡ଼ି ଦେବାକୁ ଚେଷ୍ଟା କଲେ । ସଭା ମଞ୍ଚକୁ ଫେରି ଯିବାକୁ ଅନୁରୋଧ କଲେ । ଲୋକମାନେ ବହୁକଷ୍ଟରେ ଫେରୁଥିଲେ । କିନ୍ତୁ ଆଉ ସଭାର ଶୃଙ୍ଖଳା ରହିପାରିଲା ନାହିଁ ।

ଉପସ୍ଥିତ ଲୋକମାନଙ୍କର ଗୋଟାଏ ଧାରଣା ହେଲା "ଝିଅ-ମାନଙ୍କୁ ପାଠ ପଢ଼ାଇବା ବିପଦ···ଚୁଲି ଭଲ ତ ନାଶ ଭଲ ।"

ଯାହାହେଉ, ସେ ଦିନକାର ଅଧିବେଶନ ସରିଲା ଲୋକମାନେ ଯେ ଯାହା ଘରକୁ ଫେରିଥିଲେ । କିନ୍ତୁ ଏ ଖବରଟି

ସଭାମଣ୍ଡପଠାରୁ ପାନ ଦୋକାନ ଯାଏ, ସୁଖୀ ସାମ୍ବାଦିକମାନଙ୍କ ଠାରୁ କରି ଭୁଆସୁଣୀଙ୍କ ଯାଏ ବେଶ୍ ଖାଦ୍ୟ ଯୋଗାଇଦେଲା । ଲୋକମାନେ କଥାଟାକୁ ଅତି ସାଧାରଣ ଭାବରେ ଗ୍ରହଣ କରି କହିଲେ…ହଁ…ଏବେ ଏମିତି କୋଉଠି ହଉନାହିଁ । ଏ ଯୁଗ ତ ଏଇଆ ।"

ଏଣେ ସୀମାଙ୍କୁ ଅଧ୍ୟକ୍ଷ ମହାଶୟ କେତେଜଣ ପ୍ରଫେସରଙ୍କ ସାଥିରେ ତାଙ୍କ ଘରକୁ ପଠାଇ ଦେଲେ । ସୀମା ଗୋଟାଏ ଘାଇଲା ଯୁଦ୍ଧ ଫେରନ୍ତା ସୈନିକ ପରି ରାଗରେ ଜଳି ଯାଉଥିଲେ । ସତେ ଯେମିତି ରାଜେନ୍ଦ୍ରକୁ ପାଇଲେ ସେ ଜାଆଁଣି ଯାକି ଗ୍ରାସ କରିଯିବ ।

ରିକ୍ସାଯାଇ ଫାଟକ ପାଖରେ ଲାଗିଲା । ସୀମା ଡମ୍ ଡମ୍ ହୋଇ ରିକ୍ସାରୁ ଓହ୍ଲାଇ ଘର ଭିତରକୁ ପଶିଗଲା । ମୁକୁନ୍ଦବାବୁ ସେ ପର୍ଯ୍ୟନ୍ତ ଝିଅକୁ ଅପେକ୍ଷା କରି ଖାଇ ନ ଥିଲେ । ସୀମାକୁ ଦେଖି ତାଙ୍କର ଆଖି ଉଜ୍ଜ୍ୱଳ ହୋଇ ଉଠିଲା । କହିଲେ… "ଆଜି କ'ଣ ସହଳ ପଳାଇ ଆସିଲୁ ମାଆ ? କ'ଣ ଚଞ୍ଚଳ ସଭା ସରିଗଲା ?"

ସୀମା ଦୋମହଲା ଉପରକୁ ଉଠି ଯାଉ ଯାଉ ଅନ୍ୟମନସ୍କ ଭାବେ କହିଲା…"ହଁ ।"

ଝିଅର ଚାଲିଚଳନ ଓ ଖାମଖିଆଲିଆ ଉତ୍ତର ଶୁଣି ମୁକୁନ୍ଦ ବାବୁ ଜାଣିଲେ, ନିଶ୍ଚୟ କିଛି ଅସୁବିଧା ହୋଇଛି । ନ ହେଲେ ସୀମା ତ ଏମିତି ଆଡ଼େଇ ଚାଲିଯିବା ଝିଅ ନୁହେଁ । ଯେଉଁଆଡ଼େ ଯାଇଥିଲେ ମଧ୍ୟ ଫେରିଆସି ଆଗ ବାପା କଥା ବୁଝେ, ତା'ପର

ଯେଉଁ କାମ; କିନ୍ତୁ ଆଜ କାହିଁକି ତାର ମନ ବିରସ । ମୁକୁନ୍ଦବାବୁ ମନକୁ ମନ କ'ଣ ଚିନ୍ତାକରି ସୀମାର ପଛେ ପଛେ ଉପର ମହଲକୁ ଉଠିଗଲେ । ସୀମା ତଥାପି ମୁହଁ ବୁଲାଇ ବାପାଙ୍କ ଆଡ଼କୁ ଟିକେ ହେଲେ ଗୃହିଁଲା ନାହିଁ ।

ଲୁଗା ନ ବଦଳାଇ ସୀମା ସେମିତି ନଥିକରି ଖଟଟି ଉପରେ ଗଡ଼ି ପଡ଼ିଲା । ତକିଆଟାକୁ ମଧ୍ୟ ସଜାଡ଼ି ଶୋଇବାକୁ ତାକୁ ବେଳ ସହିଲା ନାହିଁ । ମନରେ ତା'ର ପ୍ରତିହିଂସାର ଜୁଆର ଫୁଆର କାଟି ଛୁଟିଯାଉଥିଲା କେଉଁ ଅସୀମ ଗଗନର ଅନନ୍ତ ସୀମାରେଖା ଆଡ଼େ ।

ମୁକୁନ୍ଦବାବୁ ଘର ଭିତରକୁ ଧୀରେ ପଶିଯାଇ କହିଲେ, "କ'ଣ ହେଇଛି ମାଆ, ଖାଇଲୁ ନାହିଁ ଶୋଇବାକୁ ପଳାଇ ଆସିଲୁ ଯେ ।"

ସୀମା କହିଲା "ନାଇଁ ବାପା ମୁଁ ଆଜ ଖାଇବି ନାହିଁ । ମୋ ଦେହ ଭଲ ନାହିଁ, ଆପଣ ଯାଆନ୍ତୁ ଖାଇନେବେ ।" ମୁକୁନ୍ଦବାବୁ ଜାଣନ୍ତି, ଯେତେ ଦୁଃଖ ହୋଇଥିଲେ ମଧ୍ୟ ସୀମା ତାଙ୍କ ପାଖରେ କିଛି କହିବାକୁ ଭଲ ପାଏନି । କାରଣ ସେ ଜାଣେ, ତା'ର ଦୁଃଖ ଶୁଣିଲେ ବୁଢ଼ା ମୁକୁନ୍ଦବାବୁ ନିଶ୍ଚୟ ବ୍ୟସ୍ତ ହେବେ, ତାଙ୍କର ଖାଇବା ପିଇବା ମଧ୍ୟ ସେ ବିଲ୍‌କୁଲ ଭୁଲିଯିବେ । ତଥାପି, ସୀମା ତ ତାଙ୍କର ଏକଇରବଲା ବଣିଟକେଶନ । ତାକୁ ସେ ଏମିତି ଅବସ୍ଥାରେ ଦେଖି ଗୁଡ଼ିଯିବେ କେମିତି ? ମୁକୁନ୍ଦବାବୁ କହିଲେ "ନାଇଁ ମା' ତୋର ବାପାକୁ ତୁ ଠକି ପାରିବୁ ନାହିଁ । କହ ତୋର କ'ଣ ହେଇଛି, ନ ହେଲେ ମୁଁ ଏଇଠି ଏମିତି ବସିଲି ।"

ସୀମା ଦେଖିଲା...ଅସଲ କଥା ନ କହିଲେ ବାପା ମୋତେ ଛାଡ଼ିବେ ନାହିଁ । ବୁଢ଼ା ହେଲେ ମଧ୍ୟ ସେ ବି କମ୍ ଏକଜିଦିଆ ନୁହନ୍ତି । ତଥାପି କଥାର ମୋଡ଼ ବୁଲାଇ କହିଲା "ତୁମେ ଗଲ ବାପା ଚଞ୍ଚଳ ଶୋଇ ପଡ଼ିବ ।" ମୁକୁନ୍ଦବାବୁ କହିଲେ "ଅସଲ କଥା ନ କହି ତୁ ଏ ବୁଢ଼ାଟାକୁ ଏମିତି ବ୍ୟସ୍ତ କରୁଛୁ କାହିଁକି ? ତୋତେ ମୁଁ ଟେହ୍ଲା କଲି ବୋଲି କ'ଣ ସବୁଦିନ ଏମିତି ମୋ ଉପରେ ଅତ୍ୟାଚାର କରୁଥିବୁ ? ତୋର ହାନି ଲାଭ ଭଲମନ୍ଦରୁ ଦୂରେଇ ରଖିଥିବୁ ?"

ମୁକୁନ୍ଦବାବୁଙ୍କର ପିଲାଳିଆ ଯୁକ୍ତିରେ ସୀମା ଚହଙ୍କି ଉଠିଲା । "କ'ଣ କହୁଛନ୍ତି ବାପା...! ମୁଁ କ'ଣ ସତରେ ତାଙ୍କୁ ଲୁଚାଇ କଷ୍ଟ କରିଯିବାକୁ ଚାହେଁ ? ନା...ନା...ସବୁକଥା ଖୋଲି କହିବ...ତେଣିକି ସେ ପଛେ ଯାହା ଭାବନ୍ତୁ ।"

ସୀମା ପୁଣି ଗଳା ଖଙ୍କାରି କହିଲା..."ବେଶ୍, ତୁମେ ଯଦି ଝିଅ ଦୁଃଖ ଶୁଣି ସବୁ ସହିପାରିବ, ତେବେ ଶୁଣ । ହେଲେ ମୋଟା ମୋଟି ଜାଣିରଖ, ତୁମର ଅତି ଟେହ୍ଲାବସର ଲାଡୁଣୀ ପିଲା ସୀମା ଆଜି ସାମାନ୍ୟ ଜଣେ କଲେଜ ପିଲାଠାରୁ ମାଡ଼ ଖାଇଛି ।"

ମୁକୁନ୍ଦବାବୁ ଉତ୍ତେଜନାରେ ଉଠି ପଡ଼ୁ ପଡ଼ୁ କହିଲେ—ଏ କ'ଣ କହୁଛୁ ସୀମା ? ତୋତେ ମାରିଲା, କିଏ ମାରିଲା ? କାହିଁକି ମାରିଲା ? କହ...ମୁଁ ବର୍ତ୍ତମାନ କଲେଜକୁ ଯିବି । ଦେଖିବି ମୁକୁନ୍ଦ ରାୟଙ୍କର ଆଗରେ ଠିଆ ହେବାପାଇଁ କେଉଁ ପୁଅ ଏ ସହରରେ ଜନ୍ମ ହୋଇଛି ।"

ସୀମା କହିଲା "ତୁମେ ବ୍ୟସ୍ତ ହୁଅନି ବାପା । ସବୁକଥା ଶୁଣ, ତାହାପରେ ଯାହା କରିବ । ତୁମେ କଲେଜ ପରିଚାଳକ

ବୋର୍ଡର ସଭାପତି । ତେଣୁ ତୁମକୁ କଷ୍ଟ କରିବାକୁ ଅସୁବିଧା ହେବ ନାହିଁ ମୁଁ ଜାଣେ । ତଥାପି କଥାଟାକୁ ପୂରା ଶୁଣି ନିଅ । ତାହାପରେ ଯାହା କରିବ ।

"ମୁକୁନ୍ଦବାବୁ ଚେୟାରରୁ ଉଠିଯାଇ ସୀମାର ବିଛଣା ଉପରେ ବସିଲେ । ତା'ର ଗୋଲ ମୁହଁଟିରେ ହାତ ମାରୁ ମାରୁ ତାଙ୍କର ଆଖିରୁ ଲୁହ ଗଡ଼ି ଆସିଲା । ସୀମାର ଡାହାଣ ଗାଲ ଦେହରେ ପାଞ୍ଚଆଙ୍ଗୁଳିର ଚିହ୍ନ ବସିଛି । ମୁହଁଟା ଲାଲ ଦିଶୁଛି । ଯେତେ ଅବା ରକ୍ତ ପିଚିକି ପଡ଼ିବ । ଅଧୀର ହୋଇ ମୁକୁନ୍ଦବାବୁ କହିଲେ…"ମୁକୁନ୍ଦ ରାୟ ଶହେ'ଟା କେସ୍‌ରେ ହାର୍ ମାନିଥିଲେ ତାକୁ ଯେତେ ଦୁଃଖ ଲାଗି ନ ଥାନ୍ତା, ଆଜି ସେ ସେତେ ଦୁଃଖ ଅନୁଭବ କରୁଛି ମାଆ । କହ କହ…ତୋତେ କିଏ ମାରିଲା ?"

କାନ୍ଦି ଉଠୁ ଉଠୁ ନିଜ କଥା କହିବା ପାଇଁ ଉଦ୍ୟତ ହେଉଥିଲା ସୀମା । ମନ ଭିତରେ ଯନ୍ତ୍ରଣା, ଦେହରେ ଆଘାତ । ଏ ସବୁ ମିଳିତ ହୋଇ ଉତ୍ତେଜିତ କରୁଥିଲା ସୀମାକୁ । ପରମୁହୂର୍ତ୍ତରେ ସେ ସଚେତନ ହୋଇ ଉଠୁଥିଲା ନିଜେ । ବୃଦ୍ଧ ବାପା ଘଟଣା ଶୁଣିଲେ ବ୍ୟସ୍ତ ହେବେ, ବିବ୍ରତ ହେବେ । ତା ହେଲେ……

କିନ୍ତୁ ସଂପୂର୍ଣ୍ଣ ଘଟଣାଟି ଶୁଣିବା ଲାଗି ବ୍ୟସ୍ତ ହୋଇ ଉଠୁଥିଲେ ମୁକୁନ୍ଦ ରାୟ ।

କ'ଣ କରିବ ସୀମା ?

ପରିସ୍ଥିତିର ଦୁଇପାରେ ଭାଙ୍ଗି ପଡ଼ୁଥିଲା ସେ । ଗୋଟାଏ ପାଖରେ ମାନ, ଇଜ୍ଜତ, ଆତ୍ମାଭିମାନ । ଅନ୍ୟ ଦିଗରେ ବୃଦ୍ଧ ପିତା ମୁକୁନ୍ଦ ରାୟ ।

ତଥାପି ମନର ବେଦନା ବାପାଙ୍କ ନିକଟରେ କହିବ ବୋଲି ସ୍ଥିର କଲା ସୀମା ।

ଆଖିରୁ ତା'ର ଝରୁଥିଲା ଶ୍ରାବଣର ଧାରା, ଏ ଧାରା ଆହତ ଅଭିମାନର ।

ପରିସ୍ଥିତିକୁ ଭୁଲିଲା ସେ ।

ଆରମ୍ଭ କଲା ତାହାର କାହାଣୀ । କାହାଣୀ ଶେଷ ପରେ ସୀମା ଦେଖିଲା ବାପା ଥରୁଛନ୍ତି । ତାଙ୍କର ଦେହରୁ ସତେ ଯେମିତି ପ୍ରତିହିଂସାର ବହ୍ନି ଝରି ପଡ଼ୁଛି, ଆଖିରୁ ତାଙ୍କର ବହି ଆସୁଛି ଧାରା ଶ୍ରାବଣର ଅବାରିତ ଜଳରାଶି । ସୀମା ଆଉ କିଛି କହିବା ଆଗରୁ ମୁକୁନ୍ଦବାବୁ ବାଡ଼ି ଠକ୍ ଠକ୍ କରି ଓହ୍ଲାଇ ଆସିଲେ ତଳ ଘରକୁ । ସୀମା ମୁହଁ ମାଡ଼ି କଲେଜ କଥା ଚିନ୍ତା କରିବାକୁ ଲାଗିଲା ।

ରାତିଟା ସାରା ଆଉ ଶୋଇ ନାହାନ୍ତି ମୁକୁନ୍ଦ ରାୟ । ବ୍ୟଥିତ ବିବ୍ରତ ହେଉଛନ୍ତି ସେ । ସାମାନ୍ୟ ଜଣେ କଲେଜ ଗୁଣ୍ଡ ସୀମାକୁ ମାରିଛି । କମ୍ କଥା ନୁହେଁ । ଜୀବନଠାରୁ ସେ ଅଧିକ ଭଲ ପାଆନ୍ତି ସୀମାକୁ । କିନ୍ତୁ···

ନାଁ ।······ପ୍ରତିଶୋଧ ନେବାକୁ ହେବ । ଗୁଣ୍ଡଟିକୁ ଉପଯୁକ୍ତ ଶାସ୍ତି ଦେବାକୁ ହେବ । ଥରୁଥିଲେ ବୃଦ୍ଧ ମୁକୁନ୍ଦ ରାୟ । ଜୀବନରେ କ୍ରୋଧ ତାଙ୍କର ଏଇ ମାତ୍ର ପ୍ରଥମ । କେବଳ ସୀମା ପାଇଁ ସେ ସବୁ ଦୁଃଖ ଭୁଲିଛନ୍ତି, ସବୁ ହତାଶାକୁ ବରଣ କରି ନେଇଛନ୍ତି । ସୀମା ତାଙ୍କର ଆଖିର ପିତୁଳା ।

କିନ୍ତୁ·········

ବୁଢ଼ା ମୁକୁନ୍ଦ ରାଏ ଭାବୁଥିଲେ—ଏଇ ରାତିରେ ସେ ଛୁଟି-ଯାଆନ୍ତେ କଲେଜ ପର୍ଯ୍ୟନ୍ତ । ପ୍ରତିଶୋଧ ନିଅନ୍ତେ ଛାତ୍ରଟି ଉପରେ...... ।

ଏମିତି ଯନ୍ତ୍ରଣା ମଧ୍ୟରେ କଟିଗଲା ରାତିଟି ।

ତା' ଆରଦିନ କଲେଜ ବେଳ । ରାଜେନ୍ଦ୍ର ସବୁଦିନ ପରି ଶାନ୍ତ...ସରଳ ମଣିଷଟି ଭଳି କଲେଜକୁ ଆସିଲା । ଆଜି କଲେଜ ବାୟୁମଣ୍ଡଳ ଅଲଗା ପ୍ରକାର । ଅଦ୍ଭୁତ ଜନପ୍ରିୟ ଛାତ୍ର ନେତା ଶ୍ରୀ ରାଜେନ୍ଦ୍ର ମହାପାତ୍ର ବିରୁଦ୍ଧରେ ଦିପଦ ଏଣୁ ତେଣୁ କହିବାକୁ ମଧ୍ୟ ଯେ ନାହିଁ ସେ ସାହସ କରୁଛନ୍ତି । ଛାତ୍ରମାନଙ୍କର ଦୃଢ଼ ଧାରଣା ହୋଇଯାଇଛି ଯେ...ରାଜେନ୍ଦ୍ର ଏକୁଟିଆ ଦେଖି ସୀମା ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା । କେହି କେହି ପତିଆରା ଦେଖାଇ କହୁଛନ୍ତି... "ସତରେ ମୁଁ... ରାଜେନ୍ଦ୍ରର ଉପରଟା ସିନା ବକଧାର୍ମିକ ବେଶ...କିନ୍ତୁ ଭିତରଟା ସେମିତି ନୁହେଁ । ମୁଁ ପରା ଦେଖିଛି...ସୀମାକୁ ଏକୁଟିଆ ଦେଖି ସେ କିମିତି ତୁମ୍ଭକୁ ଆସିଲା, ଆଉ...କ'ଣ କହିବି ସେ କଥା, ଛାଡ଼ । ମୁଁ ଆଖି ବୁଜି ପକାଇଲି ମଁ ।" ଅନ୍ୟମାନେ ତାକୁ ସତ ମଣିଲେ । ବିଶ୍ୱାସ କଲେ ।

ରଜା ବଅସଟା ସେଇଆ । କଞ୍ଚା ମାଂସର ଗନ୍ଧ କଥା ପଡ଼ିଲେ ମନ ଉଚ୍ଚାଟ ହୁଏ । ଦୁଇ ପଦ ଲଗେଇ ଯୋଖେଇ କହିବାକୁ ମନ କାଲୁବାଲୁ ହୁଏ । କଂଚ୍ଚ ମାଂସ ବ୍ୟବସାୟୀମାନେ ତାକୁ ସତ ମଣନ୍ତି...କାନ ପାତି, ମନ ଲଗେଇ ଶୁଣନ୍ତି । କଲେଜ ଜୀବନଟା ଏହି କଞ୍ଚାମାଂସ ଗନ୍ଧର ଗୋଟାଏ ସୋପାନ । ଏଠି

ମନ ଗଢ଼ାଯାଏ...ବୁଦ୍ଧି ଗଢ଼ାଯାଏ...ହେଲେ ବିବେକ ଗଢ଼ା ଯାଏ ନାହିଁ । କଲେଜ ଜୀବନରେ ଏମିତି ଯେ କେତେ ଅଜବ୍ କଥା ଶୁଣିବାକୁ ମିଳେ, ତାହା କହିଲେ ନ ସରେ । ରୂପର ତରଙ୍ଗ ଦେହରେ କଲେଜ ଜୀବନର ମୂଳଦୁଆ ପଡ଼େ । ଢେଉ ଢେଉକା ନେଳଆ ସାଗର ପରି କଲେଜ ଜୀବନରେ ଅସରନ୍ତ ମାଂସଗନ୍ଧର ଢେଉ ଉଠେ । କିଏ କୂଳ ପର୍ଯ୍ୟନ୍ତ ଆସେ ଅବା କିଏ ସେହି ଅନନ୍ତ ସାଗର ଦେହରେ ମିଳାଇଯାଏ । ସେ ଢେଉ ଦେହରୁ ଯିଏ ଅଲଗା ରହିବାକୁ ଚେଷ୍ଟାକରେ, ସେ ହୁଏ ପୁରୁଣା କାଳିଆ, ମାରସିଆ, ଖାପଛଡ଼ା ମଣିଷ । ସାଥୀମାନେ ତା' ଉପରକୁ ନାକ ଟେକନ୍ତି । ଅଠର ଶହ ଶତାବ୍ଦୀର ମଡ଼େଲ୍ ବୋଲି କହନ୍ତି ।

ସତରେ...କଲେଜ ବାରଣ୍ଡା ଉପରେ ଛକି ଛକି କୌଣସି ବାଳିକା ସହିତ ଟିକେ ଗପସପ କରିଦେବାକୁ ଆମ ଛାତ୍ରମାନେ ଯେମିତି ଗୌରବ ବୋଲି ମନେ କରନ୍ତି, ସେମିତି ଏ ଜାତି ଉଠିବାକୁ ଚେଷ୍ଟା କଲେ, ଏ ଜାତିକୁ ଉପଯୁକ୍ତ ଶିକ୍ଷିତ ହେବାକୁ ଯେ କେତେ ବର୍ଷ...କେତେ ଯୁଗ ଲାଗିବ, ତାହା ଭାବିବାର କଥା । ହୃଦୟଙ୍ଗମ କରିବାର କଥା । ଯୁଗ ଉଠୁଛି କଲେଜ ପାଉଛ ଉପରେ ଭର ଦେଇ ଦେଇ ।

ଜୀବନର ପଟୁଆର କମିଛି, ହେଲେ ଯୌବନର ପଟୁଆର କମି ନାହିଁ । ଆମେ ସବୁ ପୁରୁଣା ଅଛୁ...ନହାତ ପୁରୁଣା ଠିକ୍ ଆଗପରି । କେବେ ସିନା-ସୀତା ସତୀର ରୂପଲାବଣ୍ୟ ଦେଖି ରାବଣ ତା'ର ଅସ୍ତିତ୍ୱ ହରାଇଥିଲା । ଦ୍ରୌପଦୀର ରୂପର ମୋହରେ କୀଚକର କୋମଳ ନାଡ଼ୀ ପୁଲକିତ ହୋଇ ଉଠିଥିଲା । କେବେ ସିନା ଟ୍ରୟର

ହେଲେନ୍ ପାଇଁ ବରାଟ ସ୍ପାର୍ଟା ସାମ୍ରାଜ୍ୟ ଧୂଳସାତ ହୋଇ ଯାଇଥିଲା । କେବେ ସିନା ସାକୀ ଆଜ ସୁରାର ଭୁରୁ ଭୁରୁ ଗନ୍ଧରେ ଓମର ଖୟାମଙ୍କର ଉଶୃଙ୍ଖଳ କବିତ୍ୱ ଉଭୁରି ପଡ଼ୁଥିଲା, କିନ୍ତୁ ଆଜ ଆମର ସେ ରୂପର ଦୁର୍ବଳତା ନାହିଁ ବୋଲି ଆମେ କହୁଁ । ମାଂସ ଗନ୍ଧର ମୂଲ୍ୟ ନାହିଁ ବୋଲି ଆମେ କହୁଁ । ସତରେ ଏସବୁ କ'ଣ ନାହିଁ··· ?

ଅଛି···ପୂରା ମାତ୍ରାରେ ଅଛି । ରକେଟ୍ ସିନା ଚନ୍ଦ୍ରମଣ୍ଡଳ ପାର ହେବାକୁ ବସିଛି । ହେଲେ···ଓଡ଼ିଆ ଜାତି ବଡ଼ ମହନ୍ତର । କୋଟିଲ୍ୟବର୍ଣ୍ଣନାଧିର ଜଠାପଡ଼ା ସ୍ତୁତି ଉପରେ ପଡ଼ି ରହି ସେ ଆଗାମୀର ସ୍ୱପ୍ନ ଦେଖିବ; ଶତାବ୍ଦୀର ସ୍ୱପ୍ନ ଦେଖିବ । ଛି···ଛି··· ବିଂଶ ଶତାବ୍ଦୀର ମଣିଷଗୁଡ଼ା ସତେ ଏତେ ବୋକା !!!

ରାଜେନ୍ଦ୍ର କାହାକୁ କିଛି ନ କହି କମନ୍‌ରୁମ୍‌ରେ ବସିଲା । କେହି ଜଣେ ସାଙ୍ଗ ଆସି ପିଠିରେ ତା'ର ହାତ ମାରି କହିଲା "ତୁମେ ଅଳ୍ପ କାମ ଦେଖେଇଛ ଦୋସ୍ତ । ତୁମ ସହିତ ହାତ ମିଳାଇବାକୁ ଇଚ୍ଛା ହେଉଛି । କାହିଁକି ଜାଣ ? ସୀମାକୁ ପଟେଇବାକୁ ଆମେ ବହୁତ ଆଗରୁ ଚେଷ୍ଟା କରି ଫେଲ୍ ମାରିଥିଲୁ । ତୁମେ ଠିକ୍ କରିଛ, ଉଚିତ ଝିଅଟାର ଦମାକ୍ ଭାଙ୍ଗି ଦେଇଛ ।"

ରାଜେନ୍ଦ୍ର ସୁହତି ଆଡ଼େ ଚାହିଁଲା, ସେ ହସୁଛି । ଆଶ୍ଚର୍ଯ୍ୟ ହେଲା ରାଜେନ୍ଦ୍ର, ଯେଉଁ ସତ୍ୟନାରାୟଣ ତା' ସାଙ୍ଗରେ କଥା କହିବାକୁ ଭୟ କରେ—ଯିଏ କଲେଜରେ ଲଫଙ୍ଗା ବୋଲି ପରିଚିତ··ସେ ଆଜ ତା ଆଗରେ ବସି···ତା'ର ଅଦ୍ଭୁତ ପ୍ରଶଂସା ଗାଉଛି ।

ରାଜେନ୍ଦ୍ର ବିରକ୍ତିରେ ଉଠିପଡ଼ିଲା । ସେ ଆଜି ନିଃସ୍ୱ...ସତେ ଅବା ତା'ର ବହୁତ କିଛି ଜିନିଷ କିଏ ଲୁଟି ନେଇଛି ।

ଏଗାରଟା ବେଳକୁ ସୀମା ମୁକୁନ୍ଦବାବୁଙ୍କ ସହିତ କଲେଜକୁ ଆସିଲା । କଲେଜ ଫାଟକ ପାଖରେ ମୁକୁନ୍ଦବାବୁଙ୍କ ଜିପ୍ ଅଟକିଲା କ୍ଷଣି, ତାଙ୍କୁ ପାଛୋଟି ନେବାକୁ ନିଜେ ଅଧ୍ୟକ୍ଷ ମଧ୍ୟ ଆସନ ଛାଡ଼ି ଉଠି ଆସିଲେ । ମୁକୁନ୍ଦବାବୁ ଗୋଟିଏ ଟିଟାନସ୍ ରୋଗୀ ଭଳି ଥର ଥର କଲେଜ ଭିତରକୁ ପଶି ଯାଉ ଯାଉ କହିଲେ..."ମୁଁ ଆଶ୍ଚର୍ଯ୍ୟ ହେଉଛି ସନାତନବାବୁ ଆପଣ ଥାଉଁ ଥାଉଁ ଏମିତି ଘଟଣା କେମିତି ଘଟିଲା ।" ଅଧ୍ୟକ୍ଷଙ୍କର ପାଟି ଖନି ବାଜିଲା, ସେ କେବଳ ନିଜକୁ ରକ୍ଷା କରିବାକୁ କହିଲେ..."କହନ୍ତୁ ନାହିଁ ସାର୍... ଆଜିକାଲିକାର ଛାତ୍ରଗୁଡ଼ାକ ନିହାତି ଉଦ୍ଧତ, ନିହାତି ଉଚ୍ଛୃଙ୍ଖଳ ।"

ସଙ୍ଗେ ସଙ୍ଗେ କଲେଜ ବାୟୁମଣ୍ଡଳ ସରଗରମ୍ ହୋଇ ଉଠିଲା । ସମସ୍ତ ପ୍ରଫେସର ଓ କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ନେଇ ସଭା ବସିଲା । ଘଟଣାର ସପକ୍ଷରେ କିଏ କେତେ କପୋଳ କଳ୍ପିତ ବକ୍ତବ୍ୟମାନ ଉପସ୍ଥାପିତ କଲେ । କିନ୍ତୁ ବିପକ୍ଷରେ କିଏ କିଛି କହିବାକୁ ସାହସ କଲେ ନାହିଁ । କାରଣ...କଲେଜର ସଭାପତିଙ୍କ ଝିଅ ସୀମା । ତା'ର ବିପକ୍ଷରେ କହିଲେ ଯେ ଚାକିରିଟା ବାଟ କାଟି ବସିବ । ପ୍ରଫେସରମାନେ ସିନା ଛାତ୍ରମାନଙ୍କ ନିକଟରେ ଟୁପୁରୁ ଟାପର ହୋଇ କେତେ କାହା ବିରୁଦ୍ଧରେ କହନ୍ତି, ହେଲେ ଠିକ୍ ବେଳେ କହନ୍ତି ନାହିଁ । ଚାକିରିକୁ ଅବା କାହାର ଭୟ ନାହିଁ ? ପୁଅ ମାଇପ ତ ପୁଣି ଚଳିବେ ? ଚାକିରି କୋଳି ଗଛ କୁଆ, ଆଜି ଅଛି ତ କାଲି ନାହିଁ । ସେଥିପାଇଁ ମନମାରି ସବୁ ସହିଯିବାକୁ ପଡ଼େ । ଏଇ ଅଧ୍ୟାପକମାନଙ୍କୁ ନେଇ କଲେଜରେ

ଦଳ ସୃଷ୍ଟି ହୁଏ । ମୁଣ୍ଡ ଫଟାଫଟି ହୁଏ । ପାମ୍‌ଲେଟ୍ ମରାଯାଏ । କଲେଜ ବିଷୟ ନେଇ ଆଲୋଚନା ଚାଲେ, କିନ୍ତୁ ମଇଁଷି ସିଂଘି ସିନା ଫଟା, ପୁଣି ଯୁଝିଲା ବେଳକୁ ଗୋଟା । ଅଧ୍ୟାପକ ଅଧ୍ୟାପକରେ ହୁଅନ୍ତୁ,···ମରନ୍ତୁ ଏଇ ହୁଡ଼ୁମା···ଗଜା ବଅସିଆ ଟୋକା ଗୁଡ଼ାକ । ସମୟ ଯାଏ···ପଢ଼ା ନଷ୍ଟ ହୁଏ···ଖାଲି ଚିହ୍ନ ରହେ କାଳ କାଳକୁ । ଗୁଡ଼···ଏ ଧାରା ବନ୍ଦ ହେବନାହିଁ··· ।

ସେମିତି ରାଜେନ୍ଦ୍ର ବିରୁଦ୍ଧରେ କେହି କେହି ଯୁକ୍ତି କରିବାରେ ଅବା ବିଚିତ୍ରତା କ'ଣ ଅଛି ?

ତିନଟା ବେଳକୁ ମିଟିଂ ସରିଲା । ଅଧ୍ୟାପକମାନେ ନିଜ ନିଜ କାମକୁ ଚାଲିଗଲେ । କିଛି ସମୟ ପରେ କଲେଜ ନୋଟିସ ବୋର୍ଡ଼କୁ ଆଶ୍ଚର୍ଯ୍ୟାନ୍ୱିତ କରି ନୋଟିସ ଝୁଲି ପଡ଼ିଲା···ରାଜେନ୍ଦ୍ର ମହାପାତ୍ର ରଷ୍ଟିକେଟେଡ୍ । ବିଜୁଳି ବେଗରେ ଖବରଟା ଚାରିଆଡ଼େ ଖେଳିଗଲା । କେହି କେହି ଏ ଆଦେଶର ଦୃଢ଼ ପ୍ରତିବାଦ କରିବାକୁ ବସିଲେ, କିନ୍ତୁ ଫଳ କିଛି ହେଲନି, ଓଲଟି ରାଜେନ୍ଦ୍ର ହସି ହସି କଲେଜରୁ ବାହାରି ଆସିଲା । ସେ ଦିନ ତାକୁ ଯେ ଦେଖିଛି ସେ ଭାବିଥିବ···ରାଜେନ୍ଦ୍ର ଆଜି କିଛି ଗୋଟାଏ ବିରାଟ ପରୀକ୍ଷାରେ ପାଶ୍ କରିଛି ।

ସୀମା, ମୁକୁନ୍ଦବାବୁଙ୍କ ସହିତ କାର୍‌ରେ ବସି ଧୂଳି ଉଡ଼ାଇ ଚାଲି ଯାଉଥିବାବେଳେ ଦେଖିଲା···ମୁକ୍ତାଚଉଡ଼ର ପୋଲି ପାଖରେ ଠିଆ ହୋଇ, କାର୍‌କୁ ଚାହିଁ ରାଜେନ୍ଦ୍ର ହସୁଛି । ସୀମା ଅବାକ୍ ହେଲା । ରାଜେନ୍ଦ୍ରର ମାଡ଼ଟା ତାକୁ ଯେତେ କାଟି ନ ଥିଲା, ତା'ର

ହସଟା ସେତେ କାଟିଲା । ସୀମା···ଅଜଣାରେ କହି ପକାଇଲା··· ରାଜେନ୍ଦ୍ର ବିଜୟୀ···ଉଦ୍ଧତ । ତା'ର ଇଚ୍ଛା ହେଉଥିଲା ସେ କହନ୍ତା···"ହେଇ ବାପା···ମୋତେ ଯେଉଁ ଠୋକା ମାରିଥିଲା ସିଏ ଆଗରେ ଠିଆ ହୋଇଛି । କିନ୍ତୁ କିଛି କହି ପାରିଲା ନାହିଁ ସେ । ରାଜେନ୍ଦ୍ରର ଅନାବିଳ ହସ ପାଖରେ ମ୍ରିୟମାଣ ହୋଇ ପଡ଼ିଲା ।

ରାଜେନ୍ଦ୍ର ଆଜି ମୁକ୍ତ···ବନ୍ଧନହୀନ । ତେଣୁ ହୁଏତ ଚିତ୍କାର କରି ନିଜକୁ ନିଜେ ରାଜେନ୍ଦ୍ର କହୁଥିଲା ମୁଁ···ବିଜୟୀ··· ମୁଁ···ବିଜୟୀ ।

ବିରାଟ ଏ ପୃଥିବୀ । ତା ଦେହରେ ବିରାଟ ଏ ମୁକ୍ତାଗଡ଼ । କିନ୍ତୁ ସେହି ବିରାଟ ମୁକ୍ତାଗଡ଼ ଦେହରେ ଛୋଟିଆ ମଣିଷଟିଏ ରାଜେନ୍ଦ୍ର । ଯାହାର ଆସିବା କେହି ଜାଣିନାହାଁ, ଯିବା ବି କେହି ଜାଣିବ ନାହିଁ । ମଣିଷକୁ ବଡ଼ଲୋକ ହେବାକୁ ବହୁତ ଦିନ ଲାଗେ । ବିଖ୍ୟାତ ହେବାକୁ ବହୁତ ଦିନ ଲାଗେ । କିନ୍ତୁ ଖରାପ ଲୋକ ହେବାକୁ ବେଶି ବେଳ ଲାଗେ ନାହିଁ । ଗୁହୁଁ···ଗୁହୁଁ···କାନବାଟେ ···ପାଟିବାଟେ କଥାଗୁଲେ । ସଜ ଗୋବରରେ ମଧ୍ୟ ଅଂଶୋଇ ପଡ଼େ । ସେମିତି ରାଜେନ୍ଦ୍ରକୁ ଭଲ ମଣିଷ ଭାବରେ ଯେତେ ଲୋକ ନ ଜାଣିଥିଲେ···ଖରାପ ଲୋକ ହିସାବରେ ସେତେ ଲୋକ ଜାଣିଲେ । ନାକ ଟେକିଲେ ।

ଏଥିରେ ଦୁଃଖ କରିବାର କ'ଣ ଅଛି ? ମଣିଷ ବେଳକେ ଧଳା···ପୁଣି ବେଳକେ କଳା । ଲାଞ୍ଚ ନେଉଥିବା ସରକାରୀ କର୍ମଚାରୀ ଉପରକୁ ମଣିଷ ଚିଡ଼େ···ପୁଣି ଦରକାର ପଡ଼ିଲେ··· ମଣିଷ ଲାଞ୍ଚ ଦିଏ । ଚକ ତ ଘୂରୁଛି···କେତେବେଳେ ଏପାଖ ଅବା

କେତେବେଳେ ସେପାଖ। ମଣିଷ ଗୁଡ଼ାକ ନହାନ୍ତି ପାଗଳ, ନହାନ୍ତି ସୁବିଧାବାଦୀ।

ରାଜେନ୍ଦ୍ର······

କଲେଜ ଗ୍ରୁପ ରାଜେନ୍ଦ୍ର······

ଗୋଧୂଳିର ଫିକା ଅନ୍ଧାର ଭିତରେ ସେଦିନ ମିଶି ଯାଇଥିଲା। ଠିକ୍ ଯେମିତି ଗୋଟିଏ ପରମାଣୁ ଧୂଳି ଆକାଶରେ ବିଲୀନ ହୋଇଯାଏ। ସୀମା ତା'ର ଖବର ରଖି ନ ଥିଲା। କଲେଜ ମଧ୍ୟ ତାକୁ ଖୋଜିବାକୁ ଚେଷ୍ଟା କରି ନ ଥିଲା।

ମୁକ୍ତାଗଡ଼ କଲେଜକୁ ଅପମାନ ହେଲେ, ଦିନେ ରାଜେନ୍ଦ୍ରକୁ ବାଧୁଥିଲା। ମୁକ୍ତାଗଡ଼ କଲେଜପାଇଁ ସେ ପ୍ରାଣପାତ ସଂଗ୍ରାମ କରୁଥିଲା। ସାଙ୍ଗ ଭାଇମାନଙ୍କର ଠିକନଖି ସୁବିଧା ଅସୁବିଧା ସେ ବୁଝୁଥିଲା। ଆଜିକାଲିର ସୁବିଧାବାଦୀ ନେତାଙ୍କ ପରି ତା'ର ପରିଶ୍ରମ ବଦଳରେ ଶ୍ରେଷ୍ଠ ପାଇବାର ଆଶା, ଫିସାଦ, ସୁନାମ ନେବାର ମୋହ ନ ଥିଲା। ସେ କାମ କରୁଥିଲା···ଭାଇପାଇଁ···।

ଦିନ ପରେ ଦିନ ଗଡ଼ିଲା···

କଲେଜର କେହି କେହି ଗ୍ରୁପ ବେଳେ ବେଳେ କୁହନ୍ତି, ରାଜେନ୍ଦ୍ର ଏବେ ବଙ୍ଗ ଉତ୍କଳ ଖାଦ୍ୟାଞ୍ଚଳ ଗଠନ ବିରୁଦ୍ଧରେ ଆନ୍ଦୋଳନ କରୁଛି। ଷଡ଼େଇକଳା ଖରସୁଆଁରେ ଓଡ଼ିଆ ଭାଷା ଚଳାଇବାକୁ ସରକାରଙ୍କୁ ପ୍ରବର୍ତ୍ତାଉଛି। ବେଶ୍ ସେତିକି। ସୀମା ଆଉ କିଛି ଜାଣେନାହିଁ। ରାଜେନ୍ଦ୍ର ବୋଲି ଯେ ଜଣେ ଗ୍ରୁପ କଲେଜରେ ଥିଲା, ସେକଥା ସୀମା ମୋଟାମୋଟି ଭୁଲିଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଏବେ ସୀମା କଲେଜକୁ ଯାଏ, ପୁଣି ତା'ର ପାଠପଢ଼ା ସାରି ଫେରିଆସେ । ପିଲାମାନେ ତା' ଆଡ଼କୁ ଚାହାଁନ୍ତି । ମୁରୁକି ମୁରୁକି ହସନ୍ତି । ସୀମା ସବୁ ବୁଝେ କିନ୍ତୁ କିଛି କହିପାରେ ନାହିଁ । ବେଳେ ବେଳେ ତା'ର ମନରେ କେତେ ଅଜବ୍ କଥା ଉଙ୍କିମାରେ । ପୁଣି ମଉଳା ଫୁଲପରି ମଉଳି ପଡ଼େ । ସେହି ସାଂସ୍କୃତିକ ଉତ୍ସବର କଥା ତା'ର ମନକୁ ଆଘାତ କରେ । ସୀମା ବସି ମନରେ ଭାବେ···ସତେ କ'ଣ ସେଦିନ ସେ କିଛି ଭୁଲ୍ କରିଥିଲା ? ନାଁ···ଏ କଥା ହୋଇ ପାରେନା । ବିଖ୍ୟାତ ଓକିଲ ମୁକୁନ୍ଦ ରାୟଙ୍କର ଝିଅ କେବେ ଭୁଲ୍ କରି ପାରେନା । ଓଲଟି ଅନାମଧେୟ କୁଳଶୀଳ ହୀନ ରାଜେନ୍ଦ୍ର ସେଦିନ ସବୁ ଭୁଲ୍ କରିଥିଲା । ସୀମା ରାଗରେ ନିଜର ତକିଆଟିକୁ ଜାବୁଡ଼ି ଧରେ । ତା'ର ମନେହୁଏ, ସତେ ଯେମିତି ସେ ରାଜେନ୍ଦ୍ର ମହାପାତ୍ରର ତଣ୍ଟିକୁ ଚିପି ହତ୍ୟା କରିବାକୁ ଚେଷ୍ଟା କରୁଛି । ଠିକ୍ ସେତିକିବେଳେ ତା'ର ମନ ଭିତରେ ଗୋଟାଏ ଦୃଶ୍ୟ ମୂର୍ତ୍ତ ଝଟକେ । ଅଥଚ ଏକାଙ୍କିକା କରିବା ଦିନ ଏମିତି ରାଜେନ୍ଦ୍ର ତା'ର ବେକଟାକୁ ଚିପିବାକୁ ଚେଷ୍ଟା କରୁଥିଲା । ହତ୍ୟାକରିବାକୁ ଚେଷ୍ଟା କରୁଥିଲା ।

ସୀମା ଚିତ୍କାର କରି ଉଠିଲା ।

ମୁକୁନ୍ଦବାବୁ ସିଡ଼ୀ ଉପରେ ଚଢ଼ି ଯାଉ ଯାଉ କହିଲେ କ'ଣ ହେଉଛି ମାଆ ? ଏମିତି ପାଟି କରୁଛୁ ? ସୀମା କଥାଟାକୁ ବୁଲେଇ ନେଇ ନେଇ କହିଲା "ନାଇଁ ଏମିତି ।" ମୁକୁନ୍ଦବାବୁ କିଛି ବୁଝି ପାରିଲେ ନାହିଁ···ଫେରି ଯାଉ ଯାଉ କହିଲେ "ତୁ ଆଦିନୁ ଏତେ ଚିନ୍ତା କରନ୍ତି ନାହିଁ ମାଆ···ମୁଣ୍ଡ ଗୋଳମାଳ

ହେବ, ପଢ଼ିବୁ ତ ପଢ଼, ନଇଲେ···ଶୋଇ ଯାଅ ।" ସୀମା ନିଜର ପାଗଲାମି ପାଇଁ ନିଜେ ବି ହସିଲା । ଧୋବଲା ଚକ ଚକ ବିଛଣାଟି ଉପରେ ଶୋଇ ଯାଉ ଯାଉ ମନେ ମନେ କହିଲା "ଓଃ···କେଡ଼େ ଗରମ ।"

ପାଉଁରେଲର କୁନି କୁନି ଚକା ପରି ଦିନ ଗଡ଼ି ଚାଲେ । ନିଦରି ପଦରି ପୋଲଟା ପରି କଳ୍ପନା ପରେ କଳ୍ପନା ନିଟେଇ ଯାଏ । କେହି ହଜେ···ଅବା କେହି ମୁଣ୍ଡ ଟେକି ପଛକୁ ଚାହେଁ । ଗୋଟାଏ ଲଟା ଉପରେ ଆଉ ଗୋଟିଏ ଲଟା ମାଡ଼ି ବସେ । ଏମିତି ଏ ନିତିଦିନିଆଁ ଦେହଘସିଆ ଜୀବନ ଚାଲେ । କାହାପାଇଁ ଅଟକେ ନାହିଁ । କାହାରି ପାଇଁ ବେଦନାର ଫୁଆର ଟାଣେ ନାହିଁ । କେବଳ ସୀମା ପାଖରେ ଯେ ଜୀବନ ଆଉ ସମୟ ଏମିତି କଟେନ୍ତି, ତାହା ନୁହେଁ । ଏଇଟା ସମୟର ଧାରା···ସୃଷ୍ଟିର ନିୟମ । ଏ ନିୟମକୁ ଯେ ହଜମ ନ କରେ, ସେ ପାଗଳ ହୁଏ । ସୃଷ୍ଟିଛଡ଼ା ହୁଏ ।

ସେ ଦିନ କଲେଜରୁ ଫେରୁଥିବା ବେଳେ ସୀମା ଶୁଣିଲା ଅଟଥିଲେ ଏକାଙ୍କିକା ପାଇଁ ମନୋନୀତ ହୋଇଥିବା ନାୟିକା ବିଶ୍ୱଜିତ୍ ବାବୁଙ୍କୁ ବାଧ୍ୟତାମୂଳକ କଲେଜରୁ ଟି. ସି. ଦିଆ ଯାଇଛି । ଘଟଣା ବିଷୟରେ ସେ ଅନୁସନ୍ଧାନ କରି ବୁଝିଲା ଯେ ବିଶ୍ୱଜିତବାବୁ ଅଧ୍ୟକ୍ଷ ଓ ସମ୍ପାଦକଙ୍କ ବିରୁଦ୍ଧରେ ପ୍ରଚାର କରୁଥିଲେ । ଜନୈକ ଗରିବ ଛାତ୍ରକୁ ଫ୍ରି ସିପ୍ ନ ଦିଆଯାଇ, ଜଣେ କଣ୍ଟ୍ରାକ୍‌ଟରଙ୍କର ପୁଅକୁ ଦିଆଯାଇଥିବା ହେତୁ ସେ ପ୍ରତିବାଦ କରିଥିଲେ । ଅବଶ୍ୟ କଣ୍ଟ୍ରାକ୍‌ଟର ଜଣକ ଅଧ୍ୟକ୍ଷଙ୍କର ଅନ୍ତରଙ୍ଗ ବନ୍ଧୁ ଥିଲେ । ବାସ୍ ସେତିକି । ସେଇଥିପାଇଁ ତାଙ୍କୁ

ଆଜି ବାଧ୍ୟତା ମୂଳକ ଭାବେ କଲେଜରୁ ବାହାର କରି ଦିଆ-ଯାଉଛି । ଅନ୍ୟାନ୍ୟ ଛାତ୍ରମାନେ ହୃପୁ ରୁ ଠାଏର ହେଉଛନ୍ତି, ହେଲେ ଅଧ୍ୟକ୍ଷଙ୍କର ବିରୁଦ୍ଧରେ କିଛି କରିବାକୁ ସେମାନଙ୍କର ସାହସ ନାହିଁ । ଶିକ୍ଷା ବିଭାଗର ଏ ହାଟ୍‌ଲଗା ମାଟିରେ ତ ସମସ୍ତେ ଉରମର ରହିବାର କଥା ।

କିନ୍ତୁ ଆଜି ରାଜେନ୍ଦ୍ର ବାବୁ ଥିଲେ କ'ଣ ଏମିତି ହୋଇଥାନ୍ତା ? ଆଉ କେହି ସାହସ ନ କରିଥିଲେ ମଧ୍ୟ ଗୁରୁଗମ୍ଭୀର ନାଦରେ କଲେଜ ବାୟୁମଣ୍ଡଳକୁ ସ୍ତବ୍ଧ କରିଥାନ୍ତା ରାଜେନ୍ଦ୍ରର କଣ୍ଠସ୍ୱର । ଆଜି ସେ ନାହାନ୍ତି, କଲେଜର ଜୀବନ ନାହିଁ । ମୁଣ୍ଡହୀନ ଗଣ୍ଡିଟା ବା କି କାମ କରିପାରେ ?

ସୀମାର ଆଖିରେ ଆପେ ଆପେ ଲୁହ ଜକେଇ ଉଠିଲା । ତେବେ କ'ଣ ସେଦିନ ସେ ଭୁଲ କରିଥିଲା ? କିନ୍ତୁ କାହିଁ ଜଣେ ସମସ୍ତଙ୍କ ପାଇଁ ଠିଆ ହେଉଥିଲା, ତା' ପାଇଁ ତ କେହି ଠିଆ ହେଲେ ନାହିଁ ? ସେ ବି ତ ନିଜର ଯୁକ୍ତି ଉପରେ ଠିଆ ହୋଇ ପ୍ରତିବାଦ କରି ନ ଥିଲା ? ସେ ନପୁଂସକ ନା···ପଳାତକ···ନା··· ମହାମାନବ ? କେଉଁଠି ତା'ର ସ୍ଥାନ ? ସୀମା ଆଉ କିଛି ଚିନ୍ତା କରି ପାରିଲା ନାହିଁ । ହଠାତ୍ ପଛରୁ ଜଣେ ଛାତ୍ରୀ ଆସି କହିଲା, "ହଇଲୋ ସୀମା···ତତେ ଏତେ ସୁନ୍ଦର ଗପ ଲେଖି ଆସେ,··· କାହିଁ ଆମେ ତ ଆଜି ପର୍ଯ୍ୟନ୍ତ ଜାଣି ନ ଥିଲୁ । ଏତେ ମଉନ-ମୁହିଁଲୋ ତୁ ।" ସୀମା ଆଶ୍ଚର୍ଯ୍ୟ ହୋଇ କହିଲା···"କି ଗପ ମ ?"

—"ମଲା···ମତେ ଲୁଚଉଛୁ ପରା, ହେଇ ପରା···ଆଗାମୀ ପତ୍ରିକାରେ ବାହାରିଛି । ସତରେ ମ···ସେଦିନ ତୁ ରାଜେନ୍ଦ୍ର-ବାବୁଙ୍କୁ ଯେଉଁ ଅପମାନ ଦେଲୁ···ତାକୁ ଯେ କେଡ଼େ ସୁନ୍ଦର କରି

ଲେଖି ପାରୁଛୁ···ମୁଁ ପଢ଼ି ଖୁବ୍ ଖୁସିହେଲି । ତୁ ଗୋଟାଏ ବଡ଼ ଲେଖିକା ହୋଇ ପାରିବୁ···ଚେଷ୍ଟାକର ।”

ସୀମା କିଛି ନ କହି ଆଗାମୀ ପତ୍ରିକାଟି ଆଣି ପଢ଼ି ବସିଲା । ପ୍ରଥମ ଗପଟିର ନାମ ଅଛି “କଲେଜ ଜୀବନର ଇତିକଥା” ଲେଖିକା···କୁମାରୀ ସୀମା ରାୟ । ଗଳ୍ପର ପ୍ରଥମ ଧାଡ଼ି ହେଲା “ଆପଣ ବିଶ୍ୱାସ କରିବେ ନାହିଁ, ଏ ଘଟଣାଟି ମୋ ଜୀବନର ଗୋଟିଏ ପୂର୍ଣ୍ଣାଙ୍ଗ ଅନୁଭୂତି । ଖୁବ୍ ସତ···ନିରାଟ ସତ ।” ତା’ ପରେ ସେହି ସାଂସ୍କୃତିକ ଉତ୍ସବର ଠିକ ନିଖି କଥା, ସତରେ କହିବାକୁ ଗଲେ, ଗପଟି ତ ଗୋଟିଏ ଗପ ନୁହେଁ···ଗୋଟିଏ ଜୀବନୀ । ଅପୂର୍ବ ସୃଜନୀ ଶକ୍ତିର ଚରମ ପରାକାଷ୍ଠା । ଶେଷରେ ପୁଣି ଲେଖାଯାଇଛି······“କ୍ରମଶଃ” । ସୀମା ରାଗରେ ପତ୍ରିକାଟିକୁ ଫୋପାଡ଼ି ଦେଲା । ଗୁଣୀଟି ଆଶ୍ଚର୍ଯ୍ୟ ହୋଇ କହିଲା···“କାଲେ ଫିଙ୍ଗି ଦେଲୁ ଯେ···ତୁ କ’ଣ ଗପଟି ଲେଖିନାହୁଁ ?”

ସୀମା କିଛି କହି ପାରିଲା ନାହିଁ । ରାଗରେ ସେ ସ୍ଥାନ ଛାଡ଼ି ଚାଲିଗଲା । ଆଇ. ଏ. ସି. କ୍ଲାସର ବିଜ୍ଞାନ ଛାତ୍ରୀ ସେ, ସେଦିନ ପ୍ରାକ୍ଟିକାଲ କ୍ଲାସରେ ତା’ର ସବୁ ଗୋଳମାଳ ହୋଇଗଲା, ମନ ଚଞ୍ଚଳ ହେଲା । ଲେଖା ଉପରେ ରାଗ ହେଲା । କିଏ ସେ ଗଳ୍ପର ଲେଖକ ? କ’ଣ ରାଜେନ୍ଦ୍ର ? ଆଉ କିଛି ଚିନ୍ତା କରି ପାରିଲା ନାହିଁ । ରାଜେନ୍ଦ୍ର ବିରୁଦ୍ଧରେ ତା’ର ଶିରାପ୍ରଶିରା ମଧ୍ୟ ବିପ୍ଳବ କରି ଉଠିଲା ।···ରାଜେନ୍ଦ୍ର···ରାଜେନ୍ଦ୍ର···କେବଳ ବିଜାସ୍ତ···ଉଦ୍ଧତ···ନୁହେଁ···ଅସଭ୍ୟ···ବର୍ବର ମଧ୍ୟ ।

ବେଙ୍ଗଟିକୁ କାଟି ଶିରାପ୍ରଶିରା ଦେଖାଇବାର କଥା, କିନ୍ତୁ ସୀମା ବେଙ୍ଗର ତଳି ପେଟକୁ ମଧ୍ୟ କାଟି ସାରିଲାଣି । ପଛରୁ

ଲାବରେଟୋରୀ ଅସିଷ୍ଟାଣ୍ଟ ପାଟି କରି ଉଠିଲେ, "ଏ କ'ଣ, ଏ କ'ଣ କରୁଛ ସୀମା ? ତୁମର କ'ଣ ମୁଣ୍ଡ ଠିକ୍ ନାହିଁ ? ତୁମେ ଯେ ଡଳ ପେଟ କାଟି ସାରିଲଣି ।···ଶିରା ପ୍ରଶିରା ଦେଖାଇ ରକ୍ତ ସଞ୍ଚାଳନ ବର୍ଣ୍ଣନା କରିବ କେମିତି ?"

ସୀମା ତଟସ୍ଥ ହେଲା । ସତକଥା ସେ କ'ଣ କରୁଛି । ତରବରରେ ସେ ଲେବୋରେଟୋରୀ ଛାଡ଼ି ବାହାରକୁ ପଳାଇ ଆସୁ ଆସୁ କହିଲା···ଆଜି ମୋ ଦେହ ଭଲ ନାହିଁ ସାର୍, ମୁଁ ପରୀକ୍ଷା କରି ପାରିବି ନାହିଁ । ଆଜି ମୋତେ ଛୁଟି ଦିଅନ୍ତୁ ।

ସୀମା ସିଧା ଘରକୁ ପଳାଇ ଆସିଲା । ମୁକୁନ୍ଦବାବୁ ଘରେ ନ ଥାନ୍ତି । କଚେରୀକୁ ଯାଇଥାଆନ୍ତି । ସୀମା ରୋଷେଇଆକୁ କଫେ ତ୍ରୀ କରିବାକୁ କହି ନିଜ ଶୋଇବା ଘରକୁ ଚାଲିଗଲା । ମନରେ ସେହି ଗୋଟାଏ କଥା "କଲେଜ ଜୀବନର ଇତିକଥା ।" ଗପଟିକୁ କିଏ ଲେଖିଛି ? କ'ଣ ରାଜେନ୍ଦ୍ର ? ତାର ବା ଗପଟି ଲେଖି ନିଜକୁ ଅପମାନିତ କରିବାର କି ଉଦ୍ଦେଶ୍ୟ ଥାଇପାରେ ? ହଁ···ଏମିତି ହୋଇପାରେ ଯେ ସେ ଗପଟି ଲେଖି ମୋର ସମର୍ଥନ ଚାହୁଁଛି, କିନ୍ତୁ···। ସୀମାର କଳ୍ପନାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । ରାଜେନ୍ଦ୍ର ତାହାର ଆଗରେ ଠିଆ ହେଲା ଗୋଟିଏ ବିରାଟ କିନ୍ତୁ ହୋଇ । ସୀମା କୂଳ ପାଇଲାନି···କିନାରା ପାଇଲାନି । ତଥାପି ତା'ର ମନେ ହେଲା ସତେ ଯେମିତି ସେ ରାଜେନ୍ଦ୍ର ଉପରେ ମିଛ ଅପବାଦ ଦେଇ ଭୁଲ କରିଛି ।

ଦିନ କାହାରିକୁ ଅପେକ୍ଷା କରେନି । ତା'ର ବାଟ··· ଖୁବ୍ ଦ୍ରୁତଗତିରେ ଚାଲିଥାଏ । ଏମିତି ଚାହୁଁ ଚାହୁଁ ମାସ ପୂରିଲା

ଆଗାମୀ ପତ୍ରିକାରେ "କଲେଜ ଜୀବନର ଇତିକଥା"ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଲା । ଗୁହୁଁ ଗୁହୁଁ କଲେଜ ସରଗରମ ହେଲା । ସେହି ଲେଖା ଉପରେ ଘମାଘୋଟ୍ ଆଲୋଚନା ଚାଲିଲା । କେବଳ "ଆଗାମୀ" ନୁହେଁ···ଏମିତି କେତେ ସ୍ୱନାମଧନ୍ୟ ପତ୍ରିକାରେ ସୀମାର ନାମରେ ଗଳ୍ପମାନ ପ୍ରକାଶିତ ହେଲା । ସୀମା ଆଉ ଅଶ୍ଚର୍ଯ୍ୟ ହେଲାନ । ସବୁ ଘଟଣା ଗୁଡ଼ାକ ତାର ଦେହ ଘସିଆ ହୋଇଗଲା ।

ମାସକୁ ମାସ ଲେଖା ପଠାଇବାକୁ ସୀମା ପାଖକୁ ଗୋଛା ଗୋଛା ଚିଠି ଆସେ । ସେ ପଢ଼େ, ପୁଣି ଚୁପ୍ ରହେ । ହାତ ଖୋଲି କିଛି ଲେଖି ପାରେନାହିଁ ଅବା ମୁହଁ ଖୋଲି କିଛି କହି ପାରେ ନାହିଁ । ପ୍ରଫେସରମାନେ ଶ୍ରେଣୀରେ ସୀମାକୁ ପ୍ରଶଂସା କରନ୍ତି । ମୌଳିକ ଚିନ୍ତାଧାରାର ତାତ୍ତ୍ୱିକ ବ୍ୟାଖ୍ୟା କରିବାକୁ ଚେଷ୍ଟା କରନ୍ତି । ମୁକୁନ୍ଦବାବୁ ବେଳେ ବେଳେ ଝିଅକୁ ପ୍ରଶଂସା କରି କହନ୍ତି—"ତୁ ଏଗୁଡ଼ା କେତେବେଳେ ଲେଖୁଛୁ ମାଆ ? ପତ୍ରିକାରୁ ତୋର ଲେଖା ଗୁଡ଼ିକ ପଢ଼ିବାକୁ ମୋତେ ଏତେ ଭଲ ଲାଗୁଛି ଯେ ବେଳେ ବେଳେ ମୁଁ ଓକିଲାତି ଛାଡ଼ି ଦେଇ ତାକୁଇ ପଢ଼ିବାରେ ବ୍ୟସ୍ତ ରହୁଛି ।" ସୀମା ସବୁ ଶୁଣି କିଛି ନ ଶୁଣିଲା ପରି କହେ—"ହଉ ଝିଅକୁ ଆଉ ଏତେ ପ୍ରଶଂସା କରନି, ତୁମ କାମରେ ତୁମେ ଲାଗିଲ ।" ମୁକୁନ୍ଦ-ବାବୁ କିଛି କହନ୍ତି ନାହିଁ, ହେଲେ ତାଙ୍କର ମନ ଝିଅକୁ ପ୍ରଶଂସା କରିବାକୁ ଶତମୁଖ ହୋଇଉଠେ । ବେଳେ ବେଳେ ସେ ନିଜକୁ ପ୍ରଶଂସା କରି କହନ୍ତି—"ଯାହାର ବାପ ଯେସା, ତାର ଝିଅ ବି ତେସା ।"

ପୁଣି ଦିନ କଟେ । ପତ୍ରିକାର ବିଶେଷ ସଂଖ୍ୟାମାନଙ୍କରେ ସୀମା ନାମରେ ଲେଖାଗୁଡ଼ିକ ପ୍ରଥମ ପୃଷ୍ଠାରେ ବାହାରେ, ସୀମା ଗର୍ବ କରେ । ଜାଣି ଶୁଣି ସେ ସାଥୀମାନଙ୍କୁ ସେ ଲେଖା ଗୁଡ଼ିକୁ ପଢ଼ାଏ । ପୁଣି ତା' ମନରେ ବିଦ୍ରୋହ ଜାଗେ । କିଏ ଏହି ଲେଖାର ବାସ୍ତବ ଅଧିକାରୀ ? ସୀମାକୁ ସେ ଗୋଟିଏ ଖେଳ କଣ୍ଢେଇ କରିବାକୁ କାହିଁକି ବସିଛି ? ନିଜ ପ୍ରଶ୍ନର ଉତ୍ତର ସେ ନିଜେ ବି ପାଏନି । ବିରକ୍ତିରେ ପତ୍ରିକାଗୁଡ଼ିକୁ ଏଣେ ତେଣେ ଫିଙ୍ଗି ଦିଏ । ନିଆଁ ଲଗାଇ ଜାଳି ଦେବାକୁ ବସେ, ନିଜେ ପୁଣି ହସେ । କେତେ ଭେଳିକି ଝିଅଟା ମ...ହେ । ଗୋଟିଏ ପତ୍ରିକା ଜାଳି ଦେଇ କ'ଣ ହେବ ? ଶହ ଶହ ପତ୍ରିକା ଯେ...ହଜାର ହଜାର ଆଖି ଦେଖି ନେଇଛି । ସମସ୍ତ ବୁଝି ପଡ଼େ । ଦିନ ଖସେ । ସୀମା ଥୋବରା ହୁଏ ।

ଇସ୍...ଆଜି ଦୈନିକ ପତ୍ରିକା ଗୁଡ଼ିକ ସୀମାକୁ ପ୍ରଶଂସା କରିବାକୁ କେତେ ମୁକ୍ତ...ସ୍ୱାଧୀନ । "କଲେଜ ଜୀବନର ଇତି କଥା" ବହିଟି ପ୍ରକାଶିତ ହୋଇଛି । ବିଭିନ୍ନ ପତ୍ରିକା ଗୁଡ଼ିକ ବିଭିନ୍ନ ପ୍ରକାର ମତ ତା' ଉପରେ ଦେଇଛନ୍ତି । କିଏ କହୁଛି ଏହା ଗୋଟିଏ ମୌଳିକ ପଦକ୍ଷେପ, କିଏ କହୁଛି ଲେଖିକା ସୀମା ରାୟଙ୍କର ଏହା ଗୋଟିଏ ବାସ୍ତବ ଅନୁଭୂତି, କିଏ କହୁଛି...ଆଧୁନିକ ଶିକ୍ଷା ପଦ୍ଧତିର ଏହା ଗୋଟିଏ ବୈପ୍ଳବାତ୍ମକ ସଂସ୍କାରବାଦ । ମୋଟାମୋଟି ସମସ୍ତେ ଏକ ସ୍ୱରରେ କହୁଛନ୍ତି ସୀମା ରାୟ...ମହାନ୍... ପୂଜ୍ୟା...ନମସ୍ୟା ।

କିନ୍ତୁ ନିଜେ ସୀମା ନିଜକୁ ସେ ଗୌରବ ଦେଇ ପାରୁନାହିଁ । ରାମଙ୍କର ବଳିଷ୍ଠ ବାହୁଛାୟା ତଳେ ସିନା ସୀତା ହୋଇଥିଲେ

ଯନ୍ତ୍ରୀ, ତେବେ ସୀମାର ସେ ଗ୍ରାମ କାଏ ? ଆଜି ଆଉ ପଞ୍ଚବଟୀ ବନର ଅନ୍ଧାରୀ ଗୁହା ଭିତରେ ରାମଙ୍କର କୁଟୀର ଶୋଭା ପାଉ ନାହିଁ । ମୁକ୍ତାଗଡ଼ ସହରର ଦ୍ୱିତଳ ପ୍ରାସାଦ ସୀମା ରାୟର ଆବାସ ସ୍ଥଳୀ । ତେବେ ସେହି ସହରୀ ସଭ୍ୟତା ଆଉ ଦ୍ୱିତଳ ପ୍ରାସାଦ ଦେହରୁ ହିନମାନିଆଁ ଗାଁ ଜୀବନର ଗନ୍ଧ ଆସୁଛି କେଉଁଠୁ ? ଚନ୍ଦ୍ରଶିଳା ହୋଇପାରେ···ସେ···।

ଦହିକୁ ଚକଟି ମନ୍ଥି ପକାଇଲେ ଲହୁଣୀ ବାହାରେ । ମନକୁ ଚକଟି ମନ୍ଥି ପକାଇଲେ ସୂତା ବାହାରେ । ସେ ସୂତାର ଖିଅ ମିଳେ ନାହିଁ । ଅଡ଼ୁଆ ଝଟା ଗୋଛପରି ଗୋଟାଏ କେନା ଉପରେ ଆଉ ଗୋଟିଏ କେନା ଛନ୍ଦି ହୋଇଥାଏ । ସୀମାର ମନଟା ସେମିତି ଏ ଖିଅ ସେ ଖିଅରେ ଛନ୍ଦି ହୋଇ ଯାଇଛି । ନିଜେ ସେ ବି ତାକୁ ସଜାଡ଼ି ପାରୁନାହିଁ । ମନ ଆଉ ବିବେକ ଭିତରେ ସତେ ଯେମିତି ମହାଭାରତ ଯୁଦ୍ଧ ଚାଲିଛି ।

ସକାଳର ନାଳି ଖରା ଅଗଣା ଭିତରେ ବିସ୍ତାରି ହୋଇ ପଡ଼ିଛି । ଇସ୍···ସତେ ଅବା ମୁକ୍ତାଗଡ଼ର ଛେଳିକଟା ଘର ଦେହରୁ ରକ୍ତର ସ୍ରୋତ ବହୁଛି । ଭାରତରେ ରାମରାଜ୍ୟ ପ୍ରତିଷ୍ଠା ହେବ । ଭାରତ ପୃଥିବୀକୁ ଶାନ୍ତିର ବାଣୀ ଶୁଣାଇବ, କିନ୍ତୁ ଶତ ଶତ ଛେଳି, ମେଣ୍ଢା, ଗୋରୁ ନ କାଟିଲେ, ଏ ରାମ ରାଜ୍ୟ ଅସମ୍ଭବ । ମାଉଁସ ଖିଆ ମଣିଷର କୁଆଡ଼େ ବଳ ବେଶି, ଚିନ୍ତା ଶକ୍ତି ବେଶି, ସେଇଥିପାଇଁ ମଣିଷ ଜୀବ ହତ୍ୟା କରୁଛି । ଶାନ୍ତି ଶାନ୍ତି ବୋଲି ଚିତ୍କାର କରି ବାରୁଦାଗାରର ବାରୁଦ ସଂଖ୍ୟା ବଢ଼ାଉଛି । ଏ ବାରୁଦ ଶତ୍ରୁ ସୃଷ୍ଟି କରିବାକୁ ନୁହେଁ···ଶତ୍ରୁକୁ ହଟାଇବାକୁ, ଧମକ୍ ଦେବାକୁ । ହଉ···

ଜୀବରକ୍ତର ସ୍ରୋତ ଦେହରେ ରାମରାଜ୍ୟ ପ୍ରତିଷ୍ଠା ହେଉ । ସେଥିରେ ଅବା କ୍ଷତି କ'ଣ ଅଛି ? ରାବଣ ପରି ରାଜା ନ ବାନ୍ଧିଲେ ସ୍ୱର୍ଗକୁ ସିଡ଼ି ବାନ୍ଧିବ କିଏ ?

ସୀମା ସେହି ନାଲି ଖବରକୁ ଦେଖି ଚିନ୍ତା କରୁଛି, ଗୋଟିଏ କବିତା ଲେଖିବ । କି କବିତା ଅବା ଲେଖିବ ? ଇସ୍କୁଲ ଜୀବନରେ ସେ ଦିନ ଦିନ ଚେଷ୍ଟା କରି ଗୋଟିଏ ହେଲେ କବିତା ଲେଖିପାରି ନାହିଁ । ଆଜି ଅଗୃନକ ଚେଷ୍ଟାକରି କି ଲାଭ ? ଯାହାହେଉ ସେ ଆଗାମୀ ପତ୍ରିକାର ସମ୍ପାଦକଙ୍କୁ ଫୋନ୍ ଠୋକ୍ ଲେଖିଦେବ "ମୋତେ ଲେଖି ଆସେ ନାହିଁ । ମୋ ନାମରେ ଆଉ ଜଣେ କିଏ ଲେଖା ଦେଇ ମୋତେ ପ୍ରତାରିତ କରୁଛି । ତେଣୁ ଆଉ ମୋ ନାମରେ ଲେଖା ପ୍ରକାଶ କରିବେ ନାହିଁ ।"

ଠିକ୍ ସେହି ସମୟରେ ମୁକୁନ୍ଦବାବୁ ଘର ଭିତରକୁ ପଶିଆସି କହିଲେ—ଆଜିକା ଖବର କାଗଜ ଦେଖିଲୁଣି ସୀମା ! ମୁକ୍ତାଗଡ଼ର ଟାଉନ୍ କମିଟି ଠିକ୍ କରିଛି, ସାହିତ୍ୟ ସମାଜ ତରଫରୁ ଲେଖିକା ସୀମା ରାୟଙ୍କୁ ଆସନ୍ତା ଶନିବାର ଦିନ ସ୍ୱାଗତ ଜ୍ଞାପନ କରାଯିବ । ସାହିତ୍ୟ ଆକାଶରେ ନବାଗତା ନକ୍ଷତ୍ର ସୀମା ରାୟ ଯେପରି ନୂତନ ନୂତନ ଲେଖାମାନ ସୃଷ୍ଟି କରି ଉତ୍କଳ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରି ଦିଅନ୍ତୁ । "ମୁକୁନ୍ଦ ରାୟ ଆଜି ଧନ୍ୟ ହୋଇଛି ମାଆ । ତୋପରି ଝିଅଟିଏ ଜନ୍ମ ନ ହୋଇଥିଲେ ହୁଏତ ମୁଁ ଅଜଣା ଅଶୁଣା ଭାବରେ କେଉଁଠି ମରିଯାଇ ଥାଆନ୍ତି । ଏବେ ମୁଁ ମରିବ ଓଡ଼ିଆର ଜଣେ ବିଖ୍ୟାତ ନାରୀ କଥାକାରର ବାପା ହୋଇ ।"

ସୀମା ଆଉ କିଛି ନ କହି ବାପାଙ୍କ ପାଖକୁ ଦୌଡ଼ିଆସିଲା । ତାଙ୍କର କାନ୍ଧ ଉପରେ ଓହଳି ପଡ଼ି କହିଲା, "ତୁମର ଝିଅର କୃତିରେ ତୁମେ କ'ଣ ସନ୍ତୁଷ୍ଟ ବାପା ?"

ବୃଦ୍ଧ ମୁକୁନ୍ଦ ରାୟ ଝିଅର କୃଷ୍ଣ କୁନ୍ତଳ ଦେହରେ ସ୍ନେହର ହାତ ବୁଲାଇ ବୁଲାଇ କହିଲେ, "ସେଥିରେ କ'ଣ ସନ୍ଦେହ ଅଛି ମାଆ ? ଧନକୃଷ୍ଣ ଆଉ ଉପେନ୍ଦ୍ରର ଦେଶ ଏଇ । ଯାହାର ଆଜି-ପର୍ଯ୍ୟନ୍ତ ଗୌରବ କେବଳ କୋଣାରକ ଓ ଭୁବନେଶ୍ୱରର ଭଙ୍ଗା ପଥର । ସେ କ'ଣ କେବେ କଳାକୁ ଭୁଲିଯିବ ?"

ସୀମା ଆହତା ହେଲା । ଶରବିଦ୍ଧ ହରିଣୀ ପରି ବୁଲି ପଡ଼ି ପଡ଼ି କହିଲା "ମୁଁ କିନ୍ତୁ ବିଜ୍ଞାନ ଛାତ୍ରୀ ବାପା ! ତୁମେ ମୋତେ ସେ ପୁରୁଣା ଇତିହାସ ଆଡ଼କୁ ଠେଲି ଦେଉଛ କାହିଁକି ? ମୁଁ ଇତିହାସକୁ ନାପସନ୍ଦ କରେ···ବଞ୍ଚିବାକୁ ଯୁଦ୍ଧ କରେ ।"

ମୁକୁନ୍ଦ ରାୟ ଫିକ୍ କିନା ହସି ପକାଇଲେ । କହିଲେ "ମଣିଷର ସବୁ କାମ ଗୋଟାଏ ଗୋଟାଏ ଇତିହାସ ମାଆ, ସବୁ ଘଟଣା ମଧ୍ୟ ବଞ୍ଚିବା ପାଇଁ ଗୋଟାଏ ଗୋଟାଏ ଯୁଦ୍ଧ । ତୋର ଗାଲିଲିଓ ବା ନିଉଟନ୍ କ'ଣ ଆମର ଅଭିମନ୍ୟୁ ବା ବଉ ଜେନାଙ୍କ ପରି ଜଣେ ଜଣେ କଳାକାର ନୁହଁନ୍ତି ? ଖାଲି ଆଖିରେ ଦେଖିବା ଭୁଲ୍ ମଆ···ଖାଲି ଆଖିରେ ଦେଖିବା ଭୁଲ୍ ।"

ସୀମା ଚହଁକି ଉଠିଲା । ହଁ, ମଣିଷ ଏମିତି ଦେଖୁ ଦେଖୁ ମଧ୍ୟ ବହୁ ସମୟରେ ଭୁଲ୍ କରେ । ବିବେକକୁ ଜଳାଞ୍ଜଳି ଦିଏ । ସେଦିନର ରାଜେନ୍ଦ୍ର ମହାପାତ୍ରକୁ ହୁଏତ ଏମିତି ଗୋଟାଏ ଭୁଲ୍ ଆଖିରେ ସେ ଦେଖିଥିଲା । ସେଇଥିପାଇଁ ରାଜେନ୍ଦ୍ର ତା'ର ଦାଉ

ଯାଉଛନ୍ତି । ଏମିତି ଯେତେବେଳେ ସୀମା ପ୍ରତିଷ୍ଠିତ ଲେଖିକା ହେବ ସେତେବେଳେ ହୁଏତ ଏଇ ରାଜେନ୍ଦ୍ର ପୁଣି ଲେଖିବ...ଅସଲ ସୀମା ରାୟ ଲେଖିକା ନୁହନ୍ତି । ଆଖିରେ ଅନ୍ଧ ପୁଟୁଳି ବାନ୍ଧି ସମସ୍ତେ ସେତେବେଳେ ମଜା ଖବରଟାକୁ ପଢ଼ିବାରେ ଲାଗିବେ, ଉପଭୋଗ କରିବେ । ସେତେବେଳେ ରାଜେନ୍ଦ୍ର ମହାପାତ୍ର କେବଳ ନେତା, ବକ୍ତା, ଲେଖକ ହୋଇ ରହିବ ନାହିଁ । ସମାଲୋଚକ ମଧ୍ୟ ବନେଇ ଯିବ । ଇମିତି କେତେ କଥା ଚିନ୍ତାକରି ସୀମା ଗାଧୁଆ ଘରକୁ ଗଲା । ଯୋସେଇଆ ଗାଧୋଇବା ପାଇଁ ପାଣି ଖଞ୍ଜାଇ ଦେଇ ଜଳଖିଆ ତିଆରି କରିବାକୁ ରୋଷେଇ ଘରକୁ ଯାଇଥାଏ । ସୀମା ଗାଧୋଇ ସାରି ଜଳଖିଆ ଟିକେ ଖାଇନେଇ, ଆସି ପୁଣି ଖବର କାଗଜଟିକୁ ଦେଖିଲା । ସତକଥା । ଖବର କାଗଜରେ ଏମିତି ଗୋଟିଏ ମଜା କଥା ବାହାରିଛି । ସେଇ ଖବରକୁ ଲାଗି ଲାଗି ଆଉ ଗୋଟିଏ ଖବର ବଡ଼ ବଡ଼ ଅକ୍ଷରରେ ବାହାରିଛି । "ରାଜେନ୍ଦ୍ର ମହାପାତ୍ର ଫେରାର ।" ସୀମା ତରବରରେ ଖବରଟିକୁ ପଢ଼ିଯିବାକୁ ଲାଗିଲା । ଲେଖାଥିଲା..."ବିପ୍ଳବୀ ନେତା ରାଜେନ୍ଦ୍ର ମହାପାତ୍ର ଖାଦ୍ୟ ଆନ୍ଦୋଳନ ପାଇଁ ଲୋକଙ୍କୁ ମତାଉଥିଲେ । ପୋଲିସ ସେଥିପାଇଁ ତାଙ୍କୁ ନଜରବନ୍ଦୀରେ ରଖିଥିଲେ । କିନ୍ତୁ କାଲି ରାତିରେ ସେ ପୋଲିସ ଆଖିରେ ଧୂଳି ଦେଇ କେଉଁଆଡ଼େ ପଳାଇ ଯାଇଛନ୍ତି । ତାଙ୍କୁ କେହି ଧରିଦେଲେ ପାଞ୍ଚ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି ।"

ସୀମା ଏବାର ଆଉ ସମ୍ଭାଳି ପାରିଲା ନାହିଁ । ଅଜାଣତରେ ତା'ର ଆଖିରୁ ଲୁହ ବହି ଆସିଲା । ଏ ଲୁହ ଦୁଃଖ ବା ସୁଖର ଲୁହ ନ ଥିଲା । କେବଳ ଥିଲା ଅବାକ୍ ହୋଇଯିବାର ଲୁହ । ସେ

କାଗଜଟିକୁ ରାଗରେ ମୋଡ଼ି ମାଡ଼ି ସିମେଣ୍ଟ ଚଟାଣ ଉପରେ ପକାଇ ଦେଲା । ତାର ମନ କହୁଥିଲା ଏହି ରାଜେନ୍ଦ୍ର ମହାପାତ୍ର··· ସରକାରଙ୍କର ଗୋଟାଏ ଜୀବନ୍ତ ଆତଙ୍କ । ବିପ୍ଳବ ବୋଲି ସେ ଅନବରତ ରଡ଼ି ଛାଡ଼ନ୍ତି । ହେଲେ ନିଜେ ସରକାରୀ ମେସିନ୍ ଭିତରେ ଥିଲେ ସତେ ଯେମିତି ଦେଶଟାକୁ ସୁନାର ଦେଶ କରି ଦିଅନ୍ତେ । ଅଭାବ ଅନାଟନକୁ ଗୋଇଠା ମାରି ତଡ଼ି ଦିଅନ୍ତେ । ସବୁ ଭଣ୍ଡାମି । ସବୁ ଦଲାଲି । ଏଇମାନେ ବିପ୍ଳବ କରନ୍ତି । ପୁଣି ଏଇମାନେ ସେହି ପୋଲିସ ଆଉ ବନ୍ଧୁକର ଆଶ୍ରୟ ନିଅନ୍ତି । କିନ୍ତୁ ପୋଲିସ ବଡ଼ ବିଶ୍ୱସ୍ତ । ସରକାରଙ୍କୁ ନେଇ ତାଙ୍କର ନୀତି ବଦଳେ । ତିରଙ୍ଗା ଝଣ୍ଡା ତଳେ ତା'ର ବନ୍ଧୁକରେ ଯେତେ ଗୁଳି ଫୁଟେ, ଲାଲଝଣ୍ଡା ତଳେ ମଧ୍ୟ ସେତିକି ଗୁଳି ଫୁଟେ । ଏମାନେ ଦେଶର ସେବକ ନୁହନ୍ତି ଶୋଷକ ।

ରହୁଁ ରହୁଁ କେଇଟା ଦିନ ଗଡ଼ି ପଡ଼ିଲା । ଆଜି ଶନିବାର । ଲେଖିକା ସୀମା ରାୟଙ୍କୁ ସମ୍ବର୍ଦ୍ଧନା ଦିଆଯିବାର ଦିନ । ସୀମା ବିଛଣାରେ ପଡ଼ି ଛଟପଟ ହେଉଛି । କ'ଣ କରିବ ସେ ? ସତେ କ'ଣ ସଭା ମଞ୍ଚକୁ ଯିବ ? ଯିଏ ଜୀବନରେ କେବେ ଭାଷଣ ଦେଇନାହିଁ । ସାହିତ୍ୟର ଧାର ଧାରିନାହିଁ । ସେ କି ଭାଷଣ ଦେବ ? ସମ୍ବର୍ଦ୍ଧନାର କି ଉତ୍ତର ଦେବ ? ମୁଣ୍ଡ ତାର ଘୂରିଗଲା । ସୀମା ଭାବିଲା ଆତ୍ମହତ୍ୟା କରିବ । ଯେଉଁଥିରେ କି ସବୁଥିରୁ ସେ ଶାନ୍ତି ପାଇବ । କିନ୍ତୁ ପାରିଲା ନାହିଁ । ବଞ୍ଚିରହିବାର ମୋହ ତାକୁ ପାଗଳୀ କଲା । ସୀମା ଭାବିଲା ସେ ସଭାକୁ ଯିବ, ମଞ୍ଚଉପରେ ଠିଆ ହୋଇ ସେ ସ୍ୱୀକାର କରିବ ଯେ···"ମୁଁ ଲେଖିକା ନୁହେଁ । ଓଡ଼ିଆ ସାହିତ୍ୟିକ ଜୀବନର ମୁଁ ଗୋଟାଏ ବିଦ୍ରୂପ । ବାସ୍ ସେଇ

ପଡ଼ିଥିବ ।” ଏମିତି ଚିନ୍ତା କରୁ କରୁ ତାକୁ କେତେବେଳେ ନିଦ ଲାଗିଯାଇଛି ମାଲୁମ୍ ନାହିଁ ।

ମୁକୁନ୍ଦବାବୁ ବାଡ଼ି ଠକ୍ ଠକ୍ କରି ଘରକୁ ପଶି ଆସି କହିଲେ...“ମାଆ, ଷ୍ଟେସନ୍ କମିଟି ତରଫରୁ ପତ୍ର କାର୍ଡ଼ ଆସିଛି ତୁ କ'ଣ ଯିବୁନାହିଁ ?” ତା'ର ନିଦ ଭାଙ୍ଗି ଗଲା । ନିଦ ମଳ ମଳ ଆଖିରେ ଛନକା ଲୁଚକାଳି ଖେଳିଲା । ସେ ମନେକଲା ସତେ ଯେମିତି ତାକୁ କିଏ ଅର୍ଗଲାକୁ ଡାକୁଛି । ଯାହାହେଉ ତାକୁ ଯିବାକୁ ପଡ଼ିବ । ସୀମା ଉଠିଲା ।

ବାହାର ଘର ଟେବୁଲ୍ ଉପରେ ଖଣ୍ଡେ ଚିଠି ଦେଖି ସୀମା ଅଟକିଗଲା । ପ୍ରେରକର ନାମ ନାହିଁ । ଚିଠି ସେ ଖୋଲିଲା । ପ୍ରଥମ ଧାଡ଼ି ଲେଖାଅଛି—

“ମିସ୍ ସୀମା ! ନମସ୍ତେ । ଖବର କାଗଜରୁ ପଢ଼ିଲି ତୁମକୁ ଆଜି ସାହିତ୍ୟ ସମାଜ ତରଫରୁ ସମ୍ବର୍ଦ୍ଧନା ଦିଆଯାଉଛି । ଖୁସି ହେଲି । ଯାଇଥାଆନ୍ତି, କିନ୍ତୁ କାମର ବହୁଳତା ହେତୁ ଯାଇ ହେବନାହିଁ । ତୁମେ ପ୍ରାୟ କେବେ ସଭାରେ ଭାଷଣ ଦେଇନାହିଁ । ତେଣୁ ଅସୁବିଧା ହୋଇପାରେ । ଏ ଲେଖାଟିକୁ ପଠାଇଲି, ଯଦି କିଛି କହି ନ ପାର ତେବେ ଏଇ ଲେଖାଟିକୁ ପଢ଼ିଦେବ । ହେଇ ପଡ଼ିଥିବ । ମୁଁ ତୁମକୁ ଆଶୀର୍ବାଦ କରୁଛି ତୁମେ ବଡ଼ ହୁଅ । ହଁ...ମୁଁ ତୁମକୁ କେବେ ପ୍ରତାରଣା କରିବି ବୋଲି ମୋନଠେ ଖବର ନାହିଁ । ଅଚ୍ଛା ରହିଲି...ଇତି ।

ତଳେ ନା ନାହିଁ । କିଏ ଏ ଅନାଗତ, ଗଜେନ୍ଦ୍ର ହୋଇଥିବ ବୋଲି ସୀମା ଭାବିଲା, ପୁଣି କେତେ କଥା ଚିନ୍ତାକରି ଲେଖାଟିକୁ

ଦୁଇ ତିନିବାର ପଢ଼ିଗଲି । ଖୁବ୍ ଭଲ ହୋଇଚ୍ଛି । ପ୍ରାଣସ୍ପର୍ଶୀ ଭାଷା । ଯାହାହେଉ ସୀମା ସେତକ ପଢ଼ିଦେବ । ଡେଣିକି ପଛେ ତାହାର କେହି ବଦନାମ କରୁ । ପଦାରୁ ହର୍ଣ୍ଣ ବାଜିଲା । ସୀମା ତରବରରେ ଲେଖାଟିକୁ ବ୍ଲାଉଜ ଭିତରେ ପୁରାଇ ଦେଇ ବାହାରକୁ ବାହାରିଗଲା । ସୀମା ଆଜି କେବଳ ମୁକୁନ୍ଦ ରାୟଙ୍କର ନୁହେଁ । ସାରା ଉତ୍କଳର । ···ପୂଜ୍ୟା, ବନ୍ଦିତା ନାରୀ ।

ଉଚ୍ଛୁଳା କରତାଳି, ଉଚ୍ଛ୍ୱସିତ ପ୍ରଶଂସା ଦେହରେ ସୀମା ନିଜକୁ ହଜାଇ ଦେଲା । ସେ ଦିନର ସଭା ମଉଳିଲା ।

ଏହା ଭିତରେ ପୁଣି କେତେଦିନ କଟି ଯାଇଚ୍ଛି । ସୀମାର ପୁଣି କେତେଗୋଟି ବହି ପ୍ରକାଶିତ ହୋଇଚ୍ଛି । ବେଳେ ବେଳେ ସେହି ଅଶରୀରୀ ଆତ୍ମାର ଚିଠି ସୀମା ପାଖକୁ ଆସିଚ୍ଛି । ସୀମା ନିଜ ସହିତ ଚିଠି ଗୁଡ଼ିକୁ ମିଶାଇ ନେଇ କେତେ କଥା ଚିନ୍ତା କରିଚ୍ଛି । କେତେବେଳେ ସେ ନିଜେ ନିଜକୁ ଭୁଲିଚ୍ଛି ଅବା ଅନ୍ୟକୁ ଭୁଲାଇଚ୍ଛି । ଇମିତି ସମୟ କଟିଚ୍ଛି ।

ପରୀକ୍ଷା ଆଉ ଅଳ୍ପଦିନ । ସୀମା ଦିନରାତି ପରିଶ୍ରମ କରୁଚ୍ଛି । ମୁକୁନ୍ଦ ରାୟ ବାରମ୍ବାର ସତର୍କ କରି ଦେଉଚ୍ଛନ୍ତି "ମାଆ ଏଇକ୍ଷଣି ଟିକେ ଲେଖାଲେଖି ବନ୍ଦ କରି ପାଠ ପଢ଼, ଫେଲ୍ ହୋଇ ଯିବୁ ତ ତୋର ସବୁ ପ୍ରଶଂସା ଲୋକମାନେ ଭୁଲିଯିବେ । ଯେଉଁ ମୁହଁ ଦେଇ ଏତେ ପ୍ରଶଂସା ବାହାରୁଚ୍ଛି, ପୁଣି ସେହି ମୁହଁ ଦେଇ ଗରଳ ଝରିବ । ଏ ଯୁଗର ପରୀକ୍ଷାଟା ଜ୍ଞାନକୁ ମାପିବାର ମାପକାଠି ନ ହୋଇ ପାରେ ମାଆ । ହେଲେ ମଣିଷ ଚିହ୍ନିବାର ଗୋଟାଏ ମାନପତ୍ର ।"

ସୀମା ଚୁପ୍ ରହିଥିଲା ।

ସେଦିନ ସୀମା ରିକ୍ସାରେ କଲେଜ ଯାଉଛି । ମୁକ୍ତାଗଡ଼ର ପୋଲ ସେପାଖକୁ ଡେଇଁ ଗଲାଣି । ହଠାତ୍ ଗୋଟାଏ ଅପରିଚିତ ଲୋକ ପାଟି କରି ଉଠିଲା ସୀମା ରାଣୀ ! ସୀମା ରାଣୀ !! ଟିକେ ଶୁଣିବେ ?

ରିକ୍ସା ବନ୍ଦ ହେଲା । ସୀମା ବୁଲି ଚାହିଁଲା । ସେ ଦେଖେ ତ ତା'ର ପରିଚିତ ରାଜେନ୍ଦ୍ର ମହାପାତ୍ର ଗୋଟିଏ ଷ୍ଟେସନରୀ ଦୋକାନରୁ ବାହାରି ଆସୁଛି, ଦେହରେ ମଇଳା ଜାମା, ଲୁଗା, ଯେପରି ଅବା ଚଟକଲର କୁଲି ସରଦାର । ସୀମା ଆଶ୍ଚର୍ଯ୍ୟ ହେଲା । ରାଜେନ୍ଦ୍ରର ଏ କି ବେଶ ? ଆଜି କ'ଣ ରିକ୍ସା ଅଟକାଇ ତା'ର ପ୍ରତିଶୋଧ ନେବ ? ପୁଣି ଗାଲରେ ଚାପୁଡ଼ା ଦେବ ?

କିନ୍ତୁ ରାଜେନ୍ଦ୍ର ଏ ସବୁ ଚିନ୍ତାକୁ ଦୂରକୁ ଠେଲି ହସି ହସି ସୀମାର ପାଖକୁ ଆସିଲା । ଦାଢ଼ି ସାକୁ ବାକୁ ମୁହଁରେ ହାତମାରି କହିଲା "କ'ଣ ଆଜି କାଲି ଭଲ ଅଛନ୍ତି ?" ସୀମା କେବଳ ମୁଣ୍ଡ ଟୁଙ୍ଗାରିଲା ।

ରାଜେନ୍ଦ୍ର କହିଲା "ମୁଁ ଏବେ ଭାରି ଅସୁବିଧାରେ ପଡ଼ିଛି । ଅଭାବ ଅସୁବିଧା ଭିତରେ ଘର ଚଳାଇବା ଅସମ୍ଭବ । ତେଣୁ ପର ଦୁଆରେ ହାତ ପାତୁଛି । ସୀମା ଏଥର ଆହୁରି ଆଶ୍ଚର୍ଯ୍ୟ ହେଲା । ମନରେ ଚିନ୍ତା କଲା···ରାଜେନ୍ଦ୍ର ଘର ଚଳାଇ ପାରୁନାହିଁ । ତେବେ କ'ଣ ନୂଆ ଘର ସଂସାର କଲାଣି ? ହୋଇପାରେ···।

ସୀମାକୁ ଆଉ କିଛି କହିବାକୁ କାହିଁକି ଭଲ ଲାଗିଲା ନାହିଁ । ସେ ରିକ୍ସାରେ ଚାଲିଯିବାକୁ ବସିଲା । ରାଜେନ୍ଦ୍ର ହଠାତ୍ ରିକ୍ସାକୁ

ବନ୍ଦ କରି ନେଇ କହିଲା "ନାଁ…ନାଁ…ତୁମେ ମୋତେ ଖାଲି ହାତରେ ବିଦାୟ ଦେଇ ପାରିବନି ସୀମା । କେବେ ସିନା କଲେଜରେ ମୋତେ ଅପମାନିତ କରିଥିଲ, ଆଜି ତ ଆଉ ସେ ରାଜେନ୍ଦ୍ର ନାହିଁ । ମୋତେ ଟିକେ ସାହାଯ୍ୟ କର । କିଛି ଟଙ୍କା ପଇସା ଥିଲେ ଦିଅ । ସୀମା ଦେଖିଲା "ସତରେ ଆଜି ରାଜେନ୍ଦ୍ର ଭିକାରୀ । ଆଉ ସେ କିଛି ଚିନ୍ତା ନ କରି ମନିବ୍ୟାଗରୁ ଦଶଟି ଟଙ୍କା କାଢ଼ି ରାଜେନ୍ଦ୍ର ଆଡ଼କୁ ବଢ଼ାଇ ଦେଲା । ରାଜେନ୍ଦ୍ର ଖୁସିରେ ସେତକ ନେଇ ଯାଉ ଯାଉ କହିଲା…"ତୁମେ ତ ଏବେ ଜଣେ ବଡ଼ ଲେଖିକା ହେଇଗଲଣି…ଟଙ୍କା ତ ଖୁବ୍ ପାଉଥିବ । ଆମକୁ କିଛି କିଛି ସେଥିରୁ ଦିଅ ।"

ସୀମା ତଥାପି କିଛି କହିଲା ନାହିଁ ।

ରାଜେନ୍ଦ୍ର କହିଲା…ହଉ ଆଜି ଯାଅ; କିନ୍ତୁ ମନରେ ଯେମିତି ରଖିଥାଅ । ପୁଣି ତୁମର ହାରସ୍ଥ ହୋଇପାରେ । ଆଉ କିଛିପାଇଁ ନୁହେଁ…କେବଳ ଟଙ୍କାପାଇଁ । ସୀମାର କାନ ବଧିର ହୋଇ ଯାଉଥିଲା । ସେ ନୀରବରେ ରିକ୍ସାକୁ ଚାଲିବାକୁ ନିର୍ଦ୍ଦେଶ ଦେଲା । ରିକ୍ସା ଗଡ଼ି ଚାଲିଲା । ରାଜେନ୍ଦ୍ର ସେଇ ଆଡ଼କୁ ଚାହିଁ ଠିଆହୋଇ ରହିଲା ।

ରିକ୍ସା ଗଡ଼ୁଛି । ତାହା ସହିତ ଗଡ଼ୁଛି ସୀମାର ମନ । କେଉଁଠିବଡ଼ ଉଠା ପଡ଼ା ଦୁନିଆଁ, ତାହା ଦେହରେ ଏକଜନିଆ ରାଜେନ୍ଦ୍ର ମହାପାତ୍ର । ମଣିଷ ହେବାପାଇଁ ସେ ମଣିଷଙ୍କ ସହିତ ଯୁଦ୍ଧ କରୁଥିଲା । କିନ୍ତୁ ନିଜେ ମଣିଷ ହୋଇ ପାରିଲା ନାହିଁ । ଏଇ ମଣିଷ ତାକୁ ପାଦରେ ଦଳି ଆଗେଇ ଗଲେ । ତଥାପି ମଣିଷ

ସମାଜ ପ୍ରତି ତା'ର ବିତୃଷ୍ଣା ନାହିଁ, କ୍ଷୋଭ ନାହିଁ । ସବୁଦିନ ଯେମିତି ସେ ହସୁଥିଲା, ଲୋକଙ୍କ ସହିତ ମିଶୁଥିଲା, ବିପ୍ଳବ କରୁଥିଲା, ଆଜି ବି ସେମିତି କରୁଛି । ଖାଲି ଟିକିଏ ବଦଳିଛି । ସେବେ ଥିଲା ସିଏ କଲେଜ ଛାତ୍ର, ଏବେ ସେ ଭିକାରି । ପର ପାଖରେ ହାତ ପତାଉଛି । କିନ୍ତୁ ଇଏ ସେ କ'ଣ କହିଲା ? ନୂଆ ଘର ସଂସାର କରିଛି । ରାଜେନ୍ଦ୍ର ମହାପାତ୍ର ପରି ଲୋକ କ'ଣ କେବେ ଘର ସଂସାର କରି ପାରନ୍ତି ?

ପୁଣି, ସୀମା ଜଣେ ଲେଖିକା ହୋଇଛି ବୋଲି ରାଜେନ୍ଦ୍ର ପଚାରିଲା । ତେବେ କ'ଣ ସେ ଏ ବିଷୟରେ କିଛି ଜାଣିନାହିଁ ? ହୋଇପାରେ, ଆଉ କେଉଁ ଅଦୃଶ୍ୟ ହାତ ଏହାର ତଳେ ଥାଇ କାମ କରି ଚାଲୁଛି । ଇଏ କ'ଣ କଲା ସେ ! ରାଜେନ୍ଦ୍ରକୁ ପଦେ ବି କଥା କହି ପାରିଲା ନାହିଁ । ବିଶ୍ୱବିଦ୍ୟାଳୟର କୃତିଛାତ୍ର ଥିଲା ରାଜେନ୍ଦ୍ର । ଏଇ ସୀମା ପାଇଁ କଲେଜରୁ ତଡ଼ା ଖାଇଛି । ତାର ବିରାଟ ବ୍ୟକ୍ତିତ୍ୱ···ଅସୀମ ନେତୃତ୍ୱ ସୀମାର ନିକଟରେ ହାର ମାନିଛି ।

ସୀମା ମୁଣ୍ଡକୁ ଉଇ ଖାଇଲା । ନିଜ ହାତରେ ନିଜର ଝୁରୁ ଝୁରୁ ଅଉଁଆ ବାଳ ଗୁଡ଼ିକୁ ଝିଙ୍କିଦେଇ କହିଲା "ନାଁ···ନାଁ,··· ମୁଁ ରାଜେନ୍ଦ୍ର ମହାପାତ୍ର ଉପରେ ଅତ୍ୟାଚାର କରିଛି । ମୁଁ ତାହା ଉପରେ ଅନ୍ୟାୟ କରିଛି ।

ହଠାତ୍ ରିକ୍ସାବାଲା ରିକ୍ସା ଅଟକାଇ କହିଲା "କ'ଣ କହିଲେ ମାଆ ।"

ସୀମା ତଳକୁ ମୁହଁ କଲା, ନିଜର ଭାବପ୍ରବଣତା ପାଇଁ ନିଜେ ଲଜ୍ଜିତା ହେଲା । କହିଲା···ନାଇଁ···ଏମିତି କ'ଣ ଚିନ୍ତା

କରୁଥିଲି । ତୁ ଚାଲ, ବେଳ ଡେରି ହୋଇଯିବ । ରମ୍‌ସା ପୁଣି ଗଡ଼ି ଚାଲିଲା ।

ସୀମା କଲେଜରେ ପହଞ୍ଚି କ୍ଲାସକୁ ଗଲାନାହିଁ । ମନଟା ଭଲ ଲାଗୁନାହିଁ । ମୁଣ୍ଡଭିତରେ ସତେ ଅବା "ଓଡ଼ିଶା ଟେକ୍ସ୍-ଟାଇଲ ମିଲ"ର ଚକ ଘୂରୁଛି । କମନ୍‌ରୁମ୍‌ରେ ଖଣ୍ଡେ ଚଉକି ଟାଣିଆଣି ବସିଲା । ସାଙ୍ଗ ଝିଅମାନେ କ୍ଲାସକୁ ଡାକିଲେ, ସୀମା ଗଲାନାହିଁ ।

ଏଣେ ମନ ଭିତରେ ବିଷ । ଏଇ କେତେଦିନ ତଳେ ସୀମା ଖବର କାଗଜରୁ ପଢ଼ିଛି ରାଜେନ୍ଦ୍ର ମହାପାତ୍ର ଫେରାର । ଆଜି ପୁଣି ସେ ଏଠିକୁ ଆସିଲା କେମିତି ? ପୁଣି ନିଜ ଘର ସଂସାର ଦେହରେ ବ୍ୟସ୍ତ ଅଛି ବୋଲି କହିଲା କେମିତି ? ନାଁ···ନାଁ···ରାଜେନ୍ଦ୍ର ମିଛ କହୁଛି, ଠକାଇବାକୁ ଚେଷ୍ଟା କରୁଛି । ଅଙ୍ଗପ୍ରତ୍ୟଙ୍ଗ ଦେହରୁ ରକ୍ତ ସଞ୍ଚାଳନ ବନ୍ଦ ହୋଇ ଯିବାକୁ ବସିଲା । ରାଜେନ୍ଦ୍ରର ରହସ୍ୟମୟ ଜୀବନ ଦେହରେ ପ୍ରବେଶ କରିବା ତାହା ନିକଟରେ କଷ୍ଟ, ଦୁଃସାଧ୍ୟ ହୋଇ ପଡ଼ିଲା । ମନ ଆତୁର ହେଲା । ସୀମା ନିସ୍ତୁକୁ ଉଠିଲା । ନାଁ···ହେବନି । ଘରକୁ ଫେରି ଯିବାକୁ ପଡ଼ିବ । ସାଙ୍ଗ ଝିଅମାନେ ବୋକାଙ୍କ ପରି ଚାହିଁ ରହିଥିଲେ, ପରସ୍ପର ଆଖି ଠାର ଠାର ହୋଇ ।

ଏଇଟା ସାଧାରଣ କଥା । ସାଙ୍ଗମାନେ ଏମିତି କହନ୍ତି । ଝିଅମାନେ ଚିନ୍ତାକୁଳା ହେଲେ ନିଜକୁ ସଂଯତ କରି ପାରନ୍ତି ନାହିଁ । ଚିନ୍ତା ତାଙ୍କୁ ଗ୍ରାସ କରି ବସେ । ସୀମାର ଭାଗ୍ୟରେ ତାହାହିଁ ହୋଇଛି । ଯାହାର ମୁହଁରୁ ଦିନେ ହସ ସରୁ ନ ଥିଲା, ଯାହାର

ଆଖିରୁ ଗୃହାଣୀ ଲିଭୁ ନ ଥିଲା, ଯାହାର ମନରେ ମଳି ଲାଗୁ ନ ଥିଲା, ତା'ର ଆଜି ସବୁ ବଦଳି ଯାଇଛି । ହସ ଲିଭିଛି, ଗୃହାଣି ହଜିଛି ।

କେହି କେହି ହୁଏତ ଭାବୁଥିଲେ, ସୀମା ଉପରେ ସାହିତ୍ୟିକ ଜୀବନର ପ୍ରଭାବ ବେଶି ପଡ଼ୁଛି । ତେଣୁ ସେ ଚିନ୍ତାଶୀଳା ହୋଇ ପଡ଼ୁଛି । କାରଣ ଲେଖିକାମାନେ କୁଆଡ଼େ ସାଧାରଣତଃ ଚିନ୍ତାଶୀଳା ।

ଏକଥା ସବୁବେଳେ ଠିକ୍ ନୁହେଁ, ସାହିତ୍ୟିକର ଅନୁଭୂତି ତା'ର ଜୀବନ ଉପରେ ବେଶି ଅନୁଭୂତ ହୁଏ । ଚିନ୍ତା ଆସେ କ୍ଷଣକ ପାଇଁ । ଯାଏ ବି କାହାକୁ ନ କହି । ସୀମା କିନ୍ତୁ ଲେଖିକା ନୁହେଁ । ସେ କେବେ ଲେଖିକା ହେବାକୁ ମଧ୍ୟ ଚେଷ୍ଟା କରିନାହିଁ । ଗୋଟିଏ ଅଶରୀର ଆତ୍ମା, ଆଉ ଅଦୃଷ୍ଟ ହାତର କାଉଁରି କାଠିରେ ସେ ହୋଇଛି ଲେଖିକା ।

ଯାହାହେଉ···ସେ ଘରକୁ ଫେରିଲା ।

ଏମିତି ଗୁଡ଼ାଏ ଅଜବ୍ କଥା ଚିନ୍ତା କରୁ କରୁ ଦିନଟା ସରିବାକୁ ବସିଲା । ପରୀକ୍ଷା ଆଉ ଅଳ୍ପ ଦିନ । ପାଠ ପଢ଼ିବାକୁ ପଡ଼ିବ । କିନ୍ତୁ କାହିଁ, ସୀମାର ମନ ତ ପଢ଼ାରେ ଲାଗୁନାହିଁ । ଖାଲି ଆକାଶରେ ଉଡ଼ୁଛି । ଭୂଇଁରେ ଲୋଟୁଛି । ସେ ଆଜି ପବନଠାରୁ ଦ୍ରୁତଗାମୀ···ମେସିନ୍ ଠାରୁ ଆହୁରି ଚଞ୍ଚଳା ।

ମୁକ୍ତାଗଡ଼ର ଝାଉଁ ବଣକୁ ଅନ୍ଧାର କରି ସବୁ ଦିନ ପରି ସେ ଦିନର ସଞ୍ଜ ଆସିଲା । ଖାଣ୍ଟି ସ୍ପେଶାଲ୍ ସୁଲେଖା କାଳିର କୋଟିଂ ପରି ଝାଉଁ ଗଛର ସରୁ ସରୁ ପତ୍ର ଗୁଚ୍ଛପାଖ ଅନ୍ଧାର ଲେଖି

ହୋଇଗଲା । ପୂନେଇଁ ବହୁଦିନ ହେଲା ବିଦାୟ ନେଇଛି । ଆଜି କୃଷ୍ଣ ପକ୍ଷ ।

ସୀମାକୁ କିଛି ଭଲ ଲାଗୁନି । ମନଟା ଖାଲି ଖାଲି ଲାଗୁଛି । ଛାତିଟା କିନ କିନ ହେଉଛି, ଆଉ ଆଖି ଦିଟା ଭରି ଭରି ଲାଗୁଛି । ସତେଅବା ମୁକ୍ତାଗଡ଼ର ଲୋକଗୁଡ଼ାକ ଆଉ ଆଜିକ ପାଇଁ ସହର ଛାଡ଼ି ପଳାଇ ଗଲେ କି !! ସୀମାକୁ ତଥାପି କିଛି ଭଲ ଲାଗିଲା ନାହିଁ । ପଢ଼ାଘରକୁ ନ ଯାଇ ଆସି ତଳ ମହଲାରେ ଖଟ ଉପରେ ବିଛଣା ପକାଇ ଶୋଇଲା । ନିଅାଁ ଲାଗା ଆଖିକୁ ତେବେ [illegible] ନିଦ ନାହିଁ ।

ଏମିତି ପୁଣି କେତେ ସମୟ କଟିଲା, ରୋଷେଇଆ ଆସି ଖାଇବାକୁ ଡାକିଲା । ସୀମା କହିଲା "ନାଇଁରେ ମୁଁ ଆଜି ଖାଇବି ନାହିଁ । ଦେହ ମୋର ଭଲ ନାହିଁ ।" ମୁକୁନ୍ଦବାବୁ ସେଦିନ ଘରେ ନ ଥାନ୍ତି, କ'ଣ ଗୋଟାଏ ମୋକଦ୍ଦମା କାମରେ ସେ ମୁକ୍ତାଗଡ଼ରୁ ଅନ୍ଧାରିଗଡ଼ କୋର୍ଟକୁ ଯାଇ ଥାଆନ୍ତି । ଅନ୍ଧାରିଗଡ଼ ମୁକ୍ତାଗଡ଼ଠାରୁ ପ୍ରାୟ ପଚିଶ ମାଇଲ ଦୂର । ତେଣୁ ସେ ଆଉ ନ ଫେରିବା ନିଶ୍ଚିତ । ରୋଷେଇଆ ତଳକୁ ମୁହଁ କରି ଫେରିଗଲା । ଦେଇଙ୍କର ଏ ମୁହଁ ଫୁଲା ଦେଖି ରୋଷେଇଆ ଭାବୁଛି—"ଦେଇ ବଦଳି ଗଲେଣି । ତାଙ୍କୁ କି ରୋଗ ଗ୍ରାସିଲାଣି । ଲାଜରେ ସେ କାହାକୁ କହୁ ନାହାନ୍ତି ସିନା, ହେଲେ ମନ ତାଙ୍କର ପୋଡ଼ୁଛି, ହୁ···ହୁ···ହୋଇ ଜଳୁଛି ।"

ରାତି ବେଶି ହେଲା । ତଥାପି ସୀମାକୁ ନିଦ ନାହିଁ । କାନ୍ଥ ଦେହରେ କାନ୍ଥ ଘଣ୍ଟାଟିଏ ଟଙ୍ଗା ଯାଇଛି । ଅନବରତ ଟିକ୍ ଟିକ୍ ହୋଇ ବାଜୁଛି । ସତେ ଯେମିତି ସେ କହୁଛି···"ସୀମା ଦେଇ

ଶୁଅନା···ଶୁଅନା···ଶୁଅନା ।" ସୀମା ବିରକ୍ତ ହେଲା । ରାଗରେ ଘଣ୍ଟା ଉପରକୁ ବହିଟାଏ ଫୋପାଡ଼ିବାକୁ ବସିଲା । ମନ ତାର କହୁଥିଲା "ହଇରେ ହତଲକ୍ଷ୍ମୀ କ'ଣ ଏଇଥିପାଇଁ ତୋତେ ବାପା ପଇସା ଖର୍ଚ୍ଚ କରି କିଣିଥିଲେ ? ଆମକୁ ଟିକେ ଶୋଇଦେବୁ ନାହିଁ ? ଟିକେ ଭଲ ମନ୍ଦ ହ ।" ଚାହୁଁ ଚାହୁଁ ଭୀମ ଗର୍ଜନ କରି ଘଡ଼ିଟି ପ୍ରତିବାଦ କରି ଉଠିଲା "ନାଁ···ନାଁ···ମୋ କାମ ମୁଁ କରୁଛି । ତୁମେ ମୋତେ ଅଟକା ନାହିଁ । ଏହି ଶବ୍ଦ ଭିତରେ ଘଣ୍ଟାଟି ଠଙ୍ ଠଙ୍ କରି ବାର ଥର ମୁଣ୍ଡ ପିଟିଲା । ଇସ୍···ଘଡ଼ି ମୁଣ୍ଡଟା ଫାଟି ଯାଇଥିବ ସତେ । ହାଁ···ଫାଟିଗଲା ପ୍ରାୟ । ଘଡ଼ିଟା ବନ୍ଦ ହୋଇଗଲା ଯେ ।

ମୁକୁନ୍ଦବାବୁ ସକାଳୁ ସକାଳୁ ଘରୁ ବାହାରି ଯାଇଥିବା ହେତୁ ଘଡ଼ିରେ ଚାବି ଦେଇ ଯାଇ ନ ଥିଲେ । ସୀମାର ମଧ୍ୟ ଚାବି ଦେବାକୁ ମନେ ନାହିଁ । ସେଇଥିପାଇଁ ଘଡ଼ିଟା ବନ୍ଦ ହୋଇଗଲା । ଠେଲ ପେଲ ଭିତରେ ବହୁତ ବାଟ ଆସିଛି । ଆଉ କେତେ ବାଟ ଆସିବ ।

ସୀମା ଦେଖିଲା, ବାରଟା ବାଜିବା ପରେ ଘଡ଼ି ବନ୍ଦ ହୋଇଛି । ହେଉ, ମଣିଷକୁ ଟିକେ ଶୋଇ ଦେଉ ନ ଥିଲା ।

ତଥାପି କାହିଁକି ସୀମାର ଆଖିକୁ ନିଦ ଆସିଲା ନାହିଁ । ସେ ଖଟଟି ଉପରେ ଖାଲିଟାରେ ଚଢ଼ିରହି ଏପାଖ ସେପାଖ ହେବାକୁ ଲାଗିଲା । ମନରେ ସେମିତି ଅସରନ୍ତି ଚିନ୍ତାର ଜୁଆର ଛୁଟିଛି । ଯାହାର କୂଳ ନାହିଁ କି କିନାରା ମଧ୍ୟ ନାହିଁ ।

ଚାହୁଁ···ଚାହୁଁ···ରାତି ଗୋଟାଏ ହେଲା । ପାଖ କଟେଜ ଦେହରେ ଠନ୍ କରି ଘଣ୍ଟା ବାଜି ଉଠିଲା ।

କାଳରାତ୍ରି ପରି ରାତ୍ରି ଗର୍ଜୁଛି, ତାହା ସହିତ ଗର୍ଜୁଛି ଗୋଟାଏ ଅତୃପ୍ତ ଆତ୍ମା । ରାଜେନ୍ଦ୍ର ମହାପାତ୍ର ହୁଏତ କେଉଁଠି ଶୋଇରହି ପ୍ରିୟାର ସ୍ୱପ୍ନ ଦେଖୁଥିବ, କିନ୍ତୁ ସୀମା ଶୋଇ ପାରୁନି । ଖାଲି ମାଖୁନାଟାରେ । ତା' ଦେହରେ ଏ ଯେଉଁ ଉତ୍ତେଜନା ଉଠିଛି, ସେ ନିଜେ ବି ଜାଣେନା···ଏ ସବୁ ଉଜାଗରର ଜାଗର ବଞ୍ଚି କାହାପାଇଁ ।

ହଠାତ୍ ବାହାର ପଟରୁ କିଏ ଦାଣ୍ଡ କବାଟକୁ ଖୁବ୍ ଜୋରରେ ଆଘାତ କରିବାକୁ ଲାଗିଲା । ସୀମାର ଛାତିରୁ ଅତଡ଼ା ଖସିଲା । ଏତେ ରାତିରେ କିଏ ଆଉ କାହାଁକି ବା ଡାକୁଛି ? ଧୀରେ ଧୀରେ ଆଘାତ ସ୍ପଷ୍ଟରୁ ସ୍ପଷ୍ଟତର ହେଲା । ସୀମା ତଥାପି ନୀରବ, କିଂକର୍ତ୍ତବ୍ୟ ହୀନା ।

ଓଃ···ଏଥର କାନ ଅତଡ଼ା ପଡ଼ିଯିବ । କବାଟରେ ଖଣ୍ଡଣ ଆଘାତ ହେଉଛି । ସେଥିରେ ପୁଣି ଗ୍ଲେଟ ଡାକୁଛିଏ···ମିସ୍ ରାୟ···! ମିସ୍···ରାୟ !!

କାହା କଣ୍ଠସ୍ୱର ଇଏ ?? ସୀମା ଆଉ ଅପେକ୍ଷା କରି ପାରିଲା ନାହିଁ । ଗୋଡ଼ ତାର ଆପେ ଆପେ ଆଗେଇ ଗଲା । ମନ କହିଲା··· "ସେ ଯେ ହେଉ ପଛକେ କବାଟ ଖୋଲିଦେ" । ସୀମା ଶିକୁଳୀ ଖୋଲିଦେଲା । ଝଡ଼ ବେଗରେ ରାଜେନ୍ଦ୍ର ସୀମାର କୋଠରୀ ଭିତରକୁ ପଶିଆସି କବାଟକୁ ଆଉଜେଇ ଦେଲା । ସୀମା ଅବାକ ହେଲା । ଗୋଡ଼ଆଙ୍ଗୁ ତାର ପଥର ହୋଇ ଆସିଲା ।

ଏଇ ରାଜେନ୍ଦ୍ର ମହାପାତ୍ର, ଯାହାକୁ ସେ ଦିନେ ମିଛ ଅପବାଦ ଦେଇ କଲେଜରୁ ବାହାର କରି ଦେଇଥିଲା, ସେଇ ଆସିଛି । ଆଖିରେ ତାର ପ୍ରତିଶୋଧ ବହ୍ନି ଜଳୁଥିବ, ଧାଉଁଲା ସିଂହପରି ସେ

ସୀମାର ଉପରକୁ ଝାମ୍ପ ଦେଇ ତା'ର ପ୍ରତିଶୋଧ ନେବ । ଆଉ···। ସୀମା ଆଉ ଚିନ୍ତାକରି ପାରିଲାନାହିଁ । ଉପୂରେ ତା'ର ପାଟିରୁ ଖାଲି ବାହାରି ଆସିଲା···"ମୋତେ କ୍ଷମାକର ରାଜେନ୍ଦ୍ର ବାବୁ ।"

ରାଜେନ୍ଦ୍ର ହସିଲା ନାହିଁ । ଛଳନା ମଧ୍ୟ କଲାନାହିଁ । ସେ ଉପୂର ଥରୁଥିଲା । ଜୀବନ ପାଇଁ ନୁହେଁ···ଯୌବନ ପାଇଁ ମଧ୍ୟ ନୁହେଁ··· ଖାଲି ଯୁଦ୍ଧ ପାଇଁ । ସଂଗ୍ରାମ କରିବା ପାଇଁ । ସମୟ ବିଳମ୍ବ ନ କରି ରାଜେନ୍ଦ୍ର କହିଲା "କିଛି ଭାବନି ମିସ୍ ରାୟ ! ମୋ ପଛରେ ପୋଲିସ ଗୋଡ଼ାଇଛନ୍ତି । କାହିଁକି ଗୋଡ଼େଇଛନ୍ତି ସେ କଥା ମୁଁ ପରେ କହିବି । ମୋତେ ଟିକିଏ କେଉଁଠି ଲୁଚାଇ ରଖ ନଚେତ୍ ସେମାନେ ମୋତେ ବାନ୍ଧି ନେଇଯିବେ । ମୋତେ ଟିକେ ଦୟାକରି କେଉଁଠି ଲୁଚେଇ ରଖ ମିସ୍ ରାୟ ।

ସୀମା ଚିନ୍ତା କରୁଥିଲା···ରାଜେନ୍ଦ୍ର ପଛରେ ପୋଲିସ୍ ଗୋଡ଼ାଇଛି ତେବେ କ'ଣ ସେ ଚୋର ? ତା'ର ଘର ସଂସାର ପାଇଁ ସେ ଚୋରି କରୁଛି ? ଇସ୍···ନେତା ରାଜେନ୍ଦ୍ର ମହାପାତ୍ର କ ଚୋରକାମ ନ କରୁଛି । ତାକୁ ଧରାଇ ଦେବା ଉଚିତ୍ । ତାକୁ ଜେଲ୍‌କୁ ପଠାଇବା ଉଚିତ ।

ହଠାତ୍ ପୋଲିସ୍‌ର ବୁଟ୍ ଶବ୍ଦ ପଦାରେ ଶୁଭିଲା । ସୀମା ଥରି ଉଠିଲା ।

ରାଜେନ୍ଦ୍ର ନିଶ୍ଚୟ ଆରେଷ୍ଟ ହେବ ।

ସୀମାର କଣ୍ଠ ଠିକ୍ ଗୋଟାଏ ବୀଣାର ତାର ପରି ଥରି ଉଠିଲା । ପୋଲିସ୍‌ର ବୁଟ୍ ଶବ୍ଦ ନିକଟରୁ ନିକଟତର ହେଉଛି ।

ରାଜେନ୍ଦ୍ର ମୂକ, ବଧିର, ପାଷାଣ ପରି ଠିଆହୋଇ ମିନତି ଭରା ଆଖିରେ ସୀମାକୁ ଚାହିଁଛି । ସତେ ଅବା ରାଜେନ୍ଦ୍ର ମହାପାତ୍ର

ଆଜି ଜଣେ ନିହାତି ପ୍ରାଣୀ; ବିକଳିଆ ଅପରାଧୀ । ଉଭୟେ...ମରିବ, ନିସ୍ତବ୍ଧ ।

ବୁଟ୍ ଶବ୍ଦ ଆହୁରି ସ୍ପଷ୍ଟ ହୋଇ ଆସିଲା ।

ହଠାତ୍ ସୀମା ନିଜର ଉକୁଟା କେଶରାଶିକୁ ଝିଙ୍କି ଆହୁରି ଅଲରା କରିଦେଲା ।

ଯୁବକ ରାଜେନ୍ଦ୍ର ଆଗରେ ଅବିବାହିତା ଅର୍ଦ୍ଧ ଉଲଗ୍ନା ସୀମା ରାୟ । ଶତାବ୍ଦୀର ଗୋଟିଏ ପରିମାର୍ଜିତ ସଂସ୍କରଣ ।

ରାଜେନ୍ଦ୍ର ଅନ୍ଧ ହୋଇ ଆସୁଥିଲା । ସ୍ମରଣ ଶକ୍ତି ତା'ର ଲୋପ ହୋଇ ଆସୁଥିଲା ।

ପୋଲିସ୍ ବୁଟ୍ ଶବ୍ଦ ଘର ଦୁଆର ମୁହଁରେ ଶୁଭିଲା । ସୀମା ଏକା ଝାମ୍ପକେ ରାଜେନ୍ଦ୍ରକୁ ଖଟଉପରକୁ ଝିଙ୍କିନେଇ ତା'ର ଉପରେ ଲେଟି ପଡ଼ିଲା ।

ପୋଲିସ୍ ଦ୍ୱାର ଠେଲିଲା । ଇସ୍...ହଠାତ୍ "ଦୁଃଖିତ" ବୋଲି କହି ପୋଲିସ୍ ଫେରିଆସିଲା ପଦାକୁ । କେବଳ ପଦାକୁ ନୁହେଁ...ରାଜେନ୍ଦ୍ରକୁ ଖୋଜିବାକୁ ସେ ଅନ୍ୟଆଡ଼େ ଧାଇଁଲା । ହୁଏତ ପୋଲିସ୍ ଭାବିଲା ଯେ ଏ ରାଜେନ୍ଦ୍ର ମହାପାତ୍ର ନୁହେଁ... କୌଣସି ଜଣେ ସ୍ତ୍ରୀ ତା'ର ସ୍ୱାମୀ ସହିତ ରାତି ଯାପନ କରୁଛି ।

ପୋଲିସ୍ ଚାଲିଯିବା ପରେ ସୀମାକୁ ଡାକିଲା । ତରବରରେ ଉଠିପଡ଼ି ଲୁଗାଟାକୁ ନିଜର ଦେହରେ ଗୁଡ଼ାଇ ପକାଇଲା । ଇସ୍...ରାଜେନ୍ଦ୍ର ମୁକୁଳା ଦେହଟାକୁ ଦେଖି କ'ଣ ନ ଭାବିଥିବ ? ଭାବିଥିବ ସୀମା ରାୟ ନଷ୍ଟା...ପତିତା । କିନ୍ତୁ...ଆଉ କିଛି ଭାବି ପାରିଲାନି ସୀମା ।

ରାଜେନ୍ଦ୍ର ଖଟ ଉପରୁ ଉଠି ପାରୁନ। ଦେହ ଅବଶ। ମନ ଦୁର୍ବଳ। ସୀମାର ନଗ୍ନ ସୌନ୍ଦର୍ଯ୍ୟ ଦେଖି ରାଜେନ୍ଦ୍ର ବିଭୋର ହୋଇ ନ ଥିଲା। ସ୍ୱାର୍ଥତ୍ୟାଗ ଦେଖି ଆଶ୍ଚର୍ଯ୍ୟ ହୋଇଥିଲା। ଏଇ ସେହି ସୀମା, ଯିଏ ଦିନେ ରାଜେନ୍ଦ୍ର ନାମରେ ମିଛ ଅପବାଦ ଦେଇ ତାକୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ କରିଥିଲା। ପୁଣି···ଇଏ ସେହି ସୀମା ଯିଏ ଆଜି ନିଜର ଆତ୍ମସମ୍ମାନକୁ ବଳିଦେଇ ରାଜେନ୍ଦ୍ରର ଜୀବନକୁ ବଞ୍ଚେଇଲା। ମଣିଷ ଏମିତି ବଦଳେ। ଠିକ୍ ପୁରୁଣା ଘରକି ନୂଆ ହେବାପରି।

ବରଷିଆ ଯେମିତି ଅଜଗର ସାପ ଭଳି ଶୋଇଥାଏ। ଠିକ୍ ସେମିତି ରାଜେନ୍ଦ୍ର ଶୋଇଛି ସୀମାର ଖଟ ଉପରେ। ଆଖିରେ ତା'ର ଲକ୍ଷରାତିର ତନ୍ଦ୍ରା। କ୍ଷଣକ ଭିତରେ ସେ ନିଘୋଡ଼ ନିଦରେ ଶୋଇ ଯାଇଛି ସେଇଠି। ଆଉ ସତେ ଯେମିତି ଉଠିବନି କେବେ।

ସୀମା ନିଜକୁ ସଜ୍ଜିତ କରି ଚୌକି ଟାଣି ବସିଲା। କିନ୍ତୁ ରାଜେନ୍ଦ୍ରକୁ ଉଠାଇ ପାରିଲା ନାହିଁ। କ୍ଳାନ୍ତ ମଣିଷଟା ବିଶ୍ରାମ ନେଉଛି, ନେଉ ବଳେ ଉଠିବ ନାହିଁ କି ?

ରାତି ଅଧରେ ଦୋଷୀଙ୍କ ପରି ରାଜେନ୍ଦ୍ର ଆସିଛି ସୀମାର କୋଠରୀ ଦେହକୁ। ସୀମା ତା'ର ପ୍ରତିଶୋଧ ନେବ। କବୁଲେଇ ପଚାରିବ। ତଥାପି ସେ କିଛି ପଚାରି ପାରୁନାହିଁ। ପେଟଭିତରୁ କେଉଁ ଗୋଟାଏ ସୂକ୍ଷ୍ମ ତନ୍ତ୍ରୀ ତା'ର ଥରି ଉଠୁଛି, ନାଁ···ନାଁ··· ରାଜେନ୍ଦ୍ର ନିର୍ଦ୍ଦୋଷ। ତାକୁ ତୁ ପ୍ରଶ୍ନବାଣରେ ଘାଇଲା କରନା। ଏମିତି କିଛି ସମୟ କଟିଲା।

ରାଜେନ୍ଦ୍ର ହଠାତ୍ ସ୍ୱପ୍ନରୁ ଉଠିଲା ପରି ବିଛଣା ଉପରୁ ଉଠି ପଡ଼ିଲା। ସୀମାକୁ ଦେଖି କହିଲା, "କ୍ଷମା କରିବ ସୀମା ଦେବୀ,

କ୍ଲାନ୍ତ ହୋଇ ପଡ଼ିଥିବା ହେତୁ ଅଜାଣତରେ ନିଦ ହୋଇଗଲା । ତୁମେ ବସି ବସି ବହୁତ କଷ୍ଟ ପାଇଥିବ । ତୁମର ଋଣ ଶୁଝି ହେବାର ନୁହେଁ । ହଉ, ଆଜି ଯାଉଛି, ପୁଣି କେବେ ଆସିବ ।"

ସୀମାର ନିଦ ଭାଙ୍ଗିଲା । ଏତେ ସମୟ ଧରି ସେ ଖାଲି ଗୋଟାଏ ଅଜଣା ରାଇଜରେ ଘୁରୁଥିଲା । ରାଜେନ୍ଦ୍ରର କଥାରେ ସେ ଯେମିତି ପୁଣି ନିଜକୁ ଚିହ୍ନିବାକୁ ଚେଷ୍ଟା କରୁଛି । ଏଥର କିନ୍ତୁ ସେ ଚୁପ୍ ରହି ପାରିଲା ନାହିଁ । ମୁହଁ ଖୋଲି କହିଲା, "ଏତେ ରାତିରେ କୁଆଡ଼େ ଯିବ ?"

ସେମିତି ନିର୍ଲିପ୍ତ ଭାବରେ ସୀମାକୁ ବକ୍ ବକ୍ ଚାହିଁ ରାଜେନ୍ଦ୍ର କହିଲା, "ମୋର ଜୀବନଟା ସାରା ତ ରାତି । ଏ ରାତିର ଶେଷ ନାହିଁ । ଆଲୋକର ସନ୍ଧାନରେ ମୁଁ ପ୍ରାଣମୂର୍ଚ୍ଛା ଧାଇଁଛି । ହେଲେ ଏ ଜୀବନରେ ପାଇବି ବୋଲି ଆଶା ନାହିଁ । ସେଇଥିପାଇଁ, ଏ ରାତିର ଅନ୍ଧାର ମୋତେ ଯେତେ ଭଲଲାଗେ, ଦିନର ଆଲୋକ ସେତେ ଭଲ ଲାଗେ ନାହିଁ ।"

ସୀମା କହିଲା, ତୁମେ ନେତା ଥିଲ ରାଜେନ୍ଦ୍ର ବାବୁ, କିନ୍ତୁ ଚୋର ନ ଥିଲ । ଏମିତି କଦର୍ଯ୍ୟ କାମରେ ହାତ ଦେବାକୁ ତୁମକୁ କିଏ କହିଲା ? ତୁମ ଜୀବନକୁ ତୁମେ ନଷ୍ଟ କରିଦେଇ ପାରିଲ ?

ଏଥର ରାଜେନ୍ଦ୍ର ହସିଲା, ଠିକ୍ ଗୋଟିଏ କୁନି ପିଲା ଯେମିତି ବିନା କାରଣରେ ହସି ହସି ଗଡ଼ିଯାଏ । ସୀମା ଆଶ୍ଚର୍ଯ୍ୟରେ ରାଜେନ୍ଦ୍ର ଆଡ଼କୁ ଚାହିଁ କହିଲା, "ମୁଁ କ'ଣ ମିଛ କହିଲି ?"

ରାଜେନ୍ଦ୍ର କହିଲା "ତୁମେ କେବେ ମିଛ କୁହନାହିଁ, ସେ କଥା ମୁଁ ଜାଣେ । ସେଦିନ କଲେଜରେ ତୁମେ ମୋର ବିଷୟରେ ଯେଉଁ କଥା କହିଥିଲ, ତାହା ମୋଟେ ମିଛ ନ ଥିଲା । ମୋ ପରି ଗୋଟାଏ ଗରିବ ସମ୍ବଳହୀନ ବ୍ୟକ୍ତିକୁ ଲମ୍ପଟ କହି ଅପବାଦ ଦେବା ତୁମ

ତରଫରୁ ଅଯୌକ୍ତିକ ହୋଇ ନାହିଁ । ତୁମେ ନାରୀ ଜାତିର ଗୋଟିଏ ପ୍ରତିରୂପ । ତୁମେ ସୀତା ସାବିତ୍ରୀ ଦେଶର ନାରୀ । ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ତୁମର କର୍ତ୍ତବ୍ୟ । ତେଣୁ ତୁମେ ଠିକ୍ କରିଥିଲ, କିନ୍ତୁ ମୋର କ'ଣ ମନେହେଲା ଜାଣ ? ଏ ଦେଶରେ କେବେ ସୀତା ସାବିତ୍ରୀର ଜନ୍ମ ହୋଇ ନ ଥିଲା···ଆଉ ହେବ ନାହିଁ ।"

ସୀମା ଆଜି ନିଜକୁ ସମ୍ଭାଳି ପାରିଲା ନାହିଁ । ଉତ୍ତେଜନାରେ ଚୌକି ଉପରୁ ଉଠିପଡ଼ି ରାଜେନ୍ଦ୍ରର ହାତକୁ ଧରି ପକାଇଲା । କହିଲା, "ମୋର ଦୋଷ ହୋଇଛି ରାଜେନ୍ଦ୍ର ବାବୁ । ମୋତେ କ୍ଷମା ଦିଅ । ହେଲେ ମୋ ଉପରେ ପ୍ରତିଶୋଧ ନ ନେଇ ତୁମେ ନିଜକୁ ନଷ୍ଟ କରିଦେଲ କାହିଁକି ?"

ରାଜେନ୍ଦ୍ର ପୁଣି ହସିଲା । କହିଲା, "ମୁଁ ନଷ୍ଟ ନ ହେଲେ ଯେ ସାରା ସମାଜଟା ନଷ୍ଟ ହୋଇଯିବ ।"

ସୀମା ବଲ ବଲ କରି ରାଜେନ୍ଦ୍ର ମୁହଁକୁ ଚାହିଁ ରହିଲା, କହିଲା "ତୁମେ ନୂଆ ଘର ସଂସାର କରିଛ, ତୁମର ଗୃହିଣୀ ଯେତେବେଳେ ଏକଥା ଶୁଣିବେ, କ'ଣ କହିବେ ?"

ରାଜେନ୍ଦ୍ର କହିଲା, "ହଁ···ସୀମା ଦେବୀ ! ମୁଁ ନୂଆ ଘରସଂସାର କରିଛି । କିନ୍ତୁ ସେ ଘରସଂସାର ଦେହରେ ଗୃହିଣୀ ନାହାନ୍ତି । ତୁମ ପରି ଯୁବ ଯୁବତୀଙ୍କୁ ନେଇ ଗୋଟିଏ ଘରସଂସାର କରିଥିଲି, ତାଙ୍କୁ ତୁମେ ନଷ୍ଟ କରିଦେଲ । ତେଣୁ ଆଜି ଗୋଟିଏ ଘରସଂସାର କରିବାକୁ ବାଧ୍ୟ ହେଲି । ସେ ଘରର ଲୋକ ସାରା ପୃଥିବୀର ଲୋକ । ସେ ଘରର ଗୃହିଣୀ ସାରା ପୃଥିବୀର ନାରୀ ସମାଜ ।

ତାଙ୍କୁଇ ଖାଇବାକୁ ଦେବା, ପିନ୍ଧିବାକୁ ଦେବା, ଶିକ୍ଷା ଦେବା, ସ୍ୱାଧୀନତା ଦେବା ହେଉଛି ମୋର ଦାୟିତ୍ୱ ।"

ଏଥର ସୀମା ମୁଣ୍ଡ ନୁଆଁଇଲା । ସେ ଅନୁଭବ କଲା ଯେତେ ଯେମିତି ଶ୍ରୀକୃଷ୍ଣଙ୍କର ବିଶ୍ୱରୂପ ଦର୍ଶନରେ ଅର୍ଜୁନର ହୃତ୍‌କମ୍ପ ଜାତ ହେଉଛି । ରାଜେନ୍ଦ୍ର ଚୋର ନୁହେଁ । ଆଇନ୍ ଅମାନ୍ୟକାରୀ ବିପ୍ଳବୀ ନେତା ରାଜେନ୍ଦ୍ର ମହାପାତ୍ର । ଯିଏ ବଙ୍ଗ ଉତ୍କଳ ଖାଦ୍ୟାଞ୍ଚଳ ଗଠନର ପ୍ରତିବାଦ କରି ହାତ ଉଠାଇଛି । ସେଇଥିପାଇଁ ତା'ରି ପଛରେ ପୋଲିସ । ସତରେ କହିବାକୁ ଗଲେ ଆଜିକାଲି ଦୁନିଆଁରେ କେଉଁଟା ଆଇନ୍, ଅବା କେଉଁଟା ବେଆଇନ୍, ତାହା ଠିକ୍ କରିବା ଦୁଃସାଧ୍ୟ । ବଡ଼ କଷ୍ଟ ।

ସୀମା କହିଲା "ରାଜେନ୍ଦ୍ରବାବୁ, ତୁମକୁ ଆଉ ଗୋଟାଏ କଥା କହିବାକୁ ପଡ଼ିବ । ମୋ ରାଣ ନିଶ୍ଚୟ ସତ କହିବ ।"

ରାଜେନ୍ଦ୍ର କହିଲା···"କୁହ ।"

"କଲେଜ ଜୀବନର ଇତିକଥା" ଗପଟି କିଏ ଲେଖିଥିଲା ସତ କୁହ ।

···ସୀମା ରାୟ ।

···ମିଛ ।

···କେମିତି ଜାଣିଲ ?

···ମୁଁ ତ ନିଜେ କହୁଛି ମୁଁ ଲେଖିନାହିଁ ?

···କିନ୍ତୁ ପତ୍ରିକା ଓ ପତ୍ରିକାର ସମ୍ପାଦକ ତ ତୁମରି ନାମ କହୁଛନ୍ତି !

ନାଁ···ନାଁ···ମୋର ବିଶ୍ୱାସ ତୁମେଇ ମୋର ନାମରେ ଲେଖାଗୁଡ଼ିକ ଲେଖି ଛପାଉଛ ।

—ହଁ···ମୋ କଲମରୁ ବାହାରୁଛି ସତ । କିନ୍ତୁ ଲେଖା-ଗୁଡ଼ିକ ତୁମେଇ ଲେଖୁଛ ।

—କି ଆଶ୍ଚର୍ଯ୍ୟ କଥା କହୁଛ ତୁମେ !

—ସତ କହୁଛି ସୀମା । ଲେଖକ ଲେଖିବାବେଳେ ନିଜେ ମରିଥାଏ । ଆଉ ଗୋଟିଏ ଜୀବନ ଆସି ତା'ର ସ୍ମୃତି ଭିତରେ କାମକରେ । ଠିକ୍ ସେମିତି ସେ ଲେଖାଗୁଡ଼ିକ ଭିତରେ ଦେଖ, ତୁମେଇ ବଞ୍ଚିଛ । ତୁମେଇ ଖେଳୁଛ । କିନ୍ତୁ ମୁଁ ମରିଛି ।

—ତୁମକୁ ମାରି ତୁମେ ମୋତେ ବଞ୍ଚାଇବାକୁ ଚେଷ୍ଟା କରୁଛ କାହିଁକି ?

—ପ୍ରଗତିର ସ୍ୱପ୍ନ ଦେଖି ନାରୀ ଜାତି ଆଗେଇ ଚାଲିଛି । ଆଗେଇ ଯାଉ, ସେଥିରେ କ୍ଷତି କ'ଣ ଅଛି ? ଗୌରବର ଶେଷ ସୀମାରେ ପହଞ୍ଚି ସେ ନିଶ୍ଚୟ ନିଜକୁ ସୁଧାରିବାକୁ ଚେଷ୍ଟା କରିବ । ମୁଁ ତାକୁ ମାରିବାକୁ ଚେଷ୍ଟା କରି ଲାଭ କ'ଣ ?

—କିନ୍ତୁ ମୁଁ ଯେ ତୁମକୁ ଅପମାନ ଦେଇଥିଲି !

—ଅପମାନକୁ ଅପମାନରେ ଦବାଇବାକୁ ଚେଷ୍ଟା କଲେ ପ୍ରତିହିଂସା ତୀବ୍ର ହେବ ସୀମା ଦେବୀ । ତେଣୁ ମୁଁ ତୁମକୁ ଗୌରବ ଦେଇ ଅପମାନିତ କରିବାକୁ ଚେଷ୍ଟା କରିଛି ।

—କିନ୍ତୁ ଏ କଥା ଯେବେ ପଦାରେ ଜଣାପଡ଼େ···

—ରାଜେନ୍ଦ୍ର ସ୍ୱାର୍ଥପର ନୁହେଁ ।

ନାଁ···ନାଁ···ତୁମ ଗୌରବରେ ତୁମେ ବଳଶାଳୀ ହୁଅ । ମୋ ଉପରେ ଲଦି ଦେଇ ମିଛଟାରେ ମୋତେ ଋଣୀ କରୁଛ କାହିଁକି ?

— କଏ କହିଲା ତୁମେ ମୋ ନିକଟରେ ଋଣୀ ହୋଇଛ ? ଓଲଟି ମୁଁ ତୁମ ପାଖରେ ଋଣୀ ହୋଇଛି ।

—ମିଛ ।

—ସତରେ ସୀମାଦେବୀ ! ମୋର ଦର୍ଶନ ଯେବେ ମୋ ନାମରେ ମୁଁ ପ୍ରକାଶ କରି ଥାଆନ୍ତି, ତେବେ ସରକାର ମୋତେ ଅନିଷ୍ଟ କରିବାକୁ ସୁବିଧା ପାଇ ଥାଆନ୍ତେ । ମୁଁ ସରକାର ଆଖିରେ ଧୂଳି ଦେଇ ପାରି ନ ଥାଆନ୍ତି । ଠିକ୍ ସେତିକବେଳେ ମୁଁ ଅନୁଭବ କଲି···ତୁମେଇ କେବଳ ମୋର ଜଣେ ଅନ୍ତରଙ୍ଗ ବନ୍ଧୁ, କେବଳ ସେଇଥିପାଇଁ ତୁମ ନାମରେ ଲେଖାଗୁଡ଼ିକ ପ୍ରକାଶ କଲି । "କଲେଜ ଜୀବନର ଇତିକଥା" ଗଳ୍ପରେ ଗୋଟିଏ ଶିକ୍ଷିତା ନାରୀର କାହାଣୀ ଯେତେ ଦ୍ରୁତଗାମୀ ନ ଥିଲା, ଶିକ୍ଷା ଜଗତର କର୍ମକର୍ତ୍ତାମାନଙ୍କର ମନମୁଖୀ ଶାସନ ସେତେ ଦ୍ରୁତଗାମୀ ଥିଲା । ଅନ୍ୟ ଲେଖାଗୁଡ଼ିକ ଦେହରେ କେମିତି ରାଜନୀତିର ସୂକ୍ଷ୍ମ ବ୍ୟାଖ୍ୟା ହୋଇଛି, ତାହା ତ ତୁମେ ନିଜେ ଦେଖିଥିବ ।

ସୀମା ଆଉ କିଛି କହି ପାରିଲା ନାହିଁ, ତା'ର ଇଚ୍ଛା ହେଉ-ଥିଲା, ସେ ରାଜେନ୍ଦ୍ରର ପାଦ ତଳେ ଲୋଟି ପଡ଼ନ୍ତା ।

ରାଜେନ୍ଦ୍ର କହିଲା, "ହଉ, ମୁଁ ଆଜି ଯାଉଛି ସୀମାଦେବୀ, ପୁଣି କେବେ ଆସିବି । ଆଶା ମୋ ପରି ଜଣେ ଗରିବ ପାଇଁ ତୁମର କୁବେର ଭଣ୍ଡାର ସବୁ ଦିନ ଖୋଲି ରଖିବ ।" କହୁ କହୁ··· ରାଜେନ୍ଦ୍ର ବାହାରକୁ ଚାଲି ଯାଇଥିଲା । ସୀମା କିଛି କହିବା ଆଗରୁ ରାଜେନ୍ଦ୍ର ଅନ୍ଧାର ଦେହରେ ମିଶିଗଲା । ସୀମା ଡାକିବାକୁ ଚେଷ୍ଟା କଲା, କିନ୍ତୁ ପାରିଲା ନାହିଁ । ତା'ର ତଣ୍ଟି ପାଖରେ ସତେ ଯେମିତି

କିଏ କହୁଥିଲା – ଯିଏ କୋଟିଏର, ତାକୁ ଗୋଟିଏ ଇଞ୍ଚ ଛୁଟିରେ ବାନ୍ଧି ରଖିବୁ କାହିଁକି ? ଯାଉ···ପୁଣି ସମୟ ହେଲେ ସେ କ'ଣ ଫେରିବ ନାହିଁ !!

ପୁଣି ସୁ ରଥ ବାହୁଡ଼ା ଦିନ ବଡ଼ ଦେଉଳକୁ ଫେରେ; କିନ୍ତୁ ରୁକୁଣା ରଥ ଫେରେ ନାହିଁ । ଠିକ୍ ସେମିତି ରାଜେନ୍ଦ୍ର ଯାଇଛି ଯେ ଆଉ ତା'ର ଦେଖା ନାହିଁ । ସୀମା ବହୁ ସମୟରେ ରାଜେନ୍ଦ୍ର କଥା ଭାବେ, ପୁଣି ଚୁପ୍ ରହେ । ଉଷ୍ମ ନିଶ୍ୱାସ ତଳେ ରାଜେନ୍ଦ୍ରର ପାତଳ ଚେହେରା ଉଙ୍କି ମାରେ । ସୀମା ଦେହକ ଗତି ଯୁଗକୁ ଫେରିଯାଇ ନାହୁଁକି ରାଜକୁମାରର ବାହୁଗ୍ରସ୍ତା ତଳେ ନିଜକୁ ଛଟପଟ ହୁଏ, ପୁଣି ସ୍ୱପ୍ନହିଁ ସ୍ୱପ୍ନରେ ପଡ଼ିରହେ, ଦିନ କଟେ ।

ମୁକୁନ୍ଦବାବୁ ବେଳେ ବେଳେ କାମରୁ ଫେରି ପଚାରନ୍ତି, "ମାଆ ! କ'ଣ ଗୁଡ଼ାଏ ଏତେ ବେଶୁ ଚିନ୍ତା କରୁଛୁ ? ଦେହ ତୋର କ'ଣ ହେଲଣି ଦେଖିଲୁ ।" ସୀମା କିନ୍ତୁ ଦେହକୁ ଚାହେଁ ନାହିଁ, ମନକୁ ଚାହେଁ । ସତକଥା, ଆଗଠାରୁ ତା'ର ମନଟା ଖୁବ୍ ଅଡୁଆ ଝଡୁଆ ହୋଇଯାଇଛି । ଭାରି ଗୋଳମାଳିଆ ହୋଇ ଯାଉଛି । ସେ ମନକଥା ଖୋଲିପାରେ ନାହିଁ । ଅଜାଗା ଘାଆ ପରି ସେ ଭିତରେ ଭିତରେ ପଚେ ।

ସେଦିନ ମୁକୁନ୍ଦବାବୁ ଖାଇ ପିଇ କଚେରୀକୁ ବାହାରି ଗଲେ । ସୀମା ଘରେ ଥାଏ । ଆଗରେ ପରୀକ୍ଷା, ତେଣୁ କଲେଜ ବନ୍ଦ । ଟେବୁଲ୍ ଉପରେ ବହିର ଥାକ । କେଇଟା ଦିନ ଭିତରେ ସବୁଗୁଡ଼ାକ ଥରେ ଥରେ ପଢ଼ିବାକୁ ପଡ଼ିବ । ନଚେତ୍ ଫେଲ୍ ହେଲେ ସମସ୍ତେ ନାକ ଟେକିବେ । ବାପା ମନକଷ୍ଟ କରିବେ ।

କିନ୍ତୁ ଏଇ କ'ଣ ପ୍ରତ୍ୟେକ ବହିର ପୃଷ୍ଠା ଦେହରେ ଯେ ରାଜେନ୍ଦ୍ର ଲୋଭକ ପରି ଛପି ଯାଉଛି । ପୁଣି ଧୀରେ ଧୀରେ କହୁଛି, "ମୋତେ ତୁମେ ତୁମ ବାହୁ ଗୁଡ଼ାଇଲେ ଆଶ୍ରମ ଦିଅ ସୀମା, ନଚେତ୍ ଏ ଭଙ୍ଗୁର ବିଶ୍ୱ ମୋତେ ଭାଙ୍ଗି ଚୁରି ନଷ୍ଟ କରଦେବ ।" ସୀମା ହାତରେ ବହିଗୁଡ଼ାକୁ କଚୁଡ଼ି ଦେଇ ଚଲେ । ଚିତ୍କାର କରି କହିଲା, "ରାଜେନ୍ଦ୍ର ବାବୁ ! ମୋତେ କ'ଣ ପଢ଼ାଇ ଦେବନାହିଁ ତୁମେ ?"

ଠିକ୍ ସେହି ସମୟରେ କବାଟ ଠେଲି ଘର ଭିତରକୁ ପଶି ଆସୁ ଆସୁ ରାଜେନ୍ଦ୍ର କହିଲା, "ମୁଁ ତ ତୁମ ପଢ଼ାରେ କେବେ ବାଧା ଦେବାକୁ ଚେଷ୍ଟା କରିନି ସୀମାଦେବୀ, ଆଜି ପୁଣି ଏ ଅପବାଦ କାହିଁକି ?"

ସୀମାର ମୁହଁ ରଙ୍ଗା ପଡ଼ିଗଲା । ଅସ୍ତ୍ରନକ ଭାବେ ରାଜେନ୍ଦ୍ର ଆସିଛି । ଏ ପଦକ କଥା ଶୁଣି କ'ଣ ନ ଭାବିଥିବ । ନିଜର ଭାବ ଲୁଚାଇ ସୀମା କହିଲା···"ସତରେ ରାଜେନ୍ଦ୍ର ବାବୁ ତୁମେ ମୋତେ ପଢ଼ାଇ ଦେଉନାହଁ ।"

ରାଜେନ୍ଦ୍ର ଅବାକ୍ ହେଲା । କହିଲା, "ମୁଁ ତ ତୁମ ଘରକୁ କେବେ ଆସେ ନାହିଁ । ତୁମକୁ କେମିତି ପଢ଼ାଇ ଦେଇନାହିଁ ।" ସୀମା ସାମାନ୍ୟ ହସ ଟାଣି କହିଲା "ତୁମେ ସିନା ଆସନାହିଁ ହେଲେ ତୁମର ଭୂତ ଆସେ । ମୋ ପଢ଼ା ଟେବୁଲ ଉପରେ ନାଚିଁ ନାଚି ଖୁବ ଇନ୍ଦ୍ରଜାଲ ସୃଷ୍ଟି କରେ । ସେଇଥିପାଇଁ ମୁଁ ପଢ଼ି ପାରେ ନାହିଁ । ତୁମେ ଆସୁଥିଲେ ତ ମୋର ପଢ଼ାରେ ମୋଟେ ଗୋଳମାଳ ହୁଅନ୍ତା ନାହିଁ ।"

ରଜେନ୍ଦ୍ର ସବୁ ବୁଝିଲା । ପୁଣି ନ ବୁଝିଲା ପରି ଛଳନା କରି କହିଲା, "ତୁମ ବଡ଼ଲୋକମାନେ ଗରିବଗୁଡ଼ାଙ୍କୁ ଭଲ ପାଆନ୍ତି । ତାଙ୍କଠାରୁ ଫଳ ଫଳ କରି ରକ୍ତ ନିଗାଡ଼ି କାମ ନିଅନ୍ତି, ହେଲେ ଗରିବ ଲୋକଙ୍କ ଭୂତକୁ ଯାରି ଡରନ୍ତି । ସେ ଭୂତ କଏ ତୁମେ ପ୍ରାପ୍ତ ବୁଝି ପାରୁ ନଥିବ । ଗରିବ ଲୋକଙ୍କର ମନ ହେଉଛି ଭୂତ । ସେ ବଡ଼ ହେବାକୁ ଚାହେଁ । ତେଣୁ ବଡ଼ ଲୋକ ତାକୁ ଘୃଣା କରେ ।"

ସୀମା ମୁହଁ ହଲାଇ କହିଲା "ମିଛ ।"

ରଜେନ୍ଦ୍ର କହିଲା, "ତୁମେ ଯାହା କୁହ ପଛେ ସୀମାଦେବୀ କିନ୍ତୁ ମୁଁ କହିବ ତୁମେ ସବୁ ଗରିବଗୁଡାକୁ ଉପରେ ଉପରେ ଭଲପାଅ ।"

ସୀମା କହିଲା "ଅତଏବ ତୁମେ କ'ଣ କହୁଛ ଆମେ ଶୋଷକ ।"

—ଶୋଷକ'ନ ହୋଇ ଥାଇ କିନ୍ତୁ ପ୍ରପୀଡ଼ିକ ନିଶ୍ଚୟ ।

— ଅତଏବ ତୁମେ କହିବାକୁ ଚାହୁଁଛ ମୁଁ ଛଳନା କରୁଛି ।

—କିନ୍ତୁ ବାସ୍ତବ ନୁହେଁ ମଧ୍ୟ ।

—ଅତଏବ ଆମ ବିଂଶ ଶତାବ୍ଦୀର ସଭ୍ୟତା ତୁମକୁ ଭଲ ଲାଗେ ନାହିଁ ।

—ଲାଗେ, କିନ୍ତୁ ବିଂଶ ଶତାବ୍ଦୀର ଚୌମହଲା ଅଟ୍ଟାଳିକା ଅପେକ୍ଷା ମାଟିର କୁଡିଆକୁ ମୁଁ ବେଶୀ ପସନ୍ଦ କରେ ।

—ତୁମେ ଏଇ ଶତାବ୍ଦୀର ମଣିଷ । କିନ୍ତୁ ତୁମକୁ ପ୍ରଗତି ଭଲ ଲାଗେ ନାହିଁ । ଅତଏବ ତୁମେ ଏ ଶତାବ୍ଦୀର ମଣିଷ ନୁହଁ ।

—କିନ୍ତୁ ମରିବା ଅପେକ୍ଷା ମଣିଷ ହୋଇ ଜନ୍ମ ନ ହେବାହିଁ ଭଲ ।

—ଅତଏବ !

—କିନ୍ତୁ…

—ଅତଏବ…

—କିନ୍ତୁ… ।

ଦୁଇଜଣ ଯାକ ହୋ…ହୋ…ହୋଇ ହସି ଉଠିଲେ । ରାଜେନ୍ଦ୍ର ଅଟ୍ଟାରେ ହସୁ ହସୁ କହିଲା "ହଉ ଅତଏବ ! ଖୁବ୍ ଶୋଷ ହେଲାଣି ପାଣି ଗ୍ଲାସେ ଦେବ ?" ସୀମା ହସୁ ହସୁ ତରବର ହୋଇ ପାଣିପାଇଁ ଚାଲିଗଲା । ରାଜେନ୍ଦ୍ର ସୀମାର ଟେବୁଲ୍ ପାଖରେ ବସି ବହିଗୁଡ଼ିକୁ ଖେଲାଇବାକୁ ବସିଲା ।

କିଛି ସମୟ ପରେ ସୀମା ପାଣି ଧରି ଆସି ରାଜେନ୍ଦ୍ର ପଛ ପାଖରେ ଠିଆ ହୋଇ କହିଲା, "କିନ୍ତୁବାବୁ ! ପାଣିଗୁଡ଼ାକ ନିହାତି ଗରମ ହୋଇଛି । ପିଇବ ତ ?" ରାଜେନ୍ଦ୍ର ହସିଲା…କହିଲା ଗରମ ପାଣି ପିଇବାର ଅଭ୍ୟାସ ମୋର ନାହିଁ । ତଥାପି ତୁମେ ଯେତେବେଳେ ଦେଉଛ, ଦିଅ । ଆଖି ବୁଜି ପିଇଦେବି । ସୀମା ପାଣି ଗିଲାସଟା ବଢ଼ାଇ ଦେଉ ଦେଉ କହିଲା…ନିଅ କିନ୍ତୁ ଗ୍ଲାସରେ ପାଣି ନାହିଁ ।

– ମାନେ !

– ମାନେ, ଶୋଷ କରୁଥିବା ବେଳେ ପାଣି ନ ମିଳିଲେ ମଣିଷକୁ କେମିତି ଲାଗେ ଅନୁଭବ କରୁଛ ତ ? ତୁମକୁ ଶୋଷ ଲାଗିଲା ବୋଲି ତୁମେ ମୋ ପାଖକୁ ଧାଇଁ ଆସିଲ । ମୋତେ

ଯେତେବେଳେ ଶୋଷ ଲାଗେ । ସେ ବେଳ କଥା କେବେ ଚିନ୍ତା କରିଛ ?

ରାଜେନ୍ଦ୍ର ଆଉ ଟିକେ ଅଝାଳିଆ ସ୍ୱରରେ କହିଲା, "ଯେ ଶୋଷିଲା ସେ ପାଣି ମାଗେ । ମୋତେ ଶୋଷ ଲାଗିଲା ତୁମକୁ ପାଣି ମାଗିଲି । କିନ୍ତୁ ତୁମେ କେବେ ପାଣି ମାଗିଛ ?"

— ସୀମା କହିଲା "ଅତଏବ ତୁମେ କହୁଛ ମୋତେ କେବେ ଶୋଷ ଲାଗିନାହିଁ । ଏଇତ ?" ରାଜେନ୍ଦ୍ର ମୁଣ୍ଡ ଟୁଙ୍ଗାରିଲା ।

କଥାବାର୍ତ୍ତା ହେଉ ହେଉ ଦୁଇଜଣଯାକ ବସିଲେ । ଅସରନ୍ତି ଗପର ଜୁଆର ଛୁଟିଲା । ରାଜେନ୍ଦ୍ର ତା'ର ରାଜନୀତିକ ଜୀବନର କାହାଣୀ କହିଲା । ସୀମା ବକ୍ ବକ୍ କରି ଗୁହାଁ ସବୁ ଶୁଣିଗଲା । ଆଖିରେ ତା'ର ଲୁହ ଆସିଲା । ସତରେ ରାଜେନ୍ଦ୍ର ଜଣେ ନିସ୍ୱାର୍ଥ-ପର ଦେଶସେବୀ ।

କେତେ ଘଣ୍ଟା କଥାବାର୍ତ୍ତା ପରେ ରାଜେନ୍ଦ୍ର ଚାଲିଗଲା, କିନ୍ତୁ ଦୁଇ ଜଣ ଦୁଇ ଜଣଙ୍କୁ ଗୋଟାଏ ନୂଆ ଦୃଷ୍ଟିରେ ଦେଖିଲେ । ନୂଆ ଜୀବନର ସ୍ୱପ୍ନ ଦେଖିଲେ । ସେହିଦିନଠାରୁ ରାଜେନ୍ଦ୍ରକୁ ସୀମା ଡାକେ କିନ୍ତୁବାବୁ ।

ସ୍ନେହ ମମତାର ଅଳିଅର୍ଦ୍ଦଳି ମଧ୍ୟରେ ମଣିଷ ଜୀବନ କଟେ । ମଣିଷର ଚହଲା ମନ ସ୍ନେହ ଟିକେ ପାଇଲେ ପାଣି ପରି ତରଳି ଯାଏ । ସ୍ନେହ ଲୋଭୀ ମଣିଷଗୁଡ଼ାକ ସ୍ନେହ ବିନା ନିହାତି କାଙ୍ଗାଳ । ହାତରେ ପଇସା ନ ଥାଉ, ହେଲେ ମଣିଷ ଟିକେ ସ୍ନେହ ପାଇଲେ, ସେ ବିଭୋର ହୁଏ ।

ସୀମା ଆଉ ରାଜେନ୍ଦ୍ର ଭ ଏମିତି ଦୁଇଟା ମଣିଷ, ସ୍ନେହର ଆଦାନ ପ୍ରଦାନ ଭିତରେ ଜଣେ ଜଣକ ଭିତରେ ହଜିଯିବା ନିହାତି ସ୍ୱାଭାବିକ୍ ।

ମୁକ୍ତାଗଡ଼ର ଜାକର ଫଖଲା ସକାଳର ରାସ୍ତାରେ ମଣିଷର ସୁଅ ଛୁଟେ । ସୀମା ସେ ଆଡ଼କୁ ଚାହେଁ ନାହିଁ । ପୁଣି ଯେତେବେଳେ ଚାହେଁ ସେତେବେଳେ ଆଉ ଆଖି ଫେରାଇ ପାରେନାହିଁ । ସବୁ ମଣିଷଗୁଡ଼ାକ ଶହ ଶହ ରାଜେନ୍ଦ୍ର ହୋଇ ତା'ର ଆଖି ଆଗରେ ଘୂରି ବୁଲନ୍ତି । ସୀମା ମନେ ମନେ ଖୁବ୍ ହସେ । ପୁଣି ଚିନ୍ତା କରେ, କ'ଣ ଗୁଡ଼ାଏ ଭାବୁଛି ମ ସେ !!

ଏମିତି ଦିନ କଟୁଛି । ରାଜେନ୍ଦ୍ରର ଭୂତ ସୀମାର ମନରେ ଜମାଟ ବାନ୍ଧୁଛି । ହୃଦୟରେ ରାଜତ୍ୱ କରୁଛି । ରାଜେନ୍ଦ୍ର ହୁଏତ ଏମିତି କିଛି ଭାବୁ ନ ଥିବ । ଖୋଲା ଲୋକଟା ତ, ସମାଜର ଗଳି ନେହରେ ପଶିବାକୁ ଚେଷ୍ଟାକରେ ସିନା···ହେଲେ ନର୍ଦ୍ଦମାର ଗନ୍ଧ ଆଘ୍ରାଣ କରେ ନାହିଁ । ଦୁନିଆଁଟା ତା' ପାଖରେ କମଳା ଲେମ୍ବୁଠାରୁ ଆହୁରି ଗୋଲ, ଆହୁରି ଚିକ୍କଣ ।

ଏଇ କେତେଦିନ ଭିତରେ ରାଜେନ୍ଦ୍ର ବହୁବାର ସୀମାର ଘରକୁ ଆସିଛି । ସୀମା ସହିତ ବହୁ ଯୁକ୍ତିତର୍କ କରିଛି । ସୀମାର ହୃଦୟ ଜୟ କରିବାକୁ ସେ ଆଲ ଦେଖାଇ ତାଙ୍କ ଘରକୁ ଆସେ ନାହିଁ । ପ୍ରେମର ପରଖ କରିବାକୁ କଷଟି ପଥର ପ୍ରୟୋଗ କରେ ନାହିଁ, କିନ୍ତୁ ସୀମାକୁ ସେ ମୋଟାମୋଟି ଭଲପାଏ ।

ହଁ···ଭଲପାଇବାଟା ଖାଲି କାମ ନୁହେଁ, ପ୍ରଣୟର ଗୋଟାଏ ନଗ୍ନ ସଂଜ୍ଞା ନୁହେଁ । ଦରିଦ୍ରର ଆପତ୍ତି ଦରଖାସ୍ତଗୁଡ଼ାକ ବଡ଼

ଲୋକର ଚିନ୍ତା ଘର ପାଖରେ ଉପସ୍ଥାପିତ କରିବା ତା'ର କାମ । ସେଇଥିପାଇଁ ସେ ସୀମା ପରି ବଡ଼ ଲୋକର ଦ୍ୱାରସ୍ଥ ହୁଏ । ଗରିବ-ଗୁଡ଼ାକ ପାଇଁ ଟିକେ ଚିନ୍ତା କରିବାକୁ ଅନୁରୋଧ କରେ । ସାରା ବିଶ୍ୱବ୍ରହ୍ମାଣ୍ଡରେ ଏହି ଶ୍ରେଣୀହୀନ ସମାଜ ଓ ଶ୍ରେଣୀଯୁକ୍ତ ଶୋଷକଙ୍କ ମଧ୍ୟରେ ଯୁଦ୍ଧ ଚାଲିଛି । ଯୁଗେ ଯୁଗେ ଏହି ଦୁଇଟି ଗୋଷ୍ଠୀଙ୍କ ମଧ୍ୟରେ ବିବାଦ । ରାଜେନ୍ଦ୍ର ଓ ସୀମା ଏହି ଦୁଇଟି ମତବାଦର ଗୋଟିଏ ଗୋଟିଏ ପ୍ରତିଭୂ, ଏବେ ଏଇ ଯୁକ୍ତି ନେଇ ଯେବେ ରାଜେନ୍ଦ୍ର ସୀମାର ଦ୍ୱାରସ୍ଥ ହୁଏ, ତେବେ କ୍ଷତି କ'ଣ ?

କିନ୍ତୁ ସୀମା ଏସବୁ କିଛି ଚିନ୍ତା କରେ ନାହିଁ । ରାଜେନ୍ଦ୍ରର ଆଖିର ଚାହାଣୀ, ଗମ୍ଭୀର କଥା, ଉଚ୍ଛୁଳା ସ୍ନେହ, ପାଗଳାମିଆଁ କଥା, ତାକୁ ପାଗଳ କରେ । ରାଜେନ୍ଦ୍ରର କଥାରେ ସୀମା ଦେହରେ ବିଦ୍ୟୁତ୍ ଚଳେ । ସେ ହସି···ହସି···କହେ···"ରାଜେନ୍ଦ୍ରବାବୁ ତୁମେ ବଡ଼ ଇଏ··· ।"

ରାଜେନ୍ଦ୍ର କିଛି ବୁଝେ ନାହିଁ, ବିରକ୍ତ ହୋଇ ଉଠି ପଡ଼ୁ ପଡ଼ୁ କହେ···"ବାସ୍ତବବାଦୀ ହୁଅ ସୀମା । ଖାଲି ଆକାଶ ରାଜପଥରେ ଗୁପ୍ତା ଚନ୍ଦ୍ରର ସ୍ୱପ୍ନ ଦେଖିଲେ ନିଜକୁ ଯେ ଭୁଲିଯିବ ।"

ସୀମା କହେ···"ମୁଁ ପରା ଏଇ ଯୁଗର ମଣିଷ, ହସିବି ନାହିଁ ତ ବଞ୍ଚିବି କେମିତି ?"

ହଁ···ବଞ୍ଚିବାପାଇଁ ମଣିଷ ହସେ, କିନ୍ତୁ ପରକୁ ହସାଇବାକୁ ମୋଟେ ଚେଷ୍ଟା କରେ ନାହିଁ । ଏ ଲୋକଗୁଡ଼ାକ ଯେବେ ନିଜେ ହସିବା ସଙ୍ଗେ ସଙ୍ଗେ ପରକୁ ହସାଇବାକୁ ଚେଷ୍ଟା କରନ୍ତେ,

ତେବେ ଏଇ ମାଟିର ଦୁନିଆଁ ସ୍ୱର୍ଗର ନନ୍ଦନକାନନ ହୋଇ ଯାଆନ୍ତା । ଗରିବ ହସନ୍ତା...ବଡ଼ଲୋକ ବି ହସନ୍ତା । ରାଜେନ୍ଦ୍ର ପରି ଥରେ କାଙ୍ଗାଳ କେବଳ ହସ ଭିକ୍ଷା କରିବାକୁ ସୀମା ପରି ଶତାବ୍ଦୀ ବାଳିକା ଦ୍ୱାରରେ ଗୋଡ଼ ଭାଙ୍ଗି ଠିଆ ହୁଅନ୍ତେ ନାହିଁ ।

ସୀମାକୁ ରାଜେନ୍ଦ୍ର କଥା ଭାରି ମିଠା ଲାଗେ । ସେଇଥିପାଇଁ ସେ ନାନା ଅବାନ୍ତର କଥା ରାଜେନ୍ଦ୍ରକୁ ପଚାରେ, ନା...ନା... ଯୁକ୍ତିକରି ରାଜେନ୍ଦ୍ରକୁ ପରାସ୍ତ କରିବାକୁ ଚେଷ୍ଟାକରେ ।

ସୀମାର ଦେହରେ ନୂଆ ଯୌବନ ପଇଁତରା ମାରୁଛି । ସୁଲୁସୁଲିଆ ପବନ, ଦେହର ଖୋଲା ଜାଗାରେ କୁତୁକୁରୋଉଛି । ଧୀରେ ଧୀରେ କହୁଛି...“ଆଗେଇ ଯାଅ...ଆଗେଇ ଯାଅ ।”

ସେଇଥିପାଇଁ ସେ ଆଗେଇ ଚାଲିଛି । ଜୀବନର ସନ୍ଧାନ କରୁଛି । ସୀମା ମନେ ମନେ ଭାବୁଛି...“ସେ ଫ୍ଲରେନ୍‌ସ୍ ନାଇଟି ଏଙ୍ଗେଲ୍‌ପରି ସେବା କରନ୍ତା । ରାଜେନ୍ଦ୍ରର ହୃଦୟ ଯୁଦ୍ଧ କ୍ଷେତ୍ରରେ ସେପଟେ କଳ୍ପନାର ସୈନିକ ଆଘାତପ୍ରାପ୍ତ ହୋଇଛନ୍ତି, ସମସ୍ତଙ୍କୁ ତା'ର ବାହୁଗୁମ୍ଫା ତଳେ ଆଶ୍ରୟ ଦେଇ ଜୀବନ ଖଟେଇ ବଞ୍ଚାଇବାକୁ ଚେଷ୍ଟା କରନ୍ତା ।

ସେ ଦିନ ଏପ୍ରିଲ୍ ଆଠ ତାରିଖ ରବିବାର । ପରୀକ୍ଷା ଦେଇ ସାରି ସୀମା ନୀରବରେ ବସି କ'ଣ ଏଣୁ ତେଣୁ ଭାବୁଛି । ବହି-ଗୁଡ଼ାକ ଅଡୁଆ ତଡୁଆ ହୋଇ ପଡ଼ିଛନ୍ତି । ଦେହରୁ ଜୀବନ ଚାଲି-ଗଲା ପରେ ଯେମିତି ମାଟିପିଣ୍ଡଟା ମଶାଣି ଦେହରେ ପଡ଼ିରହେ, ସେମିତି ପରୀକ୍ଷା ପରେ ବହିଗୁଡ଼ାକ ଟେବୁଲ ଉପରେ ପଡ଼ିଛନ୍ତି । ଟିକେ ସଜାଡ଼ି ରଖିବାକୁ ସୀମାର ମନ କହୁନାହିଁ ।

ମୁକୁନ୍ଦବାବୁ ଡ୍ରଇଂ ରୁମ୍‌ରେ ବସି କ'ଣ ପଢ଼ୁଥାଆନ୍ତି । ରବିବାରଟାରେ ମୁକୁନ୍ଦବାବୁ ଟିକେ ଶାନ୍ତି ପାଆନ୍ତି । ମିଛ ସତର ଓକିଲାତି ଜୀବନରୁ ଟିକେ ଦୂରେଇ ରହି ଆଶ୍ୱସ୍ତ ହୁଅନ୍ତି । ଠିକ୍ ସେହି ସମୟରେ ଅଗୃନଜ ଭାବରେ ଘର ଭିତରକୁ ପଶି ଆସିଲା ରାଜେନ୍ଦ୍ର ।

ମୁକୁନ୍ଦବାବୁ ଭାବିଲେ ହୁଏତ କେହି ଜଣେ "ମାଲି-ମୋକଦ୍ଦମା" କାମରେ ତାଙ୍କ ପାଖକୁ ଆସିଛି । ତେଣୁ ବସିବାକୁ କହିଲେ । ରାଜେନ୍ଦ୍ର ଶାନ୍ତ ପିଲାଟି ପରି ଚୌକି ଉପରେ ବସିପଡ଼ି ବୁଢ଼ା ମୁକୁନ୍ଦବାବୁଙ୍କ ଆଡ଼କୁ ଚାହିଁଲା ।

ମୁକୁନ୍ଦବାବୁ କହିଲେ "କ'ଣ କିଛି କାମ ଅଛି ମୋ ପାଖରେ ?" ରାଜେନ୍ଦ୍ର କହିଲା···"ନାହିଁ ନାହିଁ ଆପଣଙ୍କ ପାଖରେ ମୋର କାମ ନାହିଁ । ସୀମାଦେବୀଙ୍କ ପାଖରେ କାମ ଅଛି ।" ମୁକୁନ୍ଦବାବୁ ଆଶ୍ଚର୍ଯ୍ୟରେ ରାଜେନ୍ଦ୍ର ଆଡ଼କୁ ଚାହିଁ, ସରୁ ସୁନା ଫ୍ରେମର ଚଷମାଟିକୁ ପୁଛି ଟିକେ ସଜାଡ଼ି ପିନ୍ଧିଲେ । କହିଲେ "ତୁମେ କ'ଣ ସୀମାକୁ ଜାଣ ?"

ରାଜେନ୍ଦ୍ର ଅଳ୍ପହସି କହିଲା, "ହଁ···ଆଜି ନୁହେଁ, ବହୁତ ଆଗରୁ ଜାଣେ । ବହୁବାର ମଧ୍ୟ ମୁଁ ଏଠାକୁ ଆସିଛି ହେଲେ ଆପଣଙ୍କୁ ଦେଖି ନ ଥିଲି ।"

ମୁକୁନ୍ଦବାବୁ ଆହୁରି ସନ୍ଦେହରେ ପଡ଼ିଲେ···କହିଲେ, "କି କାମ ଥିଲା ତା' ପାଖରେ ?"

ରାଜେନ୍ଦ୍ର ସ୍ୱାଭାବିକ ସ୍ୱରରେ କହିଲା, "ନାହିଁ ନାହିଁ···ସେମିତି କିଛି ନୁହେଁ, ଆଜି ସକାଳଟା ଭଲ ଲାଗିଲା ନାହିଁ, ତେଣୁ ଢପଢ଼ ଏଣୁ ତେଣୁ ଗପ ହେବାକୁ ଆସିଲି ।"

—"ଗୋଟାଏ ଝିଅ ସହିତ ଏକୁଟିଆ ଗପ କରିବାକୁ ତୁମେ ତା'ର ଘରକୁ ଆସିଛ, ପୁଣି ତା'ର ବାପକୁ ତୁମେ ଏକଥା କହୁଛ, ତୁମ ସାହସ ତ କିଛି କମ୍ ନୁହେଁ···!!"

—ମାନେ···।

—ମାନେ, ତୁମେ ଜାଣିଥିବ ସେ ଅବିବାହିତା ।

—ଅବିବାହିତା ହେଲେ ମଧ୍ୟ ତ କିଛି ଦୋଷ ନାହିଁ ।

—ଓ···ବୁଝିଲି, ତୁମେ ତାହେଲେ ସୀମାକୁ···

—ସ୍ନେହକରେ ।

"ବନ୍ଦକର ବାଜେ କଥା । ତୁମ ବେଶ ପୋଷାକରୁ ମୁଁ ଯାହା ଜାଣୁଛି, ତୁମେ ଜୀବନରେ ଯେ କାହାକୁ ସ୍ନେହ କରୁଥିବ, ଏ ବିଶ୍ୱାସ ମୋର ନାହିଁ ।"

—"ସତରେ ଆଜ୍ଞା···ସୁଟ୍, ପେଣ୍ଟ୍, ନେକ୍‌ଟାଇ ପିନ୍ଧା ବାବୁଙ୍କର ସବୁ ଯେଉଁ ସ୍ନେହ, ସେ ସ୍ନେହ ଆମେ ପାଇବୁ କେଉଁଠୁଁ ?"

ଓ···ତା' ହେଲେ ତୁମେ ଯୁକ୍ତି ବି କରି ଜାଣ !

ବେଶହୀନ ମଣିଷଗୁଡ଼ାକ ଯୁକ୍ତି କରନ୍ତି ନାହିଁ ଆଜ୍ଞା କହନ୍ତି ସତକଥା କହନ୍ତି ।

ହଉ ତୁମେ ଯାଅ । ସୀମା ସହିତ ଦେଖା କରି ପାରିବ ନାହିଁ । ଗୋଟାଏ କାଙ୍ଗାଳ ଭିକାରୀର ସହିତ ଯେ ସୀମାର ପରିଚୟ ଥିବ ଏ ବିଶ୍ୱାସ ମୋର ନାହିଁ । ତୁମେ ମିଛ କହୁଛ । ଯାଅ । ସୀମା ବର୍ତ୍ତମାନ ଘରେ ନାହିଁ ।

"ଧନ୍ୟବାଦ ସାର୍" ରାଜେନ୍ଦ୍ର ଉଠିଲା ।

ଠିକ୍ ସେତିକବେଳେ ପଛଆଡୁ ସୀମା ପ୍ରବେଶ କରୁ କରୁ କହିଲା···"ଆରେ ରାଜେନ୍ଦ୍ରବାବୁ ଯେ···ଶୁଣ, ଚାଲିଯାଉଛ କୁଆଡେ଼ !"

ରାଜେନ୍ଦ୍ର ନ ଶୁଣି ଚାଲି ଯାଉଥିଲା । ସୀମା ଦ୍ରୁତ ଗତିରେ ଆଗେଇ ଯାଇ ରାଜେନ୍ଦ୍ରର ହାତ ଧରି ପକାଇ କହିଲା, "ମୁଁ ଅଭ୍ୟର୍ଥନା ଜଣାଇଲି ନାହିଁ ବୋଲି କ'ଣ ରାଗ କଲ ?" ରାଜେନ୍ଦ୍ର ଉତ୍ତର ଦେଲାନାହିଁ । ମୁକୁନ୍ଦବାବୁ ମୂକପରି ଠିଆହୋଇ ଆକାଶ ପାତାଳ ଚିନ୍ତା କରୁଥିଲେ । ସୀମା ରାଜେନ୍ଦ୍ରର ହାତଧରି ଟିକ୍କି ଟିକ୍କି ଉପର ମହାଲକୁ ନେଇଗଲା । ରାଜେନ୍ଦ୍ର ଗୋଟିଏ ଗୃହ ପାଳିତ ବଶ୍ୟ କୁକୁର ଛୁଆପରି ଟିକ୍କି ହୋଇ ହୋଇ ପଛରେ ଚାଲିଥିଲା ।

ସୀମା ଚଞ୍ଚଳ, ମନ ଅସ୍ଥିର । ରାଜେନ୍ଦ୍ରକୁ ଜବରଦସ୍ତ ଗୋଟାଏ ଚେୟାର ଉପରେ ବସାଇ ଦେଇ ସୀମା କହିଲା, "ମୋ ଉପରେ କ'ଣ ସତରେ ରାଗି ଚାଲି ଯାଉଥିଲ, ମୋ ରାଣ, କୁହ ତ !"

ରାଜେନ୍ଦ୍ର ମୁହଁ ବୁଲାଇ ନେଇ ଘୃଣାରେ ନାକ ଟେକିଲା । ସୀମାକୁ ତ ବାଧିବାର କଥା । ହଠାତ୍ ରାଜେନ୍ଦ୍ରର କାନ୍ଧରେ ହାତ ପକାଇ କହିଲା, "କ'ଣ ହେଇଛି ତୁମର, କିଛି କହୁନାହଁ ଯେ ।"

ରାଜେନ୍ଦ୍ର କହିଲା···"ଯେଉଁମାନେ ଅର୍ଥଲୋଭୀ···ଯେଉଁମାନଙ୍କର ଜୀବନରେ ଟଙ୍କା ବଡ଼, ସେ ଧନୀ ପାପୀ ଦଳଙ୍କୁ ମୁଁ ଘୃଣାକରେ ।"

ସୀମାର ମୁଣ୍ଡରେ ଚଡ଼କ ପଡ଼ିଲା । ଅଭିନୟ କଲାଭଳି କହିଲା, "ବିଜ୍ଞାନ ଛାତ୍ରୀ ମୋତେ ଦର୍ଶନ ବୁଝେନା । ଯାହା କହିବ ସିଧାସଳଖ କୁହନ୍ତୁ । ଭୁଲ ଥିଲେ କ୍ଷମା ମାଗି ନେବ ।"

ରାଜେନ୍ଦ୍ର ଏଥର ଅସହ୍ୟ ଯନ୍ତ୍ରଣାରେ ଥରି ଉଠି କହିଲା··· "ତୁମ ନାରୀ ଜାତିଙ୍କର କ୍ଷମା ମାଗିବାର ଗୋଟିଏ ଅଭ୍ୟାସ ଅଛି । ମୁଁ ଜାଣିଥିଲି, ତୁମେ ସେ ଚରାଚରିତ ସମାଜର ଗୋଟିଏ ସାମାନ୍ୟ ବ୍ୟତିକ୍ରମ । କିନ୍ତୁ ଆଜି ମୁଁ ନୂଆ ଦେଖିଲି ତୁମେ ଯେତେ ଆଧୁନିକା ହେଲେ ମଧ୍ୟ ନାରୀ । ତେଣୁ ତୁମ ସହିତ ମୋର ବନ୍ଧୁତା ଅସମ୍ଭବ ।"

ସୀମା ଏଥର ସାମାନ୍ୟ ବିରକ୍ତ ହୋଇ କହିଲା, "ହଉ ଯଦି ସୀମା ରାୟ ତୁମ ଆଖି ଆଗରେ କୌଣସି ନୂଆ ଆକର୍ଷଣୀୟ ବସ୍ତୁ ହୋଇ ନ ପାରନ୍ତି, ତେବେ ଭୁଲିଯାଅ ତାକୁ । ହଁ···ହଁ··· ଯଦି ଇଚ୍ଛା କର ତେବେ ତା'ର ତଣ୍ଟି ଚିପି ତାକୁ ଡେସ୍‌ଡିମୋନା ପରି ହତ୍ୟାକରି ସେହି ରକ୍ତରେ ତାଜମହଲ ସୃଷ୍ଟି କର ।"

"ମୁଁ ସେ ଶାହାଜାହାନର ଖାମଖିଆଲି ବାଦଶାହୀ ମତିକୁ ଘୃଣାକରେ ସୀମା !" ରାଜେନ୍ଦ୍ର ପ୍ରତିବାଦ କରି କହିଲା ।

ବେଶ୍ ତାହାହେଲେ ତୁମର ଯାହା ଇଚ୍ଛା ତାହାହିଁ କର, ମୋର କିଛି କହିବାର ନାହିଁ । ସୀମା କାଇଁ କାଇଁ ହୋଇ କାନ୍ଦି ଉଠିଲା ।

ନାରୀର କାନ୍ଦରେ ପଥର ତରଳି ଯାଏ । ରାଜେନ୍ଦ୍ର ସାମାନ୍ୟ ମଣିଷ । ସେ ଅବା ନ ତରଳିବ କେମିତି ? ସାଙ୍ଗେ ସାଙ୍ଗେ

ଚେୟାର ଉପରୁ ଉଠିଯାଇ ସୀମାର ହାତ ଧରି କହିଲା··· "ଗଜେନ୍ଦ୍ର ମହାପାତ୍ର ପ୍ରଥମ ଅଙ୍କ ନାରୀର ଅଭିନୟ କରି କହୁଛି, ତୁମେ ପାଗଳାମୀର କଥାକୁ ଧରି ବସିବନି ସୀମା । ତୁମ ବାପାଙ୍କର ବଡ଼ଲୋକ ସଭ୍ୟତା ସହିତ ମୁଁ ତୁମକୁ ତୁଳନା କରୁଥିଲି । ଯାହାହେଉ ତୁମେ ଜୟୀ ହୋଇଛ ।"

ସୀମା ଆଉଟିକେ କାନ୍ଦିଉଠି ସେହି କାନ୍ଦ ଭିତରେ କହିଲା, "ମୁଁ ତୁମ ପାଖରେ ନିହାତି ଦୁର୍ବଳ ହୋଇ ପଡ଼ୁଛି ଗଜେନ୍ଦ୍ର-ବାବୁ । ମତେ ବଳ ଦିଅ । ତୁମେ ଯେମିତି ଜୀବନ ଦେଇ ଜନତାକୁ ସେବା କରିବାକୁ ବଦ୍ଧ ପରିକର ମୁଁ ସେମିତି ଦେହର ରକତ ଦେଇ ନାରୀ ହେବାକୁ ଚାହେଁ । ମୋତେ କ'ଣ ସେ ଅଧିକାର ଦେବନି ?"

ଗଜେନ୍ଦ୍ର ହସି ଉଠି କହିଲା "ମା, ଭଗିନୀ, ସ୍ତ୍ରୀ ସମସ୍ତେ ନାରୀ । ସୀମା, ସାବିତ୍ରୀ ଯେମିତି ନାରୀ, ମେନକା, ଉର୍ବଶୀ ମଧ୍ୟ ସେମିତି ନାରୀ । ତୁମର ନାରୀତ୍ୱକୁ ସମ୍ମାନ ଜଣାଇବାରେ କୌଣସି ନୂତନତ୍ୱ ନାହିଁ; ସୀମାଦେବୀ···ବରଂ ଅତିରଞ୍ଜନ ଅଛି ।

ସୀମା ନୀରବରେ ଗଜେନ୍ଦ୍ରର ମୁହଁକୁ ଚାହିଁଲା, ଗଜେନ୍ଦ୍ର ପୁଣି ଚୌକି ଉପରକୁ ଉଠିଯାଇ କ'ଣ ଏଣୁ ତେଣୁ ଚିନ୍ତା କରିବାକୁ ଲାଗିଲା । ଏମିତି କିଛି ସମୟ କଟିଲା । ମଣିଷ ମନଟା ଏମିତି ଯେ ବହୁ ସମୟରେ ଦଳଖିଆ ଟଟ୍ଟୁଘୋଡ଼ା ପରି କେବଳ ଅରମା ବଣକୁ ଦୌଡ଼ି ଥାଏ । ପେଟ ନ ପୂରିଲା ପର୍ଯ୍ୟନ୍ତ ସେ ଖାଲି ଚାହେଁ ଏଣୁ ତେଣୁ ଚୁଡ଼ାଏ ଚରିଯାଇ ପେଟ ଗୃଣ୍ଡିକୁ ପୂର୍ଣ୍ଣ କରିବ ।

ହଠାତ୍ ଟେବୁଲ ଘଣ୍ଟାଟାର ଆଲାରମ୍ ବେଲ ବାଜି ଉଠିଲା । ରାଜେନ୍ଦ୍ର ହସିଉଠି କହିଲା, "ଦେଖିଲ ସୀମା ! ଘଡ଼ିଟା ତା' ସମୟ ବିଷୟରେ କେତେ ସତର୍କ, ଆମ କଥା ଆଡ଼କୁ ଟିକେ ନ ଚାହିଁ କେମିତି ଚିତ୍କାର କରି ଚାଲିଛି ।"

ସୀମା ମୁଣ୍ଡଟେକି ଘଣ୍ଟାଟାକୁ ଚାହିଁ କହିଲା, "ପୃଥିବୀରେ ଯେବେ ଘଡ଼ି ନ ଥାନ୍ତା ତେବେ ମଣିଷଗୁଡ଼ାକ ବେଶ୍ ଭଲ କାମ କରି ପାରନ୍ତେ । ଦେଖୁ ନା···ଏ ବଦମାସ ଘଡ଼ିଟା ଯେମିତି ଟିକେ ସମୟ ନ ଦେଇ ଖାଲି କହୁଛି, ଉଠ···ଉଠ···ତୁମର ସମୟ ହୋଇଗଲା ।"

ରାଜେନ୍ଦ୍ର ଟିକେ ଅଳସ ଭଙ୍ଗିରେ ଅଇନାଠା ଆଡ଼କୁ ଉଠି ଯାଉ ଯାଉ କହିଲା, "ନାଁ···ନାଁ···ସୀମାଦେବୀ ! ତୁମେ ଭୁଲ୍ କହୁଛ, ଘଡ଼ିଟା ବରଂ ଖୁବ୍ ଦରକାର । ଏଇଟା ବଡ଼ଲୋକଙ୍କର ଟ୍ରେଜେରୀ ପାଖରେ ଦିନରାତି ଚିତ୍କାର ନ କରୁଥିଲେ···ସେମାନେ ଓମରଖୟାମ ପାଇଁ କେବଳ ସାକୀ ସୁରାର ସ୍ୱପ୍ନ ଦେଖି ସାରା ସୃଷ୍ଟିକୁ ଗୋଟାଏ ନପୁଂସକ କରି ଦିଅନ୍ତେ ।"

ସେତେବେଳକୁ ରାଜେନ୍ଦ୍ରର ମୁହଁ ପୂର୍ଣ୍ଣିମାସାରେ ଅଇନା ଦେହରେ ପ୍ରତିଫଳିତ ହୋଇଥିଲା । ରାଜେନ୍ଦ୍ର ମୁଣ୍ଡବାଳ ଭିତରେ ଥିବା ପୋଲିସ ମାର୍କର ଗୋଟାଏ କ୍ଷତକୁ ଲକ୍ଷ୍ୟ କରୁଥିଲା । ସୀମା ଉଠିଯାଇ ରାଜେନ୍ଦ୍ରର ପଛରେ ଠିଆ ହୋଇଗଲା । ତା'ପରେ ରାଜେନ୍ଦ୍ରର ପିଠିରେ ହାତ ପକାଇ କହିଲା, "ମଣିଷ ହୋଇ ତୁମେ କ'ଣ ସାକୀ ସୁରାର ସ୍ୱପ୍ନକୁ ନାପସନ୍ଦ କର ?"

ରାଜେନ୍ଦ୍ର ଦେଖିଲା ତା ପଞ୍ଚପାଖରେ ସୀମା ବେଶ୍ ରକମ୍ ଲେଟି ପଡ଼ିଛି । ଅଲଗାତି ମଧ୍ୟ ସେ ଯୁଗ୍ମ ପ୍ରତିବିମ୍ବ ଦୁଇଟିକୁ ବେଶ୍ ସାଦରେ ଆଲିଙ୍ଗନ କରି ହସି ଉଠୁଛି । ହଠାତ୍ ତା'ର ମୁଣ୍ଡ ଗୋଳମାଳ ହୋଇଗଲା । ସେ ସୀମାକୁ ଅଦ୍ଭୁତ ରକମ୍ ପିଙ୍ଗିଦେଲା । ସୀମା ଯଦି ଚେୟାରଟାକୁ ଧରି ନ ପକାଇ ଥାଆନ୍ତା, ତେବେ ନିଶ୍ଚୟମତେ ତଳେ ପଡ଼ି ମୁଣ୍ଡ ଫାଟିଯାଇ ଥାଆନ୍ତା ।

ଚିତ୍କାର କରି ରାଜେନ୍ଦ୍ର କହିଲା, "ତୁମେ ସ୍ତ୍ରୀ ହେବାର ଗୌରବ ପାଇଛ କିନ୍ତୁ ନାରୀ ବା ଜନନୀ ହେବାର ଗୌରବ ପାଇନ ସୀମା । ମୁଁ ଯାହା କହିଥିଲି ଭୁଲ୍ କହିଥିଲି । ନାରୀ ଆଉ ସ୍ତ୍ରୀ ଏକା ନୁହଁନ୍ତି ।"

ମୁଁ ଆଜି ତୁମ ପାଖରୁ ଯାଉଛି ପୁଣି ଆସିବି ଯେତେବେଳେ ତୁମେ ନାରୀ ହେବ ।

ସୀମା ଏବାର ଚିଡ଼ିଉଠି କହିଲା, "ବେଶ୍ ତୁମେ ଏମିତି ଜୀବନଟାକୁ କଟାଇ ଦେବାକୁ ବସିବ ତ ମୁଁ କହୁଛି ମୋ ପାଖକୁ ଆସିବ ନାହିଁ । ଯାଅ...ମୁଁ ତୁମ ବାଟ ଅଟକାଇ ନାହିଁ ।

ରାଜେନ୍ଦ୍ରର ଗୋଡ଼ ଅଟକିଗଲା...ସୀମା ଆଜି ଆପଣ ଛାଡ଼...ତୁମେ ବୋଲି କହୁଛି, ତଥାପି ନିଜକୁ ଆଉ ଅଟକାଇ ନ ରଖି ରାଜେନ୍ଦ୍ର ଝଡ଼ ବେଗରେ ଘରୁ ବାହାରି ଚାଲିଗଲା । ସୀମା ଗୋଟାଏ ଟାଇଫଏଡ୍ ରୋଗୀ ପରି ଚୌକିଟା ଉପରେ ବସି ପଡ଼ିଲା ।

ରାଜେନ୍ଦ୍ର ଚାଲିଯିବା ପରେ...ମୁକୁନ୍ଦବାବୁ ଥରି ଥରି ଘର ଭିତରକୁ ପଶି ଆସୁ ଆସୁ କହିଲେ "ଏ ପାଗଳାଟା କିଏ ଆସିଥିଲା

ମାଆ ?" ସୀମା ପ୍ରଥମେ କିଛି କହିଲା ନାହିଁ ? ମୁକୁନ୍ଦବାବୁ ପୁଣି ଥରେ ପଚାରିଲେ ।

ଏଥର ଆଉ ସୀମା ସମ୍ଭାଳି ନ ପାରି କହିଲା "ତୁମେ କାହାକୁ ପାଗଳ କହୁଛ ବାପା ? ସେ ପରା ବଙ୍ଗ ଉତ୍କଳ ଖାଦ୍ୟାଞ୍ଚଳ ଗଠନର ପ୍ରଧାନ ବିପ୍ଳବୀ ନେତା ରାଜେନ୍ଦ୍ର ମହାପାତ୍ର ।"

ମୁକୁନ୍ଦବାବୁ ସାମାନ୍ୟ ଆଶ୍ଚର୍ଯ୍ୟ ହୋଇ ପଛକୁ ଘୁଞ୍ଚିଆସି କହିଲେ···କ'ଣ କହିଲୁ ଏଇ ଯୁବକ ସେ ରାଜେନ୍ଦ୍ର ମହାପାତ୍ର । ମୋତେ ଟିକେ ଆଗରୁ କହି ପାରିଲୁ ନାହିଁ ମାଆ । ତାଙ୍କୁ ଟିକେ ଚାହା ବି ଦିଆଯାଇ ପାରିଲା ନାହିଁ ।

ଏତେ ଦୁଃଖରେ ମଧ୍ୟ ସାମାନ୍ୟ ହସି ଉଠି ସୀମା କହିଲା, "ଲୋକ ମରିଲା ପରେ ଖବର କାଗଜ ପୃଷ୍ଠାରେ ମହାମାନବ ହୁଏ ବାପା, ବଞ୍ଚିଥିଲାବେଳେ ତାହାର କେହି ପ୍ରଶଂସା କରନ୍ତି ନାହିଁ । ସେମିତି ସେ ମରୁ, ହେଲେ ତୁମ ଘରକୁ ଥରେ ରାଜେନ୍ଦ୍ର ମହାପାତ୍ର ଆସିଥିଲା ବୋଲି ତ କାହା ଆଗରେ କହି ଗୌରବ ନେବ ।"

ମୁକୁନ୍ଦବାବୁ ଟିକେ ବିବ୍ରତ ହୋଇ କହିଲେ ଏଗୁଡ଼ା ତୁ କ'ଣ କହିଯାଉଛୁ ମାଆ !

"ମୁଁ ଠିକ୍ କହୁଛି ବାପା । ମଣିଷ ସବୁ ବିଷୟରେ ମଣିଷକୁ ଚିହ୍ନି ପାରେ ନାଁ । ବହୁ ସମୟରେ ଭୁଲ୍ଟା ମଧ୍ୟ ଠିକ୍ ହୋଇଯାଏ । ଆହୁରି ଆଶ୍ଚର୍ଯ୍ୟ ହେବ ଯେ···ମୋତେ ଅପମାନିତ କରିଥିବା ହେତୁ ତୁମେ ଯେଉଁ ଯୁବକ ରାଜେନ୍ଦ୍ରକୁ କଲେଜରୁ ବାହାର କରି ଦେଇଥିଲ, ସେ ସେହି ରାଜେନ୍ଦ୍ର ମହାପାତ୍ର ।"

ମୁକୁନ୍ଦବାବୁ କିଛି ନ ଶୁଣିଲା ପରି ହଠାତ୍ ଫେରିପଡ଼ି ଗୁଞ୍ଜରିବାକୁ ଲାଗିଲେ । ସୀମା ସେହି ଆଡ଼କୁ ଚାହିଁ ଚାହିଁ ମୁରୁକି ହସୁଥିଲା···।

ସେହିଦିନ ଠାରୁ ରାଜେନ୍ଦ୍ର ଯାଇଛି ଯେ···ଆଉ ଆଜି ଯାଏ ଦେଖା ନ ଥିଲା । ଏହା ଭିତରେ ସୀମା ଆଇ. ଏ. ସି. ପାଶ୍ କରି ମୁକ୍ତାଗଡ଼ କଲେଜରୁ ବିଦାୟ ନେଇଛି । କଟକ ମେଡ଼ିକାଲ୍ କଲେଜରେ ନାମ ଲେଖାଇ ଦୁଇଟି ବର୍ଷ କଟାଇ ଦେଇଛି । ତଥାପି ରାଜେନ୍ଦ୍ରର ଦେଖାନାହିଁ । ସମୟ ସମୟରେ ରାଜେନ୍ଦ୍ରର କଥା ଖବର କାଗଜ ମାନଙ୍କରେ ବାହାରିଛି । ବଙ୍ଗ ଉତ୍କଳର ଖାଦ୍ୟାଞ୍ଚଳ ସମସ୍ୟା ନେଇ ରାଜେନ୍ଦ୍ର ଆରେଷ୍ଟ ହୋଇଥିବା କଥା ସୀମା ଖବର କାଗଜରୁ ପଢ଼ିଛି । ଆଖିରେ ଲୁହ ଆସିଛି, ମନ ଭାଙ୍ଗି ପଡ଼ିଛି । ହେଲେ ରାଜେନ୍ଦ୍ର ମୋର ନାହିଁ ।

ଏଇ ଆଜି ତାର ନୂଆ ରାତି । ପୁଣି ସେହି ଅତଏବ ଡାକ । ଠିକ୍ ଆଗପରି ମେଞ୍ଚାମେଞ୍ଚା ଜମାଟ ବନ୍ଧା ପାଗଳାମି । ସୀମା ଚିତ୍କାର କରି ଉଠିଲା···"କାନ୍ତୁବାବୁ···ମୋତେ ବଞ୍ଚିବାକୁ ଦିଅ କାନ୍ତୁବାବୁ ।"

ରୋଷେଇଆଣୀଟି ଘର ଭିତରକୁ ପଶି ଆସି କହିଲା··· "କ'ଣ ତୁମର ହୋଇଛି ନୂଆଇ, ସକାଳୁ ଶୋଇଛ ଯେ ଏତେବେଳ-ଯାକେ ଉଠିବାକୁ ନାହିଁ । ସକାଳେ ଖାଇଲ ନାହିଁ । ଉପର ଓଳି ବି କିଛି ଖାଇଲ ନାହିଁ । କ'ଣ ଦେହ କିଛି ହୋଇଛି ? ମୁଁ ଶଶିବାବୁଙ୍କୁ କହି ଆସିଛି ସେ ତୁମକୁ ଦେଖିବାକୁ ଆସିବେ ।"

ସୀମା ତରବରରେ ଉଠି ପଡ଼ି ଚଉ କହିଲା···"କ'ଣ ରାତି ହୋଇ ଗଲାଣି ?"

"ହଁ" ବୋଲି କହି ରେଷେଲଆଣ୍ଟୀ ଚାଲିଗଲା ।

ସୀମା ଗୋଟିଏ ମନ୍ତ୍ର ପରି ଉଠି ନିଜର ଖଟ ଉପରେ ବସିଲା । ଚାରିଆଡ଼େ ଅନ୍ଧାର, ଇସ୍...ଏ ଅନ୍ଧାର ଭିତରେ ମଣିଷ ଗୁଡ଼ାକ ବଞ୍ଚିଛନ୍ତି କେମିତି ? ସୀମା ଆଉ କିଛି ଭାବିବାକୁ ସମୟ ପାଇନି ଘର ଭିତରକୁ ପଶି ଆସିଲେ ଶଶିବାବୁ ।

ଶଶିବାବୁ ମେଡିକାଲର ଜଣେ ସ୍ୱନାମଧନ୍ୟ ଯୁବକ ଡାକ୍ତର । ବିଲାତରୁ ଏଫ୍. ଆର୍. ସି. ଏସ୍. ପାଶ୍ କରି ନଗଦା ଫେରିଛନ୍ତି । ଦେଖିବାକୁ ବେଶ୍ ସୁସ୍ଥ ସବଳ । ପାଞ୍ଚଫୁଟ ଆଠ ଇଞ୍ଚର ଚେହେରା । ନାକ ତଳେ ଗଜରା ନିଶ । ହାତରେ ସୁନାର ଘଡ଼ି, ପୁଣି ଅବିବାହିତ । ବିବାହର ବହୁ ପ୍ରସ୍ତାବ ତାଙ୍କ ପାଖକୁ ଆସିଛି... ହେଲେ ସେ ସବୁକୁ ମୁହାଁମୁହିଁ ମନା କରି ଦେଇଛନ୍ତି । ଭାରତର ଖାଦ୍ୟ ସମସ୍ୟା ପାଇଁ ସେ ବଡ଼ ଚିନ୍ତିତ । ବାର୍ଥ କଣ୍ଟ୍ରୋଲ କରି ନପୁଂସକତାକୁ ବରଣ କରିବାକୁ ସେ ଚାହାଁନ୍ତି ନାହିଁ । ଅବା ସ୍ତ୍ରୀର ଗର୍ଭାଧାରକୁ ନଷ୍ଟକରିବାକୁ ମୋଟେ ଇଚ୍ଛା କରନ୍ତି ନାହିଁ । ତେଣୁ ସେ ଚାହାଁନ୍ତି ଆଜୀବନ ବ୍ରହ୍ମଚାରୀ ହୁଅ ଅବା ଶିଶୁହତ୍ୟା କରି ଖାଦ୍ୟ ସମସ୍ୟାର ସମାଧାନ କର । ମଣିଷତ ଚାହିଁକରି ହଜାର ହଜାର ଛେଳି ମେଣ୍ଢାଙ୍କୁ ନିତି ନିତି ହତ୍ୟା କରୁଛି । କାରଣ ସେମାନଙ୍କର ପାଟି କରିବାର ଶକ୍ତି ନାହିଁ, ବିପ୍ଳବ କରିବାର କ୍ଷମତା ନାହିଁ, ଅବା ପରମାଣୁ ଅସ୍ତ୍ର ଉଦ୍ଭାବନ କରିବାର ବୁଦ୍ଧି ନାହିଁ । ଶିଶୁ ଗୁଡ଼ାକ ତ ସେହିପରି ପଶୁ, ସେମାନଙ୍କୁ ହତ୍ୟାକଲେ କ୍ଷତି କ'ଣ ?

କିନ୍ତୁ ତାଙ୍କର ଆଦର୍ଶ କେହି ବୁଝନ୍ତି ନାହିଁ, ଅହିଂସାକୁ ମୁଣ୍ଡପାତି ମାନି ନିଅନ୍ତି, କିନ୍ତୁ ବଜାରରେ ମାଂସର ଦର ବଢ଼ିଗଲେ

ଫାଟି କରନ୍ତି । କମ୍ ପଇସାରେ ବେଶି ଛେକାର ମୁଣ୍ଡ ଗଣ୍ଡିକୁ ଅଲଗା କରିବାକୁ ଚେଷ୍ଟା କରନ୍ତି ।

ସେହି ଶଶିଭୂଷଣ ଦାସ ଏବେ ମେଡ଼ିକାଲ କଲେଜର ଛାତ୍ରୀବାସର ସୁପରିନ୍‌ଟେନ୍‌ଡେଣ୍ଟ ହୋଇଛନ୍ତି ।

ଆଗରୁ ଶଶିରେଖା ପଟ୍ଟନାୟକ ସେ କାମ ଚଳାଉଥିଲେ । ଅଚାନକ ଭାବରେ ଜଣେ ଓକିଲଙ୍କର ସହିତ ତାଙ୍କର ବିବାହ ହୋଇଗଲା । ଅନ୍ୟ କୌଣସି ଲେଡ଼ି ଡାକ୍ତର ସେ କାର୍ଯ୍ୟଭାର ଗ୍ରହଣ କରିବାକୁ ମଙ୍ଗିଲେ ନାହିଁ । ତେଣୁ ଅଗତ୍ୟା ଶଶିବାବୁଙ୍କୁ ସବୁ ଚଳାଇବାକୁ ପଡ଼ୁଛି, ସମସ୍ତେ ଜାଣନ୍ତି ଶଶିବାବୁ ବଡ଼ ନୀତିବାଦୀ । ପୁଲକବାଦୀ ଜୀବନକୁ ସେ ବେଖାତିର୍ କରନ୍ତି । ତେଣୁ ତାଙ୍କର ମୁଣ୍ଡରେ ହିଁ ହାଣି ସୁନା କଳସ ଢାଳିଛି ।

ଏତେ ଆଦର୍ଶବାଦ ଭିତରେ ଯେ ଏ ସନ୍ଦେହୀ ଦୁନିଆଁଟା ତାଙ୍କ ନାମରେ ମିଛ ସତ ଯୋଡ଼ି କହୁନାହିଁ, ତାହା ନୁହେଁ । ହେଲେ ଅନ୍ୟମାନଙ୍କଠାରୁ ନିଶ୍ଚୟମତେ ଯଥେଷ୍ଟ ଭାବରେ କମ୍ ।

ଶଶିବାବୁ ଯେଉଁଦିନ ଟାଙ୍ଗପୁର ସିମେଣ୍ଟ କମ୍ପାନୀର ମାଲିକଙ୍କ ଝିଅ ସୁଦକ୍ଷା ମାଧୁରୀକୁ ନାପସନ୍ଦ କରିଦେଲେ, ସେଇଦିନ ସମସ୍ତେ ଜାଣିଥିଲେ ଶଶିବାବୁ ନିହାତି ଅନପ୍ରାକ୍‌ଟିକାଲ । କିନ୍ତୁ ଶଶିବାବୁ କାହାର କଥାକୁ ଖାତିର କରି ନ ଥିଲେ ।

ଆଜିକାଲି ଯୁଗରେ ଡାକ୍ତର ଆଉ ଇଞ୍ଜିନିୟରମାନଙ୍କର ଦାମ ସମାଜରେ ଖୁବ୍ ବଢ଼ିଯାଇଛି । ଅନ୍ୟ କିଛି ନ ହେଲେ ମଧ୍ୟ ଅର୍ଥ ଆଉ ଉପଭୋଗ ସେମାନଙ୍କର କଳ୍ପନାକୁ ପୋତି ପକାଇଛି । କେହି ଜଣେ ଡାକ୍ତରୀ ପାଶ୍ କଲେ, ତା'ର ପାଖକୁ ବିବାହ ପ୍ରସ୍ତାବ ନଈ ସୁଅପରି ଆସେ । ସତେ ଯେମିତି ଏମାନେ କେବଳ

ଏ ଶତାବ୍ଦୀରେ ପୁରୁଷ ପୁଙ୍ଗବ । କିନ୍ତୁ ସ୍ୱାସ୍ଥ୍ୟବିଭାଗର ସ୍ତ୍ରୀ ସମାଜକଥା ଠିକ୍ ଓଲଟା ଦିଗକୁ ଗତି କରିଛି । ସ୍ୱାସ୍ଥ୍ୟ ବିଭାଗର ନାରୀମାନଙ୍କୁ ବିବାହ କରିବାକୁ ପୁରୁଷ ସମାଜ ମୋଟେ ରାଜି ନୁହେଁ । ସମସ୍ତର ଏ ନିର୍ଦ୍ଦେଶ ହୁଏତ ଆମ ଆଖି ଆଗରେ ପ୍ରହେଳିକା ସୃଷ୍ଟି କରେ । କିନ୍ତୁ ସବୁ କଥାର ଠିକନାଁ ବା ଶ୍ଳେଷଣ ପ୍ରତି କେହି ସଚେତ ହୁଅନ୍ତି ନାହିଁ ।

ଏହି ମଧ୍ୟରେ ବିସ୍ତରଜଣେ ଶଶିବାବୁଙ୍କ ପାଖକୁ ବନ୍ଧୁ ପ୍ରସ୍ତାବ ଆସିବାର କଥା । ଏଥିରେ ନୂତନତା ନାହିଁ ।

ଶଶିବାବୁ ସୀମାର କୋଠରୀ ଭିତରକୁ ଆସୁ ଆସୁ କହିଲେ··· "ସୀମା ! ଶୁଣିଲି ତୁମ ଦେହ ଖରାପ ଅଛି, କ'ଣ ହେଇଛି ? କାହିଁ କାଲି ତ କିଛି କହୁ ନ ଥିଲ ?"

ସୀମା···ଅପ୍ରତିଭ ହୋଇ କହିଲା, "ନାଇଁ ସାର୍, ସେମିତି କିଛି ନୁହେଁ । ଦେହ ହାତ କାହିଁକି ଭାରି ଦୁର୍ବଳ ଲାଗୁଛି, ମୁଣ୍ଡ ଘୂରାଉଛି । ତେଣୁ ଶୋଇ ଯାଇଥିଲି ।"

ଶଶିବାବୁ ଆଉ କିଛି ନ ପଚାରି···ସୀମାର ଖଟରେ ବସିଗଲେ ଏବଂ ତା'ର ବାମହାତଟାକୁ ଟାଣିଆଣି ନାଡ଼ି ଦେଖିବାକୁ ଲାଗିଲେ ।

ସରୁ ଗୋରା ହାତଟି ନିର୍ଜୀବ ଭଳି ଶଶିବାବୁଙ୍କ ହାତ ମୁଠା ଭିତରେ ଶୋଇଛି, ଯେମିତି ଯୋଖତ ସାପୁଆ କେଳାର ହାତରେ ନାଗସାପଟିଏ ମୁହଁ ଗୁଞ୍ଜି ଶୋଇପଡ଼େ । ତାର ଭଳି ସୁନାକାଚ ଦିପଟି ବଙ୍କେଇ ହୋଇ ପଡ଼ିରହି···ସୀମାର ହାତରୁ ଶଶିବାବୁଙ୍କ ହାତ ଭିତରେ ଠେଯ ଲାଗି ଲାପରି ଲାଗିଛି । ସତେ ଅବା ଶଶିବାବୁଙ୍କ ହାତକୁ ଠେଲିଠେଲି ସେମାନେ କହୁଛନ୍ତି···ଛାଡ଼ ମ ଛାଡ଼···

ରୋଗଟା ସିନା ମନ ଭିତରେ ଅଛି, ନାଡ଼ି ଦେହରେ କ'ଣ ଦେଖୁଛ ?"

ଶଶିବାବୁ ସୀମାର ହାତ ଛାଡ଼ି···ଅଳିଆ କୁନ୍ତଳ ଗୁଡ଼ିକରେ ହାତ ଚଳାଇ ଚଳାଇ କହିଲେ···"ନାଡ଼ି ଖୁବ୍ ଦୁର୍ବଳ ଥିବାପରି ଜଣାଯାଉଛି । ଦେହରେ ବି ଉତ୍ତାପ ଅଛି । ତେବେ ଡରିବାର କିଛି ନାହିଁ । ଆଜି ରାତିରେ ସାମାନ୍ୟ ପାଉଁରୋଟି ଓ ଦୁଧ ଖାଇନିଅ । ଦେଖିବା···କାଲିକି ଯେବେ ଦୁର୍ବଳତା କମି ନ ଯାଏ ତେବେ ତା'ର ବନ୍ଦୋବସ୍ତ କରିବା ।" ସୀମା କୃତଜ୍ଞତା ଜଣାଇ କହିଲା, "ହଉ ସାର୍ ।"

ଶଶିବାବୁ କାଳ ବିଳମ୍ବ ନ କରି ଉଠିପଡ଼ି କହିଲେ···ହଉ ମୁଁ ଯାଉଛି···ରାତିରେ ଦେହ ବେଶି ଖରାପ ଲାଗିଲେ ଡକାଇ ପଠାଇବ ।

ସୀମା ମଧ୍ୟ ଶଶିବାବୁଙ୍କ ସହିତ ଉଠିଲା । ଶଶିବାବୁ କହିଲେ, "ନାଇଁ···ନାଇଁ ସୀମା ! ତୁମେ ଉଠନାହିଁ ଆଉ ଟିକେ ବିଶ୍ରାମ ନେଇଯାଅ । ପରୀକ୍ଷା ପାଇଁ ଖୁବ୍ ଖଟିଥିଲ ବୋଲି, ବର୍ତ୍ତମାନ ତା'ର ପ୍ରଭାବ ପଡ଼ୁଛି, ଯେତେ ବିଶ୍ରାମ ନେବ ସେତେ ଭଲ ।"

ସୀମା ନମାନି, ଦରଜା ପର୍ଯ୍ୟନ୍ତ ଆସିଲା । ଶଶିବାବୁ ସାନ୍ତ୍ୱନା ଦେଇ ଦେଇ ପାହାଚ ଉପରେ ଗୋଡ଼ ପକାଇ ତଳକୁ ଓହ୍ଲାଇଲେ । କିଛି ସମୟ କଥାବାର୍ତ୍ତା ମଧ୍ୟରେ ସୀମା ରାଜେନ୍ଦ୍ରକୁ ପୁରାପୁରି ଭୁଲି ଯାଇଥିଲା । ବର୍ତ୍ତମାନ ପୁଣି ଏକୁଟିଆ ମନପାଇ ରାଜେନ୍ଦ୍ରର ଭୂତ ଗ୍ରାସ କରିବାକୁ ବସିଲା । ସତରେ କହିବାକୁ ଗଲେ କୁଆଁରୀ ବୟସ ବେଳେ ମୋଟେ ଏକୁଟିଆ ରହିବା ଉଚିତ ନୁହେଁ । କେତେବେଳେ ସେ ସମୟ ଦେଖି କେଉଁ ଭୂତ ଗ୍ରାସ କରିବ ତା'ର ଇୟତ୍ତା ନାହିଁ ?

ଏମିତି କୁରୁ ପାଣ୍ଡବ ଯୁଦ୍ଧର କଳ୍ପନା ମଧ୍ୟରେ ରାତିଟି କଟିଲା । ସକାଳୁ ସକାଳୁ ଟିକେ ସୀମାକୁ ନିଦ ଲାଗିଛି । ଦେଶୀ ରାଇଜର ରାଜକୁମାରୀ ଗଜଦନ୍ତ ପଲଙ୍କରେ ଶୋଇଲା ପରି ସେ ଶୋଇଛି । ସକାଳର ଥଣ୍ଡା ପବନଟା କୁଣ୍ଡେଇଲା ପରି ଝରକା ଫାଙ୍କ ଦେଇ ବହୁଛି । ହଠାତ୍ ସୀମାର ନିଦ ଭାଙ୍ଗିଗଲା । ସେ ଉଠିପଡ଼ି ଦେଖିଲା ...ଦେହ ଟିକେ ଫୁର୍ତ୍ତି ଲାଗୁଛି । ଶୋଇ ରହିବା ଲାଭ ନାହିଁ ।

ଆଜି ମଧ୍ୟ ସକାଳୁଆ କ୍ଲାସ ଅଛି । ନ ଗଲେ ନିଜର କ୍ଷତି, ସୀମା ତରବର ହୋଇ ଗାଧୋଇବାକୁ ଗାଧୁଆ ଘରକୁ ଚାଲିଗଲା ।

ବହୁ ଛାତ୍ରୀ ଗାଧୋଇ ସାରି ଶ୍ରେଣୀକୁ ଚାଲି ଗଲେଣି । କେତେକ ଅଳସେଇ ମନ୍ଥର ଗତିରେ ଚାଲିଛନ୍ତି । କେତେ ଜଣ ସୀମାକୁ ଦେଖି ପଚାରିଲେ "କାଲି କ'ଣ ହୋଇଥିଲା ମ ସୀମା ।"

ସୀମା ସଂକ୍ଷେପରେ ଉତ୍ତର ଦେଲା, "ନାଇଁ...ଦେହ ଟିକେ ଖରାପ ଥିଲା ।"

ଜଣେ କହିଲା, "ଶଶିବାବୁ କହୁଥିଲେ ଯେ ତୁମ ଦେହ କୁଆଡ଼େ ଖୁବ୍ ଦୁର୍ବଳ ହୋଇ ପଡ଼ୁଛି । ହୁଏତ ଏମିତି ଆହୁରି ଦୁର୍ବଳ ହେଲେ ଭୟର ଆଶଙ୍କା ଅଛି ।"

ସୀମା ଟିକେ ଶୀତେଇ ଉଠି କହିଲା "ନାଇଁ...ଆଜି ମୁଁ ଭଲରେ ଅଛି । କିଛି ତ ଖରାପ ଲାଗୁନାହିଁ ।" ସମସ୍ତେ ଚୁପ୍ ରହିଲେ । ସୀମା ଗାଧୋଇ ନିଜର କୋଠରୀକୁ ଫେରି ଆଜିର ପୋଷାକ ସଜାଡ଼ି ବସିଲା ।

ମେଡ଼ିକାଲ୍ କଲେଜକୁ ଆସିବା ଦିନଠାରୁ ସୀମା କେବେ ନିଜକୁ ଭଲଭାବରେ ସଜେଇ ନ ଥିଲା । କାହା ସହିତ ବେଶି ଘନିଷ୍ଠପରିଚୟ କରିବାକୁ ଇଚ୍ଛା କରି ନ ଥିଲା ।

ସେତିକାଳରେ ବାଳକମାନେ ବାଳିକାମାନଙ୍କ ସହିତ ଅବା ବାଳିକାମାନେ ବାଳକମାନଙ୍କ ସହିତ ମିଶିବାର କୌଣସି ବାଧା ବନ୍ଧନ ନ ଥାଏ । ବିନା ଦ୍ୱିଧାରେ ପରସ୍ପର ପରସ୍ପରଙ୍କ ସହିତ ମିଶାମିଶି କରି ପାରନ୍ତି, କିନ୍ତୁ ସୀମା କେବେ କାହାରି ସହିତ ବନ୍ଧୁତ୍ୱ ସ୍ଥାପନ କରିବାକୁ ଇଚ୍ଛାକରି ନାହିଁ । ସୁନ୍ଦର ଚେହେରା ହସ ହସ କଥା ଦେଖି ଭୁଲି ପଡ଼ିନାହିଁ । ଏବେ ଯେଉଁମାନେ ସୀମାକୁ ଦେଖିଛନ୍ତି ସେମାନେ କହନ୍ତି, ମୁକ୍ତାଗଡ଼ କଲେଜର ସୀମା ବଦଳି ଯାଇଛି । ଆଧୁନିକା ମିସ୍ ରାୟ ମରିଯାଇ ଅଷ୍ଟାଦଶ ଶତାବ୍ଦୀର କୁମାରୀ ରାୟ ହୋଇ ଜନ୍ମ ନେଇଛି ।

ଆଜି ସୀମା ନିଜକୁ ଖୁବ୍ ଭଲରକମ ସଜେଇ ନେଇ କ୍ଲାସକୁ ବାହାରିଲା, ଅନ୍ୟ ଝିଅମାନେ ଦେଖି ଆଶ୍ଚର୍ଯ୍ୟ ହେଲେ । ସୀମାର ଏ କି ପରିବର୍ତ୍ତନ ? ବନଚାରିଣୀ ସୀତାର ତପୋବନରେ ରାମଙ୍କର ପାଦ ପଡ଼ିଲାଣି କି ? ହେଲେ ମୁହଁ ଖୋଲି କେହି କିଛି କହି ପାରିଲେ ନାହିଁ । ଝିଅଟା ଏମିତି ରାଗି ଯେ କ'ଣ ବୋଲି କ'ଣ କହିଦେବ । ସୀମା କ୍ଲାସକୁ ଗଲା ।

କ୍ଲାସରେ ଶଶିବାବୁ ପଢ଼ାଉଛନ୍ତି । ବେଶ୍ ହସଖୁସିରେ କ୍ଲାସ ଚାଲିଛି । ସୀମା ଶେଷ ଡେସ୍କକୁ ପଶିଲା । ଶଶିବାବୁ ଗୋଟିଏ ପାକସ୍ଥଳୀର ରସ ଟେକାଇ ଜୀବମାନଙ୍କ ପାକକ୍ରିୟା ସମ୍ବନ୍ଧରେ ନାନାକଥା ବୁଝାଉଛନ୍ତି । ସୀମା ସେଣିକି ଚାହିଁ ଆକାଶ ପାତାଳ କେତେ କଥା ଭାବୁଛି ।

ମଣିଷର ଚରିତ୍ର ଦେହରେ ଅନ୍ତରଟା ପଦାକୁ ବାହାରି ପଡ଼ୁଛି । ନୃସିଂହ ମହାପ୍ରଭୁ ହିରଣ୍ୟ କଶ୍ୟପକୁ ବିଦାରିବା ବେଳେ ଯେମିତି ଦିଶୁଥିବ, ଠିକ୍ ସେମିତି ଚରିତ୍ର ଦିଶୁଛି । ସୀମା ଭାବିଲା···

ମଣିଷର ଭିତରଟା କେତେ କଦର୍ଯ୍ୟ ହେଲେ, ଉପରେ ଯାହା ସଳଖ ସୁନ୍ଦର ଭିତରେ ତାହା ନିହାତି କଦର୍ଯ୍ୟ । ଛି...ମଣିଷ ଗୁଡ଼ାକ ଏତେ କଦର୍ଯ୍ୟ ଉପାଦାନରେ ଗଠିତ ହୋଇଥିବାର ସେ ଜାଣିଥିଲେ ହୁଏତ କହିଥାଆନ୍ତା...“ଭଗବାନ । ମୋତେ ମୋଟେ ମଣିଷ କରି ଜନ୍ମ ଦିଅନା, ମୁଁ ମଣିଷ ହେବାକୁ ଚାହେଁନା ।”

କ୍ଲାସ ସରିଯିବା ପରେ ସୀମା ପଦାକୁ ଆସିଲା । ମେଡ଼ିକାଲ କଲେଜ ଭିତରେ ହାଁ ଭାଁ ଲୋକ ଧାଁ ଧପଡ଼ ଦେଉଛନ୍ତି । ହୁଏତ କେଉଁ ରୋଗୀ ପାଖରେ ତା'ର ଅତି ପ୍ରିୟଜନମାନେ ବସି ତାକୁ ସାନ୍ତ୍ୱନା ଦେଉଥିବେ । “ବଞ୍ଚିବାକୁ ବିଶ୍ୱାସ ରଖ” ବୋଲି କହି ଆଶ୍ୱସ୍ତ କରାଉଥିବେ । ବିଚାର ଦୁନିଆଁ ଦେହରେ ସୂଅ ଛୁଟିଲା ପରି ମଣିଷ ନିତି ନିତି ମରୁଥିଲେ ମଧ୍ୟ, ସେ ପୁଣି ବଞ୍ଚିବାକୁ ଚାହେଁ । ନୂଆ ସଂସାର ଗଢ଼ିବାକୁ ଇଚ୍ଛାକରେ ।

ଆଗରେ ଧାଡ଼ି ଧାଡ଼ି କୃଷ୍ଣଚୂଡ଼ାର ଗଛ । ଶେଷସୀମାକୁ କେତେଗୁଡ଼ିଏ ଝାଉଁ ଗଛର ସମାବେଶ । ବାସ୍ତବିକ୍ ଶେଗରେ କାନନ ଭିତରେ ଏଇ କେତୋଟି ଝାଉଁ ଆଉ କୃଷ୍ଣଚୂଡ଼ା ଗଛ ବଞ୍ଚିବାକୁ ଆହ୍ୱାନ କରନ୍ତି । ପ୍ରାଣପୂର୍ଣ୍ଣ ଶାନ୍ତି ଆସ୍ୱାଦନ କରିବାକୁ ବାଧ୍ୟ କରନ୍ତି । କୃଷ୍ଣଚୂଡ଼ାର ନାଲି ନାଲି ସ୍ତବକ ଦେହରେ ମଣିଷର ଜୀବନ ଲହଡ଼ି ଖେଳେ । ସୁଲୁ ସୁଲୁ ପବନର ଢେଉ ଦେହରେ ସମସ୍ତଙ୍କ ସଙ୍କେତକୁ ସେ ବେଖାତିର କରେ ।

ଏଇ କୃଷ୍ଣଚୂଡ଼ାର ଗଛ କେତୋଟି ଖୁବ୍ କମ୍ ବୟସର । ରାମଚନ୍ଦ୍ର ଭଞ୍ଜ ଯେତେବେଳେ ମେଡ଼ିକାଲ କଲେଜର ମୂଳଦୁଆ ପକାଇଲେ, ସେତେବେଳେ ଏ ଗଛ କେତୋଟି ଏମିତି ଧାଡ଼ିହୋଇ

ସତ୍ୟାଗ୍ରହ କାଳପରି ରାସ୍ତାର ଦୁଇ କଡ଼ରେ ନ ଥିଲେ । ସେତେବେଳେ ଥିଲା ଏଇଠା ଝାଡ଼ ବଣୁଆ ଅରମା ଭୂଇଁ । ହେଲେ, ସମୟର [କାଉଛଡ଼ା ରୂପ ଦେହରେ ବସ୍ତୁବାଦୀ ଦୁନିଆଁର ଯାଦୁ ଲାଗିଛି । ମଣିଷର ରୋଗ ଆଉ ଶୋକକୁ ଦୂରକୁ ଠେଲି ଦେବାକୁ ରଚନା କରିଛି ଏହି ଆକାଶଚୁମ୍ବି ଦୁର୍ଗ ।

ସୀମା କୃଷ୍ଣଚୂଡ଼ାର ନାଳିଫୁଲ ପେନ୍ଥାକୁ ଚୁହିଁ ଟିକେ ମୁରୁକି ହସିଲା । ଗୋଡ଼ ତାର ଅଟକିଗଲା । ଇଚ୍ଛା ହେଲା, ଗୋଟାଏ ଫୁଲର ପେନ୍ଥାକୁ ସେ ତୋଳିଆଣି ନିଜ ଜୁଡ଼ାର ଚୂଳ ପାଖରେ ସଜାଇ ଖୋସି ଦିଅନ୍ତା । ନାକ ପାଖରେ ରଖି ଆଘ୍ରାଣ କରନ୍ତା । କିନ୍ତୁ···ଲୋକମାନେ କ'ଣ କହିବେ ? ପାଗଳୀ ବୋଲି କହିବେ ନାହିଁ ତ ।

ସୀମା ଆଉ କ'ଣ ଭାବି ଥାଆନ୍ତା । ହଠାତ୍ ପଛରୁ କିଏ ଡାକି କହିଲା—"ସୀମା ! ଏଠି ଠିଆ ହୋଇ କ'ଣ ଭାବୁଛ ?" ବୁଲିପଡ଼ି ସେ ଦେଖିଲା···ପାଖରେ ଠିଆହୋଇ ଶ୍ରେଣୀସାଥୀ ରସାନନ୍ଦ ଡାକୁଛି । ଅପ୍ରସ୍ତୁତ ହେଲା । କହିଲା···"ନାଇଁ···ଏଇ ଗଛ ଦେହରେ ଯେଉଁ ଗୁଣ୍ଡୁଚି ମୂଷାଟି ବସାବାନ୍ଧୁଛି ସେଇଆକୁ ଦେଖୁଥିଲି । ପବନରେ ତା'ର କାଠି'କୁଟା ଦିଖଣ୍ଡ ଖସି ପଡ଼ୁଛି । ହେଲେ ଦେଖିଲି···ପୁଣି ସେ ସେହି କାଠିକୁଟାକୁ ଗଛ ଉପରକୁ ନେଇ ବସା ବାନ୍ଧିବାକୁ କି ଆପ୍ରାଣ ଚେଷ୍ଟା କରୁଛି ।"

ରସାନନ୍ଦ ମୁରୁକି ହସି କହିଲା···"ସୀମା ! ତୁମେ ଜଣେ ଓଡ଼ିଶାର ସ୍ୱନାମଧନ୍ୟା ଲେଖିକା । କବିତ୍ୱ ତୁମର ଶିରା ପ୍ରଶିରାରେ ବସା ବାନ୍ଧିଛି । ତୁମେ ଡାକ୍ତରୀ ପଢ଼ିବାକୁ ମିଛଟାରେ କାହିଁକି

ଆସିଲ ! ମୁଁ ଦେଖୁଛି ତୁମେ ଶେଷରେ ଫେଲ୍ ହୋଇ ଘରକୁ ଫେରିବ ।"

ସୀମା ଟିକେ ଲାଜି ପଡ଼ି କହିଲା...“ହଁ ରସାନନ୍ଦବାବୁ... ସତରେ ମୁଁ ଫେଲ ହୋଇଯାଇ ପାରେ । ପ୍ରଥମ ଭାଗରେ ପାଶ୍ କରିଗଲେ କ'ଣ ହେବ । ଆଗ୍ରର ତ ଆଗରେ ବହୁତ ପଡ଼ା ଅଛି, କିନ୍ତୁ ଫେଲ୍ ହେବା ତ ପୁଣି ଗୋଟଏ ଅଭିଜ୍ଞତା, ସେ ଅଭିଜ୍ଞତା-ଟିକୁ ବରଣ କରିନେଲେ କ୍ଷତି କ'ଣ ?"

ରସାନନ୍ଦ ସାମାନ୍ୟ ହସି କହିଲା...“ସତରେ ସୀମା ! ତୁମର ଯୁକ୍ତି ଅଦ୍ଭୁତ । ହଁ...ତୁମକୁ ମୁଁ ଗୋଟାଏ କଥା କହିବାକୁ ଯାଇ ଆଜି ଗୋଟାଏ କଥା ନେଇ ଯୁକ୍ତି କରିବାରେ ଲାଗି ଯାଇଛି ।"

ସୀମା ଟିକେ ଉଦ୍ଦେଶ୍ୟ ପୂର୍ଣ୍ଣ ଦୃଷ୍ଟିରେ ଚାହିଁ କହିଲା, “କ'ଣ କହିବ...କୁହ...।"

ରସାନନ୍ଦ କହିଲା...“ନାଇଁ...ଶଶିବାବୁ କହୁଛନ୍ତି, ତାଙ୍କ ବସାକୁ ଯିବ ।"

ସୀମା...ନିର୍ଲିପ୍ତ ଭାବରେ କହିଲା...‘ହଉ' ।

ଦୁଇଟା ବାଜିବାକୁ ପ୍ରାୟ ଦୁଇ ତିନ ମିନଟ୍ ବାକି ଅଛି । ଶଶିବାବୁ ଖାଇସାରି ଖଟ ଉପରେ ବିଶ୍ରାମ ନେଉ ଥାଆନ୍ତି । ଚାକର ନନ୍ଦିଆ ଖାଇ ବସିଥାଏ । ଠିକ୍ ସେତିକବେଳେ ସୀମା ଶଶିବାବୁଙ୍କ ଘର ଭିତରକୁ ପଶିଲା ।

ଟ୍ରେଞ୍ଚିଆ ଘରଟିଏ । ଲାଗି ଲାଗି ତିନୋଟା ରୁମ୍, ପାଖରେ ରୋଷେଇ ଘର । ଜିନିଷ ପତ୍ର ଗୁଡ଼ାକ ଏଠି ସେଠି ବିଛୁଡ଼ି ହୋଇ ପଡ଼ିଛି । ଘରେ ସ୍ତ୍ରୀଲୋକ ଥିଲେ ସିନା ଜିନିଷ ପତ୍ର ସଜାଡ଼ି ରଖନ୍ତି । ହେଲେ ପୁରୁଷ ଗୁଡ଼ାକ ଏମିତି ହାବଲା ଯେ···ତାଙ୍କର ଏଥିପ୍ରତି ମୋଟେ ନଜର ନ ଥାଏ । ଖାଲି ଘରେ ଖାଇବା କଥା ସେ ଜାଣନ୍ତି । ଆଉ କିଛି କହିବ ତ ହସିଦେବ ଖାଲି ।

ଶଶିବାବୁ ସେମିତି ତ ଜଣେ ପୁରୁଷ । ଯେତେ ମାଡ଼ବାଘ ହେଲେ ମଧ୍ୟ ପ୍ରକୃତି ଛାଡ଼ିବେ କେମିତି । ଆଉ ଘରକରଣା ମଧ୍ୟ କେଉଁ ମାଇକିନା ହେଇଛି । ଛାଡ଼··· । ସୀମା ଶଶିବାବୁଙ୍କ କୋଠରୀ ଭିତରେ ପଶିଲା । ଶଶିବାବୁଙ୍କୁ ଗୁରୁ ନିଦ ଲାଗି ଆସୁଥିଲା । ହଠାତ୍ ସୀମାର ପାଦ ଶବ୍ଦ ଯୋଗୁ ନିଦଟା ଗୁଣ୍ଡ କିନା ଭାଙ୍ଗି-ଗଲା । ଉଠିପଡ଼ି କହିଲେ···"ଆରେ, ତୁମେ କେତେ ବେଳେ ଆସିଲ । ମୁଁ ଭାବିଲି ତୁମେ ବର୍ତ୍ତମାନ ଆସିବ ନାହିଁ । ତେଣୁ ଶୋଇବାକୁ ଯାଉଥିଲି ।"

ସୀମା ଚୌକିଟା ଉପରେ ବସି ପଡ଼ୁ ପଡ଼ୁ କହିଲା···"କ'ଣ କିଛି କାମ ଥିଲା ସାର୍ ।"

···ନାଇଁ ସେମିତି କିଛି ନୁହେଁ ।

ସୀମା ଜାଣିଲା, କିଛି ଗୁରୁତ୍ୱପୂର୍ଣ୍ଣ କାମ ନ ଥିଲେ ମଧ୍ୟ ଶଶିବାବୁ ଡକାଇଛନ୍ତି । ତେବେ କ'ଣ ତାହାର ଅକୁହା ମନକଥା ଧରା ପଡ଼ି ଯାଇଛି ? ହୋଇପାରେ···ଡାକ୍ତର ଗୁଡ଼ାକ ବହୁତ ସମୟରେ ଜ୍ୟୋତିଷର କାମ କରନ୍ତି । ମନକଥା କହି ପାରନ୍ତି, କିନ୍ତୁ ସୀମା ଏମିତି ଅଡୁଆ ଚଉଡ଼ା ଆଉ କିଛି ଚିନ୍ତା କରିବା ଆଗରୁ

ଶଶିବାବୁ କହିଲେ, "ଗୋଟାଏ ସାମାନ୍ୟ କଥାପାଇଁ ତୁମକୁ ଡକାଇ ଥିଲି ସୀମା । ପଦାଟାରେ କହିବାକୁ ଭଲ ମନେ କଲିନାହିଁ ।"

ସୀମାର ଛାତି ଆହୁରି ଧଡ଼୍ ପଡ଼୍ ହେଲା ।

ଆଜି ମୁଁ ଲକ୍ଷ୍ୟ କରୁଛି, ତୁମେ ଖୁବ୍ ଅନ୍ୟମନସ୍କା ରହୁଛ । ପାଠ ପଢ଼ା ଯାଉଥିବାବେଳେ ତୁମେ ଅନ୍ୟ କଥା ଚିନ୍ତା କରୁଛ । ବର୍ତ୍ତମାନ ହୁଏତ ତୁମେ ମୋ ଆଗରେ ମନା କରିପାର, କିନ୍ତୁ ମୁଁ ନିଶ୍ଚିତ ମତେ ଏକଥା ଲକ୍ଷ୍ୟ କରୁଛି ।

ସୀମାର ଆଉକିଛି ଯୁକ୍ତି କରିବାକୁ ଭାଷା ନ ଥିଲା । ତଥାପି ଶଶିବାବୁଙ୍କୁ ବାଧା ଦେଇ କହିଲା···"ନାଇଁ ସାର୍, ମୁଁ ତ ସେମିତି କିଛି ଚିନ୍ତା କରୁନାହିଁ । ସାମୟିକ ଭାବରେ କିଛି ପ୍ଲଟ୍ ମନରେ ପଡ଼ିଗଲେ କିଛିକ୍ଷଣ ପାଇଁ ମାତ୍ର ଏଣୁତେଣୁ ଚିନ୍ତା କରି ବସେ ।"

ଶଶିବାବୁ ଆକାଶରୁ ଖସିପଡ଼ିଲା ପରି କହିଲେ···"ଓ··· ତାହେଲେ ତୁମେ ଲେଖାଲେଖି କର···ସୀମା ?"

ସୀମା···ଆଶ୍ଚର୍ଯ୍ୟ ହୋଇ କହିଲା···"ତେବେ କ'ଣ ଆପଣ ମୋ ଲେଖା ପଢ଼ିନାହାନ୍ତି !"

—ଶଶିବାବୁ ମୁଣ୍ଡ ହଲେଇ କହିଲେ···"ନା । ଡାକ୍ତରୀ ଜୀବନ ଦେହରୁ ବାହାରି, ସାହିତ୍ୟ ଜଗତରେ ଭ୍ରମଣ କରିବାକୁ କେବେ ସୁବିଧା ପାଇନାହିଁ ।"

ସୀମା ଆଜି ନୂଆକରି ଜାଣିଲା, ଜଗତରେ ଏମିତି କେତେ ଜୀବ ମଧ୍ୟ ଅଛନ୍ତି···ଯେଉଁମାନେ ଗଳ୍ପ ଉପନ୍ୟାସ ପଢ଼ନ୍ତି ନାହିଁ । ମୁହଁ ଖୋଲି କହିଲା, "ମୋର କଲେଜ ଜୀବନର ଇତିକଥା,

ସମାପିକା ଓ ସୀମାନ୍ତ” ଆଦି ଲେଖା ସାହିତ୍ୟ କ୍ଷେତ୍ରରେ ଚହଳ ପକାଉଛି ସାର୍ ! ସେଥିପାଇଁ ବହୁ ପ୍ରଶଂସା ମଧ୍ୟ ପାଉଛି । କିନ୍ତୁ ସେହି ସାହିତ୍ୟିକ ଜୀବନର ଶେଷରେ ମୁଁ ଦେଖୁଛି ମୁଁ ସାହିତ୍ୟିକା ନୁହେଁ···ଡାକ୍ତର ।”

ଶଶିବାବୁ ଟିକେ ହସି କହିଲେ···“କଲେଜ ଜୀବନର ଇତିକଥା”, ସୀମାନ୍ତ ଆଦିର ଲେଖିକା ସୀମା ରାୟ ନାମ ମୁଁ ମୋର ବନ୍ଧୁମାନଙ୍କଠାରୁ ଜାଣିଥିଲି । କିନ୍ତୁ ତୁମେ ଯେ ସେ ସୀମା ରାୟ ଏକଥା ଜାଣି ନ ଥିଲି । ବାସ୍ତବିକ୍ ଓଡ଼ିଶାର ଜଣେ ସ୍ୱନାମଧନ୍ୟା ନାରୀ ଲେଖିକାର ଶିକ୍ଷକ ହିସାବରେ ମୁଁ ଆଜି ଧନ୍ୟ ହୋଇଛି । ମୁଁ ତୁମର ଭାବନା ଉପରେ ମନ୍ତବ୍ୟ ଦେଇ ଭୁଲ୍ କରିଛି ସୀମା । ତୁମେ ଭାବ···ଯେତେ ଇଚ୍ଛା ସେତେ ଭାବ । ଡାକ୍ତରୀ ଜୀବନ ଦେହରେ ତୁମେ ଓମାର ଖୟାମ୍‌ଙ୍କ ପରି ପାଗଳର ସ୍ୱପ୍ନ ଦେଖ··· ମୋର କିଛି କହିବାର ନାହିଁ । ମୁଁ ଡାକ୍ତର ହେଲେ ମଧ୍ୟ ବସ୍ତୁବାଦୀ ତ ତେଣୁ ଏଣୁ ତେଣୁ କହିଦେଲି ।”

ସୀମା କହିଲା···“ମୁଁ କିଛି ଭାବୁନାହିଁ ସାର୍, ଆପଣ ଏକଥା କହି କିଛି ଭୁଲ୍ କରି ନାହାଁନ୍ତି । ମୁଁ ଆପଣଙ୍କର ଜଣେ ଛାତ୍ରୀ । ଆପଣ ମୋତେ କହିବେ ନାହିଁ ତ ଆଉ କହିବେ କାହାକୁ ?”

ଶଶିବାବୁ ଟିକେ ହସ ଠାଣି କହିଲେ···“ହଁ···ସେଇ ଅଧିକାର ଟିକକ ପାଇଁ ତ କେବଳ କହିଲି । ଛାଡ଼···ଆଉ ଗୋଟାଏ କଥା ତୁମକୁ କହିବାର ଥିଲା । ଦେହ ତୁମର ଭଲ ରହୁନି, ତେଣୁ ଟିକେ ବାହାରୁ ବୁଲି ଆସି ବାୟୁ ପରିବର୍ତ୍ତନ କର । ଆଜି ଶୁଣିଲି ଆମ କଲେଜ ତରଫରୁ ଏକ୍ସକର୍ସନ୍ ପାର୍ଟି ଯାଉଛି । ଅବଶ୍ୟ

ବେଶି ବାଟ ଯାଉନାହିଁ । ଏଇ ମାତ୍ର ଯାଜପୁର । ଉତ୍କଳର ପ୍ରାଚୀନ ଗୌରବ ଭୂଇଁ ଏଇ ବିରଜା କ୍ଷେତ୍ର । ପିଲାମାନେ ସେଠାକୁ ଯିବାକୁ ଠିକ୍ କରି କିଛି ଭୁଲ୍ କରି ନାହାନ୍ତି । ମୋତେ ବି ପାର୍ଟି ସହିତ ଯିବାକୁ ପଡୁଛି । ବେଶି ଖର୍ଚ୍ଚ ସେମିତି ପଡୁନାହିଁ, ତୁମେ ବାହାରିଲେ କିଛି ଖରାପ ହୁଅନ୍ତା ନାହିଁ । କହିବ ତ ମୁଁ ସବୁର ବନ୍ଦୋବସ୍ତ କରିଦେବି । ଏଇ କଥା ପଚାରିବା ପାଇଁ କେବଳ ମୁଁ ତୁମକୁ ଡକାଇଥିଲି ।"

ସୀମା ମୁହଁ ତଳକୁ କଲା । ସିମେଣ୍ଟ ଚଟାଣ ଉପରେ ଆଙ୍ଗୁଳି ଘଷୁ ଘଷୁ କହିଲା···"ଏଥିରେ ପୁଣି ପଚାରିବାର କ'ଣ ଥିଲା ସାର୍! ଯଦି ମୋ ଦେହର ଏଟା ଉପକାର ହେବ ବୋଲି ଆପଣ ଭାବୁଛନ୍ତି, ତେବେ ସେଇଆହିଁ କରନ୍ତୁ, ମୁଁ ପ୍ରସ୍ତୁତ ହେଉଛି ।"

ଶଶିବାବୁ ଟିକେ ଆଶ୍ୱସ୍ତ ହୋଇ କହିଲେ···"ତା' ହେଲେ ଭଲ କଥା···ଆଗାମୀ ଶୁକ୍ରବାର ପାଇଁ···ପ୍ରସ୍ତୁତ ହୋଇ ରୁହ ।"

—ସୀମା କୃତଜ୍ଞତା ଜଣାଇଁ ଉଠିଲା । ଶଶିବାବୁଙ୍କର କଅଁଳିଆ କଥା, ସରଳ ଭଙ୍ଗୀ, ନିରାଡ଼ମ୍ବର ଚାଲିଚଳନ ସୀମାକୁ ବହୁ ସମୟରେ ବିଚଳିତ କରୁଥିଲା । ଶଶିବାବୁଙ୍କର ଅଭିଭାବକତ୍ୱ ବହୁ ସମୟରେ ସୀମାର ଆଖି ଆଗରେ ମାୟା ସୃଷ୍ଟି କରେ । ସବୁଜ ପତ୍ରଗହଳି ଭିତରେ କଅଁଳିଆ ଫୁଲଟିଏ ଲୁଚିଯିବାକୁ ଯେତେ ଗୌରବ ମନେ ନ କରେ···ପ୍ରଚଣ୍ଡ ସୂର୍ଯ୍ୟତାପରେ ମାତ୍ର ମୁହୂର୍ତ୍ତିକ ପାଇଁ ରକ୍ଷା ପାଇବାକୁ ଯେତେ ବ୍ୟାକୁଳ ହୁଏ । ସୃଷ୍ଟିର ନିର୍ଦ୍ଦେଶକୁ ବେଖାତିର କରି ଫୁଲଟି ବାହାର ଦୁନିଆଁକୁ ଚାଲି ଆସିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ପାରେ ନାହିଁ । ଚେଷ୍ଟା ତା'ର ହାର ମାନେ ।

ଗୋଧୂଳିର ପାତଳ ଅନ୍ଧାର ଦେହରେ କାଗଜ ଫୁଲିଆ ମେଡ଼ିକାଲ୍ ଲେଡ଼ିଜ୍ ହଷ୍ଟେଲ୍ ଲୁଚି ଯାଉଛି । ଗୋଟାଏ ଗୋଟାଏ କୋଠରୀର ଝରକା ଦେଇ ଉଜ୍ଜ୍ୱଳ ବିଜୁଳି ବତୀର ଆଲୋକ ସହରର ବୁକୁ ଉପରେ ଉଙ୍କି ମାରି ଚାହୁଁଛି । ସୀମା ସେହି ପାତଳ ଅନ୍ଧାର ଦେହରେ ମିଶିଗଲା ।

ମେଡ଼ିକାଲ୍ କଲେଜର ତ୍ରିତଳ ପ୍ରାସାଦର ଝରକା ପାଖରେ ଠିଆ ହୋଇ ସୀମା ତଳକୁ ଚାହିଁଲା । ମହାନଗରୀର ଉପକଣ୍ଠରେ ଶାନ୍ତଗୋଧୂଳି ଘନୀଭୂତ ହୋଇ ଉଠୁଛି । ମାଳଚଞ୍ଚବାଳର ଶିରେ ଶିରେ ଶୁକ୍ଳପଞ୍ଚମୀର ନରମ ସୁଧା ତରଙ୍ଗ ସୃଷ୍ଟି କରୁଛି । ରାସ୍ତା କଡ଼ର ବଣଝାଉ ଉପରେ ବିଜୁଳି ବତୀର ଆଲୋକ ଆତ୍ମପ୍ରକାଶ କରୁଛି । ସୀମାର ଆଖିରେ ଲୁହ ଆସିଲା । ଏଇ ଗଳିବାଟର ମଣିଷମାନଙ୍କ ପରି ରାଜେନ୍ଦ୍ର କେଉଁଠି ବୁଲୁଥିବ । ହାତରେ ଥିବ ଭିକ୍ଷା ମୁଣି । ଦେଶରୁ ଦାରିଦ୍ର୍ୟତା ଉଠାଇ ଦେବା ପାଇଁ ପ୍ରତିଜ୍ଞା ବଦ୍ଧ ହୋଇଥିଲେ ମଧ୍ୟ, ନିଜେ ଦାରିଦ୍ର୍ୟ ବରଣ କରି ନେଇଥିବା ଗୋଟାଏ ଅଜବ୍, ଅସମ୍ଭବ ମଣିଷ । ସୀମା ମୁହଁ ବୁଲାଇଲା···ସାଥୀ ମାଳମା ଡାକୁଛି···"ଆ···ସ ସୀମା ଅପା···ଟିକେ ଜଳଖିଆ ଖାଇ ନେବା···କ'ଣ ଗୁଡ଼ାଏ ଭାବୁଛୁ ସେଠି ।"

ଅର୍ଦ୍ଧଶତାଧିକ ଯାତ୍ରୀ ଯାତ୍ରୀଙ୍କୁ ସରକାରୀ ବସ୍ ଯାଜପୁରର ବୁକୁ ଉପରେ ବାନ୍ତି କରି ପକାଇଲା । ଆଖି ଆଗରେ ଜୀର୍ଣ୍ଣ··· ଶୀର୍ଣ୍ଣ···ପ୍ରାଚୀନ କଳିଙ୍ଗୋତ୍କଳ ସାମ୍ରାଜ୍ୟର ରାଜଧାନୀ···କେଶରୀ

ମଣ୍ଡପ ଯାଜପୁର । ହିଡ଼ାଟି ବ୍ରେଷ୍ଟିଆ ସହରଟା । ରାସ୍ତା ଅଣଓସାରିଆ, ପୁଣି ନହାତି ବଣୁଆ । ସହରର ଏ ଅବସ୍ଥାକୁ ଦେଖିଲେ···କିଏ ସତେ ବିଶ୍ୱାସ କରିବ ଯେ ଦିନେ ଏଠାରେ ଯଜାତି କେଶରୀଙ୍କ ପରି ବିରାଟ ରାଜା ରାଜଧାନୀ ନିର୍ମାଣ କରିଥିଲେ ।

ଛାତ୍ରଛାତ୍ରୀମାନେ ବିରଜା ମନ୍ଦିର ପରିଦର୍ଶନ କରି ବାହାରକୁ ଆସିଲେ । କେଶରୀ ବଂଶର ପ୍ରଶଂସା ସହିତ ତତ୍କାଳୀନ ଉତ୍କଳୀୟ କଳା ପ୍ରାଣତାକୁ ସମସ୍ତେ ଧନ୍ୟ ଧନ୍ୟ କରିବାକୁ ଲାଗିଲେ । ସୀମା, କେବଳ ଚୁପ ରହି ସମସ୍ତ ଆଲୋଚନାକୁ ଢକ୍ ଢକ୍ କରି ପିଇଯାଉଥିଲା । ହଠାତ୍ ଶଶିବାବୁ···ଛାତ୍ର ଛାତ୍ରୀମାନଙ୍କୁ ଡାକି କହିଲେ··· ଏତେ ବାଟ ଆସିଛନ୍ତି ଯେତେବେଳେ···କଷ୍ଟ କରି ଆଉ ଗୋଟାଏ ଜାଗାକୁ ଯିବା··· । ସମସ୍ତେ ଶଶିବାବୁଙ୍କ ମୁହଁକୁ ଚାହିଁ ରହିଲେ ।

ଶଶିବାବୁ କହିଲେ···ଏହି ଯାଜପୁରରୁ ଉତ୍କଳୀ ସଭ୍ୟତାର ଅଭ୍ୟୁଦୟ ହୋଇଥିଲେ ମଧ୍ୟ···ପୁଣି ଏହି ଯାଜପୁରର ଗୋହିରା ଟିକିରୀ ରଣ ପ୍ରାଙ୍ଗଣରେ ଉତ୍କଳର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ଢଳି ପଡ଼ିଥିଲେ । ସେହି ଦିନଠାରୁ ଉତ୍କଳର ସ୍ୱାଧୀନତାର ସୂର୍ଯ୍ୟ ଚିରଦିନ ପାଇଁ ଅସ୍ତମିତ ହୋଇଥିଲା । ମୋର ମତ···ସେହିଠାକୁ ଟିକେ ଯାଇ ସ୍ଥାନଟା ଦେଖିଆସିବା । ପିଲାମାନେ ଏକସ୍ୱରରେ···ହଁ ···ହଁ ବୋଲି ଚିତ୍କାର କରି ଉଠିଲେ ।

ଯାଜପୁରଠାରୁ ପ୍ରାୟ ପାଞ୍ଚ ମାଇଲ ଦୂରରେ ଗୋହିରା ଟିକିରୀ । ଛାତ୍ରଛାତ୍ରୀମାନେ ଯେ ଯାହାର ଜିନିଷ ପତ୍ର ଧରି ବାହାରି

ପଡ଼ିଲେ । ପୂର୍ଣ୍ଣତୋୟା ବୈତରଣୀ ନଦୀ ପାର ହୋଇ କଣ୍ଟାବାଠ ଆଗେଇ ଗଲେ ଏହି ବିପ୍ଳବୀ ରଣକ୍ଷେତ୍ର । ସନ୍ଧ୍ୟା ଆଗରୁ ସମସ୍ତେ ଠିକ୍ ସ୍ଥାନରେ ପହଞ୍ଚି ଯାଇଥିଲେ ।

ପାଖରେ ଗାଁ ଗଣ୍ଡା ଘରଦ୍ୱାର ସେମିତି ନାହିଁ । ଗୋଟିଏ ମଠ ମାତ୍ର । ସେହି ମଠରେ ଜିନିଷପତ୍ର ରଖି ସମସ୍ତେ ବୁଲି ବାହାରିଲେ । ଗେରୁଆ ବସନ ପରିହିତ ବାବାଜି ମହାଶୟ, ସ୍ଥାନଗୁଡ଼ିକ ଦେଖାଇ ଦେଇ···କେଉଁଠି କ'ଣ ହୋଇଥିଲା ଆଦି ବୁଝାଇବାକୁ ଲାଗିଲେ । ଶଶିବାବୁ ବିଗତ ଉତ୍କଳୀୟ ଯୋଦ୍ଧାମାନଙ୍କର କଥା ଶୁଣି ଆତ୍ମହରା ହୋଇ ପଡୁଥାଆନ୍ତି ।

ଦେଖୁଁ ଦେଖୁଁ ପଶ୍ଚିମ ଦିଗ୍‌ବଳୟରେ ସୂର୍ଯ୍ୟ ଅସ୍ତ ହୋଇଗଲେ । ଶୁକ୍ଳପକ୍ଷର ସଞ୍ଜୁଆ ଜହ୍ନ ହସି ହସି ଆକାଶ ସମୁଦ୍ର ଦେହରେ ଝାସ୍ ଦେଲେ ।

କିନ୍ତୁ ସମସ୍ତ ବୁଲାବୁଲି କରିବା ପରେ ଭ୍ରମଣାର୍ଥୀମାନେ ଫେରି ଆସିଲେ । ସୀମା ମଧ୍ୟ ସେମାନଙ୍କ ସହିତ ଫେରି ଆସିଲା । ଆଜି ସୀମା ଅସହାୟା ମନେ କରୁଛି । ବିଗତ ଉତ୍କଳୀୟ ବୀରମାନଙ୍କ କଥା ଚିନ୍ତାକରି ଥରି ଉଠୁଛି । ଏଇ ବୀରମାନଙ୍କ ପରି ହୁଏତ ଧନେ ରାଜେନ୍ଦ୍ର କେଉଁ ମଶାଣି ଦେହରେ ଲୋଟି ପଡ଼ିବ । ତା'ର ହିସାବ କେହି ରଖିବାକୁ କ୍ଷମ ହୋଇ ପାରିବେ ନାହିଁ । ମଣିଷ ସିନା ରକ୍ତ ଦେଇ ଦେଶ ସେବା କରେ···କିନ୍ତୁ···ଦେଶ ସ୍ନେହ ଦେଇ ତା'ର ପରିଶୋଧ କରିପାରେ ନାହିଁ ।

ରାତି ବେଶି ହେଲା । ପିଲାମାନେ ନିଜ ହାତରେ ରୋଷେଇବାସ କରି ଖାଇ ଶୋଇ ପଡ଼ିଲେ । ସୀମା ମଧ୍ୟ ଶୋଇଲା । ଶଶିବାବୁ

ମଠର ଗୋଟାଏ ପିଣ୍ଡା ଉପରେ ନିଜର ଚଦର ଖଣ୍ଡେ ବିଛାଇ ଶୋଇଥାଆନ୍ତି । ହଠାତ୍ ତାଙ୍କର ମନଟା ଫାଙ୍କାଫାଙ୍କା ଲାଗିଲା । ସତେ ଅବା ସେ ଭାବୁଥିଲେ, ଜୀବନକୁ ଏକୁଟିଆ ରଖିବା ନିହାତି ଅପରାଧ । ସ୍ନେହର ଆଦାନ ପ୍ରଦାନ କରିବାକୁ ମଣିଷ, ମଣିଷ ନ ପାଇଲେ ପଶୁ ହୋଇଯାଏ । ଏମିତି ଭାବୁ ଭାବୁ ମନଟା ଆହୁରି ହାଲୁକା ଲାଗିଲା । ସେ ବିଛଣାରୁ ଉଠି ଆସି ପଡ଼ିଆ ଉପରକୁ ବାହାରି ଆସିଲେ । ପଡ଼ିଆର ମଝି ଦେଶରେ ବିରାଟ ପୋଖରୀଟିଏ ଆଦିମ ଯୁଗରୁ ସତେ ଅବା ଏମିତି ପଙ୍କପୂର୍ଣ୍ଣ ହୋଇ ପଡ଼ିଛି । କେହି କେହି କହନ୍ତି···ମୁକୁନ୍ଦଦେବ ସୈନ୍ୟମାନଙ୍କୁ ଲୁଚାଇ ରଖିବାକୁ ଏ ପୋଖରୀ ଖୋଳାଇଥିଲେ । ସେହି ଦଳ ପୂର୍ଣ୍ଣ ପୁଷ୍କରିଣୀ ଦେହରେ ସ୍ଥାନେ ସ୍ଥାନେ କଇଁ ଫୁଲ କେତୋଟି ମୁଣ୍ଡ ଟେକି ଉଙ୍କି ମାରୁଛନ୍ତି । ସତେ ଅବା ବିଗତ ଯୋଦ୍ଧାମାନଙ୍କର ପାଦତଳେ ପୂଜାର ଅର୍ଘ୍ୟ ଭାବରେ ଲୋଟି ପଡ଼ିବାକୁ ତାଙ୍କର ଜନ୍ମ ।

ଶଶିବାବୁ ଆହୁରି ଆଗକୁ ଗଲେ । ବିରାଟ ପଡ଼ିଆଟାର ଉନ୍ମୁକ୍ତ ବୁକୁ ଉପରେ ସେ ପାଦ ପିଟି ପିଟି ଭାବୁଥିଲେ କେତେ କ'ଣ ଆକାଶ ପାତାଳ ।

ହଠାତ୍ କାହାର ଛାୟା ଯୁକ୍ତ ମୂର୍ତ୍ତିଟାକୁ ଦେଖି ଶଶିବାବୁ ଚମକିକରି ଉଠି···କହିଲେ···

—"କିଏ ?"

—"ନାଇଁ ମୁଁ ।" ନରମ କଣ୍ଠସ୍ୱର··· ।

– କିଏ ସୀମା ?

—ହଁ···ସାର୍··· ।

—ଶଶିବାବୁଙ୍କ ପିଣ୍ଡରେ ପ୍ରାଣ ପଶିଲା । ହସୁ ହସୁ କହିଲେ, ମୋତେ ଉଠେଇ ଦେଲ ଯେ ! ତୁମକୁ କ'ଣ ନିଦ ହୋଇ-ନାହିଁ··· ?

—ନାଇଁ ! ଭାରି କାହିଁକି ଖରାପ ଲଗୁଛି ସାର୍ !

ଶଶିବାବୁ ସୀମାର ପାଖରେ ସେହି ଘାସର ଗାଲିଚା ଉପରେ ବସିପଡ଼ି କହିଲେ···ଭାରି ଗରମ ହେଉଛି, ନିଦ ଲଗୁନାହିଁ ?

ସୀମା···ହୁଁ···ମାରିଲା !

କିଛି ସମୟ ଦୁହେଁ ନୀରବ ।

ମେଡ଼ିକାଲ କଲେଜର ହତାପରି, ବରଂ ଗୋହିରୀ ଟିକିଏ ପଡ଼ିଆର ଦେହରେ କୃଷ୍ଣଚୂଡ଼ା ବୃକ୍ଷର ସମାରୋହ ନାହିଁ । ଝାଉଁ ପତ୍ରର ମର୍ମର ଦେହରେ ଏ ପ୍ରାନ୍ତରର ବୁକୁ ମଣ୍ଡିତ ହେଉନାହିଁ । ଏହି ପଡ଼ିଆର ଶେଷ ଦେଶରେ ଆକାଶ ମୁଣ୍ଡ ପିଟେ···ଦିଗ ହଜିଯାଏ ।

ଏ ସେହି ଗୋହିରୀ । ଯାହାର ପ୍ରତ୍ୟେକ ଘାସ ମୂଳ ମଧ୍ୟ କହିବ···ଓଡ଼ିଆ···ନପୁଂସକ ନୁହେଁ···ଓଡ଼ିଆ ଦୁର୍ବଳ ନୁହେଁ । ଲକ୍ଷ ଲକ୍ଷ ଓଡ଼ିଆ ବୀରର ରକ୍ତର ତାଜମହଲ ଏହି ବିସ୍ତୀର୍ଣ୍ଣ ପ୍ରାନ୍ତରର ବୁକୁ ଉପରେ କୁଟି ଯାଇଛି । ତଥାପି ଓଡ଼ିଆ ବଞ୍ଚିଛି··· ଗୋହିରୀ ବି ବଞ୍ଚିଛି··· ।

କଳାପାହାଡ଼ର ପଥର ଗୁଣ୍ଡରେ ରକ୍ତର ରେଖା ଟାଣି-ଥିଲା ଏହି ଗୋହିରୀ, ପୁଣି ଏହି ଗୋହିରୀ ମଧ୍ୟ ଶିଖି ମନାଇଁର ଦେଶ, ନିଜ ଗୁଣ୍ଡରେ ଛୁରୀ ଚଳାଇ···ଏଇ ଗୋହିରୀ କହୁଛି···ମୁଁ ଅମର···ମୁଁ ଅଜେୟ···। ରାଜେନ୍ଦ୍ର ପରି ଦେଶ ସେବକ ଗୁଣ୍ଡରେ ମଧ୍ୟ ଏଇ ଦେଶର କଳଙ୍କ ଛୁରୀ ଚଳେଇ ଦେବେ ।

ସୀମା···ଚିତ୍‌କାର କରି ଉଠିଲା···'ସାର୍‌' । ଶଶିବାବୁ ତରତରରେ ସୀମାର ହାତଟାକୁ ଧରିନେଇ କହିଲେ···"କ'ଣ ହେଲା ସୀମା ? କ'ଣ ଭୟ ଲାଗୁଛି··· ?"

ସୀମା ନୀରବ । ତା'ର ଭାବପ୍ରବଣତା ଧରା ପଡ଼ିଯାଇଛି । କିନ୍ତୁ ଶଶିବାବୁ ଭୁଲ ବୁଝିଛନ୍ତି । ସ୍ରୋତସ୍ୱିନୀ ନଦୀର ଜଳ ଦେହରେ ପଡ଼ିଥିବା ଗୋଟିଏ କାଠି ଖଣ୍ଡିକର ଗତି କଦାପି ବିପରୀତମୁଖୀ ହୋଇ ନ ପାରେ । ଶଶିବାବୁ ସୀମାର ପିଠିରେ ହାତ ମାରୁ ମାରୁ କହିଲେ···ତୁମେ ଦୁର୍ବଳ ହୋଇ ପଡ଼ୁଛ ସୀମା···ଟିକେ ଶୋଇପଡ଼···ଦେହ ଭଲ ଲାଗିବ ।

ସୀମା ପଥର ପରି ଲୋଟି ପଡ଼ିଲା ସବୁଜ ଘାସ ଉପରେ । ଆଃ···ଘାସଗୁଡ଼ାକ କି କୋମଳ ! ଯୁଗ ଯୁଗ ଧରି ରକ୍ତ ପିଇଥିବା ଘାସର ମଧ୍ୟ କି କ୍ଷୁଧା !···କି ଉତ୍ତେଜନା···!!!

ଭଲ ପାଇବାର ସାହିତ୍ୟ ଦେହରେ ବ୍ୟାକରଣର ସ୍ଥାନ ନାହିଁ । ସୀମା ଜାଣେ ସେ ଗଜେନ୍ଦ୍ରକୁ ଭଲ ପାଏ, ଗଜେନ୍ଦ୍ରକୁ ମନରେ ପକାଇବାରେ କାଳ, ପାତ୍ର, ସ୍ଥାନ ବିଚାରର ସେ ବାଛବିଚାର ରଖେନା । ସେଇଥିପାଇଁ ସେ ବହୁ ସମୟରେ ଉନମନା ହୋଇ ପାଗଳୀ ହୁଏ । ଶଶିବାବୁ ଜଣେ ଡାକ୍ତର, ହେଲେ ସେ ସେବେ କେବେ ଭଲ ପାଇବାର ବାସ୍ନା ଆହରଣ କରି ଥାଆନ୍ତେ, ମଣିଷର ଗଭୀର ମନ ଦେହରେ ତାଙ୍କର ସୂକ୍ଷ୍ମ ଗବେଷଣା ମନୋବୃତ୍ତିକୁ ଖଟାଇ ଥାଆନ୍ତେ; ତେବେ ବୁଝି ଥାଆନ୍ତେ···ସୀମା କାହିଁକି ନିର୍ଜନ ଗୋହିରୀ ଟିକକ ପଡ଼ିଆ ଦେହରେ ଆତ୍ମହରା ହୋଇ ଲୋଟି ପଡ଼ୁଛି ।

ତଥାପି ଶଶିବାବୁ ମଳିନ । ସେ ଜୀବନର ମାୟାକୁ ହୃଦୟଙ୍ଗମ କରୁଛନ୍ତି । ସୀମା ରୂପକୁ ଭୁଲିବାକୁ ଚେଷ୍ଟା କରୁଛନ୍ତି । ସମୟର ପ୍ରଭାବରେ ମଣିଷର ମୁକ୍ତି ଅନେକ ସମୟରେ ହାର ମାନେ । ଯେମିତି କିଏ କହିବ ଯେ ଶଶିବାବୁ ସୀମାକୁ ଆକଣ୍ଠ ଅଘ୍ରାଣ କରିବାକୁ ଚାହୁଁ ନାହାଁନ୍ତି ବୋଲି ?

କିନ୍ତୁ ସୀମା ମନରେ ସେ କଳ୍ପନା ବସାବାନ୍ଧି ପାରୁନି । ସେ ଜାଣେ···ଶଶିବାବୁ ସୀମାର ଖୁବ୍ ନିକଟରେ ଥିଲେ ମଧ୍ୟ ତାକୁ ମୋଟେ ଛୁଇଁ ପାରିବେ ନାହିଁ । କାରଣ ଶଶିବାବୁ ଆଉ ତା'ର ଭିତରେ ଯେଉଁ ଅଦୃଶ୍ୟ କଠିନ ବଳୟଟି ଘେରି ରହିଛି, ତାକୁ ଭେଦକରି ଶଶିବାବୁ ତା' ପାଖକୁ ଆସିବା ନିହାତି କଷ୍ଟକର । ସେଇଥିପାଇଁ ସୀମା ଶୋଇ ରହିଛି ନିର୍ଭୟରେ ।

ହେଲେ···ବହୁସମୟରେ କ'ଣ ହେଉଛି କେଜାଣି, ଶଶିବାବୁଙ୍କ ମୁହଁକୁ ଚାହିଁଲେ ସୀମା ଶଙ୍କି ଯାଉଛି । ଶିଖଣ୍ଡୀକୁ ରଥ ଆଗରେ ଦେଖିଲେ ଭୀଷ୍ମ ଶର ତ୍ୟାଗ କଲାପରି ରାଜେନ୍ଦ୍ର ତା'ର ସ୍ମୃତି ଭିତରୁ ବହୁତ ଦୂରକୁ ପଳାଇ ଯାଉଛି । ଶଶିବାବୁ ହସୁଛନ୍ତି··· ଆଉ ରାଜେନ୍ଦ୍ର କାନ୍ଦୁଛି ।

ହଁ···ରାଜେନ୍ଦ୍ରର କାନ୍ଦିବାରେ ନୂଆକଥା କ'ଣ ଅଛି । ଯେଉଁ ଲୋକର କାନ୍ଦିବା ଗୋଟାଏ ଅଭ୍ୟାସ, ସେ କାନ୍ଦୁ, ଛାତି ଫଟାଇ କାନ୍ଦୁ, କ୍ଷତି ନାହିଁ ।

ରାଜେନ୍ଦ୍ର ଭୂତଟା କିନ୍ତୁ ଘରି ଚାଣୁଆଁ । ଶତ ବାଧା ପାଇଲେ ମଧ୍ୟ ସେ ଠେଲି ପେଲି ଆସୁଛି···ପୁଣି ନିଲଠାଙ୍କ ପରି ପାଖରେ

ବସି ତା'ର ଅଧିକାର ମାଗୁଛି । ସୀମା···ବ୍ୟସ୍ତ ହୋଇ ପୁଣି ପଡ଼ିଆ ଆଡ଼କୁ ଚାହିଁଲା । ଶଶିବାବୁ ସେମିତି ସୀମାର ପିଠି ଉପରେ ହାତରଖି ଆତ୍ମବିସ୍ମୃତ ହୋଇଛନ୍ତି । ଆଜି ଆଣ୍ଟିରୋମାଣ୍ଟିକ ଡାକ୍ତର ଶଶିବାବୁଙ୍କ ମନରେ ଭଲ ପାଇବାର ପ୍ରବଳ ବନ୍ୟା··· ପ୍ରଳୟ ବେଗରେ କୂଳ କିନାରା ନ ମାନି ଧାଇଁବାରେ ଲାଗିଛି ।

ଗୋହିରୀର ଗୁଡ଼ିଉପରେ ଖେଳିଲା ଜହ୍ନ । ପୁଷ୍କରିଣୀର ପେଟ ଭିତରେ ଖେଳିଲା କୁମୁଦମାନ···ଆଉ ଗୋହିରୀର ପିଠିଉପରେ ଖେଳିଲା ସବୁଜ ଘାସ । ତାହାରି ଉପରେ ଆସନ ପାତି ବସିଛନ୍ତି ···ଦୁଇଟି ଖେଳିଲା ପ୍ରାଣୀ । ସୀମା···ହଠାତ୍ ଉଠି ପଡ଼ି··· ଶଶିବାବୁଙ୍କୁ ହଲାଇ ଦେଇ କହିଲା···"ରାତି ବହୁତ ହେଲାଣି ଉଠନ୍ତୁ ସାର୍ ।"

ଶଶୀବାବୁ ଚମକି ପଡ଼ିଲା ପରି ଉଠି ପଡ଼ି କହିଲେ—"ମୁଁ କେଉଁଠି ସୀମା ।"

ସୀମାର···କଳ୍ପନା···ଗମ୍ଭୀରତା···କେଉଁଆଡ଼େ ଉଭେଇ ଗଲା । ଫିକ୍ କିନା···ହସିପକାଇ କହିଲା "ମୋତେ ସାନ୍ତ୍ୱନା ଦେଉ ଦେଉ ଆପଣଙ୍କର କ'ଣ ହେଲା ସାର୍ ?"

ଶଶୀବାବୁ ଗୁଣୁ ଗୁଣୁ ହେଇ···ଗୋଟାଏ ଅବୋଧ୍ୟ କବିତା ଧାଡ଼ି ପରି କହିଲେ—"ରକ୍ତ ଗଡ଼ର ସ୍ୱପ୍ନ ।"

ସୀମା କିଛି ବୁଝିଲା ନାହିଁ । ତଥାପି···ହସୁ ହସୁ···କହିଲା —"ରକ୍ତ ଗଡ଼ର ସ୍ୱପ୍ନ, ନାହିଁ···ରକ୍ତର ବଣ ଦେହରେ ଯେତେ ମଳୟର ଝଙ୍କାର ଝଙ୍କୃତ ହେଉଛି···ସବୁଗୁଡ଼ିକ କେବଳ ଗୋଟାଏ ଗୋଟାଏ ହରିଚ···ମାୟା··· ।"

ଗୋହ୍ୱରର ଉନ୍ମୁକ୍ତ ବୁକ ଉପରେ ରାତି ଆନ୍ଧାର ଜଘନ୍ୟ ରକମ ନାଚିବାକୁ ଲାଗିଲା । ଅନ୍ଧକାର ଆଁ କରି ସଂସାରଟାକୁ ଗିଳି ଦେବାକୁ ବସିଲା । ଜହ୍ନ ଗୋଟାଏ କଳା ମେଘର କୋଳ ଭିତରେ ଆତ୍ମ ଗୋପନ କରିଦେଲେ ।

ଶଶିବାବୁ ଓ ସୀମା ମଠ ଦେହକୁ ଫେରି ଆସିଲେ ।

ଏଇ ବାଟ ନିକ ପାର ହେବା ଯାଏ ଦୁହେଁ, ଅତି ଅବାସ୍ତବ ବରେ ନୀରବ ଥିଲେ ।

ଶଶିବାବୁଙ୍କ ମନକୁ ଆକର୍ଷଣ କରିବା ପାଇଁ ସୀମା ମୋଟେ ଚେଷ୍ଟା କରି ନ ଥିଲା । ସ୍ନେହର ବୁଢ଼ି ଅଣ୍ଡୀ ଜାଲ ଦେହରେ ଶଶି-ବାବୁଙ୍କୁ ସେ ବାନ୍ଧି ରଖିବାକୁ ମୋଟେ ଚେଷ୍ଟା କରୁ ନ ଥିଲା । କିନ୍ତୁ ଶଶିବାବୁ ଧୁଏଁ ଧୁଏଁ ସୀମାର ଜଣେ ବିଶ୍ୱସ୍ତ ଆତ୍ମୀୟ ପରି ନିକଟରୁ ନିକଟକୁ ଟାଣି ହୋଇ ଯାଉଥିଲେ ।

ଅଲକ୍ଷ୍ୟରେ ପୁରୁଷ ମନକୁ ଆକର୍ଷଣ କରିବା ପାଇଁ ଯେଉଁ ପ୍ରବୃତ୍ତି, ନାରୀ ପକ୍ଷରେ ତାହା ଏକାନ୍ତ ଭାବରେ ଆଦିମ ।

ଶଶିବାବୁ ଭାବୁଥିଲେ···ସେ କ'ଣ ସୀମାକୁ ଭଲ ପାଇବେ ? ପ୍ରେମ କରିବେ ? କିନ୍ତୁ ସଂସ୍କାରବାଦୀ ଶଶିବାବୁଙ୍କ ପାଖରେ ଯେ··· ଏଟା ନିଶ୍ଚୟମତେ କଳଙ୍କ ! ହଁ···ସାମାନ୍ୟ କଳଙ୍କ ନ ଥିଲେ ···ଭଲ ପାଇବାଟା ମୋଟେ ଉପଭୋଗ୍ୟ ହୁଏନା । ନିହାତି ଚରି-ଚରିତ ପରି ଜୀବନ ସମ୍ଭୋଗହୀନ ହୁଏ । ପ୍ରେମର ନେପଥ୍ୟରେ ଥାଇ, ସମାଜ କୋଳାହଳ କରିବାକୁ ସୁବିଧା ପାଇଲେ···ବନ୍ଧନ ଦୃଢ଼ତର ହୁଏ । ସ୍ନେହ ନିବିଡ଼ ହୁଏ ।

ଶଶିବାବୁ ନିଜର ବିଛଣାକୁ ଫେରି ଆସି ଶୋଇବାକୁ ଚେଷ୍ଟାକଲେ । ସୀମା ମଧ୍ୟ ଫେରି ଯାଇଥିଲା ନିଜର ବିଛଣାକୁ ।

ଶଶିବାବୁଙ୍କୁ ଦୂରେଇ ଦେବା ପରେ ପରେ ରାଜେନ୍ଦ୍ରର ଭୂତ ସୀମାର ରକ୍ତ କୋଠରୀ ଦେହରେ ପ୍ରବେଶ କଲା । ସୀମା ଉତ୍ତେଜିତ ହୋଇ ଛୁଅଣୀ ମୁଠାରେ ତାକୁ ଘାଉଲି କରିବାକୁ ଚେଷ୍ଟାକଲା, କିନ୍ତୁ ପାରିଲା ନାହିଁ । ସେ ସୀମାର ଦୁଇ ଡେନଟା ଠାଣୁଆ ନାଲିକୁ ଜୋର କରି ଜାବୁଡ଼ି ଧରି କହିଲା — "ମୁଁ ଯିବନାହିଁ ତ ତୁମେ କ'ଣ କରୁଛ କର ।"

ସୀମା ପାରିଲା ନାହିଁ । ଆଖିବୁଜି ବିଛଣା ଉପରେ ପଡ଼ି ରହିଲା । ଘରି ବାହାରେ ବର୍ଷାଣ୍ଡି ଗୋହିରୀ ଟିକଯିର ବ[illegible] ପ୍ରାନ୍ତର । ଆଖି ଘାଉନାହିଁ ଦାଗ ଦିଶୁନାହିଁ ।

ସେ ଲକ୍ଷ୍ୟ କଲା···ସତେ ଅବା ତା'ର ରାତିଟା ମଧ୍ୟ ବିହୃତ ବିସ୍ତୃତ ଭାବରେ ଲମ୍ବିବାରେ ଲାଗିଛି । ଓଜନିଆଁ ଗୁଳିଟା ଉଠୁଛି ପଡ଼ୁଛି···ଆଉ ତାହା ସହିତ ଉଠୁଛି ପଡ଼ୁଛି···ଶୋଷାଏ ସୀମାହୀନ ଗୋହିରୀ···ଦୁଇଟା···ଜୀବ୍ୟାହୀନ ପ୍ରାଣ । ଉଃ···[illegible] ଗରମ୍ । ସୀମାର ତୁଣ୍ଡ ଦେହରେ ଝଡ଼ ବହିଲା··· । ଝଡ଼, ଠିକ୍ ଖରାଦିନିଆଁ ଆରବୀୟ ଝଡ଼ ।

ନିଃଶ୍ୱାସର ଝଡ଼ କମି ଆସିଲା । ଆରବ ସାଗରର ଓଦା ଓଦା ତୁଣ୍ଡ ଉପରେ ସାହାରାର ଶୁଖିଲା ବାଲି କଣାଟି ପଡ଼ିଗଲା ଚଁ···ଚଁ କରି ପାଣି ପିଇଗଲା । ଆଉ ସେ ଆକାଶରେ ବୁଲି ପାରିବନି । ସେହି ଆରବ ସାଗରର ତୁଣ୍ଡ ଉପରେ ଶୋଇ ପଡ଼ିବ, ନିହାତି ନିର୍ଘୋଡ଼ି ଘୁଙ୍ଗୁଡ଼ି ମାରି ।

ସୀମା ସ୍ୱପ୍ନ ଦେଖିଲା ।

ବୈତରଣୀର ତଟରେ ତଟରେ ସୀମାହୀନ ଉପବନ । ପାଖେ ପାଖେ କଲକଲ୍ଲୋଳମୟୀ ଚିରସ୍ରୋତା ବୈତରଣୀ ।

ପଳାୟନପନ୍ଥୀ ଉଲ୍ଲସ୍ପୃମ ରାଜକୁମାର ଗୋଟାଏ ପ୍ରକାଣ୍ଡ ଅକର୍ମଶୀଳା ପଥର ଉପରେ ବସି ଧମଣୀକାଣ୍ଡର ଦେହରେ ଗୁଣ ଚଢ଼ାଉଛନ୍ତି । ଚପଳା ଛନ୍ଦା···ସୁନା ଭଉଣୀଟି ନଦୀ ଜଳରେ ଅଣ୍ଟା ପର୍ଯ୍ୟନ୍ତ ଦେହକୁ ବୁଡ଼ାଇ ଜଳକ୍ରୀଡ଼ା କରୁଛନ୍ତି ।

ଆଖି ଆଗରେ ସୁନାର ହରିଣୀଟିଏ ଲମ୍ଫ ପିଟି ଝପଟି ଗଲା । ରାଜକୁମାରଙ୍କର ମନ ଆକାଶରେ ଚମକ ଖେଳିଲା । ସେ ଉଠିଲେ । ହରିଣୀଟି ଛୁଟିଛି । ଆଉ ଛୁଟିଛନ୍ତି ଉଲ୍ଲସ୍ପୃମ ରାଜକୁମାର । ଆଃ···ଲକ୍ଷ୍ୟ ଠିକ୍ ହୋଇଛି । ହରିଣୀ ତଳେ ପଡ଼ିଲା ।

"ହରିଣୀଟିକୁ ମୁଁ ବଧ କରିଛି"—ଫେର ଗୁହାଁଲେ ରାଜକୁମାର । ରାଜକୁମାରଙ୍କର ବଙ୍କ ଭ୍ରୂଲତା ଦେହରେ ଆଶ୍ଚର୍ଯ୍ୟର ସ୍ୱେଦ ।

"ହରିଣୀଟି ମୋର ଶରାଘାତରେ ମରିଛି ।" କୁମାରଙ୍କର କଣ୍ଠ ଆତୁର ସ୍ପଷ୍ଟ ହୋଇ ଉଠିଲା ।

"ଉଦ୍ଧତ ! କଳିଙ୍ଗ ରାଜକୁମାରୀ ଗୁଞ୍ଜରୀକାର ଆଗରେ ମିଥ୍ୟା ଆସ୍ଫାଳନ ?" ପ୍ରଶ୍ନବାଚୀ ଦୃଷ୍ଟିରେ ଶ୍ୱେତ ଅଶ୍ୱର ପୃଷ୍ଠ ଦେଶରୁ କମ୍ପି ଉଠିଲେ ରାଜକୁମାରୀ ।

"ପରୀକ୍ଷା କରିବା ଆଗରୁ କଳିଙ୍ଗ ରାଜକୁମାରୀଙ୍କ ଅଭିମତ ତ କମ୍ ଔଦ୍ଧତ୍ୟର ପରିଚୟ ନୁହେଁ, ହଜୁର ।" କୁମାରଙ୍କର ଦୁଇ ଓଠର ପରଦା ଠେଲି ଝରିପଡ଼ିଲା ଗୋଟାଏ କ୍ଷୀଣ ହାସ୍ୟରେଖା ।

ଏକା ନିଶ୍ୱାସକେ ଅଶ୍ୱ ପୃଷ୍ଠରୁ ଝାମ୍ପମାରି ହରିଣୀଟିର ଗୋଟାଏ ପାଖରେ ଫୁଟିଥିବା କଳିଙ୍ଗ ଜାତୀୟ ଚିହ୍ନ ସମ୍ବଳିତ ତୀରଟିକୁ ଝିଙ୍କି ଆଣିଲେ ରାଜକୁମାରୀ ।

ଠିକ୍ ସେତିକିବେଳେ···ହରିଣୀଟିର ଅପର ପାର୍ଶ୍ୱରେ ଫୁଟିଥିବା ଶକ୍ତି ଚିହ୍ନିତ ଶରଟିକୁ ଝାଙ୍କି ଆଣିଲେ ରାଜକୁମାର ।

ଦୁଇ ଜଣଙ୍କ ମୁହଁ ରଙ୍ଗା ପଡ଼ିଗଲା ।

ଉତ୍କଳଭୂମି ଓ କଳିଙ୍ଗ, ବୈତରଣୀ ଓ ଗଙ୍ଗା ଟି । ସ୍ରୋତସ୍ୱିନୀ ଦୁଇଟି ମିଳି ଜଳଧାର ।

ତୁମେ···?? ଅଟକିଗଲେ ରାଜକୁମାରୀ···

ଉତ୍କଳଭୂମିରୁ ବିତାଡ଼ିତ ରାଜକୁମାର ଯଯାତି ।

ରାଜକୁମାରୀ ଅନ୍ତଃପୁରକୁ ଫେରିଗଲେ, କିନ୍ତୁ ଶ୍ୱେତ ଅଶ୍ୱର ଉଲ୍କା ଗତି ଅତି ସାଙ୍ଘାତିକ ଭାବରେ ମ୍ଳାନ ପଡ଼ିଗଲା ।

ଯଯାତି···ଉତ୍କଳଭୂମି ରାଜକୁମାର ଯଯାତି, ପୁଣି କଳିଙ୍ଗର ବନରକ୍ଷୀ···ସନ୍ନ୍ୟାସୀ···ଶକ୍ତି ସେବକ···ଯଯାତି···ବିନ୍ଧ୍ୟବାସିନୀ ···ମାଆ ବିରଜାଦେବୀଙ୍କର ବରପୁତ୍ର ଯଯାତି ।

ଅନ୍ତଃପୁରର ବାତାୟନ ସେଦିନ ପାଇଁ ଉନ୍ମୁକ୍ତ ରହିଲା । ସେଦିନ ଆକାଶରେ ମଧ୍ୟ ଅଗଣିତ ତାରକା ଉଠିଲେ । ଶୁକ୍ରତାରା ହସିଲା ନାହିଁ । ସ୍ମୃତି କାନ୍ଦୁଥିଲା ।

ସୀମା ଭେ···ଭେ···ହୋଇ ବଡ଼ ପାଟିରେ କାନ୍ଦିବାକୁ ଲାଗିଛି । ସକାଳର ଶୀତଳ ବର୍ଣ୍ଣାଢ୍ୟ ଆଲୋକ ମଠର ଗୃହପାଖରେ

ପହରା ଦେଇ ଯାଉଥିଲା । ହଠାତ୍ ଶଶିବାବୁ ଦଉଡ଼ି ଆସୁ ଆସୁ କହିଲେ···"ସୀମା ! ସୀମା ! କ'ଣ ହେଲା ତୁମର ? କାନ୍ଦୁଛ ଯେ ।"

ସୀମା ଉଠି ଦେଖିଲା···ସତରେ ସେ କାନ୍ଦୁଛି, କଳିଙ୍ଗ ରାଜପ୍ରାସାଦର ଦ୍ୱିତଳ ପ୍ରାସାଦ ଦେହର ଦକ୍ଷିଣ କୋଠରୀ ଦେହରେ ଶୋଇ ରହି କାନ୍ଦୁଛି···ରାଜକୁମାରୀ···ଗୁଞ୍ଜରୀକା ।

"ନାହିଁ ଏମିତି କ'ଣ ଗୁଡ଼ାଏ ସ୍ୱପ୍ନ ଦେଖି ପକାଇଲି ।"

ଯଯାତି ହୁଏତ ବନ୍ଧ୍ୟ ଗିରିର ଗୁହା ଦେହରେ ଭଉଣୀ କମଳାଙ୍କ ସହିତ ବିଶ୍ରାମ ନେଉଥିବେ ।

ଶଶିବାବୁ କହିଲେ "ତରତର ହୋଇ ବାହାରି ପଡ଼···ଖରା ଟାଣ ହେବା ଆଗରୁ ଯେମିତି ଯାଜପୁରକୁ ଫେରିଯିବା ।"

ସୀମା, ଉଠିଲା ।

ଆଖି ଆଗରେ ସେହି କୃଷ୍ଣଚୂଡ଼ା ବୃକ୍ଷର ଧାଡ଼ି ବନ୍ଧା ପ୍ରସେସନ୍ । ସୀମା ଅଟକିଗଲା । ଗୋଡ଼ ମଧ୍ୟ ଥକା ପଡ଼ୁଛି । ଭ୍ରମଣଟାକୁ ଯେ ସ୍ୱାସ୍ଥ୍ୟ ପକ୍ଷରେ ଉପକାରୀ ବୋଲି କହେ ସେ ବୋକା । ନିଶ୍ଚିତ ମତେ ବୋକା । ଦୁଇ ଦିନ ଘୁରି ଘୁରି ସୀମା ତା'ର ଶୃକ୍ଷ ସ ପ୍ରମାଣ ପାଇଛି ।

କୃଷ୍ଣଚୂଡ଼ାର ବୃନ୍ତ ଦେହରେ କୋଇଲଟିଏ ନାଚୁଛି, କିନ୍ତୁ ଗୀତ ଗାଉନାହିଁ । ସୀମା ଆଶ୍ଚର୍ଯ୍ୟ ହେଲା । ମେଡ଼ିକାଲ ହତାରେ ରୋଗୀ ଜମାଟ ବାନ୍ଧିଛନ୍ତି ।

ପଛପଟରୁ ସାଥୀ ମନ୍ଦାକ୍ରାନ୍ତା ଆସି କହିଲା—"ହଇଲୋ ମଉନ ମୁହିଁ, ଏକ୍‌ସ୍‌କର୍ସନ୍‌ରେ ଯାଇ ସବୁ ରସଯାକ ଏକା ପିଇଲୁ, ଆମକୁ ଟିକେ ହେଲେ ଦେଲୁନାହିଁ ?"

ସୀମା ହସିଲା..., ସତରେ, ଏମିତକା କଥା ଶୁଣି ତ ହସିବାର କଥା । ମୁହଁ ଖୋଲିଲା—"ତୁ ଗଲୁନି, କିଏ ମନା କରୁଥିଲା ଯେ ?"

ସମୟ ନ ନେଇ...ମନ୍ଦା କହିଲା – "ସତରେ ଲୋ...ମତେ କାହିଁକି ଶଶିବାବୁଙ୍କୁ ଭାରି ଭୟ ଲାଗେ ।"

ସୀମା ଟିକେ ଚାହିଁଯାଇ କୃଷ୍ଣଚୂଡ଼ାର ପେନ୍ଥା ଆଡ଼କୁ ଚାହିଁଲା, କୋଇଲଟି ସେତେବେଳକୁ ଉଡ଼ିଯାଇଛି ।

"ତୋ'ପରି କପିଳଧ୍ୟାସୁନ୍ଦରୀଙ୍କୁ କିଏ ହରଣ କରି ନେଇ ଯାଉଛି ଯେ ।" ହସି ହସି ଫାଟି ପଡ଼ିଲା ସେ ।

"ସୁଗ୍ରୀବ ତ କମ ନାହାଁନ୍ତି !!" ପ୍ରତ୍ୟୁତ୍ତର ଦେଲା ମନ୍ଦାକ୍ରାନ୍ତା ।

"ତୁ ଟା ବଡ଼ ଇୟେ ।" ଆଗେଇଲା ସୀମା ।

ଶୁଣିବୁ ନାହିଁ ?

କହୁନୁ... ।

କୃଷ୍ଣଚୂଡ଼ା ଗଛ ଦେହରେ ମନ ଲାଖିଗଲା ପରା ।

"କେତେ ଫାଜିଲ୍ ହେଉଛୁ ମନ୍ଦା ।" ଚିଡ଼ିଲା ସୀମା ।

"ଚିଡ଼ିଲୁ.....?"

"ହୁଁ" ହସିଲା ପୁଣି ।

"ତା' ହେଲେ ହେବନି ।"

"କଅଣ···?" ପ୍ରଶ୍ନବାଚକ ଦୃଷ୍ଟିରେ ଚାହିଁ ରହିଲା ସୀମା ।

"ଘର ଦବୁ ତ କହ··· ।"

"ଦେବି··· ।"

"ସେତେବେଳକୁ ଯେବେ ମନା କରୁ··· ।"

"କେତେ ଅଲକ୍ଷୁଣୀଟା ମ ତୁ··· ।"

ଖୁବ୍ ଭରି···ଦବୁ ତ···

ସତ୍ୟ କରେଇବୁ··· ?

ନାଇଁରେ ବାବା···ସତ୍ୟଭଙ୍ଗୀ ହେବା ବଡ଼ ବିପଦ ।

କେତେ ଗ୍ଲୋପଣ ହେଉଛୁ ମ··· ।

ଦେହଟା ସିନା ସହରର, ହେଲେ ମନଟା ପରା ନିହାତି ମଫସଲି । ତାକୁ ଯେତେ ମେଡ଼ିକାଲ ଦେହରେ ପୂରେଇଲେ ମଧ୍ୟ ସେ ଲୁଚି ଛପି ପଳେଇଛି ସେଇ ରୋଷେଇ ଶାଳକୁ, କ'ଣ ଘର କାନ୍ଥ ଅଇନା ପାଖକୁ, ଆଉ ତାଙ୍କର ଟୁମଟୁମିଆଁ ଓସାରିଆ ଗୁଡ଼ି ଉପରକୁ ।

ଯାଉନୁ, କିଏ ମନା କଲା··· ?

ତୁ ଯାଇପାର୍··· ।

ଗୁଡ଼ ବାଟ ମତେ···

ମଉସା ଚିଠି ଦେଇଛନ୍ତି ।

କାହିଁ···?

"ଖୋଲି ଘଡ଼ି ଦେଇଛୁ । ତୋର କୁଆଡ଼େ ହେଉଛି ।" ନିର୍ଘାତ ହସିଲା ମନ୍ଦାକ୍ରାନ୍ତା, ଏଇ ହସ ଭିତରେ ଚିଠିଟି ବଢ଼ାଇ ଦେଇଥିଲା ।

ଥର ଥର ସୀମା ଚିଠିଟି ହାତକୁ ନେଲା ।

ମୁକୁନ୍ଦରାୟ ଲେଖିଛନ୍ତି···

ମାଆ, କଲ୍ୟାଣ ନେବୁ !

ବହୁଦିନ ହେଲା ଚିଠିପତ୍ର ଦେଇନୁ, କ'ଣ ବୁଢ଼ା ପୁଅଟା କଥା ମୋଟେ ମନରେ ପଡୁନି ? ହଉ, ଶୁଭ ଉତ୍ତରକୁ ଅନେଇଁ ରହିଲି । ବହୁତ ଦିନ ହେଲା କହିବ ନାହିଁ, କହିବ ନାହିଁ ହୋଇ ଆଜି ଲେଖିବାକୁ ବାଧ ହେଲି । ବୁଢ଼ାବାପଟା ପାଇଁ ତୁ କାହିଁକି ଅନେଇଁ ରହିବୁ ? ତୁ ଯେଉଁଠି ଥିଲେ ତ ମୋର, ହେଲେ ତୋ ଜୀବନଟାକୁ ବିଳମ୍ବ କରି ମୁଁ ନଷ୍ଟ କରିବି କାହିଁକି ? ପଢ଼ାପଢ଼ିକୁ ତ କେହି ମନା କରୁନାହିଁ, ତେବେ ବି ମୁଁ ଖାଲି ଗୋଟାଏ କଥା ଦେଖିବାକୁ ଚାହେଁ । ତୋର ମଥାରେ ବିନ୍ଦୁଏ ସିନ୍ଦୁର । ମନା କରିବୁ ନାହିଁ ତ ? ବୁଢ଼ାପୁଅ ତୋର ନିହାତି କାନ୍ଦିବ ମାଆ ।

ପଦେ ଲେଖୁଛି । ବରଟି ଖୁବ୍ ପାଠ ପଢ଼ିଛି, ଡାକ୍ତର । ଦେଖିବାକୁ ଖୁବ୍ ସୁନ୍ଦର ବୋଲି ଶୁଣିଲି । ତୋ ସାଙ୍ଗକୁ ଖୁବ୍ ଖାପ ଖାଇବ । ତୋର ଆଉ ମନା କରିବାର କ'ଣ ଅଛି ? ଦେଖିବାକୁ ସୁନ୍ଦର···ରୋଜଗାର କରୁଛି । ମୁଁ କିନ୍ତୁ ମତ ଦେଉଛି, ଖାଲି ତୋ ଉତ୍ତରକୁ ଚାହିଁଲି, ଅଧିକା କ'ଣ ଲେଖିବି । ଇତି ।

ତୋର ବାପା ।

ମନ୍ଦାକ୍ରାନ୍ତା ଚିଠିଟି ବଢ଼େଇ ଦେଇ ଚାଲି ଯାଇଥିଲା । ସୀମା ଦେଖିଲା···କୃଷ୍ଣଚୂଡ଼ା ଗଛ ଦେହରୁ କେତୋଟି ଫୁଲ ତୋଡ଼ାକୁ କାଟି ଗୁଣ୍ଡୁଚି ମୂଷାଟିଏ ତଳକୁ ପକାଇ ଦେଉଛି ।

ବାପା ଲେଖିଛନ୍ତି···ବରଟି ଦେଖିବାକୁ ସୁନ୍ଦର···ଭଲ ରୋଜଗାର କରୁଛି ।

କିନ୍ତୁ ଝିଅମାନେ କ'ଣ ସତରେ ସୁନ୍ଦର ସ୍ୱାମୀ ଚାହାନ୍ତି ! କାହିଁ, ନିଜେ ତ ସେ ସେକଥା ଚିନ୍ତା କରିପାରୁନି । ରାସ୍ତାରେ ବହୁତ ପୁଅ ତାକୁ ଚାହାନ୍ତି । ହେଲେ ସେ ତ କାହାରିକୁ ଚାହେଁନା । କାହାର ପୋଷାକ ଦେଖି ହୁଏ ତ ସେ ଦମକା ଠିଆ ହୁଏ, କିନ୍ତୁ କାହାର ସୁନ୍ଦରତାକୁ ଦେଖି ସେ ତ କେବେ ଶଙ୍କି ଯାଇନାହିଁ ।

ସେକ୍‌ସ୍‌ପିୟର ଲେଖିଛନ୍ତି, ଡିକେନ୍‌ସ୍ ଲେଖିଛନ୍ତି··· ଜଗତରେ ଆହୁରି କେତେ ଲେଖକ ଲେଖିଛନ୍ତି—କୁମାରୀଟି··· କୁମାରକୁ ଦେଖି ପାଣି ଢାଳିଦେଲା । ପ୍ରଥମ ଦେଖାରୁହିଁ ପାଗଳୀ ହେଲା, ତରୁଣଟିକୁ ପାଇବା ପାଇଁ ।

କିନ୍ତୁ ଏ ସବୁ ଲେଖକ ଗୁଡ଼ିକ ପୁରୁଷ, କେହି ସ୍ତ୍ରୀ ନୁହନ୍ତି । ସ୍ତ୍ରୀ ଜୀବନର ଅନୁଭୂତି ଯଦି ତାଙ୍କ ଦେହରେ ଥାଆନ୍ତା ତେବେ ସେ କଦାପି ଏ କଥା ଲେଖି ନ ଥାନ୍ତେ । ପୁରୁଷ ମନର ଅନୁଭୂତିକୁ ସେ ନିଜେ ଅଙ୍ଗେ ନିଭେଇଛନ୍ତି । ସେଇଥିପାଇଁ ସେ ପୁରୁଷ ପରି ମଧ୍ୟ ସ୍ତ୍ରୀକୁ ଚିତ୍ରଣ କରିଛନ୍ତି ।

ସ୍ତ୍ରୀ ସୁନ୍ଦରତାରେ ଗୋଡ଼ ଖସାଏ ନାହିଁ । ପୁରୁଷ ଜବରଦସ୍ତ ସୌନ୍ଦର୍ଯ୍ୟ ବୋଧ ତା'ର ବୁକୁ ଦେହରେ ପୂରାଇ ଦେଇ ଆଘ୍ରାଣ କରିବାକୁ ଚେଷ୍ଟା କରେ ।

ସ୍ତ୍ରୀ ଗୁଣଗ୍ରାହୀ । ସେ ଶୁଖିଲା ଖଡ଼ା ଶାଗର ମଧ୍ୟ ଚାହେଁ ସ୍ୱାଦୁ । ତନ୍ତୀ ବୁଣା କସ୍ତା ଦେହରୁ ସେ ଚାହେଁ ମଦୁରା ଶାଢ଼ୀର ସୌନ୍ଦର୍ଯ୍ୟ ସହିତ ଅବନଶ୍ୱର ତା'ର ସ୍ୱପ୍ନ । ଆଉ ଟଙ୍କା···

ଚଳିବାର ପାଇଁ ସ୍ତ୍ରୀ ଚାହେଁ ଟଙ୍କା । ନିଜ ପାଇଁ ନୁହେଁ । ନିଜପାଇଁ ହେଲେ ମଧ୍ୟ ଖୁବ୍ କମ୍ ଦିନ ପାଇଁ । ଧୋବଲା ମାଉଁସର ତଳେ ତଳେ ଗୋଟାଏ କଳାଗାର ପଡ଼ିଲା ପର୍ଯ୍ୟନ୍ତ । ପୁଣି ଚିନ୍ତା କଲା ସୀମା । କ'ଣ ସେ ଲେଖିବ ? ଆଉ କେହି ନୁହେଁ ବାପା ଲେଖିଛନ୍ତି ଚିଠି···ନିହାତି ଅବୋଧ···ଡାକ୍ତରୀ ପାଠଠାରୁ କଠିନ ଚିଠି···ସୀମା ନୀରବ ରହିଲା ।

ଚାହୁଁ ଚାହୁଁ ଦୀର୍ଘ ଆଠଦିନ କଟିଲା । ତଥାପି ସୀମାର କିଛି ଉତ୍ତରର ଦେଖାନାହିଁ । ମୁକୁନ୍ଦବାବୁ ଭାବଲେ ସୀମାକୁ ହୁଏତ କିଛି ଲେଖିବାକୁ ଲଜ୍ଜା ଲଗୁଛି । ଯେତେ ପାଠ ପଢ଼ିଲେ ମଧ୍ୟ ଝିଅ ତ । କେମିତି ବା ମୁହଁ ଖୋଲି କ'ଣ ଲେଖିବ ? ତଥାପି ସେ ମୌନତାକୁ ସମ୍ମତିର ଲକ୍ଷଣ ବୋଲି ଭାବନେଲେ । କିନ୍ତୁ ସମୟ ସମୟରେ ବୃଦ୍ଧ ମୁକୁନ୍ଦବାବୁଙ୍କ ମନରେ [illegible] ଚହଟୁଥିଲା । "ସୀମାର ମନରେ ଆଉ ଆଘାତ ହେଲା କି ?"

ଏମିତି କେତେ ଅଜବ୍ ଚିନ୍ତାପରେ ମୁକୁନ୍ଦବାବୁ ଠିକ୍ କଲେ, ନିଜେ ଯାଇ ଝିଅର ମତାମତ ସିଧାସଳଖ ପଚାରି ବୁଝି ଆସିବେ । ବାପାର ମୁହଁରେ କିଛି ନ କହି ପାରି ଯଦି ସୀମାର ମନରେ ଦୁଃଖ

ହୁଏ ! ଆଉ ବ୍ରାହ୍ମଣୀ ଦେବୀଙ୍କର ନଅଟା ନାଁ···ଛିଅଟା ! ସେଇତ ମାର୍ଗ ଜୀବନର ଗୋଟାଏ କୋମଳ ଦାଗ ।

ଏଇ ଆଠ ଦିନ ଭିତରେ ସୀମାର ମନରେ କେଉଁ ସାଗର କଳ୍ପନା ଲହରୀ ଖେଳୁଛି । କେତେବେଳେ ସେ ଜୁଆର ଦେହରେ ପଡ଼ିଉଠି କୂଳରେ ଲାଗିଛି···ଅବା କେତେବେଳେ ସ୍ରୋତ ମୁଖରେ ପଡ଼ି ସାଗରର ଅନନ୍ତ ଗର୍ଭଦେଶକୁ ଆକର୍ଷିତ ହୋଇ ଯାଉଛି । ତଥାପି ସେ ଠିକ୍ କରି ପାରୁନି ତା'ର ବାସ୍ତବିକ୍ ବାଟ କେଉଁଟା । କଅଁଳା ବାଛୁରୀ ପରି ଡେଉଁ ଥିବା ମନଟା ଆଜି ବନ୍ଧା କୁକୁର ପରି ବନ୍ଧା ହୋଇ ପଡ଼ିଛି । କେବଳ ଭୁକିବା ଛଡ଼ା ଆଉ ଅନ୍ୟ ପନ୍ଥା ନାହିଁ ତା'ର ।

ସେ ଦିନ ଓଦୁଓଦିଆ ଖରାବେଳ । ପୁଣି ରବିବାର । କ୍ୟାପିଟାଲ୍ ସିନେମାରେ ଗୋଟାଏ ଭଲ ବଙ୍ଗଳା ଚିତ୍ର ମାର୍ଟିନ୍ "ସୋରେ" ଖେଳୁଥାଏ । ମନ୍ଦାକାନ୍ତା ସୀମାର କୋଠରୀ ଦେହକୁ ପଶିଆସି କହିଲା—"ସୀମା ! ଆ ଆଜି ଟିକେ ସିନେମା ଦେଖି ଯିବା ।"

ସୀମା ଖଟ ଉପରୁ ଟିକେ କଷ୍ଟରେ ଉଠି କହିଲା—"ନାଇଁ ଲୋ ମନ୍ଦା, ମୋ ଦେହଟା ଆଜି ଭଲ ଲାଗୁନି, ତୁ ଯା ।" ମନ୍ଦାକାନ୍ତା ହସୁ ହସୁ କହିଲା—"ତୋତେ ନ ନେଇ ମୁଁ କେବେ ସିନେମା ଯାଇଛି ଭଲ । ତୁ ନ ଗଲେ ମୁଁ ଯିବିନି ।"

"ନାଁ...ନାଁ...ତୁ ଆଜି ଏକୁଟିଆ ଯାଆ । ମୋ ଦେହ ପରା ଦେଖୁଛୁ...ଭଲନାହିଁ, ନ ହେଲେ ପାରିବୁ ତ...ଆମ କ୍ଲାସର ଗଣପତିବାବୁଙ୍କୁ ସଙ୍ଗରେ ନେଇ ଯାଆ... ।" ସୀମା ହସିଲା... ।

ମନ୍ଦାକ୍ରାନ୍ତା ଚିଡ଼ି ଉଠି କହିଲା—"ଦେଖ୍ ସୀମା...ତୁ ନ ଯିବୁ ତ ନାହିଁ ହେଲେ... ।"

—"ଭଲ ଲୋକଟେଇ ମ ସେ ।"

—"ସେ ଭଲ ମନ୍ଦର ସାର୍ଟିଫିକେଟ୍ ମୁଁ ତୋଠାରୁ ଲୋଡ଼ୁନି, ତୁ ଯିବୁ କି ନାହିଁ କହ ।"

ଥରେ ମନା କଲ ପରା, ଫଟେଇ ହେଉଛୁ କେତେ ।

ମନ୍ଦା କିନ୍ତୁ ଛାଡ଼ିବା ଝିଅ ନୁହେଁ । ଝପଟି ଯାଇ ସୀମାର ଗୋଟାଏ ହାତକୁ ଟାଣି ଉଠାଇବାବେଳେ ହଠାତ୍ ଚମକି ଉଠି କହିଲା, "ଆରେ ତତେ ଏତେ ଜର ?"

ସୀମା ସେମିତି ନର୍ଭିବପର ମୁହଁ ଟେକି କହିଲା, "କହୁଛି ପରା ଦେହ ଭଲ ନାହିଁ, ମୋ କଥାକୁ ବିଶ୍ୱାସ ହେଲନାହିଁ । ଏବେ ନିଜେ ଦେଖିଲୁ ତ, ମନ ଶାନ୍ତ ହେଲା ?"

ମନ୍ଦା ଆଉ ଦୁଷ୍ଟାମି ନ କରି, ଆସି ସୀମାର ପାଖରେ ବସି, ଧୀରେ ଧୀରେ ତା'ର ଗୋଡ଼କୁ ଆଉଁସି ଦେଲା । ସୀମା ଟିକେ ହସି ଉଠି କହିଲା—"କେବେଠୁ ସେବା କରି ଶିଖିଲୁଣି ଲୋ ମନ୍ଦା ।"

ମନ୍ଦାକ୍ରାନ୍ତା କଥାର ସୁଅ ବଦଳାଇ କହିଲା—"ତୋ ଦେହ ତ ଦିନକରୁ ଦିନେ ଭଲ ହେଲାନାହିଁ । ଏଥିରେ ତୁ କି ପାଠ ପଢ଼ିବୁ ?"

ସୀମା ମନ୍ଦାକାନ୍ତାର ହସନ୍ତ ମୁହଁ ଦେହରେ ବେଦନାର ଗୋଟାଏ ସରୁ ରେଖାର ଆଭାସ ଅନୁଭବ କଲା···ସତରେ ମନ୍ଦାକାନ୍ତା ତା' ପାଇଁ ବଡ଼ ଚିନ୍ତା··· ।

ସ୍କୁଲ କଲେଜ ଜୀବନରେ ସୀମା ବହୁତ ସାଥୀଙ୍କୁ ଦେଖିଛି, ହେଲେ ମନ୍ଦା ପରି ଗୋଟାଏ ଝିଅ ସେ କମ୍ ଦେଖିଛି । କୋଟିପତି ଦୟାଲ୍ ଗୋସ୍ୱାମୀଙ୍କର ଝିଅ ମନ୍ଦାକାନ୍ତା ଗୋସ୍ୱାମୀ, ବଡ଼ ଅଲଅଳ । ଚିନ୍ତା ବୋଲି ଗୋଟାଏ ଜିଅ ତା ମୁହଁରୁ କେହି ଖୋଜି ବାହାର କରିବା ଅସମ୍ଭବ । ହସନ୍ତ ବସନ୍ତର ଜ୍ୟୋତ୍ସ୍ନାସ୍ନିତ ରଜନୀ ଦେହରେ ନାଚିଲା କୁମୁଦିନୀ ପରି ସେ ସଦା ଚଞ୍ଚଳା । ପୁଣି ଏତେ ଖୋଲା ଝିଅଟିଏ ଯେ କହିଲେ ନ ସରେ । ଜୀବନରେ ଯାହା ସେ କରେ କେବେ କାହାର ପାଖରେ ଲୁଚାଏ ନାହିଁ । କେଉଁ ପୁରୁଷ ବନ୍ଧୁଙ୍କ ସହିତ···କେହି କେବେ ଗୋପନରେ ଦୁଇପଦ ମନ ଗହନର କଥା···କଥାବାର୍ତ୍ତା ହେଲେ, ଝିଅମାନେ ଲୁଚାନ୍ତି । ଛନ ଛନ ହୋଇ କିଏ ଶୁଣି ଦେବା ଭୟରେ ମ୍ରିୟମାଣ ହୋଇ ପଡ଼ନ୍ତି । କିନ୍ତୁ ମନ୍ଦା··· ।

କି ଲକ୍ଷଣରେ ଝିଅଟା ଜନ୍ମ ହୋଇଥିଲା କେଜାଣି··· ତା' ଜୀବନରେ ଯାହା ଯେବେ ଘଟିଛି, ସମସ୍ତଙ୍କୁ ସେ ତାର ମନକଥା କହିଛି । ଗୋପନ ବୋଲି ତା' ପାଖରେ କିଛି ନାହିଁ ।

ପହିଲୁ ପହିଲୁ ଏ ଧୋଡ଼ୀ ଝିଅଟା କଥା ପଡ଼ିଲେ ସୀମା ନାକ ଟେକୁଥିଲା । ତା'ର ଅଲ୍‌କୁଲା କଥାଗୁଡ଼ାକ ଶୁଣି ମୁହଁ ପିତା ପିତା କରୁଥିଲା । କିନ୍ତୁ ଏବେ···ମନ୍ଦାର କଥା ସୀମାକୁ ଖୁବ ଭଲଲାଗେ । ସେଇଥିପାଇଁ ସେ ମନ୍ଦାକାନ୍ତା ଛଡ଼ା ଆଉ କାହା

ସଙ୍ଗରେ ଦପଦ ମନଖୋଲି କଥାବାର୍ତ୍ତା ହେଉଥିବାର କେହି ଶୁଣିନାହିଁ ।

ମନ୍ଦାକ୍ରାନ୍ତାକୁ ଭଲ ପାଇବାର ସୀମା ପାଖରେ ସେମିତି କିଛି କାରଣ ନ ଥିଲା । ଜାତିରେ ବଙ୍ଗାଳୀ ମନ୍ଦା । ହେଲେ ଓଡ଼ିଶାରେ ତା'ର ଜନ୍ମ । ଓଡ଼ିଆ କଥା ଛଡ଼ା ବଙ୍ଗଳାରେ କାହା ସହିତ କଥାବାର୍ତ୍ତା କରିବାକୁ ନିହାତି ନାପସନ୍ଦ କରେ ।

ସୀମା ଯେତେବେଳେ ଦେଖିଲା ଯେ ଅଣ୍ଡିରଚଣ୍ଡୀ ମନ୍ଦାର ଚରିତ୍ର ଏଇ ଗମ୍ଭୀର ମିସ୍ ପଟ୍ଟନାୟକ, ମିସ୍ ଦାସ··· ଆଦିଙ୍କ ଠାରୁ ବହୁତ ଗୁଣରେ ଭଲ, ସେତେବେଳେ ସେ ଆପେ ଆପେ ମନ୍ଦାକ୍ରାନ୍ତାକୁ ଭଲପାଇ ବସିଲା ।

ସେଇଦିନଠାରୁ ସୀମା ମନ୍ଦାକ୍ରାନ୍ତାକୁ ଜୀବନଠାରୁ ଅଧିକ ଭଲ ପାଏ···ଆଉ ମନ୍ଦା ମଧ୍ୟ··· ।

ସ୍କୁଲ୍ କଲେଜ ଜୀବନରେ ଏମିତି ବହୁତ ବନ୍ଧୁ ଅନ୍ତ[illegible] ଭାବରେ ଆସନ୍ତି । ହୃଦୟର ଉର୍ବରା ଭୂମି ଦେହରେ ଗୁଚ୍ଛ, ଗୁଚ୍ଛ ସ୍ନେହର ଶସ୍ୟ ବୁଣି ହୋଇଯାଏ । ପୁଣି ଗୁଚ୍ଛୁଁ ଗୁଚ୍ଛୁଁ ସବୁ [illegible] ଯାଏ । ଯେ ଯୁଆଡ଼େ ଯେ ଯାହା ବାଟରେ ଚାଲି ଯାଆନ୍ତି, ଖାଲି ମନ ଦେହରେ ରହିଯାଏ ଗୋଟାଏ କଳାଦାଗ, ସେ ଦାଗ ଲିଭେନି ମଣିଷ ମଲାଯାଏ ।

ତା' ପରଦିନ ସକାଳ, ନାଲି ସୂର୍ଯ୍ୟର ସୁନେଲି କିରଣ ବିଛୁଡ଼ି ହୋଇ ପଡ଼ିଥାଏ ମେଡ଼ିକାଲ ହଷ୍ଟେଲର ଘାସ ପଡ଼ିଆ ଦେହରେ । ମନ୍ଦାକ୍ରାନ୍ତା ତରବରରେ ଆସି ସୀମାର ଦେହରେ ହାତ ମାରିଲା । ଇସ୍... ଖଇ ଫୁଟୁଛି ଦେହରେ । ଭଗବାନ ଏତେ ତାତି ?

ଦଣ୍ଡକ ଭିତରେ ଖବରଟା ଚାରିଆଡ଼କୁ ଖେଳିଗଲା । ଶଶିବାବୁ ସେମିତି ରାତ୍ରି ପୋଷାକ ପିନ୍ଧି ସୀମାର କୋଠରୀକୁ ଆସିଲେ । ସୀମା ଦେହର ଅସମ୍ଭବ ତାତି ଦେଖି ଆଜି ଶଶିବାବୁ ମଧ୍ୟ ଚମକି ଉଠିଲେ । କ'ଣ କହିବାକୁ ଯାଉ ଯାଉ ବନ୍ଦ ହୋଇ ଯାଇ କହିଲେ—"ମନ୍ଦା...ମୁଁ ଭାବୁଛି ସୀମାକୁ ମେଡ଼ିକାଲ୍‌ର ବେଡ୍‌କୁ ନେଇଯିବା ।"

ମନ୍ଦା ନିର୍ବାକ୍ ରହି ମୁଣ୍ଡ ଟୁଙ୍ଗାରିଲା ।

ସୀମାକୁ ମେଡ଼ିକାଲ୍ ବେଡ୍‌କୁ ଉଠାଇ ନିଆଗଲା ।

ଜ୍ୱର ବେଳକୁ ବେଳ ବଢ଼ିବାକୁ ଲାଗିଲା । କମିଲା ନାହିଁ । ଶଶିବାବୁ ପ୍ରାଣପଣେ ଚେଷ୍ଟାକଲେ ଜ୍ୱରକୁ କମାଇ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ପାଇଁ, କିନ୍ତୁ କିଛି ହେଲାନାହିଁ । ଶତ ପ୍ରଚେଷ୍ଟା ହାର ମାନିଲା । ମେଡ଼ିକାଲ୍‌ର ସମସ୍ତ ଡାକ୍ତରମାନେ ଆସି ଶଶିବାବୁଙ୍କ ଅନୁରୋଧରେ ସୀମାକୁ ପରୀକ୍ଷା କରି ବିଭିନ୍ନ ମନ୍ତବ୍ୟ ଦେଇଗଲେ । ହେଲେ ତଥାପି ଫଳ କିଛି ହେଲାନାହିଁ । ସୀମାର ଚଞ୍ଚଳ ମୁଖମଣ୍ଡଳ ଦେହରେ ସତେ ଅବା ପ୍ରଳୟର ପରଳ ଢାଙ୍କି ରହିଲା ଯୁଗ ଯୁଗ ପାଇଁ ।

ଏକ, ଦୁଇ, ତିନି, ଚାରି କରି ଚାହୁଁ ଚାହୁଁ ଚାରି ଦିନ କଟିଗଲା । ଜ୍ୱର କମିବାକୁ ନାହିଁ । ଶଶିବାବୁ ନିଜେ ଆଶା ଭରସା ହରାଇ ବସିଲେ । ଶେଷକୁ ଜଣାଗଲା, ସୀମାକୁ ଟାଇଫଏଡ୍ ଧରିଛି । ସାତ ଦିନ ବା ଏକୋଇଶ ଦିନ ଆଗରୁ ଜ୍ୱର କମିବା ଅସମ୍ଭବ ।

ସେଇଆ ହେଲା । ସ୍ୱାସ୍ଥ୍ୟ ବିଭାଗର ସମସ୍ତ ପ୍ରଚେଷ୍ଟାକୁ ବେଖାତିର କରି ଜ୍ୱର ଆଗେଇ ଚାଲିଲା ।

ସୀମାର ଜ୍ଞାନ ଫେରିଲେ ସେ ବେଳେ ବେଳେ ଝରକା ବାଟେ ଦେଇ ମେଡ଼ିକାଲ୍ ହତାର କୃଷ୍ଣଚୂଡ଼ା ଗଛ ଆଡ଼େ ଚାହେଁ । ସତେ ଅବା ପୁଷ୍ପହୀନ ଝଙ୍କାଳିଆ ଗଛଗୁଡ଼ାକ କହନ୍ତି..., "ଜୀବନ କ୍ଷଣିକ । ପ୍ରେମ ମଧ୍ୟ ନଶ୍ୱର ।"

ସୀମା ମୁହଁ ବୁଲାଏ । ବାଉଳି ହୋଇ କେତେ କ'ଣ ଆକାଶ ପାତାଳ ଗପିଯାଏ । ରାଜେନ୍ଦ୍ର ବାବୁ "ତୁମେ...ଚୋର...ତୁମେ ଦାଲାଲ୍...ତୁମେ ଦଗାବାଜ... ।"

ପୁଣି କେତେବେଳେ ସୀମା ପ୍ରକୃତିସ୍ଥ ହୁଏ । ଶଶିବାବୁଙ୍କ ଡାକ୍ତରୀ ହାତତଳେ ତା'ର ରୋଗକ୍ଳିଷ୍ଟ ଶରୀରଟାକୁ ଛାଡି ଦେଇ କହେ, "ମୁଁ କ'ଣ ବଞ୍ଚିବି ସାର୍ ?"

"ଏ କ'ଣ କହୁଛ ସୀମା ?" ଶଶିବାବୁ ପ୍ରତିବାଦ କରନ୍ତି । ଏଇ ପ୍ରତିବାଦ ଟିକକ ତଳେ ସେ କହିଯାଆନ୍ତି ତାଙ୍କର ପ୍ରଶଂସା-ମୟ ଡାକ୍ତରୀ ଜୀବନର ଗୋଟାଏ ପୂର୍ଣ୍ଣାଙ୍ଗ ଇତିହାସ ।

ଡାକ୍ତରଙ୍କର କେହି ଜଣେ ଅନ୍ତରଙ୍ଗ ବନ୍ଧୁ ସହିତ ସ୍ୱର୍ଗରାଜ୍ୟର ଯମରାଜା କଳି କରିବା ଅସମ୍ଭବ । ଶେଷରେ ଯମର ସମସ୍ତ ପ୍ରଚେଷ୍ଟା ଫେଲ୍ ମାରିବା ନିଶ୍ଚିତ ।

ଗୁରୁବାରଆ ସକାଳ । ଜେଲ୍ ହତା ପାଖରେ ଶହ ଶହ ଲୋକ ବିଭିନ୍ନ ଧ୍ୱନୀମାନ କରି ଏକତ୍ରିତ ହୋଇଛନ୍ତି । କେବଳ ଗୋଲାପ ଫୁଲର ଗଜରା ହାର ଦେହରେ ଗୋଟାଏ ରିକ୍ସା ପୂରି ଯାଇଛି । ଘଣ୍ଟାର ଦେହରେ ସମସ୍ତଙ୍କର ଆଖି ବୁଲି ଯାଉଛି । ଆଠଟା ତିରିଶ ମିନଟ୍ କେତେବେଳେ ବାଜିବ ।

ସମୟ ହୋଇଗଲା ।

ଲୌହ ଫାଟକ ଖୋଲିଗଲା ।

ସହାସ୍ୟ ବଦନରେ ଜନତାର ଅଭିବାଦନ ଗ୍ରହଣ କଲେ ବିପ୍ଳବୀ ନେତା ରାଜେନ୍ଦ୍ର ମହାପାତ୍ର । ଖାଦ୍ୟ ଆନ୍ଦୋଳନ ଯୋଗୁଁ ତାଙ୍କୁ ଦେଡ଼ ବର୍ଷ କାରାଦଣ୍ଡ ଦିଆ ଯାଇଥିଲା । ଆଜି ତା'ର ମୁକ୍ତିର ଦିବସ ।

ଜଣେ ବେକାର ଯୁବକକୁ ଚାକିରୀ ଖଣ୍ଡେ ମିଳିଲେ ସେ ଯେମିତି ଖୁସିହୁଏ, ଆଜି ରାଜେନ୍ଦ୍ର ତାହାଠାରୁ ଅଧିକ ଖୁସି । ଅଭିବାଦନ ପରେ ପରେ କଟକର ଟାଉନ୍ ହଲ୍‌ରେ ଗୋଟାଏ ସାଧାରଣ ସଭା ଆହୂତ ହୋଇଥିଲା । ସେ ସଭାରେ ପ୍ରଧାନ ବକ୍ତା ଥିଲେ ବିପ୍ଳବୀ ନେତା ରାଜେନ୍ଦ୍ର ମହାପାତ୍ର ।

ରାଜେନ୍ଦ୍ରର ମୁକ୍ତି ପରେ ପରେ ସି. ଆଇ. ଡ଼ି. ଦଳ ତାଙ୍କ ପଛେ ପଛେ ଘୂରି ବୁଲିଲେ । ସତ କହିବାକୁ ଗଲେ ଅନ୍ୟାୟ ଅତ୍ୟାଚାରକୁ ଦବାଇବାକୁ ଏ ବିଭାଗ ଆଜି ଯେତେ ତତ୍ପର ନୁହଁନ୍ତି, କେବଳ ବିପକ୍ଷ ଦଳର ପଶ୍ଚାତ୍ ଧାବନ କରି ସେମାନଙ୍କର ଗତିବିଧି ଲକ୍ଷ୍ୟ କରିବାକୁ ସେତେ ତତ୍ପର ।

ଟାଉନ୍ ହଲ୍‌ରେ ଅଗ୍ନିମୟୀ ଭାଷଣ ଦେବା ପରେ ରାଜେନ୍ଦ୍ର ରାଜରାସ୍ତାକୁ ଫେରି ଆସିଲା । ଜନତା ଯେ ଯାହା ଘରକୁ ଫେରିଗଲେ । ଦୀର୍ଘ ଦେଢ଼ବର୍ଷ ପରେ ଆଜି ରାଜେନ୍ଦ୍ର ନୂଆକରି ସ୍ୱାଧୀନ ଭାବରେ ସହର ପରିକ୍ରମା କରୁଛି । ମନ ଦେହରେ ଅପରନ୍ତ ଆନନ୍ଦ । ମୁକ୍ତଆକାଶର ବିହଙ୍ଗ ପରି ସେ ଉଡ଼ିଯିବାକୁ ଚାହେଁ ଏ ଦିଗରୁ ସେ ଦିଗ ।

ସମୟଟା ବଡ଼ ପଳାୟନପନ୍ଥୀ । କାହାରିକୁ ଟିକେ ଫେରିକି ନ ଚାହିଁ ସେ ଆଗେଇ ଚାଲିଛି ଖୁବ୍ ଦ୍ରୁତ ଗତିରେ । ଏଇ କେତେ ଦିନ ଭିତରେ ଯେ ସମୟ ରାଜେନ୍ଦ୍ରକୁ ମୃତ୍ୟୁର ଦେଢ଼ ବର୍ଷ ନିକଟକୁ ନେଇଗଲାଣି ସେକଥା ରାଜେନ୍ଦ୍ରର ଖିଆଲ ନାହିଁ ।

ଆଜି ପୁଣି ସୀମାର ଅଲିଅଳ କଥା କେଇପଦ ରାଜେନ୍ଦ୍ରକୁ ପାଗଳ କରିବାକୁ ବସିଥିଲା । "ତୁମେ ଏମିତି ଜୀବନଟାକୁ ନଷ୍ଟକରି ଦେବାକୁ ବସିବ ତ ମୋ ପାଖକୁ ଆସିବନି ମୋଟେ ।" ସୀମା ଦିନେ କହିଥିଲା । ମୁଁ ମୋର ଜୀବନଟାକୁ ଆପେ ଆପେ ନଷ୍ଟକରି ଦେଉଛି ଚିହିଁକି ଉଠିଲା ରାଜେନ୍ଦ୍ର ।

ସବୁ ବାଟ ଚପଲ୍ ହଲଟାକୁ ପିଚ୍ ରାସ୍ତା ଉପରେ ଘୋଷାରି ଘୋଷାରି ଆଗେଇ ଚାଲିଲା ରାଜେନ୍ଦ୍ର । ଏଇ ଆଗରେ ମେଡ଼ିକାଲ କଲେଜ । ତା ଦେହରେ ପୁଣି ୧୨ ନମ୍ବର ରୁମ୍ ।

ସୀମା ଖଟଉପରେ ପଡ଼ିରହି ପରୀରାଇଜର ସ୍ୱପ୍ନ ଦେଖୁଥିବ । ହଠାତ୍ ତା'ର ରୁମ୍ ଦେହକୁ ଅଚିହ୍ନକ ଭାବରେ ପ୍ରବେଶ କରି ଚମକାଇ ଦେବ ରାଜେନ୍ଦ୍ର ।

କିନ୍ତୁ ସ୍ୱପ୍ନ ସ୍ୱପ୍ନରେ ରହିଗଲା । ଫାଟକ ପାଖରେ ରାଜେନ୍ଦ୍ର ଅଟକିଗଲା । କିଏ ଜଣେ ଅପରିଚିତା ଝିଅ ମନ୍ଦାକ୍ରାନ୍ତା କହୁଛି, ସୀମାକୁ ଟାଇଫଏଡ୍ । ୧୨ ନମ୍ବର ମହିଳା ବେଡ଼ ଦେହରେ ସେ ଶୋଇଛି । କାଲିଠାରୁ ଚେତା ଫେରିନି, ଅସମ୍ଭବ ପ୍ରଳାପ କରିବା-ପରେ···ଏଇ ଅବସ୍ଥା ।

ଲୁହା ଫାଟକଟାକୁ ଧରି ସ୍ଥାଣୁଭଳି ଠିଆ ହୋଇ ରହିଲା ରାଜେନ୍ଦ୍ର । ଏଇ ଟିକକ ଆଗରୁ ଯେ ରାଜେନ୍ଦ୍ରର ଅଗ୍ନିମୟୀ ଭାଷଣ ଶୁଣିଛି ସେ କଦାପି ବିଶ୍ୱାସ କରିବ ନାହିଁ ଯେ ରାଜେନ୍ଦ୍ର ମହାପାତ୍ର ମଧ ଏମିତି ଡରିଯାଇ କେବେ ଜୀବନରେ କଳାକାଠ ପଡ଼ିଯାଇ ପାରେ । ବୁଲି ପଡ଼ି ରୋଗୀ ନିବାସ ଆଡ଼କୁ ଆଗେଇ ଚାଲିଲା ରାଜେନ୍ଦ୍ର । ଜ୍ୟୋତିହୀନ ଆଖି ଦେହରୁ ଝରି ପଡ଼ିଲା ଦୁଇଧାର ଲୁହ ।

ରୋଗିଣୀ ନିବାସର ବିରାଟ ନାଲି ରଙ୍ଗର ପ୍ରାସାଦ, ଝରକା ଗୁଡ଼ିକ ଉନ୍ମୁକ୍ତ । ଅସ୍ପଷ୍ଟ ଭାବରେ କୌଣସି କୌଣସି ରୋଗୀଙ୍କର ଚିତ୍କାର ଶୁଭୁଛି । ରାଜେନ୍ଦ୍ର ଆଗେଇଲା । ଆଖିରେ ତା'ର ନାଚି-ଯାଉଛି ରୁମ୍ ଗୁଡ଼ିକର ନମ୍ବର ପ୍ଲେଟ୍ ।

ଏକ, ଦୁଇ, ତିନି, ନଅ, ଦଶ, ଏଗାର । ଥରି ଉଠିଲା ରାଜେନ୍ଦ୍ର । ଆଖି ଆଗରେ ବାର ନମ୍ବର ରୁମ୍‌ର ଗାଢ଼ କଳା ପ୍ଲେଟ୍ । ଭୂତପରି ନାଚି ଉଠିଲା ସୀମାର ବର୍ଣ୍ଣାଢ଼୍ୟ ହସନ୍ତ ମୁଖ-ମଣ୍ଡଳ । ରାଜେନ୍ଦ୍ର କିଛି ସମୟ ସେହି ନମ୍ବର ପ୍ଲେଟ୍ ଆଡ଼କୁ ଏକ ଦୃଷ୍ଟିରେ ଚାହିଁ, ଘର ଆଡ଼କୁ ମୁହାଁଇଲା । ନର୍ସଟିଏ ପ୍ରାୟ ଇଞ୍ଜେକ୍‌ସନ୍ ଦେଇ ସିରିଞ୍ଜ୍‌ଟି ହାତରେ ଧରି ଫେରି ଯାଉଛି କୋଠରୀ ଭିତରୁ ।

"ସିଷ୍ଟର୍... !!"

ରାଜେନ୍ଦ୍ରର ଡାକରେ ଅଟକିଗଲ୍ ନର୍ସଟି ।

"ଏଇ ରୁମ୍‌ରେ ସୀମା ରାୟ ରୁହନ୍ତି ?"

"ହଁ" ଉଦ୍ଦେଶ୍ୟପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଲା ନର୍ସ ଜଣକ, ପୁଣି କ'ଣ ଭାବି ଫେରିଗଲା ତା'ର ଗନ୍ତବ୍ୟ ପଥରେ ।

ଶାନ୍ତ ସରଳ ଶିଶୁଟି ପରି ଶୋଇଛନ୍ତି ସୀମା ରାୟ, ମେଡ଼ିକାଲର ଲୌହ ଖଟିଆ ଉପରେ । ପାଖରେ କେତୋଟି ପ୍ଲେଟ୍, ଗିଲାସ ସହିତ ମାତ୍ର ଖଣ୍ଡେ ଟେବୁଲ ଓ ଖଣ୍ଡେ କାଠ ଚେୟାର ।

ସୀମାର ମୁହଁକୁ କିଛି ସମୟ ଚାହିଁ ରହି ଚେୟାର ଉପରେ ବସିଲା ରାଜେନ୍ଦ୍ର । ଡାକିବ ? ନିଦ ଭାଙ୍ଗିଗଲେ କାଳେ ଦେହ ଖରାପ ହେବ । ନା·· ଛାତିର ସ୍ପନ୍ଦନକୁ ଆଉ ରୋକି ହେବନି । ରାଜେନ୍ଦ୍ର ଖୁବ୍ ଧୀରେ କରି ଡାକିଲା · "ସୀମା ।"

ରୋଗିଣୀ ସୀମା ରାୟ ଦେହରେ ଚମକ ଖେଳିଲା । [illegible] ମୁହଁ ବୁଲାଇ ଚାହିଁଲା ରାଜେନ୍ଦ୍ର ଆଡ଼େ । ତଟସ୍ଥ ହେଲା । ବହୁ[illegible] ପାହାଡ଼ ଆଙ୍କି କାଉଁରୀ କାଠିର ପରଶ ପାଇଁ ଧାଇଁ ଆସିଲା ମେଡ଼ିକାଲ ହତା ଭିତରକୁ । ସୀମାର ଆଖିରୁ ବହି ଆସିଲା ଶ୍ରାବଣର ଧାରା ।

କାନ୍ଦୁଛି ରାଜେନ୍ଦ୍ର ।

ଆଉ କାନ୍ଦୁଛି ସୀମା । ତା' ସହିତ କାନ୍ଦୁଛି ସାରା ମେଡ଼ିକାଲ କଲେଜର ରୋଗିଣୀ ନିବାସ । ରାଜେନ୍ଦ୍ରର ମୁଣ୍ଡ ଚକର ଖେଳିଲା । ଆଉ ସେ ନିଜକୁ ସମ୍ଭାଳି ନ ପାରି ବସିପଡ଼ିଲା ସୀମାର ଦେହକୁ ଲାଗି । ସୀମା ଗୋଟାଏ ଦୀର୍ଘନିଃଶ୍ୱାସ ପକାଇ କହିଲା,

"ଏତେ ଦିନେ ମନରେ ପଡ଼ିଲି ପରା । ମଲା ପରେ ସିନା ମଡ଼ା ଉଠାଇବାକୁ ଆସି ଥାଆନ୍ତ, ହେଲେ ଆଜି କାହିଁକି ?"

—ବକ୍ତା ରାଜେନ୍ଦ୍ରର ମୁହଁ ଅଦ୍ଭୁତ ରକମ୍ ବନ୍ଦ ଥିଲି । ...

"କୁହ...କୁହ...ରାଜେନ୍ଦ୍ର ବାବୁ ମୋ ଉପରେ ତୁମର ଏ ଅତ୍ୟାଚାର କାହିଁକି ? ମୁଁ କ'ଣ ତୁମ ପାଖରେ କିଛି ଦୋଷ କରିଛି ? ଅନ୍ୟାୟ କରିଛି ? ଯଦି କିଛି ଅନ୍ୟାୟ କରିଥିଲି ତେବେ କହିଥିଲେ କାନ ଧରି ସବୁ ଦୋଷର କ୍ଷମା ନେଇ ଯାଇ ଥାଆନ୍ତି, କିନ୍ତୁ ତୁମେ ଏମିତି ନିଷ୍ଠୁର ପ୍ରତିଶୋଧ ନେଲ କାହିଁକି ? ମରିବା ଠାରୁ ତ ଅଧିକା ହେଲି, ଆଜି ତୁମେ କ'ଣ ଚାହଁ ।"

ରାଜେନ୍ଦ୍ର କେବଳ କୋହରେ ଫାଟି ପଡ଼ୁ ପଡ଼ୁ କହିଲି—

ମୁକ୍ତ ଆକାଶର ସ୍ୱଚ୍ଛନ୍ଦ ଛଡ଼ା ବିହଙ୍ଗକୁ ତୁମେ ପିଞ୍ଜରେ ବାନ୍ଧି ରଖିବାକୁ ଚେଷ୍ଟା କରିଛ ସୀମା ! ସତରେ ମୁଁ ଗୋଟାଏ ସ୍ୱଚ୍ଛନ୍ଦ ଛଡ଼ା...

ନାଁ...ନାଁ...ନାଁ...ଏ ବାଜେ ଯୁକ୍ତି ତୁମେ ମୋ ପାଖରେ କରନା । ମୁଁ ତୁମକୁ କ୍ଷମା ଦେବନି । ତୁମେ ଆତତାୟୀ । ନରହନ୍ତା ।

ସୀମା...!! ଥରି ଉଠିଲା ରାଜେନ୍ଦ୍ର !

ମୁଁ ଠିକ୍ କହୁଛି ରାଜେନ୍ଦ୍ର ବାବୁ । ତୁମେ ମଣିଷ ନୁହଁ ପାଷାଣ । ରାଜେନ୍ଦ୍ର କହିଲି, "ତୁମେ ନିଜେ ଭୁଲ କରିଛ ସୀମା । ମୋତେ ଯଦି ତୁମେ କଲେଜରୁ ବହିଷ୍କାର କରି ନ ଥାନ୍ତ, ତେବେ ହୁଏତ ମୁଁ ପାଶ୍ କରି କେଉଁଠି ହେଇଥାନ୍ତି ୮୦ ଟଙ୍କିଆ କିରାଣି । ତୁମେ

ସେତେବେଳେ ମୋତେ ପୋଷା ମେଣ୍ଢାପରି ଏ ହାତ ସେ ହାତ ନଚୁଇବାକୁ ଖୁବ୍ ସୁବିଧା ପାଇଥାଆନ୍ତ । କିନ୍ତୁ···"

"ହୁଁ···ହୁଁ···ତାହାହିଁ ଠିକ୍ ହୋଇ ଥାଆନ୍ତା । ତୁମ୍ଭେ ଉଠ, ତୁମ୍ଭେ ଯାଅ···ମୋ ଆଗରେ ରହିବାର ଅଧିକାର ତୁମର ନାହିଁ । ଯାଅ···କହିଲି···ତୁମ ବାଟରେ ତୁମେ ଯାଅ । ଉତ୍ତେଜିତ ହୋଇ ଉଠିପଡ଼ିଲା ସୀମା, ପରକ୍ଷଣରେ ଅଚେତା ହୋଇ ପଡ଼ି-ରହିଲା ବିଛଣା ଉପରେ ।"

ଦିନ ଦିନ ଧରି ୧୬ ଦିନ କଟିଲା । ରାଜେନ୍ଦ୍ର ବସି ରହିଛି ସୀମାର ଖଟିଆଟି ଉପରେ, ଦିନ ନାହିଁ ରାତି ନାହିଁ···ଅଖିଆ ଅପିଆ କେବଳ ସେ ସୀମାକୁ ଦେଖୁଛି ତା'ର ଆଖି ଆଗରେ । ଆଜି ୨୧ ଦିନ ପୂରିଯିବ । ଜ୍ୱର ସାମାନ୍ୟ କମିଛି । ଦେହ ମଧ୍ୟ ସତେଜ ଦିଶୁଛି । ଶଶିବାବୁ ଆପ୍ରାଣ ଚେଷ୍ଟା କରି ତାଙ୍କର ଡାକ୍ତରୀ ବିଦ୍ୟାକୁ ଖଟାଇ ଚାଲିଛନ୍ତି ।

ଶଶିବାବୁ ଦେଖନ୍ତି···ମଲାଛୁଆ ରାଜେନ୍ଦ୍ର ମହାପାତ୍ର ଦିନ ରାତି ବସିଛି ସୀମାର ବିଛଣା ଉପରେ । ମନରେ ସନ୍ଦେହ ତାଙ୍କର ଉଙ୍କିମାରେ । ଖୁସି ହୁଅନ୍ତି, ହୋଇପାରେ ସେ ସୀମାର କିଛି ହେବ ବାନ୍ଧବ, ଯାହାହେଉ···ସେଥିପାଇଁ ଶଶିବାବୁ ଟିକିଏ ମାତ୍ର ଶଙ୍କିତ ହୁଅନ୍ତି ନାହିଁ । କାରଣ ମଲା ମୁଣ୍ଡିଆ ରାଜେନ୍ଦ୍ର ଯେ ଶଶିବାବୁଙ୍କ ବିରାଟ ବ୍ୟକ୍ତିତ୍ୱ ନିକଟରେ ପ୍ରହେଳିକା ସୃଷ୍ଟି କରିବ···ଏ ଚିନ୍ତା ନ ଥିଲା ତାଙ୍କର ।

ଦୀର୍ଘ ଦିନର ରୋଗ ଯନ୍ତ୍ରଣା ପରେ ଆଜ ସୀମା ସାମାନ୍ୟ ସୁସ୍ଥତା ଅନୁଭବ କରୁଛି, ନ ଖାଇ ନ ପିଇ ସେମିତି ବିଶ୍ୱସ୍ତ ଭୃତ୍ୟପରି ବସିଛି ରାଜେନ୍ଦ୍ର । ଆଖିର କଳା ଡୋଳା ଘରେ ଘରେ ବେଦନାର ଝଙ୍କାର । ଠିକ୍ ଦିନର ଶେଷ ଭାଗରେ ଶଙ୍କିତ ଚକୋର ପକ୍ଷୀ ଯେମିତି କାତର ହୋଇ ପଡେ଼ ।

ସୀମାର ଆଖି ଦେହରେ କିନ୍ତୁ ମଳୟର ମୃଦୁ ପରଶ ଲାଗୁଛି । ବିଗତ ଦିନର ରଙ୍ଗ ହୋରିଖେଳ ଜୀବନ ପୁଣି ଫେରି ଆସୁଛି । ସୀମା ପୁଣି ପାଗଳୀ ହେବ । ଯୌବନର ଲାଲ ଗୁବୁକ୍ ଆଘାତରେ ସବୁ ତରୁଣୀ ଯେମିତି ହୁଅନ୍ତି, ଠିକ୍ ସେମିତି ।

ଦୂର ଦିଗ୍‌ବଳୟ ନୁହେଁ, ମେଡ଼ିକାଲ ହତା ଦେହରେ ଥିବା କୃଷ୍ଣଚୂଡ଼ା ଗଛ ଗୁଡ଼ିକରେ ପୁଣି ସୃଷ୍ଟିର ପୁଲକ ଲହଡ଼ି ଖେଳିବାର ଲକ୍ଷଣ ଦେଖାଯାଉଛି । ମୃଦୁ ପବନରେ ବୃକ୍ଷ ଗୁଡ଼ିକ ଦୋହଲୁଛନ୍ତି, ସତେ ଅବା ସେମାନେ କହୁଚେ···ମଣିଷ ବଞ୍ଚିବା ପାଇଁ ସୀମା, ମୃତ୍ୟୁ ତାହାର ଗୋଟାଏ ଅଚହେତୁକୀ କଳ୍ପନା ମାତ୍ର ।

ସୀମା କଡ଼ ଲେଉଟାଇଲା । ରାଜେନ୍ଦ୍ର ସେମିତି ଖଟିଆଟି ଉପରେ ବସି ତା'ର କୁନ୍ତଳ ଦେହରେ ହାତ ମାରୁଛି, ନା···ହାତ ମାରୁନାହିଁ । ମଲା ମଣିଷ ଯେ ପୁଣି ଜନ୍ମ ନେଇ ପାରନ୍ତି ସେହି ଅସମ୍ଭବ ସତ୍ୟ କଥା ସେ ସୀମାକୁ କହୁଛି ।

ଅସ୍ଥିର ହେଲା ସୀମା, ଜ୍ୱଳନଶୀଳ ଦେହ ଭିତରେ ମନଟା ଦାଉ ଦାଉ ହୋଇ ଜଳି ଉଠିଲା । ଅତି କ୍ଷୀଣ କଣ୍ଠରେ ରାଜେନ୍ଦ୍ରର କଣ୍ଠ ଦେଶରେ ହାତ ପକାଇ କହିଲା, "ଆଉ ମୋତେ ଛାଡ଼ି କୁଆଡ଼େ ଯିବନାହିଁ ତ ?"

ରାଜେନ୍ଦ୍ର ଟିକେ ଅପ୍ରସ୍ତୁତ ହୋଇ କହିଲା···"ନାଁ···"

ଗୋଟାଏ ଜିଭ ଆଉ କେତେଟା ଦାନ୍ତ ଏ କଥାର ଗୁରୁତ୍ୱକୁ ସମ୍ଭାଳି ପାରିଲେ ନାହିଁ । ଆଖି ଦୁଇଟା ଫାଟି ପଡ଼ିଲା, ହୃଦଟା ଶତ ଖଣ୍ଡ ହୋଇ ଜିଭ ବାଟେ ବାହାରି ଆସିବାକୁ ବସିଲା । ସୀମା କେବଳ ଜଡ଼ିଗଲା ରାଜେନ୍ଦ୍ର ଆଖିର ବଳୟ ମଧ୍ୟରେ··· ।

ସୀମା ଆତ୍ମହରା । ଦୁହେଁ ନୀରବ । ସତରେ, ମଣିଷ ଯେତେବେଳେ ଜୀବନ ସହିତ ଖେଳିବାକୁ ବସେ, ଠିକ୍ ସେତିକିବେଳେ ଜିଭଟା ଅଥର୍ବ ହୋଇଯାଏ । ହୃଦୟଟା ପାଷାଣଠାରୁ ଆହୁରି କଠିନ ହୋଇଯାଏ ।

ଏମିତି କେତେ ସମୟ ପରେ ସୀମା ପୁଣି ମୁହଁ ଖୋଲିଲା । କହିଲା···"ଖାଇଛ ?"

ରାଜେନ୍ଦ୍ର ଆସ୍ତେ ମୁଣ୍ଡ ହଲାଇଲା ।

ସୀମା ପ୍ରତିବାଦ କରି କହିଲା – ମିଛକଥା, ତୁମେ ଖାଇନ, ଏତେ ଦିନ ଭିତରେ ତୁମେ କେବେ ଖାଇଥିବାର ମୁଁ ତ ଦେଖିନି, ମୁଁ ରୋଗୀ ହୋଇ ଯେତେ ଦୁର୍ବଳ ଦିଶୁନାହିଁ ତୁମେ ତାହାଠାରୁ ଅଧିକ ଦୁର୍ବଳ ଦିଶୁଛ, ମୋର ବିଶ୍ୱାସ ତୁମେ ମୋଟେ କିଛୁ ଖାଉନ ।

ରାଜେନ୍ଦ୍ର ଫିକା ହସି ଦେଇ କହିଲା – "କ'ଣ ଖାଇଲେ ପେଟ ପୂରେ··· ସେତିକି ତ ତୁମେ ଜାଣିଥିବ, ପଚାରି ଲାଭ ।"

ସୀମା ବୁଝିଲା । ନୀରବ ରହିଲା । ତା'ର ମନ ହେଉଥିଲା, କୁହନ୍ତା "ରାଜେନ୍ଦ୍ର ବାବୁ···ତୁମେ ତ ସବୁ ବୁଝ, ପୁଣି କେଉଁଠି

ବେଳେ ଏମିତି ଅବୁଝା ହୁଅ କାହିଁକି ? ସତରେ ତୁମେ ବଡ଼ ବିଚିତ୍ର ମଣିଷ ।”

ସେହିଦିନ ରାତିରେ ସୀମା ଖୁବ୍ ଶାନ୍ତିରେ ଭଲ ମଣିଷ ପରି ଶୋଇ ପଡ଼ିଲା । ରାଜେନ୍ଦ୍ର ମଧ୍ୟ ଶାନ୍ତ ସରଳ ଶିଶୁଟିଏ ପରି ଶୋଇ ପଡ଼ିଥିବ ।

ସୀମାର ଅବସ୍ଥା ମୁକୁନ୍ଦବାବୁଙ୍କୁ ଜଣାଇଁ ଦିଆଯାଇ ନ ଥିଲା । କାରଣ ସମସ୍ତେ ଜାଣିଥିଲେ ଯେ ମୁକୁନ୍ଦବାବୁ ବୃଦ୍ଧ ଏବଂ ଏକା । ସୀମା ତାଙ୍କର ଜୀବନର ସର୍ବସ୍ୱ, ଏମିତି ଗୋଟିଏ ଖବର ଶୁଣିଲେ ସେ ନିଶ୍ଚୟମତେ ଅଧୀର ହୋଇ ପଡ଼ିବେ । କେବଳ ସେଇଥି-ପାଇଁ ତାଙ୍କୁ କୌଣସି ଖବର ଶୁଣାଇଁ ଦିଆଯାଇ ନ ଥିଲା ।

ଏଣେ ମୁକୁନ୍ଦବାବୁ ମନରେ କଳ୍ପନା କରିଥିଲେ ଯେ ଦିନେ କଟକ ଯାଇ ଝିଅକୁ ବାହାଘର ବିଷୟରେ ସିଧାସଳଖ ପଚାରି ଆସିବେ । ଏମିତି ଦିନେ ଚିନ୍ତା କରି ମୋଟର ଧରି ମୁକ୍ତାଗଡ଼ ଛାଡ଼ିଛନ୍ତି, ପ୍ରାୟ ସହର ଠାରୁ ଦୁଇ ମାଇଲ ଦୂରରେ ମୋଟର ଏକ୍ସିଡେଣ୍ଟ ହେଲା । ମୁକୁନ୍ଦବାବୁଙ୍କ ଗୋଡ଼ ଜଖମ୍ ହୋଇଗଲା । ମୁକୁନ୍ଦବାବୁ ଯାହାର ଅଶୁଭ ଲକ୍ଷଣ ଦେଖି ଫେରି ଆସିଲେ । ମୋଟର ଏକ୍ସିଡେଣ୍ଟ କଥା ମଧ୍ୟ ଝିଅ ପାଖକୁ ଲେଖି ପାରିଲେ ନାହିଁ । କାରଣ ଏମିତି ଗୋଟାଏ ଖବର ଶୁଣିଲେ ସୀମା ନିଶ୍ଚୟ ବ୍ୟସ୍ତ ହେବ ।

ରାତି ପାହି ପୁଣି ସକାଳ ହେଲା । ରାଜେନ୍ଦ୍ର ନିଦରୁ ଉଠି ସକାଳୁଆ ଖବର କାଗଜ ଉପରେ ଦୃଷ୍ଟି ପକାଉଛି, ହଠାତ୍ କାହିଁକି ଚମକିଲା ପରି ଚିହିଁକି ଉଠିଲା । କ'ଣ ଭାବିଲା କେଜାଣି ଖବର କାଗଜଟାକୁ ଫାଡ଼ା ଫାଡ଼ା କରି ଚିରି ପକାଇ ଦେଲା ସିମେଣ୍ଟ୍ ଚଟାଣ ଉପରେ ।

ବେଶ୍...ସେତିକିବେଳଠାରୁ ରାଜେନ୍ଦ୍ର ଆଉ ସୁଖରେ ଦୁଇପଦ କଥା ବି କହୁନାହିଁ । ମୂକ ପରି ବସି ରହି କ'ଣ ଆକାଶ ପାତାଳ ଚିନ୍ତା କରିବାରେ ଲାଗିଛି ।

ସୀମା ବାରି କଥା କହି ତାହାଠାରୁ ଉତ୍ତର ଚାହୁଁଛି । ହସାଇବାକୁ ଚେଷ୍ଟା କରୁଛି । କିନ୍ତୁ ପାରୁନି । ତା'ର ସମସ୍ତ ଅନୁରୋଧ...ମାନ...ଅଭିମାନ...ଯୁକ୍ତି, ଫେଲ୍ ମାରୁଛି । ଏ ବାଉଳା ମଣିଷଟାର ଏମିତିକା ଅଦ୍ଭୁତ ବ୍ୟବହାର ଦେଖି ସୀମା କହିଲା—"ମୁଁ କ'ଣ କିଛି ଭୁଲ୍ କଲି ?"

ରାଜେନ୍ଦ୍ର ଚିତ୍କାର କରି କହିଲା—"ହଁ ।"

ଆଶ୍ଚର୍ଯ୍ୟ ହୋଇ ସୀମା କହିଲା—"ମୁଁ କ'ଣ କଲି ଯେ ।"

ରାଜେନ୍ଦ୍ର ପୁଣି ଥରେ ଚିତ୍କାର କରି କହିଲା—"ହଁ... ଭୁଲ୍...ବିରାଟ ଭୁଲ୍...ଦୁଷ୍ଟ ରାଜନୈତିକ ରାଜେନ୍ଦ୍ର ମହାପାତ୍ରକୁ ତୁମେ ଭଲ ପାଇ ଭୁଲ୍ କରିଛ ।"

ସୀମା ହସିଲା ଗୋଟାଏ ଫାଙ୍କା ହସ ।

ରାଜେନ୍ଦ୍ର କଥାର ଗୁରୁତ୍ୱ ସେ ମୋଟେ ବୁଝି ନ ଥିଲା । ବାଉଳା ଦକ୍ଷିଣା ପବନ କ'ଣ କେବେ ହେଲେ...ପ୍ରଚଣ୍ଡ ପଶ୍ଚିମା ପବନର ଗୁରୁତ୍ୱ ବୁଝିପାରେ !!

ତା' ପରଦିନ ସକାଳ । ଝରଆଡ଼ୁ ନାଲି ନାଲି ସୂର୍ଯ୍ୟ-କିରଣ ବିଚ୍ଛୁରି ହୋଇ ପଡ଼ୁଛି । କାକର ପଖାଳ ସକାଳରେ ସତେ ଯେମିତି ମେଡ଼ିକାଲ୍ କଲେଜ ହାଇମାରି ଅଳସ ଭାଙ୍ଗୁଛି । ସେତିକବେଳେ ସୀମା ଉଠିଲା ବିଛଣାରୁ । ଆଖିରେ ଆଖିଏ ଚଞ୍ଚଳତା ଜମାବାନ୍ଧି ତାକୁ ବେଶ୍ ଫୁର୍ତ୍ତି କରି ପାରୁଛି ।

କଡ଼ ଲେଉଟାଇ ଡାକିଲା ସୀମା, "ରାଜେନ୍ଦ୍ରବାବୁ ।"

ମହିଳା ଓ୍ୱାଡ଼ର ନିଃଶବ୍ଦ କୋଠରୀଟି କେବଳ କମ୍ପି ଉଠିଲା । ଆଖିକୁ ଆଉ ଟିକେ ଦଳି ଦେଇ ପୁଣି ଡାକିଲା ସୀମା— "ରାଜେନ୍ଦ୍ରବାବୁ..."

ତଥାପି ଉତ୍ତର ନାହିଁ ।

ପାଖ ସିଟ୍‌ର ରୋଗିଣୀଟିଏ କହିଲା, "ଏଠି ଯେଉଁ ବାବୁ ଦିନ ରାତି ବସୁଥିଲେ, ସେ କାଲି ଠିକ୍ ତିନଟାବେଳେ କେଉଁଆଡ଼େ ତର ତର କରି ଚାଲିଗଲେ । କହିଲେ ମୁଁ ବର୍ତ୍ତମାନ ତା'ର ନିଦ ଭାଙ୍ଗିବି ନାହିଁ । ଏଇ ଚିଠିଟି ଏଇଠି ଥୋଇ ଯାଉଛି, ଉଠିଲେ ଦେବ ।" ଏତକ କହି ସ୍ତ୍ରୀ ଲୋକଟି ସୀମାର ବେଦେନା ସ୍ଲେଟ୍ ଆଡ଼କୁ ହାତ ବଢ଼ାଇ ଠାରିଦେଲା । ସୀମା ଦେଖିଲା, କାଗଜ ଖଣ୍ଡେ ମୋଡ଼ା ହୋଇ ଥୁଆ ଯାଇଛି ବେଦେନା ସ୍ଲେଟ୍ ତଳେ ।

ତରବରରେ କାଗଜ ଖଣ୍ଡିକ ଟାଣି ଆଣି ଗଡ଼ ଗଡ଼ କରି ପଢ଼ିଗଲା ସୀମା । ଲେଖାଥିଲା –

ସ୍ନେହର ସୀମା !

ତୁମ ପାଖରେ କଥା ଦେଇଥିଲି, ଆଉ ତୁମକୁ ଛାଡ଼ି କେଉଁଆଡ଼େ ଗୋଡ଼ କାଢ଼ିବି ନାହିଁ ବୋଲି, କିନ୍ତୁ କର୍ତ୍ତବ୍ୟର ଡାକରାକୁ

ଏଡ଼ାଇ ଦେଇ ପାରିଲି ନାହିଁ । ତୁମେ ତ ଜାଣ ମୁଁ ଗୋଟାଏ ନିହାତି ପାଗଳ । ଏଥିପାଇଁ ସେମିତି ଗୋଟାଏ ପାଗଳାମୀ ଭାବି ମୋତେ କ୍ଷମାଦେବ । ନିଶ୍ଚୟ ଦେବ । କାଲି ସକାଳୁ ଦେଖିଲି ଖବର କାଗଜରେ ଲେଖା ହୋଇଥିଲା ଯେ ବାଲେଶ୍ୱରରୁ ଆମର ଦଳର ଗୁପ୍ତ କାଗଜ ପତ୍ର ଧରା ପଡ଼ିଛି । ମୁଖ୍ୟ ନେତାମାନେ ଆରେଷ୍ଟ ହୋଇଛନ୍ତି । ଏମିତି ବିପଦ ବେଳେ ମୁଁ ବାଲେଶ୍ୱର ନ ଗଲେ ନିଶ୍ଚୟ ମୋର ଯଥେଷ୍ଟ ଅନ୍ୟାୟ ହେବ । କିନ୍ତୁ ତୁମେ ଶୁଣିଲେ ଛାଡ଼ି ନ ଥାନ୍ତ । ତେଣୁ ଗଲି···ସମୟ ପାଇଲେ ଆସିବି । ଆଶାକରେ ସେତେବେଳେ କ୍ଷମା ଦେବ । ଇତି ।

କାନୁବାବୁ ।

କ୍ଷମା···କ୍ଷମା···କ୍ଷମା···!! ଥରି ଉଠିଲା ସୀମାର ଦୁଇଫାଳ ନାଲି ଓଠ ।

କ୍ଷମା ନାହିଁ···ବିଲ୍‌କୁଲ୍ ନାହିଁ । ଯେ ଯାଉଛି ସେ ଯାଉ । ସୀମା ରାୟ ଏତେ ଦୁର୍ବଳ ନୁହେଁ । ସେ ଯୁଦ୍ଧ କରିବ । ଜୀବନ ସହିତ ଯୁଦ୍ଧ କରିବ । ଯୌବନ ସହିତ ଯୁଦ୍ଧ କରିବ । କୌରବ ପକ୍ଷର ବାହ୍ମଣୀ ବାହ୍ମଣୀ ସେନାଙ୍କ ପରି ସେ ତା'ର ରକ୍ତର ଫୌଜକୁ ବଳି ଦେବ । ତଥାପି ପାରିବନି, ପାରିବନି ଗୋଟାଏ ପଳାୟନ-ପନ୍ଥୀ ବେକାର ଯୁବକର ପଛରେ ଦୌଡ଼ି ।

ରାଜେନ୍ଦ୍ର···ଗରିବ···

ହଁ··ଗରିବ ହେବା ପାପ । ଜୀବନରେ ମସ୍ତବଡ଼ ଅଭିଶାପ ।

ରାଜେନ୍ଦ୍ର ନେତା । ନେତା ହେବା ଜୀବନରେ ନିହାତି ସ୍ୱାର୍ଥ-ପରତା । ମଣିଷ ଅସମ୍ଭବ ସ୍ୱାର୍ଥପର ନ ହେଲେ ନେତା ହୋଇ

ପାରେ ନା, ତେଣୁ ସାଜନ୍ତୁ ମୋର କେହି ନୁହେଁ···କାନୁବାବୁ କେହି ନୁହେଁ···ଗ୍ରୀଷ୍ମ ରାତିର ଗୋଟାଏ ସ୍ୱପ୍ନ ।

ମନ କହୁଥିଲା—"କାନୁବାବୁ ତ ତୋର ପ୍ରାଣର ପ୍ରାଣ, ତାକୁ ଭୁଲିଯିବୁ କେମିତି ?"

ସୀମା ପୁଣି ବ୍ୟସ୍ତ ହୋଇ ଉଠିଲା—"ମୋତେ ବଳ ଦିଅ, ମୋତେ ବଳ ଦିଅ ଭଗବାନ ।"

ଠିକ୍ ସେତିକିବେଳେ ଶଶିବାବୁ ଘର ଭିତରକୁ ପଶିଆସି କହିଲେ, "କ'ଣ ହେଲା ସୀମା, ତୁମର କ'ଣ ହେଲା ।" ସୀମା କହିଲା, "କିଛି ନାହିଁ ସାର୍ । ମୋତେ ବଞ୍ଚିବାକୁ ଆପଣ ବହୁତ ପରିଶ୍ରମ କଲେ । ହେଲେ ସାହସ ଦେବାକୁ କ'ଣ ପାରିବେନି ।"

ଶଶିବାବୁ ମୃଦୁକି ହସି କହିଲେ—"ବିପଦବେଳେ ରୋଗୀର ସେବା କରିବା ଡାକ୍ତରର ଯେମିତି ଧର୍ମ, ସମ୍ପଦ ବେଳେ ସେମିତି ସାହସ ଦେବା ମଧ୍ୟ କର୍ତ୍ତବ୍ୟ । ତେବେ ତୁମେ ସେଥିରୁ ବଞ୍ଚିତ ହେବ କାହିଁକି ?"

ସୀମା ଗମ୍ଭୀର ହୋଇ ଉଠିଲା ।

ଶଶିବାବୁ କହିଲେ, "ତୁମର ଜ୍ୱର କମି ଯାଇଛି । ଡାକ୍ତର ଖାନାରୁ ମଧ୍ୟ ଆଜିଠାରୁ ତୁମକୁ ଉତ୍ସୃଜ କରାଯାଇଛି । ତେଣୁ ହଷ୍ଟେଲକୁ ଫେରିଚାଲ । ଗୃହକର୍ତ୍ରୀ ଆସି ଅନ୍ୟ ସମସ୍ତ ଜିନିଷ ପତ୍ର ନେଇଯିବ ।"

ସୀମା ଆଜ ନୂଆକରି ଅନୁଭବ କଲା, ସତରେ ସେ ଆଜ ପୂର୍ବ ପରି ବେଶ୍ ସୁସ୍ଥତା ଅନୁଭବ କରୁଛି ।

ପଶ୍ଚିମ ଚକ୍ରବାଳରେ ସୂର୍ଯ୍ୟ ଅସ୍ତମିତ ହେବା ଉପରେ । ରୂପା ଥାଳି ପରି ଆକାଶ ହସୁଛି । ହଠାତ୍ ଶଶିବାବୁ ସୀମାର କୋଠରୀ ଭିତରକୁ ପଶିଆସି କହିଲେ, "ଆସ ସୀମା ! ଆଜି ଟିକେ କାଠଯୋଡ଼ି ବନ୍ଧ ଆଡ଼େ ବୁଲି ଆସିବା । ନୂଆ ରୋଗରୁ ଉଠିଛ ପବନ ଖାଇଲେ ଦେହକୁ ଉପକାର ହେବ ।"

ସୀମା କିଛି ନ ଭାବି ଉଠିଲା ।

ସମ୍ମୁଖରେ କାଠଯୋଡ଼ି ବନ୍ଧ । ଆଖି ପାଉନାହିଁ କି ଦିଗ ଦିଶୁନାହିଁ । ରିକ୍ସାଟା ବ୍ରେକ୍ ଦେଇ ଅଟକିଲା । ରିକ୍ସା ଭିତରୁ ବାହାରି ଆସିଲେ ଶଶିବାବୁ ଓ ସୀମା ।

ବାଇମୁଣ୍ଡିର କାଦ ଛଡ଼ା ମାଙ୍କଡ଼ା ପଥରବନ୍ଧ ଉପରେ ବସି ରହିଲେ ଦୁଇଟି ଉତ୍ତପ୍ତ ପ୍ରାଣ । ଆଖି ଆଗରେ ଦିଗହଜା କାଠଯୋଡ଼ି ନଦୀର ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତର । ଦୁଇଟି ଜଳ ସ୍ରୋତ ଦୁଇଭାଗ ହୋଇ ଆସି ମିଶି ଯାଇଛି ଗୋଟିଏ ଜାଗାରେ । ପଛରେ ରାଧାନାଥ ଟ୍ରେନିଂ କଲେଜ ।

ଅସଂଖ୍ୟ ହେନା, ମଲ୍ଲୀଫୁଲର ମହକ ଉଚ୍ଛୁଳି ଉଠୁଛି । ପ୍ରାୟ ଧୋବଲ ଫୁଲର ସାଜ ଦେହରେ ଗଛ ଗୁଡ଼ିକ ପୋତି ହୋଇ ପଡ଼ିଛନ୍ତି । କିନ୍ତୁ ଦେଖାଯାଉ ନାହିଁ ମୋଟେ । ଅନ୍ଧାରର ଜମାଟ ବନ୍ଧା କାଳିମା ସତେ ଯେମିତି ଲେପି ହୋଇ ଯାଇଛି ପରସ୍ତ ପରସ୍ତ ହୋଇ ଗଛ ଗୁଡ଼ିକର ପ୍ରତ୍ୟେକ ଶାଖା ଦେହରେ ।

ଆକାଶରେ କିଚିର୍···ମିଚିର୍ କ'ଣ ଦି'ଟା ଚଢ଼େଇ ଉଡ଼ି ଯାଉଛନ୍ତି । ଶବ୍ଦ ବେଶ୍ ଶୁଭୁଛି । କିନ୍ତୁ ଦିଶୁ ନାହାନ୍ତି ମୋଟେ ।

ଠିକ୍ ଯେମିତି ପାଣିଚଅ କାଳିଦେହରେ ଗାଢ଼ କାଳି ବୁନ୍ଦାଟିଏ ମିଶିଯାଇ ଅସ୍ତିତ୍ୱ ହରାଏ ସେମିତି ।

ସୀମାର ପ୍ରାଣରେ ସ୍ପୃଷ୍ଟିର ପୁଲକ ଜାଗିଲା । ଶଶିବାବୁଙ୍କ ଆଡ଼କୁ ଟିକେ ଢଳିଆସି କହିଲା, "ଆଜି ପ୍ରାୟ କୃଷ୍ଣ ପକ୍ଷ ଗଣି ...ଜହ୍ନ ଆସିବନି ।"

ଶଶିବାବୁ ଥଟ୍ଟାକରି କହିଲେ, "ଡର ଲାଗୁଛି ?"

ସୀମା ଲାଜରା ହେଲା । କେଉଁ ଝିଅଟା ହେଲେ ପୁରୁଷର ଏମିତି କଥା ଶୁଣିଲେ ଲାଜରା ନ ହେବ ?

ତଥାପି ଯଥେଷ୍ଟ ସାହସ ବାନ୍ଧି ସୀମା କହିଲା, "ଆପଣ ବାଘ ନାଁ ଭାଲୁ ?"

ଶଶିବାବୁ ଯଥେଷ୍ଟ ଉତ୍ସାହିତ ହୋଇ କହିଲେ, "ତୁମେ ବିଶ୍ୱାସ କରିବନି ସୀମା ! ମଣିଷ ବହୁ ସମୟରେ ବାଘ, ଭାଲୁଠାରୁ ଆହୁରି ଜଘନ୍ୟ ରକମ୍ ହିଂସ୍ର ହୋଇ ଉଠି ଏଇ ମଣିଷକୁ ଘାଉଲା କରେ ।"

ସୀମା କ'ଣ ଛାଡ଼ିବା ଝିଅ ? ଚଟାପଟ ଉତ୍ତର ଦେଲା— "ବାଘ ସିନା ମଣିଷକୁ ଖାଏ ସାର୍ ! ହେଲେ ସିଂହକୁ ତ ଖାଇ ପାରେନାହିଁ ।"

ଶଶିବାବୁ ମନେ ମନେ ଲଜ୍ଜିତ ହେଲେ । ତଥାପି ମିଛଟାରେ ହସରେ ଫାଟି ପଡୁ ପଡୁ କହିଲେ—"ତୁମେ ପ୍ରବୀଣା ଯୁକ୍ତିଶୀଳା, ...ନୁହେଁ ।"

ସୀମା ମୁହଁ ବୁଲେଇ ହସିଲା ।

ଶଶିବାବୁ କିଛି ସମୟ ନୀରବ ରହି କହିଲେ – "ଆଚ୍ଛା ସୀମା ! ତୁମେ ବିବାହକୁ କେମିତି ପସନ୍ଦ କର ?"

"ମୋର ବାପା ଯେମିତି ପସନ୍ଦ କରିଥିଲେ ।" ଉତ୍ତର ଦେଲା ସୀମା ।

ମାନେ··· !! ଜିଜ୍ଞାସାପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଲେ ଶଶିବାବୁ ।

ସୀମା କହିଲା—"ବୁଝି ପାରିଲେ ନାହିଁ ? ମଣିଷ ଋଣ କଲେ ସେ ଋଣ ପରିଶୋଧ କରିବା ତା'ର କାମ, ସେମିତି ଆମର ବାପ ମାଆ ଆମକୁ ସୃଷ୍ଟି କରି ଆମକୁ ପୁଣି ମଣିଷ ସୃଷ୍ଟି କରିବାର ଯଥେଷ୍ଟ କ୍ଷମତା ଦେଇଛନ୍ତି । ଆମେ ପୁଣି ନୂଆ ମଣିଷ ସୃଷ୍ଟି କରି ତାଙ୍କର ଋଣ ପରିଶୋଧ ନ କଲେ ସେମାନେ ଅସନ୍ତୁଷ୍ଟ ହେବେ, ନିହାତି କାନ୍ଦିବେ ।"

"କିନ୍ତୁ ବର୍ତ୍ତମାନର ଖାଦ୍ୟ ସମସ୍ୟା ?" ଜିଜ୍ଞାସାପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଲେ···ଶଶିବାବୁ ।

ସୀମା କହିଲା—"ମଣିଷର କ୍ଷମତା ନେଇ ସେ ନୂଆ ମଣିଷ ସୃଷ୍ଟି କରିବ । ନ ହେଲେ ଆତ୍ମ ସଂଯମ କରି ଆଦର୍ଶବାଦ ପ୍ରତିଷ୍ଠା କରିବ, ଏଠି ଖାଦ୍ୟ ସମସ୍ୟାର ପ୍ରଶ୍ନ ଉଠୁଛି କେଉଁଠୁ ?"

ଶଶିବାବୁ ଗମ୍ଭୀର ହୋଇ ଉଠିଲେ । ହଠାତ୍ ସୀମାର ଗୋଟାଏ ହାତକୁ ଧରି ପକାଇ କହିଲେ—ମୁଁ ଗୋଟାଏ ନିହାତି କାଦର୍ଯ୍ୟ ପ୍ରଶ୍ନ ପଚାରିବି, ଉତ୍ତର ଦେବ ?

ସୀମା କହିଲା—"କୁହନ୍ତୁ··· ?"

ଶଶିବାବୁ ଆଉ ଥରେ ଟେକେଇ କହିଲେ—"କିଛି ଭାବିବ ନାହିଁ ତ ? ମୋ ରାଣୀ ସତ କୁହ··· ।"

ସୀମା ମୁଣ୍ଡ ହଲେଇଲା । ମନ ତା'ର କହୁଥିଲା—"ପୁରୁଷ ଗୁଡ଼ାକ ସତେ କେତେବେଳେ ସ୍ତ୍ରୀ ପାଖରେ କେତେ ମାଇଚିଆ ହୋଇ ପଡ଼ନ୍ତି ମ । ଝିଅ ପରି କେବଳ ଆତ୍ମ ସମର୍ପଣ କରି ନାହାନ୍ତି ଶାନ୍ତ ପାଆନ୍ତି । କେବଳ ରାଜେନ୍ଦ୍ର ବା ଶଶିବାବୁ ନୁହନ୍ତି···ଏଇଟା ସମଗ୍ର ପୁରୁଷ ଜାତିର ଲକ୍ଷଣ ।

ଶଶିବାବୁ ଏଥର ନିଶ୍ୱାସକେ କହିଗଲେ—"ମୋର ବାପା ମୋ ପାଖକୁ ଚିଠି ଲେଖିଛନ୍ତି ସୀମା ମୋର ବିବାହ କଥା ନେଇ । କନ୍ୟାଟିଏ ସେ ଠିକ୍ କରି ସାରିଛନ୍ତି । ଝିଅଟି ଶିକ୍ଷିତା, ମୁକ୍ତାଗଡ଼ର ନାମଯାଦା ଓକିଲ ମୁକୁନ୍ଦ ରାୟଙ୍କର ସେ ଝିଅ, ତୁମେ କ'ଣ ପ୍ରସ୍ତାବକୁ ସମର୍ଥନ କରୁଛ ?"

ଏତକ କହିସାରିବା ବେଳକୁ ଶଶୀବାବୁଙ୍କର ଓଠ ଶୁଖି ଯାଇଥିଲା । ଉଦ୍‌ଭ୍ରାନ୍ତ ମନ ତାଙ୍କର କେତେ କ'ଣ ଚିନ୍ତା କରି ଯାଉଥିଲା । ତଥାପି ସେ ସୀମାର ପକ୍ଷେ ଉତ୍ତରକୁ ଅପେକ୍ଷା କରିଥିଲେ ।

କିନ୍ତୁ କିଛି ହେଲାନି । ସୀମା ନୀରବ ରହିଲା, ହେଲେ ପ୍ରତିବାଦ କରିବାର ଶକ୍ତି ତା'ର ନ ଥିଲା । ଶଶିବାବୁ ସୀମାର ଗାମ୍ଭୀର୍ଯ୍ୟ ଦେଖି ଆନ୍ତରେ ଚମକି ଉଠିଥିଲେ ।

ଠିକ୍ ଏହି ସମୟରେ ସୀମା ଉଠିପଡ଼ି କହିଲା—"ଗୁଡ଼ନାଇଟ୍ ସାର୍···ରାତି ବେଶି ହେଲାଣି, ଦେହଟା କାହିଁକି ପୁଣି ଖରାପ ଲାଗୁଛି ।"

ଶଶିବାବୁ ଗୋଟାଏ ଯନ୍ତ୍ର ଚାଳିତ ପିତୁଳା ପରି ଉଠିଲେ, ସତେ ଯେମିତି ତାଙ୍କର ରକ୍ତ ସଞ୍ଚାଳନ ବନ୍ଦ ହୋଇ ଯାଉଥିଲା ।

ହଠାତ୍ ସୀମାର ମନ ଭିତରୁ ଗୋଟା ଗୋଟା ରାଜେନ୍ଦ୍ରର ଭୂତ ଉହାଳ ବିକଳ ହୋଇ ଛୁଟି ପଳାଇଲେ । ଗୁଣିଆଁର ବ୍ରହ୍ମ-ଚାପୁଡ଼ା ଖାଇଲେ ବ୍ରହ୍ମରାକ୍ଷସ ଯେମିତି ଛୁଟିଯାଏ ଠିକ୍ ସେମିତି··· ।

ଏକ···ଦୁଇ···ତିନି···ଦିନେ···ଦୁଇଦିନ···ଚାରିଦିନ··· । ସମୟ କାହାରିକୁ ଅପେକ୍ଷା କରେନାହିଁ । ଓ୍ୱେଷ୍ଟଇଣ୍ଡ ଘଣ୍ଟାର ମିନିଟ୍ କଣ୍ଟାପରି ସେ ଧିମେଇଁ ଧିମେଇଁ ଧାଇଁଛି । ସମୟ ଗତିର ବନ୍ଧ ନାହିଁ । ଦିନ ଫେରି ପଛକୁ ଚାହେଁ ନାହିଁ । ମଣିଷ ଯୌବନକୁ ଖୋଜେ, ପାଏ, ପୁଣି ହଜାଏ । ବଞ୍ଚିବା ଏ ଦୁନିଆଁ ଧାରାର । ବଞ୍ଚିବା ଏ ସୃଷ୍ଟିର ନିୟମ ।

ସୀମା ଆଜି ହସି ହସି ଲୋଟି ପଡ଼ୁଛି । ରାଜେନ୍ଦ୍ର ହୁଏତ କେଉଁଠି କାନ୍ଦ କାନ୍ଦ ମଣିଷର ସେବା କରୁଥିବ । ରାଜେନ୍ଦ୍ରର ଗୁରୁତ୍ୱ ଆଉ ସୀମା ପାଖରେ ମାୟା ସୃଷ୍ଟି କରୁନାହିଁ । ତଥାପି କହିଲ ଦେଖି···ପରମାର ଶିକ୍ଷଣ କହାଣି ବିନା କ'ଣ କେବେ ବାରଶହ ବଢ଼େଇଙ୍କର ମୁଣ୍ଡ ରହିପାର ?

ଦୁନିଆଁ ଓଲଟ ପାଲଟ ହୋଇ ଯାଇଛି । ଅକ୍ଟୋବର ୨୮ ତାରିଖ ପୁଣି ହୋଇପାରେ; କିନ୍ତୁ ୧୯୬୧ ମସିହା ଅକ୍ଟୋବର

୨୮ ତାରିଖ ଆଉ ହେବନାହିଁ । ସେ ଦିନଟା ସବୁ ଦିନ ପାଇଁ ଚାଲିଗଲା । ଠିକେ ହେଲେ ପଛକୁ ଫେରି ଚାହିଁଲା ନାହିଁ ।

ବର୍ଷ...... ।

ବର୍ଷଟା ମଣିଷକୁ ବହୁ ସମୟରେ ବିପଥଗାମୀ କରେ । ଚାହୁଁ...ଚାହୁଁ ଦେଡ଼ବର୍ଷ ବିତି ଯାଇଛି । ଶଶିବାବୁ ଦେଡ଼ବର୍ଷ ହେଲା ସୀମାକୁ ବିବାହ କରି ସୁଖରେ ରହିଛନ୍ତି । ସୀମା ମଧ୍ୟ... । ବିବାହ ଦିନ ସୀମା ଅଭିମାନରେ ପଠାଇଥିଲା ଖଣ୍ଡେ ନିମନ୍ତ୍ରଣ ପତ୍ର ରାଜେନ୍ଦ୍ର ପାଖକୁ, କିନ୍ତୁ ରାଜେନ୍ଦ୍ର ନିରୁତ୍ତର ।

ଆଉ ରାଜେନ୍ଦ୍ରର ଅଦ୍‌ଭୁତ ଜୀବନର ଇତିହାସ ସଂଗ୍ରହ କରିବାକୁ କେହି କେବେ ଚେଷ୍ଟାକରି ନାହାନ୍ତି । ସମସ୍ତ ସମୟରେ ସୀମା ଶଶିବାବୁଙ୍କର କଠିନ ବାହୁବନ୍ଧନ ଭିତରେ ଥାଇ ରାଜେନ୍ଦ୍ରକୁ ମନେ ପକାଇବାକୁ ଚେଷ୍ଟାକରେ କିନ୍ତୁ ପାରେନାହିଁ । ରାଜେନ୍ଦ୍ର ଆହତା ହରିଣୀ ପରି ବନ ଗହନ ଡେଇଁ ଧାଇଁ ଚାଲେ ଝଡ଼ର ବେଗରେ ।

ବିବାହର ଦେଡ଼ବର୍ଷ ପରେ, ଆଜି ଗୋଟାଏ ଶୁଭଦିନ । ସୀମାର କୋଳ ସୁନ୍ଦର କରି ଆସିଥିବା ସନ୍ତାନଟିର ଏକୋଇଶିଆ ଉତ୍ସବ । ଗୋରା ତକ୍ ତକ୍ ଟିକି ପିଲାଟିଏ ଦୋଳି ଦେହରେ ଥାଇ ହସୁଛି । ଖିଲି...ଖିଲି...ହସ ତାକୁ ଖସି ପଡୁଛି ଯେତେ ପକ୍ଷୀ ରାଇଜର ଉପକଥା । ସାଥୀ ଡାକ୍ତର, ପ୍ରଫେସର ବ୍ୟବସାୟୀ ବନ୍ଧୁମାନେ ଶିଶୁଟିର ଦୀର୍ଘଜୀବନ କାମନା କରି କେତେ କ'ଣ ଉପହାର ଦେଇଗଲେ । କିଏ ଗୋଟିଏ କୁନି ଖେଳନା ମୋଟର ଦେଇଛି, ଆଉ ଜଣେ କିଏ ପ୍ଲାଷ୍ଟିକ୍ କଣ୍ଢେଇଟିଏ ଦେଇଛି । କିଏ

କୁନି କୁନି ପ୍ୟାଣ୍ଟ୍ ସାର୍ଟ । କିଏ ଅବା ଟଙ୍କା···ଏମିତି କେତେ ···ଏମିତି କେତେ ।

ଡାକ୍ତର ଶଶିଭୂଷଣ ଦାସଙ୍କର ପୁଅ ହୋଇଛନ୍ତି, ଯେଉଁମାନେ ଉପହାର ନ ଦେବା ଲୋକ ସେମାନେ ତ ଦେବାର କଥା । ସଭ୍ୟତାର ନିର୍ଦ୍ଦେଶକୁ ଅମାନ୍ୟ କରିବ କିଏ ?

ରଙ୍ଗ ବେରଙ୍ଗ ବିଜୁଳି ବତୀରେ ଶଶିବାବୁଙ୍କ କ୍ୱାଟରଟି ହସି ଉଠୁଛି । କେତେ ଖାଇବ···ପିଇବା···ହସ ଖୁସିରେ ସାରା କ୍ୱାଟରଟା କମ୍ପି ଉଠୁଛି । ସୀମା···ପୁଅର ଦୋଳିଟିକୁ ହଲାଇ ଦେଇ ଦେଇ···ପାଟି କରି ଉଠିଲା "ଆଲୋ···ଉମା ! ସତ୍ୟନାରାୟଣ ପୂଜା ପାଇଁ ଜିନିଷ ଠିକ୍ କରିଦେଲୁ ?"

ଦୋମହଲା ଉପରକୁ ଉଠି ଆସୁ ଆସୁ ଉମା କହିଲା—"ହଁ ମାଆ ।"

ଶଶିବାବୁଙ୍କର ଚାକରାଣୀ ଉମା । ସୀମାକୁ ଉତ୍ତର ଦେଇ ଫେରି ଯାଉଥିଲା । ହଠାତ୍ ଫେରିଯାଇ କହିଲା—"ଦିପହର ବେଳେ ଗୋଟାଏ ଚିଠି ଆସିଥିଲା, ମାଆ ପାଇଛ ?"

—ଅନ୍ୟମନସ୍କ ଭାବରେ ସୀମା କହିଲା, "କାହିଁ ?"

—"ସେଇଟି ଟେବୁଲ ଉପରେ" କହି ଉମା ଚାଲିଗଲା । ସୀମା ଗୋଟାଏ ହାତରେ ଦୋଳିଟିକୁ ଧରି ଅନ୍ୟ ହାତରେ ଚିଠିଟି ଆଣିଲା··· ।

ଆଖି ତା'ର ଝଲସି ଉଠିଲା । କାହାର ଏ ଅକ୍ଷର ? ପରିଚିତ···ନିହାତି···ପରିଚିତ । ସୀମା ତରବରରେ ଚିଠିଟି ଖୋଲି ପକାଇଲା । ଲେଖାଥିଲା —

ମିସେସ୍ ସୀମା ଦାସ୍ ... !

ସମ୍ବୋଧନଟି ଶୁଣି ନିଶ୍ଚୟ ଆଶ୍ଚର୍ଯ୍ୟ ହେବ, କିନ୍ତୁ ବିବାହିତା ସ୍ତ୍ରୀ ପାଖକୁ ଅନ୍ୟ କି ସମ୍ବୋଧନ କରାଯାଇ ପାରେ ? ଯାହାହେଉ ଚିଠିଟି ଲେଖିଲି । ତୁମେ ତୁମ ବିବାହର ନିମନ୍ତ୍ରଣ ପତ୍ର ମୋ ପାଖକୁ ପଠାଇଥିଲ । ମୋର ବିବାହକୁ ମୁଁ ମଧ୍ୟ ପଠାଉଛି, କିନ୍ତୁ ମୋର ଆଶା, ତୁମେ ମୋର ବିବାହ ବେଦୀକୁ ଆସି ପାରିବନି । କାରଣ ମୋର ବିବାହ ଯଜ୍ଞ କୁଣ୍ଡରୁ ଏତେ ଧୂଆଁ ଉଠିବ ଯେ ତୁମେ ବସି ପାରିବନି ମୋଠେ । ମେର ସବାରୀ ହେବ ଛଖଣ୍ଡି କାଠ । ବରଯାତ୍ରୀ ହେବେ ଅସଂଖ୍ୟ ଶାଗୁଣା ବିଲୁଆ । ପୁରୋହିତ ହେବେ ନିଜେ ଯମରାଜ, ଅବିଶ୍ୱାସ ହେଉଛି...?

ସତରେ...ସୀମା ! ତୁମ ପାଖରେ ମୁଁ ନ ଖାଇ ନ ଶୋଇ ଦିନ ଦିନ ସେବା କରିବା ହେତୁ ଅସମ୍ଭବ ରକମ୍ ଦୁର୍ବଳ ହୋଇ ପଡ଼ିଥିଲି । ଠିକ୍ ସେଇ ସମୟରେ ବାଲେଶ୍ୱର ଦୁର୍ଘଟଣା ନେଇ ବାଲେଶ୍ୱର ଫେରିଗଲି । ସେଠାରେ ମଧ୍ୟ ରକ୍ତ ନିଗାଡ଼ି ପରିଶ୍ରମ କରିବାକୁ ପଡ଼ିଲା । ଦେହର ଏହି ଦୁର୍ବଳ ମୁହୂର୍ତ୍ତ ନେଇ, ପ୍ରବେଶ କଲେ ଯକ୍ଷ୍ମା ଜୀବାଣୁ, ପାଟିରୁ ରକ୍ତ ପଡ଼ିଲା, ବଢ଼ିଲା ପଛେ କମିଲା ନାହିଁ ।

ମୁଁ ଜାଣେ...ତୁମ ସହିତ ମୁଁ ସମ୍ବନ୍ଧ ରଖିଥିଲେ ତୁମେ ମୋତେ ବିବାହ କରି ଥାଆନ୍ତ । ଯେତେ ମନା କରିଥିଲେ ମଧ୍ୟ ତୁମେ ମାନି ନଥାନ୍ତ, କିନ୍ତୁ କହିଲ ଦେଖି ତୁମକୁ ତିଳ ତିଳ କରି ନଷ୍ଟ କରିବାକୁ ମୋର କି ଅଧିକାର ଥିଲା ? ସେଇଥିପାଇଁ ମୁଁ ତୁମ ସହିତ ସମ୍ବନ୍ଧ ରଖି ନ ଥିଲି ।

ଓଃ···ଖୁବ୍ ପୁଳାଏ ପୁଣି ରକ୍ତ ବାନ୍ତି ହୋଇଗଲା । ଆଉ ଉଠି ପାରୁନି । ଗୃଦ୍ଧପୁର ଯକ୍ଷ୍ମା ନିବାସ ମଧ୍ୟ ଆଶା ଛାଡ଼ି ଦେଇଛି । ଆଃ···ଆଉରି ପୁଳାଏ ରକ୍ତ ବାନ୍ତି ହୋଇଗଲା । ମଣିଷ ପାଇଁ ଧନ ଧନ ରକ୍ତ ଦେଇ ବି ଆହୁରି ଏତେ ରକ୍ତ ଅଛି ଏ ଗଣ୍ଡିଟା ଦେହରେ !! ଆଉ ହେବନି···ଦେହ ଭୀଷଣ ଦୁର୍ବଳ ହୋଇ ପଡ଼ୁଛି । ଆଉ ନୁହେଁ···। ମନ ଭିତରେ ଅନ୍ଧାର ଜମାଟ ବାନ୍ଧି ଆସୁଛି । ତୁମର ପୁଅର ଏକୋଇଶା ଖବର ଶୁଣିଛି, କିନ୍ତୁ କିଛି ଉପହାର ଦେଇ ପାରୁନି । କ୍ଷମାଦେବ···କ୍ଷମା ଦେବ ସୀମା···। ଆଃ···ପୁଣି ଧନ ଧନ ବାନ୍ତି ଦେଖାଉଛି । ଛାତି ଫାଟି କଲଜା ଦୁହାଁ ହୋଇ ଯାଉଛି । ଛାଡ଼ିଯିବ···ଛାଡ଼ିଯିବ···। ଓଁ···ଶାନ୍ତି··· ଓଁ ଶାନ୍ତି···ଓଁ···ଶାନ୍ତି··· ।

ଚିଠିଟିକୁ ଜଣେ ବନ୍ଧୁଙ୍କୁ ଦେଇ ଯାଉଛି । ମୋର ମୃତ୍ୟୁ ପରେ ସେ ଚିଠିଟିକୁ ତୁମ ପାଖକୁ ପଠାଇ ଦେବ । ତୁମେ ଚିଠି ପାଇଲା ବେଳକୁ ମୁଁ ଆଉ ଏ ସଂସାରର ମାଟି ପାଣିରେ ନ ଥିବି । ଆଃ···ଆଉ ହବନି । ଦେହ ଖୁବ୍ ଭୟଙ୍କର ରକମ ଥରିବାକୁ ଲାଗୁଛି ।

ସୀମା !···ଅତଏବ !! କିନ୍ତୁ···!!! ରାଜେନ୍ଦ୍ର···!!!! ଏ ଚିଠିଟିରେ ବହୁତ ଗୁଡ଼ାଏ ଯକ୍ଷ୍ମା ଜୀବାଣୁ ବସାବାନ୍ଧି ବସିଲେଣି । ସୀମା ! ଅନୁରୋଧ କରୁଛି, କାଗଜଟାକୁ ପୋଡ଼ି ଦେବ । ହାତଟାକୁ ତୁମର ସ୍ପିରିଟ୍‌ରେ ଧୋଇଦେବ । ରହିଲା···ବିଦାୟ । ମନରେ ରହିଲାଟି ? ପିଲା ଘର ପରା···ପୁଣି ତାଙ୍କର ସ୍ୱାମୀ···ନିଷ୍ଟପୃମତେ

ହାତଟାକୁ ସ୍ପିରିଟ୍‌ରେ ଧୋଇ ଦେଇ···ଚଟିଟିକୁ ପୋଡ଼ି ଦେବ···
ଆଁ···। ଇତି।

ତୁମ୍ଭର
ମୃତ୍ୟୁଯାତ୍ରୀ ରାଜେନ୍ଦ୍ର ମହାପାତ୍ର

ଚିତ୍କାର କରି ଉଠିଲା ସୀମା···"ରାଜେନ୍ଦ୍ର।"

ନାଁ···ନାଁ···ତୁମେ ମରି ପାରିବନି। ତୁମେ ବଞ୍ଚିବ···ବଞ୍ଚିବ ସୀମାର ବୁକୁ ଭିତରେ ଠିକ୍ ଶଶିଭୂଷଣ ଦାସ୍ ପରି।

ଚଟିଟିକୁ ସିମେଣ୍ଟ ଚଟାଣ ଉପରେ ଫିଙ୍ଗାଇ ଦେଇ ପାଗଳୀଙ୍କ ପରି ଉପର ମହଲରୁ ଓହ୍ଲାଇ ଆସିଲା ସୀମା, ସେ ଯିବ···ସେ ଯିବ ବୃନ୍ଦାବନ କେବଳ ରାଜେନ୍ଦ୍ରକୁ ବଞ୍ଚାଇ ରଖିବାକୁ।

ମୁହୂର୍ତ୍ତକ ଭିତରେ ଚଟିଟି ଉପରେ ଆଖି ବୁଲାଇ ନେଇ ସବୁ ବୁଝି ଗଲେ ଶଶିବାବୁ। କାଳ ବିଳମ୍ବ ନ କରି କ୍ଷୁଦ୍ର ଶିଶୁଟିକୁ କୋଳ ଭିତରେ ଧରି ବୁଲିଗଲେ ବାଡ଼ିପଟେ।

ଧାଇଁଛି ପାଗଳୀ ସୀମା···ଜୀବନ ସନ୍ଧାନରେ।

ଶିଶୁଟିକୁ ଧରି ଆଗରେ ଠିଆ ହୋଇଗଲେ ଶଶିବାବୁ···ମୂକ, ବଧିର, ଅନ୍ଧ ହୋଇ।

ନାଁ···ନାଁ···ଛାଡ଼···ମୋ ହାତ ଛାଡ଼···ମୁଁ ଭୁଲ୍ କରିଛି···ରାଜେନ୍ଦ୍ର ମହାପାତ୍ର ପ୍ରତି ଭୁଲ୍ କରିଛି। ଅର୍ଦ୍ଧଚେତନ ପରି ଚିତ୍କାର କଲା ସୀମା···।

ଶିଶୁଟିକୁ ସୀମା ଆଡ଼େ ବଢ଼ାଇ ଦେଇ ଶଶିବାବୁ କହିଲେ—"ତୁମେ ଯାଅ ସୀମା, ମୁଁ ତୁମର ଯାତ୍ରାପଥରେ ପ୍ରତିବନ୍ଧକ ସୃଷ୍ଟି କରିବି ନାହିଁ । ମୁଁ ତୁମକୁ ସ୍ୱାଧୀନତା ଦେଉଛି, ତୁମେ ଯାଅ, ଜୀବନର ସନ୍ଧାନ କର, କିନ୍ତୁ ଏହି ଶିଶୁଟିକୁ ସଙ୍ଗରେ ନେଇ ଯାଅ । ବେଶ୍ ଏତିକି ମୋ ମାଗୁଣି ।"

ସୀମା ଚାହିଁଲା ସଦ୍ୟଜାତ ଶିଶୁଟି ଆଡ଼େ, ସତେ ଅବା ଦୋଳୁଣ୍ଡା ପାଟିରେ ସେ କହୁଥିଲା—"ତୁ ମୋତେ ଛାଡ଼ି କୁଆଡ଼େ ଚାଲିଯାଉଛୁ ବୋଉ ? ମୋତେ ବି ତୋ ସାଙ୍ଗରେ ନେଇ ଯାଅ ।"

ସ୍ପନ୍ଦିତ ହୋଇ ଉଠିଲା ରୂପସୀ ସୀମା ବକ୍ଷର ଗ୍ରନ୍ଥି । ହୃଦୟ ଚିତ୍କାର କରି ଉଠିଲା ।

ସୀମା ଆଖି ପିଛୁଡ଼ାକେ ଛୁଆଟିକୁ ଛଡ଼ାଇ ନେଇ ପୁଣି ଫେରି ଆସିଲା ଘର ଭିତରକୁ । କଚ୍ଛଡ଼ହୋଇ ପଡ଼ିଲା ପଲଙ୍କ ଉପରେ । ଯେଉଁ ପଲଙ୍କ ଉପରେ ସେ ଆଉ ଶଶିବାବୁ ଶୁଅନ୍ତି । "ନାଁ…ନାଁ…ମୁଁ ଭୁଲ୍ କରିଛି । ରାଜେନ୍ଦ୍ର ଆଜି ମୋର କେହି ନୁହେଁ, କନ୍ନୁବାବୁ କେହି ନୁହେଁ । ସେ ଗୋଟାଏ ସପନ ମଣିଷ । ହେଲେ ଶଶିବାବୁ ଜୀବନର ସର୍ବସ୍ୱ, ସ୍ୱାମୀ, ଦେବତା । ଏଇ ଶିଶୁଟି ଯୌବନର ସବୁ କିଛି । ଶଶିବାବୁ ଆଉ ତାହା ଭିତରେ ତିଆ ହୋଇଥିବା ମିଳନର ସୂତ୍ର…ବନ୍ଧନର କାରଣ ।"

ସୀମା ସେମିତି ଶିଶୁଟିକୁ ଛାତି ଉପରେ ଧରି ପଡ଼ି ରହିଲା ବିଛଣା ଉପରେ । ଆଖି ଫାଟି ବହି ଯାଉଥିଲା ଦୁଇଧାର ଉଷ୍ଣ ଲୁହ ।

ଆଜି ଶତାବ୍ଦୀ ବାଳିକା ସୀମା ରାୟର ରକ୍ତ ଗଡ଼ର ସ୍ୱପ୍ନ ସ୍ରୋତ ଜଳି ପାଉଁଶ ହୋଇ ଯାଇଛି । ରହିଛି କେବଳ ସ୍ୱପ୍ନ ବିହୀନ ହାଡ଼ ମାଂସର ଜୀବନ ।

କିନ୍ତୁ କୃଷ୍ଣଚୂଡ଼ାର ନାଲି ନାଲି ସ୍ତବକ ଦେହରେ ହୁଏତ ସେତେବେଳେ ପୂରି ଉଠିଥିବ ଏସ୍ ବି ମେଡ଼ିକାଲ୍ କଲେଜର ଭିତର କମ୍ପାଉଣ୍ଡ୍ ।

●